
ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା

ଜାନୁୟାରୀ
୨୦୨୬



The Official Journal of
Prachee Centre for
Cultural Relations

Prachee Patrika

ମୂଲ୍ୟ : ୨୫ ଟଙ୍କା

# Prachee Centre for Cultural Relations(PCCR)
## Niladri Vihar
## Naya Bazar, Cuttack-753004

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସାଂସ୍କୃତିକ ସମ୍ପର୍କ କେନ୍ଦ୍ର

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦିପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

**ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ**
ବରିଷ୍ଠ ଗବେଷକ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଅବସରପ୍ରାପ୍ତ ପ୍ରଫେସର
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ଦେବାଶିଷ ପାତ୍ର**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଇନ୍ଦ୍ରମଣି ସାହୁ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ

**ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ଡକ୍ଟର ପରିକ୍ଷିତ ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

**ଡକ୍ଟର ଶିଶିର ବେହେରା**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା
ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

**ଡକ୍ଟର ନାକୁ ହାଁସଦାଃ**
ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁଶାନ୍ତ କୁମାର ପଣ୍ଡା**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସଂଘମିତ୍ରା ଭଞ୍ଜ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ସମୀର ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ,
ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସଂଘମିତ୍ରା ବେହେରା**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ, ସରକାରୀ
ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ, ସେମିଳିଗୁଡ଼ା
ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

**ଡକ୍ଟର ସନ୍ତୋଷ କୁମାର ନାୟକ**
ସହକାରୀ ପ୍ରଫେସର
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଡକ୍ଟର ସ୍ୱପ୍ନା ରାଣୀ ସିଂ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ

**ଡକ୍ଟର ଅରବିନ୍ଦ ଦାସ**
ସହକାରୀ ଗବେଷକ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ଗୌତମସେନ୍ ହାଁସଦାଃ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ସରକାରୀ ସ୍ନାତକ ମହାବିଦ୍ୟାଳୟ,
ତିରିଂ, ମୟୂରଭଞ୍ଜ

**ଡ଼କ୍ଟର ଉଜସ୍ୱିନୀ ନାୟକ**
ଓଡ଼ିଆ ଅଧ୍ୟାପିକା
କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ

**ଡକ୍ଟର ଦିପୁନ ପୁହାଣ**
ଓଡ଼ିଆ ଅଧ୍ୟାପକ
ସାହାସପୁର ମହାବିଦ୍ୟାଳୟ

**ବିକେଶ ସାହୁ**
ଓଡ଼ିଆ ଅଧ୍ୟାପକ
ନୟାଗଡ଼ ପ୍ରଜାମଣ୍ଡଳ ମହିଳା
ମହାବିଦ୍ୟାଳୟ

**ଜ୍ୟୋତିରଞ୍ଜନ ମହାନ୍ତି**
ଓଡ଼ିଆ ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହତ୍ୟ ବିଭାଗ
ବହୁଗ୍ରାମ ଜୁନିୟର କଲେଜ

**ଡ଼କ୍ଟର ଚିନ୍ମୟ ସାହୁ**
ଓଡ଼ିଆ ଅଧ୍ୟାପକ
ବିଜେପୁର ମହାବିଦ୍ୟାଳୟ

**ରମେଶ ଚନ୍ଦ୍ର ସାହୁ**
ଓଡ଼ିଆ ଅଧ୍ୟାପକ
ଉଦୟନାଥ ବିଜ୍ଞାନ ଓ ବୈଷୟିକ
ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସ୍ନେହଲତା ସାହୁ**
ଓଡ଼ିଆ ଅଧ୍ୟାପିକା
ଲକ୍ଷ୍ମୀନାରାୟଣ ସାହୁ
ମହାବିଦ୍ୟାଳୟ

**ଡକ୍ଟର ସନ୍ତୋଷ ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ମଡେଲ ଡିଗ୍ରୀ କଲେଜ, ସୋନପୁର

**ଡକ୍ଟର ହୃଷିକେଶ ମହାରଣା**
ଓଡ଼ିଆ ଅଧ୍ୟାପକ
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ

**ସିମ୍ରନ୍ ରାଉତ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

**ମିନତି ବିଶ୍ୱାଳ**
ଗାବେଷିକା
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଅଭିଷେକ ଆଚାର୍ଯ୍ୟ**
ଗବେଷକ
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସନ୍ଦିପ୍ତା ପାଢ଼ୀ**
ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ବିଶାଲ ସାହୁ**
ଗବେଷକ
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱଦ୍ୟାଳୟ

**ଅର୍ଚ୍ଚନା ଶତପଥୀ**
ଗବେଷିକା
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ରମେଶ ଚନ୍ଦ୍ର ପ୍ରଧାନ**
ଗବେଷକ
ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

# ପ୍ରାଚୀର ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

# SARVODAYA SOCIETY GOALS

Voice for Voiceless

1. Stop Contaminating Water
2. Stop Polluting Air
3. Stop Plastic Use
4. Save Earth
5. Stop Drug Abuse and Alcoholism
6. Stop Untouchability
7. Help Dibyanga
8. Help Mentally Disable Person
9. Help Senior Citizens
10. Help Sick Person
11. Help Poor Children
12. Help Poor Women
13. Planting Tree
14. Protecting Animals and Birds
15. Spreading Basic Education
16. Women Empowerment
17. Cleanliness Campaign
18. Satya and Ahmisha
19. Health and Hygienic
20. Communal Harmony
21. Vocational Education
22. Cottage Industries
23. Village Economy
24. Self Help Groups
25. Feed the Need
26. Farming and Agriculture

SARVODAYA SOCIETY GOALS

Voice for Voiceless

For Positive Constrictive Programme



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 11, January 2026, Issue No. X
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଲଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


୧. କବି ୱିଲିୟମ ବ୍ଲେକ୍ ଏବଂ କବି ବିଦ୍ୟୁତ୍‌ପ୍ରଭାଙ୍କ କବିତା: ତୁଳନାତ୍ମକ ନବ-ମୂଲ୍ୟାୟନ
ଆଲୋକ ବରାଳ ................................ ୯

୨. କାବ୍ୟ ଚେତନାର ବିଭା ଓ ବିଭୂତି: କବି ପ୍ରଦ୍ୟୁମ୍ନ ସେନାପତି
ବଭ୍ରୁବାହନ ମହାପାତ୍ର .......................... ୧୬

୩. ହେମେନ୍ଦ୍ର ମହାପାତ୍ରଙ୍କ ନାଟକ 'ପୁତ୍ରପୂଜା'ର ଅନ୍ତଃସ୍ୱର
ସବିତାବାଳା ନାୟକ .......................... ୨୧

୪. ସ୍ଥିତାବସ୍ଥା ବିରୁଦ୍ଧରେ ବିପ୍ଳବର ସ୍ୱର : ନାଟକ ଅମୃତସ୍ୟ ପୁତ୍ରଃ
ସ୍ନିଗ୍ଧା ଶୁଭଦର୍ଶିନୀ .............................. ୨୫

୫. "ଅନ୍ଧାରର ବିଭୀଷିକା' ନାଟକରେ ଆଦର୍ଶର ହତ୍ୟା : ଏକ ଅନୁଶୀଳନ"
ଅଜୟ କୁମାର ସାହୁ ........................... ୩୦

୬. କଳ୍ପିତ ବାସ୍ତବତାର ଜୀବନ୍ତ ଦସ୍ତାବିଜ : "ବୃତ୍ତାଙ୍କନ"
ଶରତ ଚନ୍ଦ୍ର ମହାରଣା ......................... ୩୬

୭. ମହାମାରୀ ପ୍ରାଦୁର୍ଭାବରେ 'କେତେ ଦୂରେ ଜୀବନ'
ସିମ୍ରନ ରାଉତ ................................ ୪୨

୮. ଓଡ଼ିଆ ଲୋକସାହିତ୍ୟର ଅଲିଭା ସ୍ୱର
ବିଶ୍ୱରଂଜନ ଦାସ ............................ ୪୭

୯. କେଉଁଝରର ଭୂୟାଁ ବିଦ୍ରୋହର ଇତିବୃତ୍ତ : ଉପନ୍ୟାସ 'ମହାରାଣୀ ପୁତ୍ର'
ଆଲୋକ ମହାରଣା ........................... ୫୮

୧୦. ପରଜଙ୍ଗ ଅଂଚଳର ଲୋକବାଣୀର ପ୍ରକରଣ ସୌନ୍ଦର୍ଯ୍ୟ - ଏକ ସମୀକ୍ଷାତ୍ମକ ଦୃଷ୍ଟି
ସୁବେଦିତା ସାହୁ .............................. ୬୭



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**



# ଓଡ଼ିଆ ସାହିତ୍ୟ ସମାଲୋଚନାର ନିର୍ଭରଶୀଳତା

ସ୍ରଷ୍ଟା ଓ ସମାଲୋଚକ ଏକ ଅାଲୋକ ଉତ୍ସର ଦୁଇ ପ୍ରକାଶ ଧାରା। କାରୟିତ୍ରୀ ପ୍ରତିଭାର ଅନୁଗାମୀ ଭାବୟିତ୍ରୀ ପ୍ରତିଭା। ଦୁଇଟିର ସମ୍ପର୍କ ଅବିଚ୍ଛେଦ୍ୟ। ସ୍ରଷ୍ଟା ହିଁ ସୃଷ୍ଟିର ପ୍ରଥମ ସମାଲୋଚକ। ସୃଷ୍ଟି ଓ ସମାଲୋଚନା ଉଭୟ ଜୀବନ ତର୍ଜମାର ଏକ ଏକ ତର୍ଜନୀ। ପରନ୍ତୁ, ସୃଷ୍ଟି ହିଁ ସମାଲୋଚନା ଏବଂ ସମାଲୋଚନା ହିଁ ସ୍ୱୟଂ ଏକ ସୃଷ୍ଟି। ସର୍ଜନଶୀଳ ସାହିତ୍ୟର ସମାଲୋଚନା, ସମୀକ୍ଷା ଓ ବିଶ୍ଳେଷଣ ପ୍ରଧାନତଃ ଏକ ସେତୁ-ନିର୍ମାଣ କର୍ମ। ଏହି ସେତୁ ଦେଇ ପାଠକ ପହଂଚିଥାଏ ସମ୍ପୃକ୍ତ ସାହିତ୍ୟର ମର୍ମଦେଶରେ। କବି ସୀତାକାନ୍ତ ମହାପାତ୍ର ତେଣୁ ସମାଲୋଚକଠାରେ ଦୁଇଟି ନିରପେକ୍ଷ ଆଖି , ଗୋଟିଏ ସହୃଦୟ ହୃଦୟ, ଏକ ଆସକ୍ତ ଅଥଚ ଅନାସକ୍ତ ମନ ଖୋଜିଛନ୍ତି (ଏଷଣା-୩୮ଶ ଖଣ୍ଡ)। ଏହି ତିନୋଟି ଯୋଗ୍ୟତା ଅର୍ଜନ ଗଭୀର ଅଧ୍ୟୟନ, ପ୍ରସାରିତ ରସବୋଧ ଓ ଉନ୍ନତ ରୁଚି ନିର୍ମାଣ ସାପେକ୍ଷ। ସେଥିପାଇଁ ସୁସମାଲୋଚକ ଦାଶରଥି ଦାସ କହନ୍ତି-"ଯଦିବା ସ୍ୱଭାବ କବି ସମ୍ଭବ, ସ୍ୱଭାବ ସମାଲୋଚକ ଅସମ୍ଭବ।" ଅଳଙ୍କାର ଶାସ୍ତ୍ର, ଭାଷାଶାସ୍ତ୍ରଠାରୁ ଆରମ୍ଭ କରି ଜ୍ଞାନବିଜ୍ଞାନର ସମସ୍ତ କ୍ଷେତ୍ର ସମାଲୋଚନାର ଉଦ୍ଦେଶ୍ୟ ନୁହେଁ, ଉପାୟମାତ୍ର। ପୁନଶ୍ଚ ସମାଲୋଚନାକୁ ବଳିଷ୍ଠ ହବାକୁ ହେଲେ ତାକୁ କୌଣସି ନା କୌଣସି ପଦ୍ଧତିକୁ ଆଶ୍ରୟ କରି ଗତିକରିବାକୁ ହୋଇଥାଏ। ସମାଲୋଚନାର ଉଦ୍ଦେଶ୍ୟ ସୃଷ୍ଟିକର୍ମର ଉଜ୍ଜ୍ୱଳ ବ୍ୟାଖ୍ୟା ଏବଂ ରୁଚି ମାର୍ଜନା। ସମାଲୋଚନାର ଏହି ଆଭିମୁଖ୍ୟ ସମାଲୋଚକର ଦାୟିତ୍ୱ ନିର୍ଦ୍ଧାରଣ କରିଥାଏ।


ଓଡ଼ିଆ ଭାଷା-ସାହିତ୍ୟ ସମାଲୋଚନା ମୁଖ୍ୟତଃ ଅଧ୍ୟାପକ ନିର୍ଭର, ବିଶେଷତଃ ଓଡ଼ିଆ ଅଧ୍ୟାପକ ନିର୍ଭର ହୋଇ ରହିଛି। କବିଲେଖକ ଏହି ଜଗତର ବାସିନ୍ଦା ହେବାକୁ କୁଣ୍ଠିତ ହୋଇଛନ୍ତି। ଫଳେର ଅନୁଭବ ହ୍ରାସ ଘଟି ସମାଲୋଚନା ବୌଦ୍ଧିକ କସରତର ପରିଣତ ହୋଇଛି। ମୌଳିକ ଦୃଷ୍ଟିଭଙ୍ଗୀ, ସାହସ, ଆତ୍ମବିଶ୍ୱାସର ଅଭାବର ଲାଂଛନରୁ ବି ଏହା ମୁକ୍ତ ନୁହେଁ। ଆମ ସ୍ରଷ୍ଟାମାନଙ୍କ ଭିତରେ ଅମଳା ବି କିଛି କମ ନାହାନ୍ତି। ଏହା ଆମ ଭାଷା-ସାହିତ୍ୟର ସୌଭାଗ୍ୟ କି ଦୁର୍ଭାଗ୍ୟ ଜଣା ନାହିଁ, କିନ୍ତୁ ସେମାନଙ୍କ ଭିଡ଼ ଆମ ସମାଲୋଚନାରୁ ସାହସ ଟିକକ ଚୋରାଇ ନେଉଛି। ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ସମାଜର ଓଡ଼ିଆ ଭାଷା-ସାହିତ୍ୟର ଦଳିତତ୍ୱ ଏକ ବହୁପରିଚିତ ବ୍ୟାପାର। ସୀମିତ ପ୍ରାଣଶକ୍ତିକୁ ଏହି ଫୁଟାଡ଼ଙ୍ଗାରୁ ଜଳ ନିଷ୍କାସନର ବ୍ୟୟିତ କରି ଯେଉଁ ଯାତ୍ରୀମାନେ ଅଧ୍ୟାପକ-ସମାଲୋଚକର ଘାଟର ଲାଗନ୍ତି, ତାଙ୍କଠାରୁ ସମାଲୋଚକର ଯୋଗ୍ୟତା ସମାଜ ଆଶା କରି ସ୍ଥଳବିଶେଷର ନିରାଶ ହେବା ବିଚିତ୍ର ନୁହେଁ। ଗବେଷଣା ବୃତ୍ତି ନିର୍ଭର ହୋଇଛି- ପରିମାଣ ବଢ଼ିଛି,ପରିମିତି ହରାଇଛି।


ପ୍ରତିକୂଳତା ଏକ ଆହ୍ୱାନ ନୁହେଁ କି ? ଓଡ଼ିଆ ସାହିତ୍ୟ ସମାଲୋଚନାର ଭାର ସମୟକ୍ରମ ଯାହା ସ୍କନ୍ଧର ରହିଛି, ସେମାନଙ୍କୁ ଏହାର ଉତ୍ତର ଦେବାକୁ ହେବ। ସମାଜ ପୃଷ୍ଠଭୂମିକୁ କ୍ୱଚିତ ବିଚାରକୁ ନିଏ, ଖୋଜ ଅବଦାନ, ତା'ର ମୂଲ୍ୟାୟନ ତାକୁଇ ନେଇ। ସେଥିପାଇଁ ବୌଦ୍ଧିକତାର ଚରମ ଭୂମିରେ ପାରିଉଠିବାକୁ ନିଜକୁ ପ୍ରସ୍ତୁତ କରିବାକୁ ହେବ। ଆହରଣ କରିବାକୁ ହେବ ନିର୍ଲିପ୍ତ-ଲିପ୍ତତା, ନିଃସ୍ୱାର୍ଥ-ନିର୍ଜିତ, ବୌଦ୍ଧିକ ସାହସ, ରସସିକ୍ତ ତୀକ୍ଷଣବୋଧଶକ୍ତି ଓ ଗଭୀର ଅଧ୍ୟୟନ ପିପାସା। ଏବର କାଳଖଣ୍ଡ ବିଭିନ୍ନ ଅନ୍ୟମନସ୍କତାରେ ଭରା । ତଥାପି ଏହି ସାଧନା ଦୁଃସାଧ୍ୟ ନୁହେଁ ନିଶ୍ଚୟ।

**ଇନ୍ଦ୍ରମଣି ସାହୁ**

ଓଡ଼ିଆ ବିଭାଗ, ଶାନ୍ତିନିକେତନ

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




**PRACHEE SAHITYA SAMAJ PUBLICATION**
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

DOI : https://doi.org/10.5281/zenodo.18529043

ମୂଳ ପ୍ରବନ୍ଧ

# କବି ୱିଲିୟମ ବ୍ଲେକ୍ ଏବଂ କବି ବିଦ୍ୟୁତ୍‌ପ୍ରଭାଙ୍କ କବିତା: ତୁଳନାତ୍ମକ ନବ-ମୂଲ୍ୟାୟନ

ଆଲୋକ ବରାଳ

**ସଂକ୍ଷିପ୍ତସାର :**

କବି ୱିଲିୟମ ବ୍ଲାକ୍ ଓ କବି ବିଦ୍ୟୁତପ୍ରଭାଙ୍କ ମଧ୍ୟରେ ବୟସର ବ୍ୟବଧାନ ୧୬୯ ବର୍ଷ । ମାତ୍ର ଉଭୟଙ୍କ ସଂକ୍ଷିପ୍ତ ପରିଧିର କବିତାର ସଂରଚନା ତଥା ରୂପକଳ୍ପଧର୍ମୀ କାବ୍ୟବୋଧ ସମୟର ତରାତମ୍ୟ ସତ୍ତ୍ୱେ ବେଶ୍ ସମଧର୍ମା । ବ୍ଲାକଙ୍କ ବିଶେଷତଃ ତିନିଟି ବିଶ୍ୱବିଖ୍ୟାତ ସୃଷ୍ଟି Poetical Sketches, Song of Innocence ଏବଂ Songs of Experienceର କବିତା ସହିତ କବି ବିଦ୍ୟୁତପ୍ରଭାଙ୍କର 'ଖଦ୍ୟୋତିକା'ରେ ସଂଯୋଜିତ କବିତାର ସମାନ୍ତରାଳ ସାଦୃଶ୍ୟ ହିଁ ଏହି ଆଲୋଚନାର ମୌଳିକ ଉତ୍ସ । ପ୍ରତ୍ୟେକ କବି ପ୍ରତ୍ୟେକଙ୍କଠାରୁ ସ୍ୱତନ୍ତ୍ର । ପ୍ରଭାବ, ପ୍ରେରଣା ସ୍ୱତନ୍ତ୍ର ଏକ ପ୍ରସଙ୍ଗ । ବିଦ୍ୟୁତପ୍ରଭା ବ୍ଲାକଙ୍କଦ୍ୱାରା ପ୍ରଭାବିତ ଥିଲେ କିମ୍ବା ନଥିଲେ ବା ପ୍ରଭାବ ଓ ପ୍ରେରଣା ଭଳି ପ୍ରସଙ୍ଗ ଆଲୋଚ୍ୟ କବିତାସମୂହରେ ସ୍ପଷ୍ଟତଃ ଲକ୍ଷିତ ହୋଇନଥାଏ । ମାତ୍ର ଉଭୟ କବିଙ୍କ ଭାବଗତ ଓ ଶୈଳୀଗତ ସମତା ଉଭୟଙ୍କୁ ଏକାଠି ତୁଳନା କରିବାର ପରିସର ସୃଷ୍ଟି କରିଛି । ଉଭୟ ନିଜନିଜ ସମୟର ରୋମାଣ୍ଟିକ ଭାବଧାରାର କବି ଏବଂ ଉଭୟ ସ୍ୱୀୟ ପ୍ରକୃତି ଓ ସ୍ୱୀୟ ଦାର୍ଶନିକ ଅନୁଚିନ୍ତାରେ ସର୍ଜିଛନ୍ତି ନିଜନିଜ କାବ୍ୟ-ବଳୟ । ବ୍ୟକ୍ତିଗତ ଭାବେ ଉଭୟଙ୍କ ବ୍ୟକ୍ତିତ୍ୱ ଭିନ୍ନଭିନ୍ନ ହୋଇଥିଲେ ହେଁ କାବ୍ୟ-ସୌନ୍ଦର୍ଯ୍ୟର ସମତା ଓ କବିତା ସମୂହର ଶୈଳ୍ପିକ ଆବେଦନ ଉଭୟଙ୍କୁ ଗୋଟିଏ ପ୍ରେକ୍ଷାରେ ଆଲୋଚନା କରିବା ନିମନ୍ତେ ପରିସର ସୃଷ୍ଟି କରିଛି ।

**ପ୍ରମୁଖ ଶବ୍ଦାବଳୀ:**

କବି ୱିଲିୟମ୍ ବ୍ଲାକ୍, କବି ବିଦ୍ୟୁତପ୍ରଭା ଦେବୀ, ପୋଏଟିକାଲ ସ୍କେଚ୍, ସଂଗ୍ସ ଅଫ୍ ଇନୋସେନ୍ସ , ସଂଗ୍ସ ଅଫ୍ ଏକ୍ସପେରିଏନ୍ସ, ଖଦ୍ୟୋତିକା ।

କବି ବିଦ୍ୟୁତ୍‌ପ୍ରଭା (୧୯୨୬-୧୯୭୭)ଙ୍କ ନବମୂଲ୍ୟାୟନ ପ୍ରସଙ୍ଗର ଅବତାରଣା ବେଳେ ଆମକୁ ତାଙ୍କର କବିତା ନେଇ ନୂଆ ଭାବେ ବିଚାର କରିବାର ଆସ୍ପୃହାର ଆବଶ୍ୟକତା ଲୋଡ଼ା । ଜଣେ ସାଧାରଣ ପାଠକଦୃଷ୍ଟିରେ କୁହାଗଲେ କବି ବିଦ୍ୟୁତପ୍ରଭା ଓଡ଼ିଶାର ଜନମାନସରେ 'ଖଦ୍ୟୋତିକା'ର କବି ଭାବେ ହିଁ ଖ୍ୟାତ । ଯେତେବେଳେ ବି ଆମେ ତାଙ୍କୁ ସ୍ମରଣ କରୁ ପ୍ରଥମେ ସ୍ମରଣକୁ ଆସିଯାଏ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.18529043
Article No - BPP00372

**ଯୋଗାଯୋଗ :**

**ଡକ୍ଟର ଆଲୋକ ବରାଳ,** ବରିଷ୍ଠ ସହାୟକ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ,ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**E-mail.ID :** abaral@cuo.ac.in
**ORCID ID :** https://orcid.org/0009-0005-6962-9522

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବରାଳ, ଆଲୋକ; ୨୦୨୬ । କବି ୱିଲିୟମ ବ୍ଲେକ୍ ଏବଂ କବି ବିଦ୍ୟୁତ୍‌ପ୍ରଭାଙ୍କ କବିତା: ତୁଳନାତ୍ମକ ନବ-ମୂଲ୍ୟାୟନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଞ; ପୃଷ୍ଠା :୯-୧୫ ।

'ଖଦ୍ୟୋତିକା'ର ପଂକ୍ତି ସବୁ। ତାହା ପୁଣି ସ୍ୱତଃ ଭାସି ଆସିଥାଏ ମାନସପଟରେ। ଓଡ଼ିଆ ପାଠକଙ୍କ ଆତ୍ମା ଭିତରେ ସେହି କ୍ଷୁଦ୍ର କବିତା ସମୂହ ତା'ର ସ୍ୱତଃସ୍ଫୂର୍ତ୍ତ କମନୀୟ ଚିତ୍ରଧର୍ମୀ ନାନ୍ଦନିକତା ପାଇଁ ଆଜି ବି ସଜୀବ ରହିଛି। ଆଉ ତାହା ହିଁ ହୁଏତ କବି ବିଦ୍ୟୁତପ୍ରଭାଙ୍କ କବିତାର ସିଦ୍ଧି ଓ ପ୍ରସିଦ୍ଧି। ବିଦ୍ୟୁତପ୍ରଭାଙ୍କ 'ସବିତା'(୧୯୪୭),'କନକାଞ୍ଜଳି' (୧୯୪୮), 'ମରୀଚିକା' (୧୯୪୮), 'ବିହାୟସୀ' (୧୯୪୯), 'ବନ୍ଦନିକା' (୧୯୫୦), 'ସ୍ୱପ୍ନଦୀପ' (୧୯୫୧), 'ଝରାଶିଉଳି' (୧୯୫୨), 'ଯାହାକୁ ଯିଏ' (୧୯୫୭) ସହିତ ପ୍ରକାଶିତ 'ସଂଚୟନ' (୧୯୫୭) ମଧ୍ୟରେ ଲୋକାୟନ, ପଲ୍ଲୀପଥେ, ସୁନ୍ଦର ଏ ଧରା, ପ୍ରିୟ ଓ ପ୍ରିୟା, ଗାଥା, ଶ୍ରଦ୍ଧାଞ୍ଜଳି, ଖଦ୍ୟୋତିକା, ଭକ୍ତିମାଲ୍ୟ, ଗଦ୍ୟ କବିତା, ଯାହାକୁ ଯିଏ, କଅଳ ଜୀବନେ ଭଳି ଭାଗରେ ସଂକଳିତ ହୋଇଛି ଅନେକ କବିତା।

ଏ ଆଲେଖ୍ୟ କବି ବିଦ୍ୟୁତ୍‌ପ୍ରଭାଙ୍କ 'ସଂଚୟନ'ରେ ସଂକଳିତ 'ଖଦ୍ୟୋତିକା'ର କାବ୍ୟିକ ଅଭିବ୍ୟକ୍ତି ସହିତ ଇଂରେଜୀ କବି ୱିଲିୟମ ବ୍ଲେକ୍ (୧୭୫୭-୧୮୨୭)ଙ୍କ କାବ୍ୟାଭିବ୍ୟକ୍ତି ସହିତ ଏକ ସାଦୃଶ୍ୟର ଆକଳନ ଅଟେ। ଏଠାରେ ମୁଁ ଆଗରୁ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ ଭାବ ଓ କବିତାର ଶୀର୍ଷକ ଦୃଷ୍ଟିରୁ ତଥା କବିତାର ପରିଧି ଓ ସଂକ୍ଷିପ୍ତ ଅବବୋଧ ଦୃଷ୍ଟିରୁ ଉଭୟଙ୍କ ମଧ୍ୟରେ ଅନେକ ସାଦୃଶ୍ୟ ଥିଲେ ମଧ୍ୟ କବି ବିଦ୍ୟୁତ୍‌ପ୍ରଭା ନିଶ୍ଚିତ ଭାବେ କେବେ ହୁଏତ ୱିଲିୟମ ବ୍ଲେକ୍‌ଙ୍କୁ ପଢିଥିବେ ବା ପଢି ନଥିବେ ସେ କଥା ଜୋରଦେଇ କହିହେବ ନାହିଁ। କାରଣ ସେ ଅଳ୍ପ ବୟସରୁ ପାଠପଢା ଛାଡ଼ିଥିଲେ; ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କର ଆନୁଷ୍ଠାନିକ ପାଠପଢାର ଅବସାନ ଘଟିଥିଲା। ମାତ୍ର ତାଙ୍କର ସମଗ୍ର ଜୀବନ ଭିତରେ ରହିଥିଲା ପଠନ, ଲିଖନ ଓ ଅଧ୍ୟବସାୟ। ଅନ୍ୟ ପକ୍ଷରେ ତାଙ୍କର ପିତା ନିମାଇଁ ଚରଣ ଦାସ ଚାକିରି ଛାଡି ବୃତ୍ତି ଭାବେ ଗ୍ରହଣ କରିଥିଲେ ଲେଖକର ଜୀବନ। ତାଙ୍କର ରହିଥିଲା ଲେଖକୀୟ ପ୍ରତିଭା ଏବଂ ଶିକ୍ଷକତାର କଳା-କୌଶଳ। ପିତା ନିମାଇଁ ଚରଣ ଦାସ ଥିଲେ ଇଂରେଜୀରେ ବେଶ୍ ପୋଖତ। ପିଲାଙ୍କ ନିମନ୍ତେ ଇଂରେଜୀ ଶିକ୍ଷା ପୁସ୍ତକ ଲେଖି ଛପେଇ ବିଭିନ୍ନ ବିଦ୍ୟାଳୟ ଆଦି ବୁଲିବୁଲି ପ୍ରସାର-ପ୍ରଚାର ସହିତ ବିକ୍ରି ମଧ୍ୟ କରୁଥିଲେ। ଆଉ ତାହାର ଉପଯୋଗ ବି ବିଦ୍ୟୁତ୍‌ପ୍ରଭା ଅବଶ୍ୟ କରିଥିବେ। ତେଣୁ ସେ ୱିଲିୟମ ବ୍ଲେକ୍‌ଙ୍କୁ ଯେ ପଢି ନଥିବେ ବା ତାଙ୍କର ପୁସ୍ତକ ଦେଖିନଥିବେ ତାହା କୁହାଯାଇପାରିବ ନାହିଁ। ଅବଶ୍ୟ ୱିଲିୟମ ବ୍ଲେକ୍‌ଙ୍କ ଅନେକ କ୍ଷୁଦ୍ର କବିତା ସେତେବେଳେ ସ୍କୁଲର ପାଠ୍ୟକ୍ରମରେ ହୋଇଥିଲା ସଂଯୋଗିତ। ତାଙ୍କର The Lamb, The Tyger ଭଳି ପ୍ରସିଦ୍ଧ କବିତା ସବୁ ଅନ୍ତର୍ଗତ ହୋଇଥିଲା ପାଠ୍ୟକ୍ରମରେ। ପାଠ୍ୟକ୍ରମରେ ଯୋଡ଼ାଯିବା ଭଳି କବିତାର କବି ହୋଇଥିବାରୁ ବ୍ଲେକ୍‌ଙ୍କୁ ଅନେକ ଲୋକ ପଢିଥିଲେ ଏବଂ ଜାଣିଥିଲେ। ଏ ସମସ୍ତ ପ୍ରସଙ୍ଗର ଅବତାରଣାର ଅର୍ଥ ନୁହେଁ ଯେ କବି ବିଦ୍ୟୁତ୍‌ପ୍ରଭା ଅନୁକରଣ କରିଥିଲେ ବା ଅନୁବାଦ କରିଥିଲେ ବ୍ଲେକ୍‌ଙ୍କୁ। ଏସବୁ ଉଲ୍ଲେଖ କରିବାର ଅର୍ଥ ହେଉଛି ଦୁଇଜଣ ପ୍ରତିଷ୍ଠିତ ସ୍ରଷ୍ଟାଙ୍କୁ ଅନୁଶୀଳନ ବେଳେ କଣ ସବୁ ସମ୍ଭାବନା ରହିଥାଇପାରେ। ମାତ୍ର ନିର୍ବିବାଦ କୁହାଯାଇପାରେ କବି ବିଦ୍ୟୁତ୍ ବ୍ଲେକ୍‌ଙ୍କ ତୁଳନାରେ ଅଧିକ ଛନ୍ଦ ସଚେତନ ଏବଂ ଭାବାତ୍ମକ। ଅନୁରୂପ ଭାବେ ନାନ୍ଦନିକ ସୌନ୍ଦର୍ଯ୍ୟଦୃଷ୍ଟିରୁ ଆଲୋଚ୍ୟ ବର୍ଗର କବିତା ପର୍ଯ୍ୟାୟରେ ବିଦ୍ୟୁତପ୍ରଭା ଅଧିକ ମର୍ମୀ ଓ ଭାବୋର୍ତ୍ତୀର୍ଣ୍ଣ।

ୱିଲିୟମ ବ୍ଲେକ୍ ଲଣ୍ଡନର Sohoe ର ଏକ କର୍ମଜୀବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସର୍ବଦା ଦରିଦ୍ରତା ସହିତ ଲଢିଥିବା ବ୍ଲେକ୍ ନିଜ ଜୀବନର ମାତ୍ର ତିନିବର୍ଷ ସମୟକୁ ଛାଡ଼ି ଦେଲେ ସେ ତାଙ୍କର ସମଗ୍ର ଜୀବନ ବିତେଇ ଦେଇଥିଲେ ଲଣ୍ଡନ ମଧ୍ୟରେ। ତାଙ୍କର ବିଚିତ୍ର ଚିନ୍ତା ଓ ଅଭିବ୍ୟକ୍ତି ପାଇଁ ତାଙ୍କ ସମକାଳରେ ସେ ଚର୍ଚ୍ଚିତ ହୋଇନଥିଲେ। ମାତ୍ର ତାଙ୍କର ଚିତ୍ରଧର୍ମୀ ସଂକ୍ଷିପ୍ତ କାବ୍ୟାଭିବ୍ୟକ୍ତି ଓ ରହସ୍ୟମୟ-ଦାର୍ଶନିକ ଚିନ୍ତନ ତାଙ୍କୁ ସ୍ୱତନ୍ତ୍ର ପରିଚିତି ଆଣିଦେଇଥିଲା। ପରବର୍ତ୍ତୀ ସମୟରେ ଅଦ୍ଭୁତ ଥିଲା ତାଙ୍କର ଜୀବନ ଓ ସର୍ଜନ। ତାଙ୍କୁ ବ୍ରିଟିଶ ରୋମାଣ୍ଟିକ୍ ଆନ୍ଦୋଳନ ବା ପ୍ରାକ୍-ରୋମାଣ୍ଟିକ୍ (Pre-Romantic) କବି ଭାବେ ସମାଲୋଚକମାନେ ଆଲୋଚନାର ପରିସରଭୁକ୍ତ କରିଥାନ୍ତି। ବ୍ଲେକ୍ First Generation Romantic Poet ଥିଲେ। କାରଣ Wordsworth ଓ Coleridge ଆଦିଙ୍କଠାରୁ ସେ ବୟସରେ ଥିଲେ ବରିଷ୍ଠ। ଚିତ୍ର ଓ କବିତ୍ୱର ସମନ୍ୱୟ ପାଇଁ Blake ଙ୍କୁ Visionary Poet of Romantic Age ବୋଲି ମଧ୍ୟ କୁହାଯାଉଥିଲା। ସେ ଉଭୟ ଫରାସୀ ଓ ଆମେରିକୀୟ ବିପ୍ଲବଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ଚର୍ଚ୍ଚକୁ ବିରୋଧ କରୁଥିଲେ ମଧ୍ୟ ବାଇବେଲକୁ ଦେଉଥିଲେ ସମ୍ମାନ। ଉଭୟ 'ଚିତ୍ରକଳା' ଓ 'କବିତ୍ୱ' ଥିଲା ତାଙ୍କର ସର୍ଜନର ଦୁଇଟି ମହତ୍ତ୍ୱପୂର୍ଣ୍ଣ ଦିଗନ୍ତ। ଅନେକ ସମୟରେ ୱିଲିୟମ ବ୍ଲେକ୍ ତାଙ୍କର କବିତା ସହିତ ବିବିଧ ଚିତ୍ର ଓ ସ୍କେଚ୍ ସଂଯୋଗ କରୁଥିଲେ। ସେ ଆଧ୍ୟାତ୍ମବାଦୀ ଥିଲେ ମଧ୍ୟ ରୂଢ଼ିବାଦୀ ନଥିଲେ। ତାଙ୍କର ସ୍ୱଭାବ

ତାଙ୍କୁ ସ୍ୱତନ୍ତ୍ର କରିଥିଲା ଯେପରି ସେ ପରୀ, ଭୂତପ୍ରେତ ଏପରିକି ଈଶ୍ୱରଙ୍କୁ ଦେଖିଥିବା କଥା ମଧ୍ୟ ଦାବି କରୁଥିଲେ। ଚାରି ବର୍ଷ ବୟସରେ ସେ ଈଶ୍ୱରଙ୍କୁ ଝରକା ପାଖରେ ମୁଣ୍ଡ ରଖିଥିବା ଅବସ୍ଥାରେ; ନଅ ବର୍ଷ ବୟସରେ ସେ ଗୋଟିଏ ଗଛରେ ପରୀମାନେ ଭର୍ତ୍ତି ହୋଇ ରହିଥିବା ଦେଖିଥିଲେ। ଏପରିକି ତାଙ୍କ ଭାଇଙ୍କ ଯେତେବେଳେ ମୃତ୍ୟୁ ହୋଇଗଲା; ସେତେବେଳେ ତାଙ୍କର ଭାଇଙ୍କ ଆତ୍ମା ତାଙ୍କୁ ପ୍ରିଣ୍ଟିଂର ଶୈଳୀ ଶିଖାଇଥିଲେ ବୋଲି ସେ ଦାବି କରୁଥିଲେ। ଯେଉଁ ଶୈଳୀସବୁ ତାଙ୍କର 'Song of Innocence'ରେ ସେ ଉପଯୋଗ କରିଥଲେ ବୋଲି ମଧ୍ୟ ଦାବି କରୁଥିଲେ। ତାଙ୍କୁ Rossetti "Glorious Luminary"; Lukas ତାଙ୍କୁ "Artist or genius or mystic or mad-man"; Samuel Coleridge ତାଙ୍କୁ କହୁଥିଲେ "A man of genius"। ପ୍ରତିଭାଶାଳୀ ହୋଇଥିଲେ ମଧ୍ୟ ସେ ତାଙ୍କର ସମକାଳରେ ଆଲୋଚନାର ପରିସରରେ ନଥିଲେ। ଅନେକ ପରେ ବ୍ଲେକ୍ ଲୋକ ଓ ସମାଲୋଚକମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲେ। ୱିଲ୍ଲିୟମ ବ୍ଲେକ୍‌ଙ୍କ କବିତ୍ୱର ସ୍ୱାତନ୍ତ୍ର୍ୟକୁ ତାଙ୍କର 'Poetical Sketches' (୧୭୮୩), 'Song of Innocence' (୧୭୮୯), 'Songs of Experience' (୧୭୯୩) ଆଦି ସୃଷ୍ଟି ଭିତରେ ଲକ୍ଷ୍ୟ କରାଯାଇପାରିବ ।

William Blakeଙ୍କ କବିତାର ପରିଧି ଓ ସାଙ୍ଗୀତିକତା ଅନୁରୂପ ବିଦ୍ୟୁତ୍‌ପ୍ରଭାଙ୍କ କାବ୍ୟଭଙ୍ଗୀର ସମତା ବେଶ ଭବିତ କଲାଭଳି। କିନ୍ତୁ ଉଭୟଙ୍କ ସମଗ୍ର କାବ୍ୟବୋଧକୁ ଆକଳନ କଲେ ଉଭୟଙ୍କ ଆଭିମୁଖ୍ୟ ଅଲଗା ଅଲଗା। ମାତ୍ର ବିଦ୍ୟୁତ୍‌ପ୍ରଭାଙ୍କ 'ଖଦ୍ୟୋତିକା'ର ଅନେକ ପଦ ଓ ଶୀର୍ଷକକୁ ଆମେ ବ୍ଲେକ୍‌ଙ୍କ କବିତା ସମୂହରେ ଲକ୍ଷ୍ୟ କରିପାରିବା। ବ୍ଲେକ୍‌ଙ୍କ ଅନ୍ୟ କବିତାର ଦୃଷ୍ଟି ଓ ଭଙ୍ଗୀ ସହିତ ବିଦ୍ୟୁତ୍‌ପ୍ରଭାଙ୍କ ମେଳ ନଥିଲେ ମଧ୍ୟ 'ଖଦ୍ୟୋତିକା'ର ପରିବେଷଣ, ଭାବ ଓ ଶୈଳୀ ସହ ବ୍ଲେକ୍‌ଙ୍କ Poetical Sketches, Song of Innocence, Songs of Experienceର ବେଶ୍ କେତେକ କବିତାର ଆଭିମୁଖ୍ୟ ଓ ଅବିବ୍ୟକ୍ତି ଭିତରେ ଅନେକ ସାଦୃଶ୍ୟକୁ ଅବଲୋକନ କରାଯାଇପାରିବ।

**ତୁଳନାର ନବ-ମୂଲ୍ୟାୟନ- William Blakeଙ୍କ 'To Spring' ଓ ବିଦ୍ୟୁତ୍‌ପ୍ରଭାଙ୍କ 'ବସନ୍ତ' :**

William Blake ଙ୍କ Poetical Sketch ଅନ୍ତର୍ଗତ 'To Spring' କବିତାର ସମାନ୍ତରାଳ ଭାବଭୂମି ସହିତ ବିଦ୍ୟୁତ୍‌ପ୍ରଭାଙ୍କ 'ଖଦ୍ୟୋତିକା'ର 'ବସନ୍ତ'କୁ ଏକତ୍ର ସ୍ମରଣ କରାଯାଇପାରିବ। ଉଭୟ କବିତାରେ ବସନ୍ତ ଜୀବନରେ ସ୍ଫୁର୍ତ୍ତିର ପ୍ରତୀକ ଭାବେ ଅଭିମନ୍ତ୍ରିତ।

"Comes o're the eastern hills, and let our winds
Kiss thy perfumed garments; let us taste
Thy morn and evening breath; scatter thy pearls
Upon our love-sick land that mourns for thee"
(William Blake, Poetical Sketch, To Spring)

"ପୂର୍ବ ପାହାଡ଼ର ଉପରକୁ ଆସ,
ପବନ ତୁମର ସୁଗନ୍ଧିତ ପୋଷାକକୁ ଦେଉ ଚୁମ୍ବନ;
ତୁମର ସକାଳ ଏବଂ ସନ୍ଧ୍ୟା ନିଶ୍ୱାସର
ସ୍ୱାଦ ଆମକୁ ଦେଉ ଆସ୍ୱାଦ
ତୁମ ପାଇଁ ଶୋକ କରୁଥିବା ଆମର ପ୍ରେମଗ୍ରସ୍ତ ଭୂମି ଉପରେ
ତୁମର ମୁକ୍ତା ଦିଅ ବିଞ୍ଚି।" (ଓଡ଼ିଆ ଅନୁବାଦ)

"କେଉଁ ରାଇଜର ସୁଷମା-ବିଳାସୀ
ତରୁଣ ଏ ରୂପକାର ଧରଣୀର ଏଇ
ଝରା ଫୁଲ ପଥେ ଯାଏ ଆସେ ବାର ବାର।" (ବିଦ୍ୟୁତପ୍ରଭା ଦେବୀ, ଖଦ୍ୟୋତିକା, ବସନ୍ତ)

ବ୍ଲେକ୍‌ଙ୍କ ଶୋକ କରୁଥିବା ବସନ୍ତକୁ ଆବାହନ କରି ପ୍ରେମଗ୍ରସ୍ତ ଭୂମିରେ ମୁକ୍ତା ବିଞ୍ଚି ଦେବାର ଅଭିବ୍ୟକ୍ତି ବିଦ୍ୟୁତ୍‌ପ୍ରଭାଙ୍କ କେଉଁ ରାଇଜର ସୁଷମା-ବିଳାସୀ ଧରଣୀରେ ଝରାଫୁଲର ପଥେ ବାରବାର ଆସ ବୋଲି କହିବାର ପ୍ରସଙ୍ଗଟି ବେଶ ସମଧର୍ମା। ଅନୁରୂପ ଭାବେ ବ୍ଲେକ୍‌ଙ୍କ 'ପୂର୍ବ-ପାହାଡ଼ର ଉପରକୁ ଆସ' ଏବଂ ବିଦ୍ୟୁତ୍‌ଙ୍କ 'କେଉଁ ରାଇଜର ସୁଷମା-ବିଳାସୀ' କଳ୍ପିତ ଇଲାକା ଭିତରେ ରହିଛି ସେହି ସମ ଧରଣର ରହସ୍ୟ ଓ ଉତ୍ସୁକତା।

**ତୁଳନାର ନବ-ମୂଲ୍ୟାୟନ- William Blakeଙ୍କ 'Ah, Sun-Flower' ଓ ବିଦ୍ୟୁତ୍‌ପ୍ରଭାଙ୍କ 'ସୂର୍ଯ୍ୟମୁଖୀ' :**

ଉଭୟ କବି ପ୍ରକୃତି ଭିତରେ ଅନୁଭବିଛନ୍ତି ଜୀବନର ପ୍ରାଣସଞ୍ଚାରକୁ ଏବଂ ଚିତ୍ରରୂପ ଦେଇଛନ୍ତି କବିତାର ଭାଷାରେ। ଉଭୟଙ୍କ କବିତା ସଂକ୍ଷିପ୍ତ ଓ ଭାବପ୍ରଦାୟୀ। ସ୍ପର୍ଶ କରେ ଆତ୍ମାକୁ; ପୁଣି ହୃଦୟକୁ। ଛୋଟ ପରିଧି ଭିତର ଅସମ୍ଭବ ସମ୍ଭାବନା ହିଁ ଉଭୟଙ୍କ ବିମ୍ବାତ୍ମକ ଅଭିବ୍ୟକ୍ତିର ମୌଳିକ ଆଶ୍ରୟ। ଠିକ୍ ଯେମିତି William Blakeଙ୍କ Songs of Experience ସଙ୍କଳନର Ah, Sun-Flower ଏବଂ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ 'ଖଦ୍ୟୋତିକା'ର 'ସୂର୍ଯ୍ୟମୁଖୀ' ଗୋଟିଏ ଭୂମି ଉପରେ ହିଁ

ହୋଇଛନ୍ତି ଅଭିଷିକ୍ତ।

"Ah, Sunflower! Weary of time,
Who countest the steps of the sun,
Seeking after that sweet golden clime
Where the traveler's journey is done" (William Blake, Songs of Experience, Ah, Sun-Flower)

"ଆହା ସୂର୍ଯ୍ୟମୁଖୀ, ସମୟର କ୍ଳାନ୍ତି,
କିଏ ସୂର୍ଯ୍ୟର ପାଦ ଗଣେ
ସେହି ମଧୁର ସୁବର୍ଣ୍ଣ ପାଗ ଖୋଜେ
ଯେଉଁଠାରେ ଯାତ୍ରା ଶେଷ ହୁଏ ଯାତ୍ରୀଙ୍କର" (ଓଡ଼ିଆ ଅନୁବାଦ)

"ଚାହୁଁଛୁ ବିମୁଗ୍ଧ ନେତ୍ରେ ଊର୍ଦ୍ଧ୍ୱମୁଖେ
ପ୍ରାଣଭଳି
ପ୍ରତିପ୍ରାଣ ଭଳି
ଅଂଶୁମାଳି ସୂର୍ଯ୍ୟପଦେ
ଢାଳିବାକୁ
କନକ-ଅଞ୍ଜଳି" (ବିଦ୍ୟୁତ୍‌ପ୍ରଭା ଦେବୀ, ଖଦ୍ୟୋତିକା, ସୂର୍ଯ୍ୟମୁଖୀ)

William Blakeଙ୍କ 'Ah, Sun-Flower'ର ସୂର୍ଯ୍ୟମୁଖୀ ସମୟର ପାଦ ଗଣିବା ଏବଂ ମଧୁର ପାଗ ଖୋଜିବା ତଥା ସଂସାରକୁ ଆସିଥିବା ସବୁ ଯାତ୍ରୀଙ୍କ ଯାତ୍ରା ଦିନେ ଶେଷହେବ। ଜୀବନର ସୁବର୍ଣ୍ଣ ପ୍ରାରମ୍ଭ ଓ ସୁବର୍ଣ୍ଣ ଶେଷରେ ସୁବର୍ଣ୍ଣ ପାଗ ଅର୍ଥାତ ଏକ ସକାରାତ୍ମକ ମୃତ୍ୟୁସଚେତନ ଅଭିବ୍ୟକ୍ତିକୁ ପରିବେଷିତ କରୁଛି। ଏପରିକି ପ୍ରତ୍ୟେକ ମଣିଷ ସୂର୍ଯ୍ୟମୁହାଁ ଅର୍ଥାତ ସୂର୍ଯ୍ୟମୁଖୀ ! ସମଗ୍ର ଭାବେ ସୂର୍ଯ୍ୟମୁଖୀ ଜୀବନର ହିଁ ଅନ୍ୟ ଏକ ପ୍ରତିବିମ୍ବ। William Blakeଙ୍କ ଭଳି ବିଦ୍ୟୁତ୍‌ପ୍ରଭାଙ୍କ ସୂର୍ଯ୍ୟମୁଖୀ ମଧ୍ୟ ଜୀବନର ହିଁ ଏକ ପ୍ରତିବିମ୍ବ ! ଯେଉଁଠି ସେ ବି ଊର୍ଦ୍ଧ୍ୱମୁଖ ହୋଇ ଚାହିଁ ରହିଛି ପ୍ରାଣଭଳି ଆପଣାର ପ୍ରିୟତମକୁ। ଢାଳିଦେବା ପାଇଁ 'କନକ-ଅଞ୍ଜଳି' ! କନକ-ଅଞ୍ଜଳି ହିଁ ଜୀବନର ରୂପାନ୍ତରଣ ! ବ୍ଲେକ୍ ତାଙ୍କ ଗମ୍ଭୀର ଶବ୍ଦ ସଂଯୋଜନ ପାଇଁ ସୂର୍ଯ୍ୟମୁଖୀରେ ଅଧିକ ଦାର୍ଶନିକ ମନେ ହେଉଥିଲେ ମଧ୍ୟ ବିଦ୍ୟୁତ୍ ତାଙ୍କ କୋମଳ ଶବ୍ଦାବଳୀରେ ସୁକୁମାର ଅବଶ୍ୟ ମନେ ହୋଇଛନ୍ତି; କିନ୍ତୁ ତାହାରି ଭିତରେ ଜୀବନର ଗମ୍ଭୀର ମନ୍ତ୍ର ନିହିତ ରହିଛି। ତେଣୁ ଉଭୟ କବିଙ୍କ ସୂର୍ଯ୍ୟମୁଖୀ ଭାବ ଓ ଦର୍ଶନ ଦୃଷ୍ଟିରୁ ସମଧର୍ମା; ଅନନ୍ୟ ପୁଣି ଉଭୟ ସ୍ୱତନ୍ତ୍ର ମଧ୍ୟ।

**ତୁଳନାର ନବ-ମୂଲ୍ୟାୟନ- William Blakeଙ୍କ 'The Lilly' ଓ ବିଦ୍ୟୁତ୍‌ପ୍ରଭାଙ୍କ 'ନୀଳକଇଁ' :**

କବି William Blake ଓ ବିଦ୍ୟୁତ୍‌ପ୍ରଭା ଏକପଦୀ ଓ ଛୋଟ ପରିଧି ଭିତରେ ସ୍ୱୀୟ କାବ୍ୟ-ଚିତ୍ର-ବିମ୍ବ ସୃଷ୍ଟି କରୁଥିଲେ ମଧ୍ୟ ଉଭୟଙ୍କ ଭିତ୍ତି ଓ ଅଭିବ୍ୟକ୍ତିରେ ରହିଛି ଭିନ୍ନତା। ଭାବରେ ସମତା ଓ ପରିବେଷଣରେ ସାଦୃଶ୍ୟ ସତ୍ତ୍ୱେ ବ୍ଲେକ୍ ଯେଉଁଠି ଅଧିକ ତୀର୍ଯ୍ୟକ; ସେଇଠି ବିଦ୍ୟୁତ୍‌ପ୍ରଭା ଅଧିକ ଭାବସିକ୍ତ। ବ୍ଲେକ୍ ଅଧିକ ଦାର୍ଶନିକ କିନ୍ତୁ ବିଦ୍ୟୁତ୍ ଅଧିକ ଆଧ୍ୟାତ୍ମିକ ! William Blakeଙ୍କ 'The Lilly' ଓ ବିଦ୍ୟୁତ୍‌ପ୍ରଭାଙ୍କ 'ନୀଳକଇଁ'ର ସାଦୃଶ୍ୟ ଆକଳନ ବେଳେ ଉଭୟ ବେଶ୍ ବିମ୍ବାତ୍ମକ ଓ ସାଙ୍କେତିକ !

"The modest Rose outs forth a thorn,
The humble Sheep a threatening horn;
While the Lilly white shall in love delight,
Nor a thorn nor a threat stain her beauty bright."
(William Blake, Songs of Experience, The Lilly)

"ନମ୍ର ଗୋଲାପ ଏକ କଣ୍ଟା ଫୁଟାଏ ନମ୍ର ମେଷ
ଏକ ଧମକପୂର୍ଣ୍ଣ ଶିଙ୍ଗ ଯେତେବେଳେ
କଇଁ ପ୍ରେମରେ ଆନନ୍ଦିତ ହେବ ନା
କଣ୍ଟା କିମ୍ବା ଧମକ ତା ସୌନ୍ଦର୍ଯ୍ୟକୁ ଉଜ୍ଜ୍ୱଳ କରିବ।" (ଓଡ଼ିଆ ଅନୁବାଦ)

"ରୂପସୀର ଚାରୁ ସଜଳ ଚାହାଣି ସତେ
ନୀଳ ଉତ୍ପଳ ସମ
ପଙ୍କେ ଫୁଟିଛି ବିଧି-ଶିଳ୍ପୀର ଏଇ
ପ୍ରାଥମିକ ଉଦ୍ୟମ।" (ବିଦ୍ୟୁତ୍‌ପ୍ରଭା ଦେବୀ, ଖଦ୍ୟୋତିକା, ନୀଳକଇଁ )

William Blakeଙ୍କ 'The Lilly'ରେ ନମ୍ର-ଗୋଲାପକୁ ମେଷରୂପକ କଣ୍ଟା ଫୁଟେଇଦେବା ଭଳି ଯଦି କଇଁ ପାଇଁ ଏକ ଧମକପୂର୍ଣ୍ଣ ଶିଙ୍ଗର ଆବିର୍ଭାବ ଘଟେ; ତେବେ ସେତିକିବେଳେ କଇଁ ଆନନ୍ଦିତ ହେବ ନା କଣ୍ଟା ବା ଶିଙ୍ଗ ତାର ସୌନ୍ଦର୍ଯ୍ୟକୁ ଅଧିକ ଉଜ୍ଜ୍ୱଳ କରିବ; ଏହିଭଳି ଅବବୋଧ ବେଶ୍ ଦ୍ୱିଅର୍ଥବୋଧକ ! ତୀର୍ଯ୍ୟକ ! ଯୌନତା (Sex) ଓ ନାନ୍ଦନିକତା (Aesthetics) ର ଅପରୂପ ସମାହାର। କିନ୍ତୁ ଭାବରେ ବେଶ ସିକ୍ତ ଓ ସୌକୁମାର୍ଯ୍ୟ ! ମାତ୍ର ବିଦ୍ୟୁତ୍‌ପ୍ରଭାଙ୍କ 'ନୀଳକଇଁ'ରେ ରୂପସୀର ଚାରୁ-ସଜଳ ଚାହାଣିଟି ନୀଳ ଉତ୍ପଳସମ ପଙ୍କେ ଫୁଟିବା ଭିତରେ ପ୍ରେମ ଓ ସୌନ୍ଦର୍ଯ୍ୟର ଅପରୂପତାକୁ ପ୍ରତୀକିତ କରୁଥିଲେ ମଧ୍ୟ ଏକ ସଘନ କାବ୍ୟବୋଧରେ ହୋଇଛି ଅଭିମନ୍ଥିତ। ଯେଉଁଠି ରୂପସୀର ସ୍ନିଗ୍ଧ-ରୂପଟି ନୀଳକଇଁ ଭଳି ଅପରୂପ ସୌନ୍ଦର୍ଯ୍ୟକୁ

ଧରି ପଙ୍କରେ ଫୁଟିବା ବିହିଙ୍କ ଅଭିନବ ପରିପ୍ରକାଶ କହିବା ଭିତରେ 'ସର୍ଜନ' (Creation) ଓ ନାନ୍ଦନିକତା (Aesthetics)କୁ ଏକତ୍ର କରିଛି। ଉଭୟ ବ୍ଲେକ୍ ଓ ବିଦ୍ୟୁତ୍ କଇଁକୁ ନେଇ ଯେଉଁ ମେଟାଫର ସୃଷ୍ଟି କରିଛନ୍ତି; ସେଥିରେ ବ୍ଲେକ୍ ଅଧିକ ତୀର୍ଯ୍ୟକ ଓ ପ୍ରତୀକାତ୍ମକ ହୋଇଥିବା ସ୍ଥଳେ କବି ବିଦ୍ୟୁତ୍‌ପ୍ରଭା ଅଧିକ କମ୍ର ଓ ସ୍ନିଗ୍ଧ।

**ତୁଳନାର ନବ-ମୂଲ୍ୟାୟନ- William Blakeଙ୍କ 'My Pretty Rose Tree' ଓ ବିଦ୍ୟୁତପ୍ରଭାଙ୍କ 'ଗୋଲାପ' :**

William Blake ଓ ବିଦ୍ୟୁତ୍‌ପ୍ରଭା ଏଥିପାଇଁ ଏକତ୍ର ତୁଳିତ ହେବେ; ତାହା ହେଉଛି ସେମାନେ ଉଭୟ ପ୍ରକୃତିକୁ ନେଇ କବିତା ଲେଖିବା ସହିତ ସଂକ୍ଷିପ୍ତ ପରିଧିରେ ପରଶିଛନ୍ତି ସେମାନଙ୍କର ସର୍ଜନାତ୍ମକ ଆସ୍ପୃହାକୁ। ସେ ଦୃଷ୍ଟିରୁ ଅନୁଶୀଳନ କଲେ William Blakeu Songs of Experience ସଙ୍କଳନର 'My Pretty Rose Tree' ଏବଂ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ 'ଗୋଲାପ' କବିତାକୁ ଗୋଟିଏ ପ୍ରେକ୍ଷାରେ ଆଲୋଚନାର ପରିସରଭୁକ୍ତ କରାଯାଇପାରିବ।

"A flower was offered to me,
Such a flowers as may never bore;
But I Said, I have a pretty Rose-tree,
And I passed the sweet flower o're
Then I went to my pretty rose-tree,
To tend her by day and by night.
But my Rose turned away with jealousy
And her thorns were my only delight." (William Blake, Songs of Experience, My Pretty Rose Tree)

"ମୋତେ ଗୋଟିଏ ଫୁଲ ଅର୍ପଣ କରାଯାଇଥିଲା
ଏପରି ଫୁଲ ଯାହା କେବେ ଫୁଟିବ ନାହିଁ; କିନ୍ତୁ
ମୁଁ କହିଲି ମୋର ଗୋଟିଏ ସୁନ୍ଦର ଗୋଲାପ ଗଛ ଅଛି ଏବଂ
ମୁଁ ସେହି ମଧୁର ଫୁଲଟିକୁ ଦେଇଗଲି ।
ତା ପରେ ମୁଁ ମୋର ସୁନ୍ଦର ଗୋଲାପ ଗଛ ପାଖକୁ ଗଲି
ଦିନରାତି ତାକୁ ଯତ୍ନ ନେବାକୁ;
କିନ୍ତୁ ମୋର ଗୋଲାପ ଈର୍ଷାରେ ଦୂରେଇଗଲା ଏବଂ
ତାର କଣ୍ଟା ହିଁ ଥିଲା ମୋର ଏକ ମାତ୍ର ଆନନ୍ଦ।" (ଓଡିଆ ଅନୁବାଦ)

"ଅରୁଣ-ଅଧର ସ୍ମିତ-ଶିରୀ ଘେନି
ଏଇ ଫୁଲ ଅପସରୀ
ଅଙ୍ଗନ ତଳେ ହୋଇଅଛି ଉଭା
ମୂର୍ତ୍ତ ସପନ ଧରି ।
ପ୍ରେମ-ଉଚ୍ଛଳ ଅନ୍ତରେ ରଚେ
ଯୌବନ ଚିର ବାସ;
ବେଦନା-ବିଧୁର ଅଧରେ କି କେବେ
ବିକଶେ ମଧୁର ହାସ ?" (ବିଦ୍ୟୁତ୍‌ପ୍ରଭା ଦେବୀ, ଖଦ୍ୟୋତିକା, ଗୋଲାପ )

William Blakeଙ୍କ 'My Pretty Rose Tree' କବିତାରେ ବର୍ଣ୍ଣିତ ମୋତେ ଗୋଟିଏ ଫୁଲ ଅର୍ପଣ କରାଯାଇଥିଲା; ଯାହା କେବେ ଫୁଟିବ ନାହିଁ" ବା ତା ପରେ ମୁଁ ଆଉ ଏକ ସୁନ୍ଦର ଗୋଲାପ ଗଛ ପାଖକୁ ଗଲି; ହେଲେ ମୋର ଗୋଲାପ ଈର୍ଷାରେ ଦୂରେଇଗଲା ଏବଂ ତାର କଣ୍ଟା ହିଁ ଥିଲା ମୋର ଏକ ମାତ୍ର ଆନନ୍ଦ ଭିତରେ ବ୍ଲେକ୍‌ଙ୍କ ଅଭିବ୍ୟକ୍ତି ଅତ୍ୟନ୍ତ ତୀର୍ଯ୍ୟକ ! ଅର୍ଥାତ ପ୍ରେମର ଜ୍ୱଳନ ହିଁ କଣ୍ଟା ଭାବେ ବ୍ୟକ୍ତ ହୋଇଛି କବିତାରେ। ଯାହା ଚିରକାଳ ଦେଇଥାଏ ମଧୁର ଯନ୍ତ୍ରଣା ! ଅନୁରୂପ ଭାବେ ବିଦ୍ୟୁତ୍‌ପ୍ରଭାଙ୍କ 'ଗୋଲାପ' କବିତାରେ କବି ଗୋଲାପକୁ ଅରୁଣ-ଅଧର ସ୍ମିତ-ଶିରୀ ଫୁଲ ଅପସରୀ ବୋଲି ସମ୍ବୋଧନ କରିବା ସହିତ ପ୍ରେମର ଉଚ୍ଛଳତା ଯୌବନର ଚିର ସହଚର ହୋଇଥାଏ ଏବଂ ତାହା ବେଦନା-ବିଧୁର ଅଧରରେ ସ୍ମିତହସ ଭଳି ଲାଖିଯାଏ ବୋଲି ଉଲ୍ଲେଖ କରିବାର ପ୍ରଚ୍ଛନ୍ନରେ ସମ ଧରଣର ବକ୍ତବ୍ୟ ପରିପ୍ରକାଶିତ ହୋଇଛି । ବ୍ଲେକ୍‌ଙ୍କ 'ଗୋଲପର କଣ୍ଟାର ମଧୁର ଯନ୍ତ୍ରଣା' ସହିତ ବିଦ୍ୟୁତ୍‌ପ୍ରଭାଙ୍କ 'ବେଦନା-ବିଧୁର ଅଧରରେ ମଧୁର ହାସ' ସେହି ସମଧରଣର ଅଭିବ୍ୟକ୍ତିକୁ ଧରିରଖିଛି।

**ତୁଳନାର ନବ-ମୂଲ୍ୟାୟନ- William Blake ଙ୍କ 'The Voice of the Ancient Bard' ଓ ବିଦ୍ୟୁତ୍‌ପ୍ରଭାଙ୍କ 'କାକଳି' :**

କବି William Blake ଓ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ କାବ୍ୟିକ ଦର୍ଶନ ଓ ବକ୍ତବ୍ୟରେ ଅନେକ ଭିନ୍ନତା ସତ୍ତ୍ୱେ ଅନେକ ସମତା। ବେଳେବେଳେ ପୂର୍ଣ୍ଣାଙ୍ଗ କବିତା ମଧ୍ୟରେ ସମତା ରହିଥିବା ସ୍ଥଳେ ବେଳେବେଳେ କବିତାର ଆଂଶିକରେ ଆମେ ସମ ଧରଣର ଅଭିବ୍ୟକ୍ତିକୁ ଲକ୍ଷ୍ୟ କରିପାରିବା। ଯେଉଁଠି ସମୟର ଦୀର୍ଘ ବ୍ୟବଧାନ ଥିବା ସତ୍ତ୍ୱେ ଦୁଇଜଣ କବିଙ୍କର ଚେତନା ଯେ ଏକ ହୋଇପାରେ। ସେହି ଦୃଷ୍ଟି ହିଁ ହେଉଛି ଦ୍ରଷ୍ଟାର ଭବିଷ୍ୟଦୃଷ୍ଟି।

"Youth of delight, come hither,

And see the opening morn,
Image of truth newborn.
Doubt is fled, & clouds of reason,
Dark disputes & artful teasing.
Folly is an endless maze,
Tangled roots perplex her ways:
How many have fallen there!
They stumble all night over bones of the dead,
And feel they know not what but care,
And wish to lead others when they should be led." (William Blake, Songs of Experience, The Voice of the Ancient Bard)

"ଯୌବନର ଆନନ୍ଦ, ଏଠାକୁ ଆସ,
ଏବଂ ପ୍ରାତଃକାଳ ଦେଖ,
ସତ୍ୟର ପ୍ରତିଛବି ନବଜାତ ।
ସନ୍ଦେହ ପଳାଇ ଯାଇଛି, ଏବଂ ଯୁକ୍ତିର ମେଘ,
ଅନ୍ଧକାର ବିବାଦ ଏବଂ କଳାଚିନ୍ତା" (ଓଡ଼ିଆ ଅନୁବାଦ)

"ତନ୍ଦ୍ରିତ ଧରା ଜ୍ୟୋସ୍ନା ଯାମିନୀ
ଭରା ଫାଲ୍‌ଗୁନ ମାସ
କାନନ କୁଞ୍ଜେ କୁସୁମ ପୁଞ୍ଜେ
ଖେଳୁଛି ଶୁଭ୍ର ହାସ ।
ଘନ ଦୂର ବନ ଅନ୍ତରାଳୁ କେ
ଡାକୁଅଛି ରହିରହି
ସୃଷ୍ଟିର କୋଟି ଛନ୍ଦରୁ ଏକ
ଆସୁଛି କି ସତେ ବହି ।" (ବିଦ୍ୟୁତ୍‌ପ୍ରଭା ଦେବୀ, ଖଦ୍ୟୋତିକା, କାକଳି )

କବି ବ୍ଲେକ୍‌ଙ୍କ The Voice of the Ancient Bardରେ ଯୌବନର ଆନନ୍ଦକୁ ପ୍ରାତଃକାଳ ଦେଖି ସତ୍ୟର ନବଜାତ ପ୍ରତିଛବିକୁ ପ୍ରତିଷ୍ଠା ଦେବାର ବୈତାଳିକରେ ବିପର୍ଯ୍ୟସ୍ତ ଯେତେସବୁ ଅନ୍ଧକାର, ବିବାଦ, ବିଷାକ୍ତ ଚିନ୍ତା, ବାକ୍-ଯୁଦ୍ଧ, ସନ୍ଦେହ ଓ ତ୍ରାଶ । ଅନୁରୂପ ପ୍ରସଙ୍ଗ ବିଦ୍ୟୁତ୍‌ପ୍ରଭାଙ୍କ 'କାକଳି' କବିତାରେ ବ୍ୟକ୍ତ ହୋଇନଥିଲେ ମଧ୍ୟ ରଖିଥାଏ ସାଦୃଶ୍ୟ । କବି ବିଦ୍ୟୁତ୍‌ପ୍ରଭା ତନ୍ଦ୍ରିତ ଧରା ଜ୍ୟୋସ୍ନା ଯାମିନୀ ଭରା ଫାଲ୍‌ଗୁନରେ କାନନ କୁଞ୍ଜେରେ କୁସୁମ ପୁଞ୍ଜେରେ ଶୁଭ୍ର ହାସ ଖେଳାଇ କେଉଁ ଦୂର ଘନବନ ଅନ୍ତରାଳରୁ କେହି ଡାକୁଅଛି ରହିରହି ସୃଷ୍ଟିର କୋଟି ଛନ୍ଦରୁ ଭଳି ପଂକ୍ତି ସମୂହରେ ନୂତନ ପ୍ରଭାତର ସୁରମ୍ୟ ବୈତାଳିକ ଭାବେ ପକ୍ଷୀର କାକଳିକୁ ବ୍ୟବହାର କରିଛନ୍ତି ଏକ ମେଟାଫର ଭଳି । ଉଭୟ 'The Voice of the Ancient Bard' ଓ 'କାକଳି'ରେ ଯେଉଁ ନୂତନ ପ୍ରଭାତ ଓ ଜ୍ୟୋସ୍ନା ଯାମିନୀ ଭରା ଫାଲ୍‌ଗୁନରେ କାନନ କୁଞ୍ଜର ଅନ୍ତରାଳୁ ପରିବର୍ତ୍ତନର ମନ୍ଦ୍ରିତ ଆଶାବାଦର ଉଲ୍ଲମ୍ଫନ ରହିଛି - ସେହି ଗୋଟିଏ ବିନ୍ଦୁରେ ହିଁ ଉଭୟ କବିତାର ସାର୍ଥକତା ନିହିତ ।

**ତୁଳନାର ନବ-ମୂଲ୍ୟାୟନ- William Blakeଙ୍କ 'To the Evening Star' ଓ ବିଦ୍ୟୁତ୍‌ପ୍ରଭାଙ୍କ 'କୁଆଁତାରା' :**

William Blakeଙ୍କ 'Poetical Sketch'ର 'To the Evening Star' କବିତା ଏବଂ କବି ବିଦ୍ୟୁତ୍‌ପ୍ରଭାଙ୍କ 'ଖଦ୍ୟୋତିକା'ର 'କୁଆଁତାରା' କବିତାର ସୌନ୍ଦର୍ଯ୍ୟବୋଧ ଓ ଭାବପ୍ରେକ୍ଷା ପ୍ରାୟତଃ ସମଧରଣ । ଯଦିଓ ବ୍ଲେକ୍ ତାଙ୍କ କବିତାରେ ଅଧିକ ବର୍ଣ୍ଣନାତ୍ମକ ଏବଂ ବିଦ୍ୟୁତ୍‌ପ୍ରଭା ଅତ୍ୟନ୍ତ ସାଙ୍କେତିକ ! ମାତ୍ର ଉଭୟ କବିତାର ଦୃଷ୍ଟି ଓ ଦିଗନ୍ତ ଅବଶ୍ୟ ହୋଇପାରନ୍ତି ତୁଳିତ ।

"Thou fair-hair'd angel of the evening,
Now, while the sun rests on the mountains, light
Thy bright torch of love; thy radiant crown
Put on and smile upon our evening bed!
Smile on our loves, and while thou drawest the
Blue curtains of sky, scatter thy silver dew
On every flower that shuts its sweet eyes
In timely sleep. Let thy west wind sleep on
The lake; speak silence with thy glimmering eyes,
And was dusk with silver. XXX" (William Blake, Poetical Sketch, To the Evening Star)

"ହେ ସନ୍ଧ୍ୟାର ସୁନ୍ଦର ଶୁଭ୍ରକେଶ ଦୂତ, ଏବେ
ଯେତେବେଳେ ସୂର୍ଯ୍ୟ ପର୍ବତ ଉପରେ ବସିଛ,
ତୁମର ପ୍ରେମର ଉଜ୍ଜ୍ୱଳ ମଶାଲ ଜଳାଅ;
ତୁମର ଉଜ୍ଜ୍ୱଳ ମୁକୁଟ ପିନ୍ଧ ଏବଂ
ଆମ ସନ୍ଧ୍ୟା ଶଯ୍ୟା ଉପରେ ହସ !
ଆମ ପ୍ରେମରେ ହସ ଏବଂ ଯେତେବେଳେ ତୁମେ ଆକାଶର ନୀଳ ପରଦା ଆଙ୍କିବ, ତୁମର ରୁପା କାକର ସିଞ୍ଚିତ ହେବ ଫୁଲରେ ଫୁଲରେ; ଆଉ ମଧୁର ବେଳାରେ ଚକ୍ଷୁ ମୁଦ୍ରିତ କର ନିଦ୍ରାରେ ।
ତୁମର ପଶ୍ଚିମ ପବନ ହ୍ରଦ ଉପରେ ଶୋଇବାକୁ ଦିଅ;
ତୁମର ଚମକିତ ଉଜ୍ଜ୍ୱଳ ଆଖିର ନୀରବତାରେ କୁହ କଥା;
ଆଉ ସନ୍ଧ୍ୟାକୁ ଧୋଇଦେଇଯାଅ ଜ୍ୟୋସ୍ନାଚକିତ ରୁପାରେ ।"
(ଓଡିଆ ଅନୁବାଦ)

"ସରଗ-ନଈର ପରାଚୀ-ତୁଠରେ ପ୍ରଭାତ-ସିନାନ ସାରି ଗୃହେ ଚାଲେ ଉଷା ଏଇ ପଦୁଅଁଟି ସରାଗେ ଗଭାରେ ମାରି ।" (ବିଦ୍ୟୁତ୍‌ପ୍ରଭା ଦେବୀ, ଖଦ୍ୟୋତିକା, କୁଆଁତାରା)

William Blakeଙ୍କ 'To the Evening Star' କବିତାରେ କବି ପ୍ରଭାତୀ ତାରାକୁ ସମ୍ବୋଧନ କରି କହୁଛନ୍ତି ହେ ସନ୍ଧ୍ୟାର ସ୍ନିଗ୍ଧ ଶୁଭ୍ରକେଶା ଦୂତ; ତୁମେ ବସିଛ ସୂର୍ଯ୍ୟ-ପର୍ବତ ଉପରେ; ଜଳାଇ ପ୍ରେମର ଉଜ୍ଜ୍ୱଳ ମଶାଲ; ଏବେ ତୁମେ ତୁମର ଉଜ୍ଜ୍ୱଳ ମୁକୁଟ ପିନ୍ଧ ଏବଂ ସନ୍ଧ୍ୟାର ଶଯ୍ୟା ଉପରେ ହସ; ଆଉ ପ୍ରେମରେ ବି ହସ ଏବଂ ଯେତେବେଳେ ତୁମେ ଆକାଶର ନୀଳ ପରଦା ଆଙ୍କିବ; ତୁମର ରୁପା କାକର ସିଞ୍ଚିତ ହେବ ଫୁଲରେ ଫୁଲରେ; ଆଉ ମଧୁର ବେଳାରେ ଚକ୍ଷୁ ମୁଦ୍ରିତ କର ନିଦ୍ରାରେ । ଆଉ ପଶ୍ଚିମ ପବନ ହ୍ରଦ ଉପରେ ଶୋଇବାକୁ ଦିଅ; ତୁମର ଚମକିତ ଉଜ୍ଜ୍ୱଳ ଆଖିର ନୀରବତାରେ କୁହ କଥା ଏବଂ ସନ୍ଧ୍ୟାକୁ ଧୋଇଦେଇ ଯାଅ ଜ୍ୟୋସ୍ନା-ଚକିତ ରୁପାର ଆଲୋକରେ । କବି ବିଦ୍ୟୁତ୍‌ପ୍ରଭା ଦେବୀ 'କୁଆଁତାରା'ରେ ସରଗ-ନଈର ପୂର୍ବ ଦିଗରେ ପ୍ରଭାତ-ସ୍ନାନ ସରି ଦେବୀ ଉଷା କୁଆଁତାରା ରୂପକ ପଦ୍ମଫୁଲକୁ ସରାଗରେ ନିଜ ଗଭାରେ ମାରି ଯେପରି ବାହୁଡ଼ି ଯିବା କଥାଟି ପ୍ରତୀକିତ କରେ ପ୍ରଭାତ ହେବା ମାତ୍ରେ ଅଦୃଶ୍ୟ ହୋଇଯାଉଥିବା ପ୍ରଭାତୀ ତାରାକୁ ସତେକି ଉଷାଦେବୀ ନିଜ ଗଭାରେ ପିନ୍ଧି ସକାଳ ପହରେ ବାହୁଡ଼ି ଗଲେ । 'ସନ୍ଧ୍ୟାକୁ ଧୋଇଦେଇ ଯାଅ ଜ୍ୟୋସ୍ନା-ଚକିତ ରୁପାର ଆଲୋକରେ' ବା 'ଗୃହେ ଚାଲେ ଉଷା ଏଇ ପଦୁଅଁଟି ସରାଗେ ଗଭାରେ ମାରି' ଭଳି ପଂକ୍ତି ସମୂହରେ ଅନୁଭବ କରାଯାଇପାରିବ ଉଭୟ ବ୍ଲେକ୍ ଓ ବିଦ୍ୟୁତ୍‌ଙ୍କ ରୂପକଳ୍ପଧର୍ମୀ କାବ୍ୟବୋଧକୁ ।

## କବି ୱିଲିୟମ ବ୍ଲେକ୍ ଓ କବି ବିଦ୍ୟୁତ୍‌ପ୍ରଭା – ତୁଳନାର ନବୀନ ନିଷ୍କର୍ଷ :

କବି ୱିଲିୟମ ବ୍ଲେକ୍ ଓ କବି ବିଦ୍ୟୁତ୍‌ପ୍ରଭାଙ୍କ ମଧ୍ୟରେ ବୟସର ତାରତମ୍ୟ ଅନେକ । ପ୍ରାୟ ୧୬୯ ବର୍ଷର ବ୍ୟବଧାନ । ମାତ୍ର ଉଭୟଙ୍କ ସଂକ୍ଷିପ୍ତ ପରିଧିର କବିତାର ସଂରଚନା ତଥା ରୂପକଳ୍ପଧର୍ମୀ ଚିତ୍ରପ୍ରତୀମ କାବ୍ୟବୋଧ ସମୟର ତରାତମ୍ୟ ସତ୍ତ୍ୱେ ବେଶ୍ ସମଧର୍ମା । ଆଉ ଗୋଟିଏ କଥା ଏଠାରେ ଅବଶ୍ୟ କୁହାଯିବା ଉଚିତ ଯେ ବ୍ଲେକ୍‌ଙ୍କ ବିଭିନ୍ନ ସଙ୍କଳନକୁ ଏଥିରେ ସ୍ଥାନିତ କରାଯାଇଥିଲେ ହେଁ କବି ବିଦ୍ୟୁତ୍‌ପ୍ରଭାଙ୍କର କେବଳ 'ଖଦ୍ୟୋତିକା'କୁ ଏହି ତୁଳନାତ୍ମକ ଆଲୋଚନାର ପରିସରଭୁକ୍ତ କରାଯାଇଛି । ଏହାର ମଧ୍ୟ ଏକ ବିଶେଷ କରଣ ରହିଛି । ବ୍ଲେକ୍‌ଙ୍କ ବିଶେଷତଃ ତିନିଟି ବିଶ୍ୱ ବିଖ୍ୟାତ ସୃଷ୍ଟି Poetical Sketches, Song of Innocence ଏବଂ Songs of Experienceର କେତେକ କବିତା ସହିତ କବି ବିଦ୍ୟୁତ୍‌ପ୍ରଭାଙ୍କର 'ଖଦ୍ୟୋତିକା' ଭାବଧାରାର କବି ଏବଂ ଉଭୟ ସ୍ୱୀୟ ପ୍ରକୃତି ଓ ସ୍ୱୀୟ ଦାର୍ଶନିକ ଅନୁଚିନ୍ତାରେ ସର୍ଜିଛନ୍ତି ନିଜନିଜ କାବ୍ୟ-ବଳୟ । ବ୍ୟକ୍ତିଗତ ଭାବେ ଉଭୟଙ୍କ ବ୍ୟକ୍ତିତ୍ୱ ଭିନ୍ନଭିନ୍ନ ହୋଇଥିଲେ ହେଁ କାବ୍ୟ-ସୌନ୍ଦର୍ଯ୍ୟର ସମତା ଓ କବିତା ସମୂହର ଶୈଳ୍ପିକ ଆବେଦନ ଉଭୟଙ୍କୁ ଗୋଟିଏ ପ୍ରେକ୍ଷାରେ ଆଲୋଚନା କରିବା ନିମନ୍ତେ ପରିସର ସୃଷ୍ଟି କରିଛି ।

## References (English):


1. Blake, William, The Penguin Poets, Penguine Books, Australia, Reprint-1964
2. Blake, William, Selected Poems, Atlantic, New Delhi, 2018
3. Mason, Michael, William Blake, Oxford University Press, New York, Reissued-2008
4. Yets, W.B., William Blake Collected Poems, Routledge Classics, Londan/New York, 2002


## ସହାୟକ ଗ୍ରନ୍ଥସୂଚୀ :


୧. ମହାନ୍ତି, ସଚ୍ଚିଦାନନ୍ଦ, କବି ବିଦ୍ୟୁତ୍‌ପ୍ରଭାଙ୍କ ଶ୍ରେଷ୍ଠ କବିତା, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୦୧

୨. ମହାନ୍ତି, ସଚ୍ଚିଦାନନ୍ଦ, ଅନ୍ୟ ଦୃଷ୍ଟିରେ ବିଦ୍ୟୁତ୍‌ପ୍ରଭା, ପଶ୍ଚିମା ପବ୍ଲିକେସନ୍ସ, ଭୁବନେଶ୍ୱର, ୨୦୨୦

୩. ରାୟ, ସୁଧାଂଶୁଶେଖର, କବି ବିଦ୍ୟୁତ୍‌ପ୍ରଭା-ଜୀବନୀ ଓ ସାରସ୍ୱତ କୃତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୯୯

୪. ଶତପଥୀ, ନିତ୍ୟାନନ୍ଦ, ବିଦ୍ୟୁତ୍‌ପ୍ରଭା ଗ୍ରନ୍ଥାବଳୀ, ପ୍ରଥମ ଭାଗ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୧୯୮୩

୫. ଶତପଥୀ, ନିତ୍ୟାନନ୍ଦ, ବିଦ୍ୟୁତ୍‌ପ୍ରଭା ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୧୯୮୩ ।

DOI : https://doi.org/10.5281/zenodo.18529073 ମୂଳ ପ୍ରବନ୍ଧ

# କାବ୍ୟ ଚେତନାର ବିଭା ଓ ବିଭୂତି: କବି ପ୍ରଦ୍ୟୁମ୍ନ ସେନାପତି

**ବବ୍ରୁବାହନ ମହାପାତ୍ର**

**ସଂକ୍ଷିପ୍ତସାର :**

ଉତ୍ତର ଅଶୀ ଓଡ଼ିଆ କବିତା କ୍ଷେତ୍ରରେ ସେନାପତି ପ୍ରଦ୍ୟୁମ୍ନ କେଶରୀ ଜଣେ ଖ୍ୟାତିସିଦ୍ଧ କବି। ସମାଜ ଚେତନା, ସାଧାରଣ ମଣିଷର ଦୁଃଖ ଦୁର୍ଦ୍ଦଶା,ପରିବେଶ ସଙ୍କଟ ତଥା ମିଥ୍ର ନବମୂଲ୍ୟାୟନ ଦୃଷ୍ଟିରୁ ତାଙ୍କ କବିତାର କଳା ବିଭବ ବେଶ୍ ସ୍ମରଣୀୟ। ସମକାଳୀନ ସାମାଜିକ ପରିବେଶ ଓ ଜୀବନଧାରାକୁ ସାର୍ଥକ କାବ୍ୟରୂପ ଦେବାରେ ତାଙ୍କ କୃତିତ୍ୱ ପ୍ରଶଂସନୀୟ। ମହୁମୁହାଣ, ଧୂଳି ବେଶ, ଅଲଗା ଅଯୋଧ୍ୟା, ପୂତନା, ଖେଳ ଛୁଟିର ଖରା, ପୁରାଣ ନଦୀ, ଗୋପଯାତ୍ରା, ପାପ ତୃଷ୍ଣା, ଭାଜ୍ୟ ଭାଜକ ଆଦି ତାଙ୍କର ଉଲ୍ଲେଖନୀୟ କବିତା ସଂକଳନ। ଏହି ପ୍ରବନ୍ଧରେ ପ୍ରଦ୍ୟୁମ୍ନ କେଶରୀଙ୍କ କାବ୍ୟ ବିଭବ ଓ କବିତ୍ୱ କଳାର ବିଶ୍ଳେଷଣ କରାଯାଇଛି। ଯେକୌଣସି ସଫଳ ସାରସ୍ୱତ ସ୍ରଷ୍ଟାର ସମାଜ ମନସ୍କତା ଓ ଜୀବନ ସଂପ୍ରୀତି ହିଁ ତାର କାବ୍ୟ ଚେତନାକୁ ପରଖିବାର ଅସଲ ଚାବିକାଠି। କାରଣ ସମାଜ ଓ ଜୀବନକୁ ଉପେକ୍ଷା କରି କବିତା ବଞ୍ଚି ପାରେନା କସ୍ମିନ କାଳେ। କବି କେଉଁ କଳ୍ପିତ ସ୍ୱର୍ଗ ରାଜ୍ୟରେ ବିଚରଣ କରିପାରେନା, ସେ ସର୍ବଦା ମେଦିନୀ ଦୃଷ୍ଟିସମ୍ପନ୍ନ। ସମାଜର ଭଲମନ୍ଦ ସୁଖ ସମସ୍ୟା ଓ ଜୀବନର ପ୍ରଗତି ଦୁର୍ଗତି କବିତାର ପ୍ରକୃତ ସମ୍ପତ୍ତି। ଦୈନନ୍ଦିନ ଜୀବନ ଯାତ୍ରାରେ ଆମେ ସମସ୍ତେ ସମାଜକୁ ଦେଖୁ, ମାତ୍ର କବିର ଦୁର୍ନିରୀକ୍ଷ ଦୃଷ୍ଟି ସମାଜର ଅଦୃଶ୍ୟ ସତ୍ୟକୁ ଦେଖି ଦେଖାଇ ଦିଏ। ସମାଜର ବିଶାଳ ସିନ୍ଧୁ ହିଁ କବି କଲମର ପ୍ରତୀକିତ ବିନ୍ଦୁ। କବି ତ୍ରିଲୋଚନ। ତାର କଳାତ୍ମକ ତୃତୀୟ ଚକ୍ଷୁ ଦୃଶ୍ୟ ଭିତରେ ଅଦୃଶ୍ୟ ସତ୍ତାକୁ ନିରେଖିପାରେ। ଶିବଙ୍କ ପରି ଦୁନିଆର ଯାବତୀୟ ହଳାହଳକୁ ଆତ୍ମସ୍ଥ କରି କବି ଅମୃତ ପରଷିପାରେ, ଏହା ତାର କୌଳିକ ବୃତ୍ତି ଓ ଚୈତ୍ତିକ ପ୍ରବୃତ୍ତି। ଜୀବନ ଭିତରେ ହଜାର କ୍ଳେଶ ଓ କଲୁଷ ଥିଲେ ବି ସେ ଜୀବନକୁ ଭଲପାଏ, ତାକୁ ସୁଧାରିବାକୁ ପ୍ରାଚୋଦିତ କରେ। ନାଭି ନର୍କର ଅନ୍ଧାରୀ କୋଠରୀରେ ସେ ସ୍ୱର୍ଗର ନନ୍ଦନ ବନକୁ ବାଟ କଢାଏ। ସବୁ ଜରା ଯନ୍ତ୍ରଣାର ଗ୍ଳାନିକୁ ଧୋଇ ଦେଇ ଆଶା ଆନନ୍ଦର ଦିଶା ନିର୍ଦ୍ଦେଶ କରେ। ଏଇ ଜୀବନ ପ୍ରେମିକତା କବିର ମୌଳିକ କର୍ମ ଓ ଧର୍ମ। ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ କବିତା ଏହି ନିରୁତା କବି କୌଳୀନ୍ୟର ଶାବ୍ଦିକ ଆଲବମ୍, ଯହିଁରେ ଜୀବନର ପ୍ରସ୍ତ ପ୍ରସ୍ତ ଫଟୋଗ୍ରାଫ ଓ ସମାଜର ରଙ୍ଗ ବେରଙ୍ଗର ଜଳଛବି ଗଚ୍ଛିତ। ସେଠି ଅଯୋଧ୍ୟାର ଅଲଗା ଦୃଶ୍ୟ ଦିଶେ, ମହୁର ମୁହାଣରେ ମଣିଷ ଭାସେ, ପୂତନା ପୂତି ନର୍କରୁ ମାତୃତ୍ୱର ବିଭୂତି ମାଖେ, ପାପ ତୃଷ୍ଣାରେ ଅତିଷ୍ଠ ମଣିଷ ପୁରାଣ ନଦୀରେ ସ୍ନାନ କରି କଳା ଠାକୁରର ଧୂଳି ବେଶ ଦେଖେ ଓ ଗୋପର ଅଭିଯାତ୍ରୀ ହେବାକୁ କଦମ୍ ବଢାଏ। ବସ୍ତୁତଃ ସେନାପତିଙ୍କ କବିତା ଜୀଜୀବିଷାର ଗୀତ ଗାଏ, ସମାଜର ଚାଳିଶା ଶୁଣାଏ। ରାଜନୀତିର ଛକା ପଞ୍ଝା ଖେଳ ଦେଖାଏ। ସମ୍ବେଦନାରେ ଶୋଷିତ ନିପୀଡ଼ିତର ପିଠି ଥାପୁଡାଏ, Poetic Justisକୁ ବି ସମ୍ମାନ ଦିଏ।

**ପ୍ରମୁଖ ଶବ୍ଦାବଳୀ:**

ପ୍ରଦ୍ୟୁମ୍ନ କେଶରୀ, ପୂତନା, ପକ୍ଷର୍ଶଲ୍ ବୋମା, ମଧୁବି, ଖଟିଖିଆ, କୁଷ୍ଠୀ, ଜଙ୍ଗଲ କ୍ଷୟ, ପରିବେଶ ସୁରକ୍ଷା, ଅଯୋଧ୍ୟା, ପାପ ତୃଷ୍ଣା, କ୍ଷମତା ଲୋଭ, ଶିଳ୍ପ ବିଭବ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18529073

Article No - BPP00373

**ଯୋଗାଯୋଗ : ପ୍ରଫେସର ବବ୍ରୁବାହନ ମହାପାତ୍ର**
ବିଭାଗ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
**Email :** dr.babrubahanmahapatra123@gmail.com
**ORCID ID:** https://orcid.org/0009-0009-1425-1269

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାପାତ୍ର, ବବ୍ରୁବାହନ ; ୨୦୨୬। କାବ୍ୟ ଚେତନାର ବିଭା ଓ ବିଭୂତି: କବି ପ୍ରଦ୍ୟୁମ୍ନ ସେନାପତି। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଞ; ପୃଷ୍ଠା :୧୬-୨୦।

ଚାଳିଶ ବର୍ଷର କାବ୍ୟିକ ଯାତ୍ରା ପଥରେ ସେନାପତି ବେଥକ୍ ବାଟ ଚାଲିଛନ୍ତି, ଉଜୁଡା ସଂସ୍କୃତିକୁ ସଜାଡ଼ିବାର ଉଦ୍ୟମ କରିଛନ୍ତି। ଚୁମାରେ ବୋମାକୁ ଡିଫ୍ୟୁଜ୍ କରିଛନ୍ତି, ନିରାଶ ମେଘରେ ଆଶାର ବର୍ଷା ବିନ୍ଦୁ ଝରାଇଛନ୍ତି। ଆଉ ଶବ୍ଦରେ ଶବ୍ଦରେ ଶୁଭଗତାର ମନ୍ତ୍ର ପାଠ କରିଛନ୍ତି। ମହିମ୍ନ ତାଙ୍କ କବିତାର ଭାବ ବିନ୍ୟାସ, ମନୋଜ୍ଞ ତାଙ୍କ ଭାଷାର କାନଭାସ। ବାସ୍ତବତାର ଚରା ଭୁଇଁରେ କୃତ୍ରିମତା ସେଠି ହାର୍ ମାନେ, ସଚ୍ଚା ପାଠକ କୁଷ୍ଟୀ କବିତାର ଧାଡ଼ି ଗୁଣୁଗୁଣାଉ ଥାଏ। ବିବାହ ନକରି ପୂତନା ଈଶ୍ୱର ପୁତ୍ରକୁ କୋଳେଇ ଧରେ ମାତୃତ୍ୱର ଉ ଳା ଆବେଗରେ। ଆଉ ଆମ୍ ଗର୍ବରେ କହେ-

"ଦେଖ ଦେଖ ସୀମନ୍ତିନୀ ମାନେ
ମୁଁ କେମିତି ମା ହେଲି
ଶୃଙ୍ଗାର ଓ ସଂଗମ ନଥାଇ
ବିନା ଶଙ୍ଖା, ବିନା ସିନ୍ଦୂରରେ" (୧)

ଉଆଁସ ରାତିରେ ଉଜାଳା, ଅଶୁଭ ଭିତରେ ଶୁଭ ଓ ପଙ୍କ ଭିତରେ ପଦ୍ମର ସୁଗନ୍ଧ ଖୋଜିବା ତ କବିସାର ସାର୍ଥକ ଅନ୍ୱେଷା, ଯାହା ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ କଳାବୋଧରେ ଆକଳନ କରିହୁଏ। ମଧ୍ୟବିତ୍ତ ଓ ଖଟିଖିଆ ମଣିଷର ଦୈନନ୍ଦିନ ଜୀବନ ସଂଘର୍ଷକୁ ମାପିବାର ନିପୁଣତା ପ୍ରଦ୍ୟୁମ୍ନ କେଶରୀଙ୍କ କବିତାର ପୃଷ୍ଠାରେ ବେଶ୍ ପ୍ରତିଫଳିତ। କବି ଅନୁଭବିଛନ୍ତି ପଘା ବନ୍ଧା ବଳଦ ପରି ବଞ୍ଚୁଥିବା ମଣିଷର ଜଞ୍ଜାଳିକ ବେଦନାକୁ, ପଢିଛନ୍ତି ତାର ଭୋକର ଭୂଗୋଳକୁ ଓ ସାହୁକାରୀ ଶୋଷଣର ପୀଡାକୁ। ଅନୁରୂପ ଭାବେ ନାରୀ ନିର୍ଯାତନା, ଯୌତୁକ ଜୁଇର ଯାତନା, ଅବିବାହିତା କାଳୀ ଝିଅର ବିମର୍ଶ ଭାଗ୍ୟ ଓ ତାର ଅଭାବୀ ପିତାର ସ୍ୱପ୍ନଭଙ୍ଗ ନାଚାର ପଣକୁ। ତଥା ସମ୍ଭେଦୀ କଲମ ମୁନରେ ଆଙ୍କିଛନ୍ତି ଚାକିରିଆ ନାରୀର କର୍ମକ୍ଳାନ୍ତ ଦୁରବସ୍ଥାକୁ। ଯାନ୍ତ୍ରିକ ସଭ୍ୟତାର ଚାକଚକ୍ୟ ଆଜି ଛଡାଇ ନେଇଛି ସ୍ୱଭାବ ସୁନ୍ଦର ପଲ୍ଲୀର ନିସର୍ଗ ଶୋଭା ଓ ଭାଇଚାରାକୁ। ଗାଁ ଗାଁ ରେ ମଦ ଭାଟି, କୁଜି ନେତାଙ୍କ କାରସାଦି। ମାଣବସା ଗୁରୁବାର, ନୂଆଖାଇ, ଦୋଳ ଯାତ, ପୂଜା ପାର୍ବଣ ସବୁ ଫିକା ପଡ଼ି ଯାଉଛି। ପାରମ୍ପରିକ ପଲ୍ଲୀ ସଂସ୍କୃତି ଓ ପରମ୍ପରା ଉଜୁଡି ଯିବାର କ୍ଷୋଭରେ କବି ଚେତନା ହୋଇଛି ମର୍ମାହତ। ସତ୍ୟ, ଧର୍ମ, ନ୍ୟାୟ, ସାଧୁତା, ସଙ୍କୋଚତା ବଦଳରେ ହିଂସା, ଦ୍ୱେଷ ଗୋଷ୍ଠୀ କନ୍ଦଳରେ ପାରମ୍ପରିକ ପଲ୍ଲୀ ଜୀବନ ହୋଇଛି ପଙ୍କିଳ। ଏହି ଅବିସମ୍ବାଦିତ ବାସ୍ତବତାକୁ କବି ଅଣଦେଖା କରିନି। ବରଂ ସ୍ମୃତିର ଚଷମା କାଚରେ ସେ ଦେଖିଛନ୍ତି ଅତୀତ ପଲ୍ଲୀର ମାନଚିତ୍ରକୁ।

"ଦୁଶି ଯାଏ ମାମୁଁଘର ଗାଁ
ମାଇଲ ମାଇଲ ଧାନ କ୍ଷେତ
ଖଜୁରୀ ଓ ତାଳ ଗଛ
ଗାଇଆଳ ଟୋକାର
ବେତାଳ ଗୀତରେ
ଲଙ୍ଗଳା ପିଲାମାନେ
ଗଡୁ ଥାନ୍ତି ଧୂଳିରେ
ଧୂଳିଆ ହୋଇ
ଗହଳ ଦାଣ୍ଡରେ। "(୨)

ମାଆର ଲକ୍ଷ୍ମୀ ହାତର ସ୍ପର୍ଶରେ ଗାଁର ମାଟି ଘର ବି ଝଟକି ଉଠେ। ତାର କର୍ମଠ ହାତର ପରଶରେ ଦାଣ୍ଡ ଦୁଆର, ଗାଈ ଗୁହାଳ, ଧାନ ଖଳା, ହାଣ୍ଡି ଶାଳ ସବୁଠି ସ୍ୱଚ୍ଛତା ଲହଡ଼ି ମାରେ। ତା' ହାତର ଯାଦୁକରୀ ଶକ୍ତିରେ ଜାତି ଜାତି ପିଠା, ତାର ଲୋରୀ ଗୀତ କୋଇଲିର କୁହୁ ପରି ମିଠା। ପଲ୍ଲୀରେ ଅତିକ୍ରାନ୍ତ ଶୈଶବର କଥା ମନେ ପକାଇ କବି କହନ୍ତି-

"ମୁଁ ଦେଖିଛି
କେମିତି ବାତଚକ୍ର ପରି
ଘର ଠୁ ବାଡ଼ି ଯାଏ ବୋଉ ଘୂରୁଥିଲା
ହାଣ୍ଡି ଶାଳ ଠୁ ଦହି ମୁହା ଯାଏ
ଗାଈ ଗୁହାଳ ଠୁ ଧାନ ଖଳା ଯାଏ
ସବୁଠି ବୁଲି ଯାଉଥିଲା ତାର ଚ ଳ ହାତ
ତା ପରଷ ପାଇ
ଝୋଟି ଚିତାରେ ଝଟକୁ ଥିଲା
ଘରର ମାଟି କାନ୍ଥ।" (୩)

ମିତ୍ରତାର ମଧୁ ପାତ୍ରରେ ବି ଥାଇ ପାରେ ବିଷ କୁମ୍ଭ। ବଡ଼ ବିଚିତ୍ର ଆମର ସାମାଜିକ ଜୀବନ। ପ୍ରେମର ଉପହାର ବାକ୍ସରେ ବି ଥାଇପାରେ ବିଷଧର ସାପ। କିଏ ଭାବିପାରେ ଏ ଛଳନାର ଛଦ୍ମତାକୁ ? କ୍ଷମତା ଲୋଭର ନିଶା ଏତେ ଅମାନୁସିକ ହେବ ବୋଲି କିଏ ବା କଳନା କରିପାରେ ? ପାଟଣା ଗଡ଼ର ସେଇ ଲୋମ ଟାଙ୍କୁରା ଘଟଣା ଏବେ ବି ଜନମାନସରୁ ଲିଭି ପାରିନାହିଁ। ଜଣେ ଶିକ୍ଷିତ ଅଧ୍ୟାପକ ଭିତରେ ଜହ୍ଲାଦଟିଏ ବସା ବାନ୍ଧି ଦୁଇଟି ନିଷ୍ପାପ ଦମ୍ପ ିର ସଂସାର ଉଜାଡି ଦେଲା। ଏହି ବାସ୍ତବ ଘଟଣାର ରୂପ ଦେଇଛନ୍ତି କବି ପାର୍ସଲ ବୋମା କବିତାରେ। ପୁଞ୍ଜିଲାଲ ନାମକ ସେ ନୃଶଂସ ଜାନୁଆର ଯିଏ

ଥିଲା ଏହି ଘଟଣାର ଖଳନାୟକ, ଏବେ ସେ ଜେଲରେ ସଜା କାଟୁଛି । (୪) ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ପୂତନା, ଜାରା ଶବର, ଚନ୍ଦ୍ରସେଣା, ସୌମିତ୍ର ଆଦି କବିତା ପୁରାଣ ପ୍ରସଙ୍ଗିତ । ସେଗୁଡ଼ିକରେ ପୁରାଣ ଆଖ୍ୟାନର ପୁନରାବୃତ୍ତି ହୋଇ ନାହିଁ, ବରଂ ପୁରାଣ ଚରିତ୍ରର ମନସ୍ତତ୍ତ୍ୱ ଉଦ୍‌ଗିରିତ ଓ ଆଧୁନିକ ମଣିଷର ଚେତନା ସହ ସଂଯୋଜିତ । ତେଣୁ ପାଠକର ସବୁ ନକାରାତ୍ମକ ଭାବନାକୁ ଭୂକ୍ଷେପ ନକରି ପୂତନା ମାତୃତ୍ୱର ଗୌରବରେ ହୁଏ ଉଲ୍ଲସିତ । (୫) ସେହିପରି ଚନ୍ଦ୍ରସେଣା ପତ୍ନୀ ସୁଖ ବଞ୍ଚିତା ହେଲେ ହେଁ ମାନସିକ ସ୍ତରରେ ରାଧାଙ୍କ ପ୍ରତି କ୍ରୋଧ ବା କୁତ୍ସା ରଟନା କରି ନାହିଁ କିମ୍ବା କୃଷ୍ଣଙ୍କ ପ୍ରତି ରୁଷ୍ଟ ହୋଇ ନାହିଁ । ବରଂଚ ନିଜ ପତ୍ନୀକୁ ଦେଖି ଦେଖି ତାର ଆଦର ସୋହାଗ ମେ ।ଇବାକୁ ନିଜକୁ ଆଶ୍ୱସ୍ତ କରିଛି–

" ଏମିତି ବରଂ ଭଲ
ତୁମକୁ ମୁଁ ଦେଖୁଥାଏଁ ସବୁଦିନ
ଯୋଜନ ଦୂରରୁ
ଯେତେ ମୋର ଅଧିକାର, ସୋହାଗ
ମୋ ଭିତରେ ମାଟି ହୋଇ ଯାଉ
ସ୍ମୃତିର ଅଗଣାରେ ଖାଲି
ତୁଳସୀ ଗଛ ପରି
ତୁମକୁ ଦେଖୁ ଦେଖୁ ଉଡ଼ିଯାଉ ମୋର ପ୍ରାଣବାୟୁ ।" (୬)

'ଅଲଗା ଅଯୋଧ୍ୟା' ସଂକଳନର ସୌମିତ୍ର କବିତାଟିରେ ରାମାୟଣର ଲକ୍ଷ୍ମଣ ଚରିତ୍ରର ମନସ୍ତାପ ସ୍ୱାଭାବିକ । ଭ୍ରାତୃ ସେବାରେ ନିଜକୁ ଉତ୍ସର୍ଗ କରି ସେ ଉ୍ଙ୍ଗ ଆଦର୍ଶ ସ୍ଥାପନ କରିଥିଲେ ହେଁ ନବ ବିବାହିତା ପତ୍ନୀ ପ୍ରତି କ'ଣ କମ୍ ଅବିଚାର କରିଛି ? ଯଦି ଭାଇର ସେବା କରିବାକୁ ସେ ରାମଙ୍କ ଅନୁଗମନ କରିବାର ଥିଲା, ତେବେ କାହିଁକି ବିବାହ କରି ଗୋଟିଏ ତରୁଣୀ ନାରୀର ଜୀବନ ସ୍ୱପ୍ନକୁ ଉଜାଡି ଦେଲା ? ଜଣେ ସାଧାରଣ ବିବାହିତ ଯୁବକ ପରି ପତ୍ନୀ ପ୍ରତି ଲକ୍ଷ୍ମଣର ଦାୟିତ୍ୱବୋଧର ଏ ଅନୁସୂଚନା ବାସ୍ତବିକ ପ୍ରଶଂସନୀୟ:

"ଯଦି ମୋର ଆଗ୍ରହ ଥିଲା
ଏମିତି ନିର୍ନାରୀ ରହିବା
ତେବେ ଗୋଟେ ନିରୀହା ନାରୀ ଗଳାରେ ପଘା ପକେଇ
ବାନ୍ଧିବାର ନଥିଲା ଦାମ୍ପତ୍ୟର ଗୁହାଳରେ । " (୭)

ପୁରଣର ଚରିତ୍ର ବିନ୍ୟାସରେ ଏହି ଅଭିନବତ୍ୱ ହିଁ ସେନାପତିଙ୍କ କୃତିତ୍ୱ । ଧୂଳି ବେଶ ସଂକଳନର ମାଲୁଣୀ କବିତାଟି ମଧ୍ୟ ଲୋକ ମିଥ୍‌ର ମାଲ୍ୟାଣୀ ଠାରୁ ସାମାନ୍ୟ ଭିନ୍ନ । ମାଲ୍ୟାଣୀ ଫୁଲ ତୋଳେ ମାଳା ଗୁନ୍ଥେ । ଫୁଲ ବିକି ପେଟ ପୋଷେ । ସେ ପୁଣି ସାଜେ ରାଜକୁମାର ଓ ରାଜ କୁମାରୀର ମିଳନ ମାଧ୍ୟମିକା । ଏ କବିତାରେ କିନ୍ତୁ ମାଲ୍ୟାଣୀ ଅନ୍ୟର ନୁହେଁ ନିଜର ଆତ୍ମସ ।କୁ ନିରେଖିଛି । ସାରା ଜୀବନ ଛୁି ସୂତାରେ ମାଳା ଗଢିଲି ସିନା, ମୋର ଜୀବନ ସ୍ୱପ୍ନ ଅଧୁରା ରହିଗଲା ବୋଲି ସେ ଅନୁଭବ କରିଛି । ଯଥା–

"ସାରା ଜୀବନ ବିତିଗଲା ଫୁଲ ଗୁନ୍ଥି ଗୁନ୍ଥି
ଋତୁ ମାନେ ଆସିଲେ, ଗଲେ
କିଏ ସିଝେଇ ଦେଲା ଚମ
ତ କିଏ ଥରାଇ ଦେଲା ହାଡ଼
କିଏ ଭିଜେଇ ଦେଲା ଆଖି
ତ କିଏ ଝରେଇ ଦେଲା ସ୍ୱପ୍ନ
ଛୁିରେ ସୂତା ଭରୁ ଭରୁ ସରିଗଲା ସାରା ଜୀବନ । "(୮)

ସୀତାକାନ୍ତଙ୍କ ମାଷ୍ଟ୍ରାଣୀ କବିତା ପରି ଏଠି ଅନ୍ୟକୁ ଫୁଲରେ ସଜାଇ ମାଲୁଣୀ ନିଜ ଜୀବନକୁ ଅସଜଡା କରି ଦେଇଛି । ମାଲୁଣୀର ଏ ମନସ୍ତ୍ୱ ଅତ୍ୟନ୍ତ ପ୍ରାସଙ୍ଗିକ । ପରିବେଶ ପ୍ରଦୂଷଣ, ଅସୁରକ୍ଷିତ ବନ୍ୟ ପ୍ରାଣୀଙ୍କ ହାହାକାର, କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ କ୍ଷୟ ତଥା ଖଣି ଖାଦାନ ଖନନ ହେତୁ ଆଜି ଦେଖାଦେଇଥିବା ପାରିବେଶିକ ସଙ୍କଟ ସାଂପ୍ରତିକ କବିତାର ଏକ ପ୍ରମୁଖ ପ୍ରସଙ୍ଗ । ବିଶ୍ୱର ଚିନ୍ତା ଶୀଳ ବୁଦ୍ଧିଜୀବୀ ମାନେ ଏଥି ପାଇଁ ଉଦବେଗ ପ୍ରକାଶ କରୁଛନ୍ତି । ଏ ଦିଗରେ ମଣିଷ ସଚେତନ ଓ ସଜାଗ ନହେଲେ ଆଗାମୀ ପୃଥିବୀ ଅପମୃତ୍ୟୁ ବରଣ କରିବ । ସୁତରାଂ ସମକାଳୀନ ଓଡ଼ିଆ କାବ୍ୟ ଚେତନାରେ ଏହାର ଗୁରୁତ୍ୱ ପ୍ରକଟିତ । କବି ପ୍ରଦ୍ୟୁମ୍ନ ସେନାପତିଙ୍କ କବିତା ଏ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ବାଘର ମୃତ୍ୟୁ ଶୀର୍ଷକ କବିତାରେ କବି କୁହନ୍ତି :

"ଦିନ ଆସିବ
ଜଙ୍ଗଲ ଆଉ ନଥିବ ସେ ଜାଗାରେ
ସେଠି ଗୋଟେ ସୁନ୍ଦର ଅଟ୍ଟାଳିକା
ତୋଳି ସାରିଥିବ କିଏଜଣେ ବୈଶାଖୁ ଠିକାଦାର
ଆଉ ତାର ବୈଠକଖାନା କାନ୍ଥରେ ଝୁଲୁଥିବ
ବୁଢା ବାଘର କଟା ମୁଣ୍ଡ ଓ ଦେହର ଛାଲ ।" (୯)

ପରିବେଶ ସଙ୍କଟର ଆଉ ଏକ ଦିଗ ଜଳ ପ୍ରଦୂଷଣ, ଭୂତଳ ଜଳର ଯାଚ୍ଛାତା ବ୍ୟବହାର ଓ ନଦୀ ନାଳ ଉପରେ ଅତ୍ୟାଚାର। ପିତୃ ପୁରୁଷଙ୍କୁ ଜଳ ତର୍ପଣ ପାଇଁ ବି ଆଗାମୀ ଦିନରେ ମୁନ୍ଦାଏ ଶୁଦ୍ଧ ଜଳ ମିଳିବ କି ନା ସନ୍ଦେହ। 'ପାପତୃଷ୍ଣା' ସଙ୍କଳନର ନଦୀ ଖୋଜି ବାହାରିଲି କବିତାରେ କବି ସେନାପତି କଟାକ୍ଷପାତ କରି କହନ୍ତି–

" ଆଉ କିଛି ବର୍ଷ ପରେ
ନଦୀର ଛବି ଆଙ୍କିବାକୁ କହିଲେ
ଆମ ପିଲାଏ ଆଙ୍କିବେ
ମାଇଲ ମାଇଲ ବ୍ୟାପୀ ବାଲିର ଚିତ୍ର। "(୧୦)

ଏସବୁ ସତ୍ତ୍ୱେ କବି ତଥାପି ବିଶ୍ୱାସ ହରାଇ ନାହାନ୍ତି। ତାଙ୍କର ଭାବନା ଆଗାମୀ ଦିନରେ ମଣିଷର ଏହି ଆତ୍ମଘାତୀ ପ୍ରବୃତ୍ତି ବଦଳିବ, ପୁନଶ୍ଚ ସବୁଜିମାରେ ଲହରାଇତ ହେବ ବନ ଭୂମି, ପଶୁ ପକ୍ଷୀ ମଣିଷ ଭିତରେ ମୈତ୍ରୀପୂର୍ଣ୍ଣ ସହାବସ୍ଥାନରେ ହସି ଉଠିବ ଧରିତ୍ରୀ। ସେଇ ନୂତନ ସକାଳର ସୂଚନା ଦେଇ କବି ଲେଖିଛନ୍ତି–

"ଦେଖିବ ରୁହ
ଦିନେ ନା ଦିନେ
ମଣିଷ ପାଖକୁ ଫେରି ଆସିବେ ସମସ୍ତେ
ପଶୁ ପକ୍ଷୀ
କୀଟ ପତଙ୍ଗ
ଅପହୃତ ଝରଣାର ଜଳ
ମଣିଷ ଅିରେ ଫୁଲ ଫଳ
ଅଜାଡି ଦେବାକୁ
ପୁଣି ଗହଳିଆ ହେବ ଜଙ୍ଗଲ ।" (୧୧)

ସବୁ ସଙ୍କଟ ଓ ଅବ୍ୟବସ୍ଥା ଭିତରେ ବି ଦିନେ ଅବଶ୍ୟ ସୁଖ ସମୃଦ୍ଧି ଆସିବ, କବିର ଏହି ଆଶା ସ ।ରୀ ଆଶ୍ୱାସନା ହିଁ ମାନବ ସମାଜ ପାଇଁ ଅତ୍ୟନ୍ତ ଶ୍ରେୟ ଓ ଶୁଭଂକର। କବି ପ୍ରଦ୍ୟୁମ୍ନ କେଶରୀଙ୍କ କବିତାରେ ନିହିତ ଏହି ଆଲୋକମୟ ଆଶାବାଦିତା ତାଙ୍କ ମାନବବାଦୀ ଦୃଷ୍ଟିର ପରିଚାୟକ। ରାଜନୀତିକ ଦଳମାନଙ୍କ ମଧ୍ୟରେ କ୍ଷମତା ଲଢେଇ ଓ ପାରିବା ପଣର ହୁଙ୍କାର ସହିତ ଧର୍ମକୁ କେନ୍ଦ୍ର କରି ଅଶୋଭନୀୟ କନ୍ଦଳ ସାଂପ୍ରତିକ ଭାରତୀୟ ଗଣତନ୍ତ୍ରର ଗୋଟିଏ ଦୃଶ୍ୟମାନ ଦୁର୍ବଳତା। ଦେଶ ସେବା ପଛରେ ଥାଉ, ଶାସନ କ୍ଷମତା ହାତରେ ରହୁ। ଏହି ଚିନ୍ତାଧାରା ଆମ ଲୋକ ପ୍ରତିନିଧିମାନଙ୍କ ମନରୁ ନ ହଟିବା ଯାଏଁ ଦେଶର ଯଥାର୍ଥ ସୁଖ ସମୃଦ୍ଧି ଆଶା କରିବା ବିଡମ୍ବନା ମାତ୍ର। ତେଣୁ ଦେଶ ହିତାର୍ଥେ କବି ରାଜନୀତିର ଗୋଳିଆ ପାଣିକୁ ପରିଷ୍କୃତ କରିବାକୁ ଆହ୍ୱାନ ଦିଏ। ପ୍ରଚଳିତ ରାଜନୀତିର କଳାଦାଗକୁ ଚିହ୍ନି ତା'ର ପର୍ଦ୍ଦାଫାସ କରେ। ସମ୍ପ୍ରଦାୟିକ ସଦଭାବ ପ୍ରତିଷ୍ଠା ପାଇଁ ରାଜନେତାଙ୍କୁ ଆହ୍ୱାନ ଦିଏ। ଏ ପ୍ରସଙ୍ଗରେ ଭାରତରେ ରାମ ମନ୍ଦିର ବାବ୍ରୀ ମସଜିଦ ବିବାଦ ପ୍ରସଙ୍ଗ ସ୍ମରଣୀୟ। ଅଲଗା ଅଯୋଧ୍ୟା ସଂକଳନର ବସ୍ତ୍ର ହରଣ କବିତାରେ ପ୍ରଦ୍ୟୁମ୍ନ ସେନାପତି କଟାକ୍ଷ କରି ଲେଖିଛନ୍ତି।

" ଯେଉଁ ଦିନ
ଈଶ୍ୱର ଆଲ୍ଲା
ଚୁଟି ଧରାଧରି ଓ ମୁଥ ମରାମରି ହୋଇ
ରାସ୍ତାରେ ଗଡ଼ିଲେ
ଏବଂ ଚେଲା ଚାମଚାମାନେ
ନିଜ ନିଜ ଲାଙ୍ଗୁଡରେ ନିଆଁ ଲଗାଇ
ଦେଶକୁ ପୋଡ଼ିଲେ
ସେଦିନ ଦେଖାଗଲା
ସେଇ ବୃକ୍ଷର ଡାଳ ମାନଙ୍କରେ
ଝୁଲୁଛି କ୍ଲୀବ ଈଶ୍ୱରମାନଙ୍କର
ଅପହୃତ ଦାଢ଼ି ଓ କୌପୁନୀ।" (୧୨)

ଆଧୁନିକ କବି ବିବିଧ ବସ୍ତୁ ପ୍ରତୀକ ମାଧ୍ୟମରେ ଜୀବନର ସାରସତ୍ୟକୁ ଆଙ୍କିବାରେ ଓସ୍ତାଦୀ ଦେଖାଇ ଆସିଛି। ଏହି ପ୍ରତୀକ ଧର୍ମୀ କାବ୍ୟ ବିନ୍ୟାସରେ ପ୍ରଦ୍ୟୁମ୍ନ କେଶରୀଙ୍କ ଦକ୍ଷତା ମଧ୍ୟ ତାରିଫ ଯୋଗ୍ୟ। 'ଛାଞ୍ଚୁଣୀ' ଶୀର୍ଷକ କବିତାରେ କବି ସମାଜର ଯାବତୀୟ ଆବର୍ଜନା ଦୂର କରିବାରେ ନିଜକୁ କ୍ଷତ ବିକ୍ଷତ କରି ଦେଉଥିବା ନିମ୍ନ ବର୍ଗର ଶ୍ରମଜୀବୀ ମଣିଷର ବ୍ୟଥା ଓ ବେଦନାକୁ ଦର୍ଶାଇ ଲେଖିଛନ୍ତି –

"ଦିନକୁ ଦିଥର
ତାକୁ ମଇଳା ଚାଟିବାକୁ ପଡ଼େ
ଥରେ ରାତି ପାହିଲେ
ଆଉ ଥରେ
ଫିକା ଗୋଧୂଳିରେ।
ଦିଅ ତାକୁ ସଂସାର ଯାକର ସବୁ ଆବର୍ଜନା
ଅନ୍ତର୍ଦାହ ରାତି ରାତି ଭୟ ଅନିଦ୍ରା
ଦିଅ
ତୁମ ଲୁହ ଲେଞ୍ଜରା

ମଲା ସ୍ୱପ୍ନର ଘା' ବକଳା
କାନି ପଡେଇ
ସବୁ ତକ ଉଠାଇ ନେବ ସେ
ବିନା ସଙ୍କୋଚରେ
ଛିଡ଼ି ଛିଡ଼ି ମୁଣ୍ଡି ହେବା ଯାଏଁ । " (୧୩)

ଏଠାରେ ଛାଞ୍ଚୁଣୀ ବସ୍ତୁ ପ୍ରତୀକଟି ଗରିବ ଶ୍ରମଜୀବୀର ଜୀବନ ଦୁଃଖକୁ ଅଭିବ୍ୟଞ୍ଜିତ କରେ। ଏଥିରୁ କବିଙ୍କ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ।

**ଉପସଂହାର:**

ଶିଳ୍ପ ବିଭବ ଦୃଷ୍ଟିରୁ ଦେଖିଲେ ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ କାବ୍ୟ ଭାଷା ସ୍ୱଚ୍ଛ, ସଶକ୍ତ, ପୁଣି ସ୍ଥାନେ ସ୍ଥାନେ ଆବେଗ ଧର୍ମୀ ଓ ସାଙ୍କେତିକ। ଶୈଳୀରେ ବ୍ୟଞ୍ଜନା, ପ୍ରତୀକ, ଚିତ୍ରକଳ୍ପ ଓ ଲୋକୋକ୍ତିର ସମାବେଶ ପାଠକକୁ ଆକୃଷ୍ଟ ଓ ଉଚ୍ଚାଟିତ କରିଥାଏ। କବିତା ପଙ୍କ୍ତିରେ ଶବ୍ଦ ଗ୍ରନ୍ଥନ ଚାତୁରୀ ମଧ୍ୟ ବେଶ୍ ଚି ।କର୍ଷକ। ସମାଜର ବାସ୍ତବ ସତ୍ୟକୁ କାବ୍ୟ ରୂପ ଦେବାର ଶୈଳ୍ପିକ ସାମର୍ଥ୍ୟ ତହିଁରୁ ଆକଳନ କରିହୁଏ। ପୁନଶ୍ଚ ଦାଦନ, ବିସ୍ଥାପନ, ନାରୀ ନିପୀଡ଼ନ, ଦଳିତର ଜୀବନ ସମସ୍ୟା ପରି ଯୁଗୋପଯୋଗୀ ପ୍ରସଙ୍ଗକୁ କବିତାରେ ଉତ୍ଥାପନ କରି କବି ଆପଣାର ସାମାଜିକ ଦାୟବଦ୍ଧତାର ପ୍ରମାଣ ଦେଇଛନ୍ତି। ସର୍ବୋପରି ଗଭୀର ଜୀବନ ସଂପ୍ରୀତିରେ ପ୍ରଦ୍ୟୁମ୍ନ କେଶରୀଙ୍କ ସାମଗ୍ରିକ କାବ୍ୟ ଚେତନା ଋଦ୍ଧିମନ୍ତ ବୋଲି କୁହାଯାଇପାରେ।

**ସହାୟକ ଗ୍ରନ୍ଥସୂଚୀ :**

୧. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ପୂତନା, କାହାଣୀ, କଲ୍ୟାଣୀ ନଗର, କଟକ, ଷଷ୍ଠ ସଂସ୍କରଣ, ୨୦୧୭, ପୃ, ୧୦୫
୨. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ସ୍ମୃତି, ମହୁମୁହାଣ, ଅକ୍ଷର, କଲ୍ୟାଣୀ ନଗର, କଟକ ଦ୍ୱିତୀୟ ସଂସ୍କରଣ, ୨୦୦୬, ପୃ, ୬୯
୩. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ଲୁଡୁ ଖେଳୁଛି ବୋଉ- ପୁରାଣ ନଦୀ, ଶ୍ରଦ୍ଧା ପବ୍ଲିକେଶନ୍ସ, ବାଲେଶ୍ୱର, ପ୍ରଥମ ପ୍ରକାଶ, ୨୦୧୨, ପୃ, ୨୧
୪. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ପାର୍ସଲ ବୋମା- ଗୋପଯାତ୍ରା, ବ୍ଲାକ ଇଗଲସ୍ ବୁକ୍ସ, ୨୦୨୦, ପୃ, ୧୯
୫. ବି.ଦ୍ର: ସେନାପତି, ପ୍ରଦ୍ୟୁମ୍ନ କେଶରୀ, ପୂତନା, କାହାଣୀ, କଲ୍ୟାଣୀ ନଗର, କଟକ, ଷଷ୍ଠ ସଂସ୍କରଣ, ୨୦୧୭
୬. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ଚନ୍ଦ୍ରସେଣା, ମହୁମୁହାଣ, ଅକ୍ଷର, କଲ୍ୟାଣୀ ନଗର, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୬, ପୃ, ୪୯
୭. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ସୌମିତ୍ର – ଅଲଗା ଅଯୋଧ୍ୟା, ଅକ୍ଷର, କଲ୍ୟାଣୀ ନଗର, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୮, ପୃ, ୭୮
୮. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ମାଲୁଣୀ- ଧୂଳି ବେଶ, କାହାଣୀ, କଲ୍ୟାଣୀ ନଗର, କଟକ, ପ୍ରଥମ ସଂସ୍କରଣ, ୧୯୯୯, ପୃ, ୪୯
୯. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ବାଘର ମୃତ୍ୟୁ- ଭାଜ୍ୟ ଭାଜକ, ଅଗ୍ରଦୂତ, ବାଙ୍କାବଜାର, କଟକ, ପ୍ରଥମ ସଂସ୍କରଣ, ୨୦୧୪, ପୃ, ୩୧
୧୦. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ନଦୀ ଖୋଜି ବାହାରିଲି- ପାପ ତୃଷ୍ଣା, ପ୍ରବାହ, ଗୋବିନ୍ଦ ପୁର, ଯାଜପୁର, ପ୍ରଥମ ସଂସ୍କରଣ, ୨୦୦୮, ପୃ, ୭୩
୧୧. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ନୂଆ ଯୁଦ୍ଧ- ପୁରାଣ ନଦୀ, ଶ୍ରଦ୍ଧା ପବ୍ଲିକେସନ୍ସ, ବାଲେଶ୍ୱର, ୨୦୧୨, ପୃ, ୧୨
୧୨. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ବସ୍ତ୍ର ହରଣ- ଅଲଗା ଅଯୋଧ୍ୟା, ଅକ୍ଷର, କଲ୍ୟାଣୀ ନଗର, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୮, ପୃ, ୭୬
୧୩. ସେନାପତି, ପ୍ରଦ୍ୟୁମ୍ନ କେଶରୀ, ଛା ୁଣୀ- ଖେଳ ଛୁଟିର ଖରା, ପଶ୍ଚିମା ପବ୍ଲିକେସନ୍ସ, ଭୁବନେଶ୍ୱର, ୨୦୧୭, ପୃ, ୧୧-୧୨

❖ ❖ ❖

Nayak. BPP (2026)11: X | ପ୍ରାଚୀ ପତ୍ରିକା
ଗବେଷଣାତ୍ମକ ପ୍ରବନ୍ଧ | ମୁକ୍ତ ପ୍ରବେଶ
DOI : https://doi.org/10.5281/zenodo.18529094
ମୂଳ ପ୍ରବନ୍ଧ

# ହେମେନ୍ଦ୍ର ମହାପାତ୍ରଙ୍କ ନାଟକ 'ପୁତ୍ରପୂଜା'ର ଅନ୍ତଃସ୍ୱର

**ସବିତାବାଳା ନାୟକ**

**ସଂକ୍ଷିପ୍ତସାର:**

ସଂକୀର୍ଣ୍ଣତା ଓ ବ୍ୟାପକତା, ବିପରୀତ ଭାବ । ସଂକୀର୍ଣ୍ଣତା ଭୋଗବାଦ, ଅର୍ଥାତ୍ ସ୍ୱାର୍ଥ, ଅହଂତାର ପରିଚାୟକ । ବ୍ୟାପକତା ଯୋଗବାଦ, ଅର୍ଥାତ୍ ନିଃସ୍ୱାର୍ଥ, ଚେତନତାର ପରିଚାୟକ । ସଂକୀର୍ଣ୍ଣତା ସମସ୍ତ ଆସୁରିକ, ପାପ, ଅଧର୍ମର ଜନନୀ । ବିଶ୍ୱ ସମାଜରେ ଯା କିଛି ଅବ୍ୟବସ୍ଥା ଦୃଷ୍ଟ, ତାର ଏକମାତ୍ର କାରଣ ସଂକୀର୍ଣ୍ଣତା । ସଂକୀର୍ଣ୍ଣତାର ପରିହାର, ଅର୍ଥାତ୍ ବ୍ୟାପକତାର ସ୍ୱୀକାର । ଏହି ତତ୍ତ୍ୱହିଁ ସନାତନ ଧର୍ମର, ଆର୍ଯ୍ୟ ସଂସ୍କୃତିର ଉଦ୍‌ଘୋଷ । ବିଶ୍ୱର ଶ୍ରେଷ୍ଠ କୃତି ମନୁ ସନ୍ତାନମାନଙ୍କୁ ଏହି ପଥାନୁଚାରୀ ଉଦ୍ଦେଶ୍ୟ ସର୍ବଦା ଆର୍ଯ୍ୟ ଋଷିମାନେ ପ୍ରୟାସରତ । ପ୍ରଣିତ ହେଲା ବିଶ୍ୱ ସମ୍ବିଧାନ । ବସୁଧୈବ କୁଟୁମ୍ବକମ୍, ସର୍ବେ ଭବନ୍ତୁ ସୁଖିନଃ, ସର୍ବ ଭୂତେଷୁ ଆତ୍ମବତ୍, ପର ଦ୍ରବ୍ୟେଷୁ ଲୋଷ୍ଟ୍ରବତ୍, ପରଦାରେଷୁ ମାତୃବତ୍ ଭଳି ଅସଂଖ୍ୟ ବୈଦିକ ମୂଳ ମନ୍ତ୍ରମାନ ତହିଁରୁ ଝଙ୍କୃତ । ଏହି ସୂତ୍ରମାନଙ୍କୁ ମନୁଷ୍ୟ ଚେତନତା ସହ ସଂଯୁକ୍ତ କରିବା ନିମିତ୍ତ ଭାଷା, ସାହିତ୍ୟର ସୃଷ୍ଟି । ସଂଗୀତ, ନାଟକାଦି ଯା କିଛି ସୃଷ୍ଟ ସେମାନେ ଏହାର ପ୍ରଚାରାତ୍ମକ ସାଧନ ମାତ୍ର । ଯେଉଁ ସାଧନ ଏହା ପରିପ୍ରକାଶ କରେ ନାହିଁ ତାହା ସର୍ବ ଅଳଙ୍କାରାଭୂଷିତା ନିର୍ବସ୍ତ୍ରା ନାରୀ ସମ ଅଶୋଭନୀୟ, ପରିତ୍ୟକ୍ତା । ଯେଉଁ ସାଧକ, ସାଧନ ଏ ଦିଗ ପ୍ରତି ପ୍ରୟାସରତ ସେମାନେ ପ୍ରସଂଶନୀୟ । ଉକ୍ତ ପରିଭାଷାକୁ କେନ୍ଦ୍ର କରି ଶ୍ରୀ ହେମେନ୍ଦ୍ର ମହାପାତ୍ରଙ୍କ ଏକ ଶ୍ରେଷ୍ଠ କୃତି 'ପୁତ୍ରପୂଜା' ନାଟକର ଅନ୍ତଃସ୍ୱରକୁ ଅନ୍ୱେଷଣ ପୂର୍ବକ ଅନୁଭବ କରିବା ଏହି ଅବତାରଣାର ଉଦ୍ଦେଶ୍ୟ ।

**ପ୍ରମୁଖ ଶବ୍ଦାବଳୀ:**

ସଂକୀର୍ଣ୍ଣତା, ପରିବର୍ତ୍ତନ, ବର୍ତ୍ତମାନ,ସମାଜ,ନାଟକ, ପୁତ୍ର, ଚେତନା, ସାମ୍ପ୍ରତିକ, ।

**ପ୍ରସଙ୍ଗ:**

ଯୁଗେ ଯୁଗେ ନାଟକ ସଂକୀର୍ଣ୍ଣତାର ମାରାତ୍ମକ ପରିଣାମ ତଥା ବ୍ୟାପକ ଚେତନତାର ଏକ ସରଳ ଉତ୍ତମ ପ୍ରଚାରାତ୍ମକ ମାଧ୍ୟମ ରୂପେ ପରିଗଣିତ ହୋଇ ଆସିଛି । ମାନବ ମନ ରାଜ୍ୟରେ ପରିବର୍ତ୍ତନର ନୂତନ ଆଲୋକ ସଂଚାର କରିଛି । ତୁଳନାତ୍ମକ ଦୃଷ୍ଟିରେ ନାଟକହିଁ ନବ ଚେତନାର ଧାରା ପ୍ରବାହର ସର୍ବୋତ୍କୃଷ୍ଟ ମାଧ୍ୟମ । ସମାଜ ସୁଧାରକ ଭାବେ ନାଟ୍ୟକାରମାନେ ନାଟକକୁ ପରମ ଅସ୍ତ୍ର ରୂପେ ତେଣୁ ଧାରଣ କରିଛନ୍ତି । ସେଇ ନାଟ୍ୟକାରମାନଙ୍କ ମଧ୍ୟରୁ ହେମେନ୍ଦ୍ର ମହାପାତ୍ର ହେଲେ ଅନ୍ୟତମ । ସାମ୍ପ୍ରତିକ ସମୟ ଓ ଜୀବନକୁ ମଂଚ ଉପରେ ବେଶ୍ ଅଭିଜ୍ଞତାର ସହ ପରୀକ୍ଷା ନିରୀକ୍ଷା କରି ଏକ ସକାରାତ୍ମକ ସିଦ୍ଧାନ୍ତରେ ଉପନୀତ ହେବାରେ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ପ୍ରସଂଶନୀୟ । ସେ ଅଗଣିତ ସ'ଲ ନାଟକ, ଗୀତି ନାଟ୍ୟ, ଶିଶୁ ନାଟକ ରଚନା କରି ଓଡ଼ିଆ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18529094

Article No - BPP00374

**ଯୋଗାଯୋଗ : ଡକ୍ଟର ସବିତାବାଳା ନାୟକ,**
ସହକାରୀ ଅଧ୍ୟାପିକା (ଓଡ଼ିଆ ବିଭାଗ),ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର (ବୁର୍ଲା)
**Email :** nayaksabita89@gmail.com
**ORCID ID :** https://orcid.org/0009-0007-3823-9702

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ସବିତାବାଳା; ୨୦୨୬। ହମେନ୍ଦ୍ର ମହାପାତ୍ରଙ୍କ ନାଟକ 'ପୁତ୍ରପୂଜା'ର ଅନ୍ତଃସ୍ୱର୍ । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଞ; ପୃଷ୍ଠା :୨୧-୨୪।

ନାଟ୍ୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଏଥି ସକାଶେ ସେ ଅନେକ ସମ୍ମାନ ଓ ସମ୍ବର୍ଦ୍ଧନାଦ୍ୱାରା ଭୂଷିତ ହୋଇଛନ୍ତି । ତତ୍ ସଙ୍ଗେ ସଙ୍ଗେ ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଧାରାବାହିକ ଭାବେ 'ରଙ୍ଗମଂଚ' ନାମକ ଦୃଶ୍ୟ ଭିତ୍ତିକ ଭିଡିଓ ସାହିତ୍ୟ ପତ୍ରିକା ମଧ୍ୟ ପ୍ରକାଶ କରି ଆସୁଛନ୍ତି, ଯାହା ଓଡ଼ିଆ ନାଟ୍ୟ ଜଗତରେ ବୋଧହୁଏ ଆଉ କେହି କରି ନାହାନ୍ତି । ନାଟ୍ୟକାରଙ୍କ ରଚିତ ନାଟକ ମଧ୍ୟରୁ 'ପୁତ୍ରପୂଜା' ନାଟକ ଓଡ଼ିଆ ନାଟ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ତେଣୁ ଏ ପ୍ରବନ୍ଧରେ ସେହି ନାଟକ ସମ୍ପର୍କରେ କିଛିଟା ଆଲୋଚନା କରାଯାଇଛି ।

'ପୁତ୍ରପୂଜା' ନାଟକରେ ନାଟ୍ୟକାରଙ୍କ ସାମାଜିକ ଦୃଷ୍ଟିକୋଣ ଖୁବ୍ ବଳିଷ୍ଠ ଓ ଶାଣିତ । ଏହି ନାଟକ ସାମାଜିକ ପରିବର୍ତ୍ତନର ସୂଚନା ଦେଇ ସମାଜର ଏକ ହୀନମନ୍ୟତାର ରୂପକୁ ପରିପ୍ରକାଶ କରେ । ଆଜିକାଲି ମଣିଷ ସଂକୀର୍ଣ୍ଣତାର କରାଳ କବଳରେ ପଡ଼ି ନିଜ ବ୍ୟତୀତ ଅନ୍ୟର ଆବଶ୍ୟକତା ତଥା ସ୍ଥିତିକୁ ଅନାଦର କରିବାରେ ଲାଗିଛି । ଏପରିକି ନିଜ ପିତା, ମାତାଙ୍କର ବର୍ଷ ବର୍ଷର ତ୍ୟାଗ, ସ୍ନେହ, ମମତା, ଶ୍ରମକୁ ତିଳାଞ୍ଜଳି ଦେଇ ସଂକୀର୍ଣ୍ଣତା ପୃଷ୍ଠପୋଷକଙ୍କ ଅନୁବର୍ତ୍ତୀ ହୋଇ ସାମାଜିକ ପ୍ରତିଷ୍ଠାକୁ କ୍ଷଣିକ ମଧ୍ୟରେ ଧୂଳିସାତ୍ କରିବାକୁ ଆଦୌ କୁଣ୍ଠାବୋଧ କରୁ ନାହିଁ । ବିଶେଷତଃ ଏହି ପରିବର୍ତ୍ତନ ଆଧୁନିକ ଯୁବ ସମାଜ ମଧ୍ୟରେ ଏକ ସଂକ୍ରାମକ ରୋଗ ରୂପେ ସଂକ୍ରମିତ ହୋଇ ଚାଲିଛି । ଏହିଭଳି ଏକ ଚରିତ୍ର ହେଉଛି 'କୁମାର' । କୁମାରର ପିତା ବ୍ୟୋମକେଶ ବାବୁ ଜଣେ ଆଦର୍ଶବାଦୀ ସଚ୍ଚୋଟ ମଣିଷ । ପେଶାରେ ମୋହନ ଦାସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ଯେତେ ସମସ୍ୟା ଆସିଲେ ମଧ୍ୟ ନିଜ କର୍ତ୍ତବ୍ୟ ପଥରୁ ଅତିକ୍ରାନ୍ତ ହୋଇ ନାହାନ୍ତି । ଆଦର୍ଶ, ନୀତି ଓ ଶିକ୍ଷା ବଳରେ ସେ ସମାଜର ଜଣେ ପ୍ରତିଷ୍ଠିତ ଶିକ୍ଷକ ଭାବରେ ବେଶ୍ ସମ୍ମାନ ଲାଭ କରିଛନ୍ତି । ତାଙ୍କରିଠାରୁ ପ୍ରେରଣା ପାଇ ହଜାର ହଜାର ଛାତ୍ର ଛାତ୍ରୀ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି, କିନ୍ତୁ ନିଜ ପୁଅ କୁମାରକୁ କୁପଥର ଯାତ୍ରୀ ହୋଇଥିବାର ଦେଖି ଖୁବ୍ ମର୍ମାହତ ହୋଇଛନ୍ତି । ସେ ପ୍ରାଣପଣେ ଚେଷ୍ଟା କରିଛନ୍ତି ତାକୁ ଭଲ ବାଟକୁ ଆଣିବା ପାଇଁ, କିନ୍ତୁ ପ୍ରତିବନ୍ଧକ ସାଜିଛନ୍ତି କୁମାରର ମାମୁଁ ଅଶୋକ । ମା ଯଶୋଦା ଏହା ଦେଖି, ତାର କୁ-ପରିଣାମ ଜାଣି ଗାନ୍ଧାରୀ ସମ ପୁତ୍ର ମୋହରେ ଚୁପ୍ ରହିଛନ୍ତି । ଯେତେବେଳେ କୁମାର ମଦ୍ୟପାନ କରି ସେମାନଙ୍କ ଜୀବନର ଶାନ୍ତି, ସମ୍ମାନରେ ଅଗ୍ନି ସଂଯୋଗ କରିଛି, ବାପା ମାଙ୍କ ପକ୍ଷରେ ତାହା ଅସହ୍ୟ ହୋଇଛି ।

କୁମାରକୁ କୌଶଳ କ୍ରମେ ରାଜନୀତିର ଭଙ୍ଗା ଗଢ଼ା ଖେଳ ଭିତରକୁ ଠେଲି ଦେଇଛି ଶକୁନି ମାମୁଁ ଅଶୋକ । ପଶିବାର ସିନା ରାସ୍ତା ଅଛି ତହିଁରେ କିନ୍ତୁ ବାହାରିବା ବାଟ ଆଦୌ ନାହିଁ । ଚାଟୁ କଥା କହି ମଦ ପିଇବା ଶିଖାଇଛି, କଲମ ବଦଳରେ ଭୁଜାଲି ଧରିବା ଶିଖାଇଛି, ପାର୍ଟି ଅଫିସର ମେମ୍ବର କରାଇଛି । ଏହି ସବୁ ଘଟଣାବଳୀକୁ ନାଟ୍ୟକାର ବେଶ୍ ଜୀବନ୍ତ ଓ ବାସ୍ତବଧର୍ମୀ ସଂଳାପ ଜରିଆରେ ପାଠକ ସମ୍ମୁଖରେ ଉପସ୍ଥାପନା କରିଛନ୍ତି ।

କୁମାର– ମାମୁଁ ମୁଁ କଲମଟା ଭୁଲିଗଲି ।

ଅଶୋକ– ବେଶ୍ କରିଛୁ । ଚିରଦିନ ପାଇଁ ଏଥର କଲମକୁ ଭୁଲିଯା । ଏଥର ଆଉ କଲମର ଆବଶ୍ୟକତା

ପଡ଼ିବନି । ଛାତ୍ରମାନଙ୍କର ସିନା କଲମ ଦରକାର । ତୁ ପରା ଛାତ୍ରନେତା ହେବାକୁ ଯାଉଛୁ । ତୋର

କଲମରେ କଣ ହେବ ? ହଁ ଯଦି ପାରୁଛୁ ଭୁଜାଲି ଗୋଟେ ସାଙ୍ଗରେ ଧରିଥା । (ପୁତ୍ରପୂଜା, ହେମେନ୍ଦ୍ର ମହାପାତ୍ର)

ଅଶୋକର କୁବୁଦ୍ଧିଠାରୁ କୁମାରକୁ ବଂଚାଇବା ପାଇଁ ଏବଂ ସାଙ୍ଗ ଦୋଷ ଛଡ଼ାଇବା ପାଇଁ କେତେ ଜାଗାକୁ ବଦଳି ହୋଇ ଯାଇଛନ୍ତି ବ୍ୟୋମକେଶ ବାବୁ, କିନ୍ତୁ କିଛି ଫଳ ହୋଇ ନାହିଁ । ସଂକୀର୍ଣ୍ଣତାର ପ୍ରଚାରକ ମାମୁଁ ଅଶୋକ ଛାଇ ପରି ତାର ପଶ୍ଚାଦ୍ଧାବନ କରିଛି, ତାକୁ ପଙ୍କିଳ ଗର୍ଭରେ ଜାକି ମାରିବାକୁ । ସମୟ କ୍ରମେ ବାପାଙ୍କ ସାମନାରେ ପାଟିରୁ କଥା ବାହାରୁ ନ ଥିବା କୁମାର ବ୍ୟୋମକେଶଙ୍କୁ ପ୍ରତି କଥାରେ ଅସମ୍ମାନ କରିବାକୁ ପଛେଇ ନାହିଁ । ଇଲେକ୍ସନ୍‌ରେ ଜିତିଗଲା ପରେ ଭୁଜାଲି, ମଦ, ଡ୍ରଗ୍ସ, ପୁଲିସ୍ ଗଣ୍ଡଗୋଳରେ ଲିପ୍ତ ହୋଇ କଲେଜରୁ ରେଷ୍ଟିକେଟ୍ ହୋଇଛି । ଶେଷକୁ ନିଜ ବାପା ସ୍କୁଲ ଅଫିସ୍‌ର ଚାବି ଚୋରି କରି ବୋର୍ଡ ପରୀକ୍ଷାର କୋଶ୍ଚେନ୍ ପେପର୍ ଚୋରି କରି ସହରସାରା ବିକ୍ରୀ କରିଛି । ଫଳତଃ ବାପା ବ୍ୟୋମକେଶ ଜେଲ ଯାଇଛନ୍ତି । ପ୍ରତିବାଦୀ ମା ଯଶୋଦାକୁ ପେଲି ମୁଣ୍ଡ ଫଟାଇଛି । ଯଶୋଦାଙ୍କ ସେବା ଶୁଶ୍ରୂଷା କରୁଥିବା ଝିଅ ଇତିକୁ ରେପ୍ କରି ନେସନଲ୍ ହାଇୱେ ପୋଲ ତଳକୁ ଫିଙ୍ଗି ଦେଇଛି । ପୁତ୍ରର ଏପରି ଘୃଣିତ କାର୍ଯ୍ୟ ଦେଖି ବ୍ୟୋମକେଶ ବାବୁ ନିଜେ ଯାଇ କୋଟରେ ନିଜ ପୁଅ ବିରୁଦ୍ଧରେ ସାକ୍ଷୀ ଦେଇଛନ୍ତି । ପୁଲିସ୍ ସତ୍ୟକୁ ଧରି କୁମାରକୁ

ଜେଲ ପଠାଇଛନ୍ତି । କିନ୍ତୁ ଅଧୂନା ଭ୍ରଷ୍ଟ ରାଜନେତା ଏମ୍.ପି., ଏମ୍. ଏଲ.ଏ.ମାନଙ୍କୁ ହାତକରି କୁମାର ଅକ୍ଳେଶରେ ନିର୍ଦ୍ଦୋଷରେ ଖଲାସ୍ ହୋଇଛି । ଘରକୁ ଫେରି ବାପାଙ୍କୁ ଗୋଇଠା ମାରି କ୍ଷତ ବିକ୍ଷତ କରିଛି । ପୁତ୍ର କୁମାରର ଅସହ୍ୟ ଅମାନୁଷିକତା ଦେଖି ଶେଷରେ ମା ଯଶୋଦା ନିଜେ ବ୍ୟୋମକେଶ ବାବୁଙ୍କୁ ଅନୁରୋଧ କରିଛନ୍ତି କୁମାରର ମଦରେ ବିଷ ମିଶାଇ ତାକୁ ମାରିଦେବା ପାଇଁ । କିନ୍ତୁ ପରିଣତି ହୁଏ ଓଲଟା । ସମାଜର କଳଙ୍କରୁ ମୁକ୍ତି ପାଇବା ପାଇଁ ବ୍ୟୋମକେଶ ବାବୁ ନିଜେ ବିଷ ପିଇଛନ୍ତି ।

ବର୍ତ୍ତମାନ ସମୟରେ ମଦ୍ୟପାନ ସମାଜରେ କି ପ୍ରକାର ଧ୍ୱଂସଲୀଳା କରି ଚାଲିଛି, କି ପ୍ରକାର କୁପ୍ରଭାବ ପକାଇଛି, ଏହାଦ୍ୱାରା ପରିବାରମାନ କିପରି ଛାରଖାର ହେଉଛି, ପିତାମାତାଙ୍କର ବର୍ଷ ବର୍ଷର ସ୍ୱପ୍ନ ଧୂଳିସାତ୍ ହେଉଛି, ସମାଜରେ ଅରାଜକତା, ଭ୍ରଷ୍ଟାଚାର, ନାରୀ ବଳାତ୍କାର ବଢ଼ି ଚାଲିଛି, ଏ ସମସ୍ତ ଘଟଣାବଳୀକୁ ଉପଜୀବ୍ୟ କରି ନାଟ୍ୟକାର ମହାପାତ୍ରଙ୍କ ନାଟକ 'ପୁତ୍ରପୂଜା' ସଜ୍ଜିତ ହୋଇଛି । ସମାଜର ଏହି ଉତ୍କଟ ବ୍ୟାଧିକୁ ନିରୀକ୍ଷଣ କରି ପାଠକମାନଙ୍କ ସମ୍ମୁଖରେ ଜୀବନ୍ତ ଭାବେ ଉପସ୍ଥାପନ କରା ଯାଇଛି । ବେଳହୁଁ ସାବଧାନ ନ ହେଲେ କିପରି ଭୟଙ୍କର ପରିସ୍ଥିତି ଉତ୍ପନ୍ନ ହେବ, ନାଟ୍ୟକାର ତାହାର ନମୂନା ଦେଇ ପାଠକମାନଙ୍କୁ ସଚେତନ କରିଛନ୍ତି ।

ଏଥିରେ ସମୁଦାୟ ୪ଗୋଟି ଦୃଶ୍ୟ, ୭ ଗୋଟି ଚରିତ୍ରକୁ ନେଇ ଏକ ବଳିଷ୍ଠ କଥାବସ୍ତୁର ପରିକଳ୍ପନା କରା ଯାଇଛି । ବ୍ୟୋମକେଶ ବାବୁ ନାଟକର ନାୟକ ହୋଇଥିବା ବେଳେ ପୁତ୍ର କୁମାର ଖଳନାୟକ ସାଜିଛି । ମା ଯଶୋଦା ଏକ ପତି ପରାୟଣା ତଥା ପୁତ୍ରମୋହ ଯୁକ୍ତା ଦ୍ୱନ୍ଦ୍ୱଶୀଳା ନାରୀ ଚରିତ୍ର, ଯାହା ସମାଜର ପ୍ରତି ମା'କୁ ସୂଚିତ କରୁଛି । ଇତିହାସ, ପୁରାଣ ପରି ମାମୁଁ ଅଶୋକ ଅନ୍ୟ ଏକ ଖଳନାୟକ ଚରିତ୍ର, ଯେ ମହାଭାରତର ଶକୁନି ଚରିତ୍ରର ରୂପାୟନ ମାତ୍ର । ମୁଖ୍ୟତଃ ଏହି ଚାରି ଚରିତ୍ର ମାଧ୍ୟମରେହିଁ ସମ୍ପୂର୍ଣ୍ଣ ନାଟକର କଥାବସ୍ତୁଟି ଗତିଶୀଳ ହୋଇଛି । ସନାତନ, ଇତି, ସତ୍ୟ, ମିଶ୍ର ନାଟକର ଗୌଣ ଚରିତ୍ର । ଏହି ଚରିତ୍ରମାନଙ୍କ ଜରିଆରେ ନାଟକରେ ମାନ, ଅପମାନ, ଘୃଣା, ଚକ୍ରାନ୍ତ, ଧର୍ଷଣ, ଆତ୍ମହତ୍ୟା ଇତ୍ୟାଦି ସଂକୀର୍ଣ୍ଣତା ଉପଜ ଦୁର୍ଗୁଣାଦିର ଅବତାରଣା କରା ଯାଇଛି ।

'ପୁତ୍ରପୂଜା' ନାଟକର ଅନ୍ୟ ଏକ ବିଶେଷତ୍ୱ ହେଲା ଏହାର ସଂଳାପ । ପାରିବାରିକ ଜୀବନ କ୍ଷେତ୍ରରୁହିଁ ଏହାର ସଂଳାପମାନ ସଂଗୃହୀତ ହୋଇଥିଲେହେଁ ଏଥିରେ ପିତାମାତାଙ୍କ ଲାଳନ ପାଳନକୁ ହାଲୁକା ବ୍ୟଙ୍ଗର ସ୍ପର୍ଶ ଦିଆଯାଇଛି, ଯାହା ଦର୍ଶକମାନଙ୍କୁ ଚିନ୍ତିତ, ବିଚାର କରିବାରେ ବେଶ୍ ସଫଳ ହୋଇଛି । ପୁତ୍ର ମୋହ କିପରି ପିତାମାତାଙ୍କୁ ପାଗଳ କରିଦିଏ, ପୂଜା, ବ୍ରତ, ଉପବାସକୁ ପ୍ରେରିତ କରେ, ପେଟରୁ ଦାନା କାଟି ପୁତ୍ର ଜନ୍ମ କରେ ମାଁ; ହେଲେ ସେହି ପୁଅ ପାଇଁ ତାଙ୍କୁ କେତେ ଅନୁତପ୍ତ ହେବାକୁ ପଡ଼େ, ତାହାର ଯଥାର୍ଥ ପ୍ରତିଫଳନ ନାଟକରେ ସ୍ପଷ୍ଟ ଭାବେ ପ୍ରଦର୍ଶିତ । ନାଟ୍ୟକାରଙ୍କ ଭାଷାରେ ଏହା ଅତ୍ୟନ୍ତ ଜୀବନ୍ତ ଓ ହୃଦୟସ୍ପର୍ଶୀ ହୋଇଛି । ଯଥା-

ବ୍ୟୋମକେଶ- ତମର ମନେ ଅଛି ଯଶୋଦା, ଯେଉଁଦିନ ଶତ୍ରୁରାନାହକ କହିଗଲା ତମର ଝିଅଟିଏ ହବ, ତମେ ସେ ଦିନ ମୁହଁ ଶୁଖାଇ ଖାଇ ନ ଥିଲ, ବେଶ୍ କିଛିଦିନ ଦୁଃଖରେ ଠାକୁରଙ୍କୁ ଡାକିଲ । ଶେଷରେ ଠାକୁରେ ତମ ଡାକ ଶୁଣିଲେ । କାର୍ତ୍ତିକେଶ୍ୱର ବ୍ରତ କରି କୁମାର ଭଳି ସୁନ୍ଦର ପୁତ୍ର, ପୁଣି ଗାନ୍ଧୀ ଜୟନ୍ତୀରେ ପାଇଲ । ମନ ତମର ଆକାଶରେ ଉଡ଼ିଲା । ମୁଁ ଏବେ ଭାବୁଛି, ଶତ୍ରୁରା ନାହକର କଥାଟା ସତ ହୋଇଥାନ୍ତା କି ? (ପୁତ୍ରପୂଜା,ହେମେନ୍ଦ୍ର ମହାପାତ୍ର) । ଏହି ନାଟକରେ ପାତ୍ରୋପଯୋଗୀ ଜୀବନଧର୍ମୀ ସଂଳାପ ନାଟକକୁ ବେଶ୍ ଆବେଗଧର୍ମୀ କରିବାରେ ସକ୍ଷମ ହୋଇଛି ।

ସମସାମୟିକ ଜୀବନ ବୃତ୍ତରୁ ଯେଉଁ ଚରିତ୍ରଗୁଡ଼ିକ ମଂଚ ଉପରକୁ ଆସିଛନ୍ତି, ସେମାନଙ୍କର ଦ୍ୱନ୍ଦ୍ୱ, ସଂଘର୍ଷ ଜନିତ ଅସ୍ଥିର ମାନସିକତାର ବିଶ୍ଲେଷଣରେ ନାଟ୍ୟକାରଙ୍କର ଦୂରଦୃଷ୍ଟି ଧନ୍ୟବାଦାର୍ହ । ଉଦାହରଣ ସ୍ୱରୂପ- ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ଯେଉଁ ମା ଜୀବନର ସାଧାରଣ ଆବଶ୍ୟକତା ତ୍ୟାଗ କରିଛି, କଷ୍ଟ ସହ୍ୟ କରିଛି, ପୁତ୍ରର ପ୍ରତ୍ୟେକ ଦୋଷକୁ ସୁରକ୍ଷା କବଚ ସାଜିଛି, ସେହି ମା ପୁଅକୁ ବିଷ ଦେବା ପାଇଁ ସ୍ୱାମୀଙ୍କୁ ଅନୁରୋଧ କରିଛି । ଅପରୋକ୍ଷେ ଯେଉଁ ବାପା ଜୀବନ ସାରା ନୀତି ଓ ଆଦର୍ଶରେ ଚଳି ଆସିଛି, କଦାପି ଅନ୍ୟାୟ ଅନୀତିକୁ ପ୍ରଶ୍ରୟ ଦେଇ ନାହିଁ ମା ଯଶୋଦାଙ୍କ ପରାମର୍ଶ ସତ୍ତ୍ୱେ ସେହି ଆଦର୍ଶବାଦୀ ପିତା ବ୍ୟୋମକେଶଙ୍କ ହାତ ନିଜ ପୁତ୍ରକୁ ବିଷ ଦେବାରେ ଥରି ଉଠିଛି । ତାଙ୍କ ପିତୃତ୍ୱ ମନ ବିଦ୍ରୋହ କରିଛି । ନିଜ ଜନ୍ମ କଲା ପୁଅକୁ ବିଷ ଦେଇ ମାରିଦେବାଠାରୁ ନିଜେ ବିଷତକ ପିଇ ଦେବାକୁ ସେ ଶ୍ରେୟସ୍କର ମନେ କରିଛନ୍ତି । ମଣିଷ ମନରେ ଉଠୁଥିବା ଏ ପ୍ରକାର ଦ୍ୱନ୍ଦ୍ୱ ସାଧାରଣ ଏବଂ ଅତି ରୋଚକ ଓ ପ୍ରଭାବଶାଳୀ

ଭାବେ ଲେଖକ ଦର୍ଶକ ସମ୍ମୁଖେ ପରିବେଷଣ କରିଛନ୍ତି । ସ୍ଥଳ ବିଶେଷରେ ଏପରି କ୍ରିୟା ଦୋଷୀ ହୃଦୟରେ ପରିବର୍ତ୍ତନର ଆଲୋକ ପ୍ରକାଶିତ କରିଥାଏ । ତାହା ହୋଇଛି ମଧ୍ୟ । କୁମାର ମନରେ ଭଲ ମନ୍ଦର ଦ୍ୱନ୍ଦ୍ୱ ଉପୁଜିଛି । ସେ ନିଜ ଭୁଲ ବୁଝି ପାରିଛି । ପଶ୍ଚାତ୍ତାପ ମଧ୍ୟ କରିଛି । କିନ୍ତୁ ନେଡ଼ିଗୁଡ଼ କହୁଣୀକୁବହି ସାରିଛି । ଏ ସବୁ ପାଇଁ କୁମାର ଅଶୋକ ମାମୁଁଙ୍କୁ ଦାୟୀ କରି ଶେଷ ଉକ୍ତି କହିଛି- "ଦୁର୍ଯ୍ୟୋଧନର ଉଚିତଥିଲା ଧନୁର୍ବିଦ୍ୟା ଶିକ୍ଷାର ପ୍ରଥମ ପରୀକ୍ଷା ଶକୁନି ଉପରେ କରିବା ।" କୁମାରର ଏହି ଉକ୍ତି ସମାଜକୁ ତଥାକଥିତ ପିତା ମାତାଙ୍କୁ ଏକ ଶିକ୍ଷଣ ଆହ୍ୱାନ କରିଛି । ରୋଗାରମ୍ଭ କାଳୁ ପ୍ରତିବିଧାନର ପଦକ୍ଷେପ ନେଲେ ପରବର୍ତ୍ତୀ ପଶ୍ଚାତ୍ତାପର ଅବସର ଅନାବଶ୍ୟକ ହୋଇଥାଏ ।

## ଉପସଂହାର:

ସାରାଂଶ ଭାବେ କହିବାକୁ ଗଲେ ଶ୍ରୀ ମହାପାତ୍ର ଜଣେ ସମାଜ ସଚେତକ ନାଟ୍ୟସ୍ରଷ୍ଟା । ଆଜିର ମଣିଷ ଆସୁରିକ ଗୁଣମାନଙ୍କ ପ୍ରଭାବରେ ପଡ଼ି ଦୈବୀ ଗୁଣ, ମାନବୀୟତାକୁ ସମ୍ପୂର୍ଣ୍ଣ ରୂପେ ତିଳାଞ୍ଜଳି ଦେଇ ସଂକୀର୍ଣ୍ଣତା ରାକ୍ଷସର କରାଳ କବଳରେ ଆକ୍ରାନ୍ତ ହୋଇ ବ୍ୟାପକତାକୁ ଅନାଦର କରି ନିଜେ ତଥା ସମାଜକୁ ଅଧୋଗତି ସମ୍ପନ୍ନ କରୁଛି ଏବଂ ଅଯାଚିତ ପ୍ରଳୟକୁ ନିମନ୍ତ୍ରଣ କରୁଛି, ତାହା ନାଟ୍ୟକାରଙ୍କ ନାଟକରେ ଅତି ସ୍ପଷ୍ଟ ଭାବେ ପ୍ରଦର୍ଶିତ ହୋଇଛି । ନିଜର ସେହି ଆହତ ଭାବଧାରାକୁ ତାଙ୍କ ନାଟକ ମାଧ୍ୟମରେ ପାଠକ, ଦର୍ଶକମାନଙ୍କ ନିକଟରେ ପ୍ରଭାବଶାଳୀରେ ପରିବେଷଣ କରିଛନ୍ତି । ଆଶା ପୋଷଣ କରିଛନ୍ତି, ଦେବପୁତ୍ର ମଣିଷ ମଧ୍ୟରେ ନିଶ୍ଚିତ ଭାବେ ହୃଦୟର କେଉଁ କୋଣରେ ବିନ୍ଦୁଟିଏ ହୋଇ ଦେବତ୍ୱ ବଂଚି ରହିଥିବ । ତାହା ଯଦି ଜାଗ୍ରତ ହୁଏ ତେବେ ଆବର୍ଜନା ଯେତେ ବିଶାଳ ହେଉ ପଛେ ସାମାନ୍ୟ ଦେବାଗ୍ନି କଣିକା ସେ ସବୁକୁ ଧ୍ୱଂସସ୍ତୁପ କରିବାକୁ ସକ୍ଷମ । ଏହି ମହାନ ବାର୍ତ୍ତା ଜନ ସମାଜକୁ, ଆଜିର ଅନ୍ଧ ଧୃତରାଷ୍ଟ୍ର ଓ ଗାନ୍ଧାରୀ ପିତା ମାତାଙ୍କୁ ବେଳହୁଁ ସଚେତନ ଓ ସାବଧାନ ହେବା ପାଇଁ ତଥା ସମୟାନୁସାର ବିହିତ ପଦକ୍ଷେପ ଗ୍ରହଣ କରିବାରେ କାଳୁସ୍ଥ ନ ହୋଇ ତାଙ୍କ ପିଲାମାନଙ୍କୁ ଏକ ଉତ୍ତମ ସମାଜୋପଯୋଗୀ ମଣିଷ ଭାବେ ଗଠନ କରିବାକୁ ସତର୍କ କରିବ । ଏହାହିଁ ନାଟକ 'ପୁତ୍ରପୂଜା'ର ଅନ୍ତଃସ୍ୱର ।

## ସହାୟକ ଗ୍ରନ୍ଥସୂଚୀ:


୧. ନାରାୟଣ ଶତପଥୀ, ଓଡ଼ିଆ ନାଟକ ଓ ନାଟ୍ୟକାର ,୧୯୬୪ ।

୨. ନଟବର ସାମନ୍ତରାୟ, ଓଡ଼ିଆ ସାହିତ୍ୟର ଇତିହାସ ,(୧୮୦୩-୧୯୨୦ )୧୯୬୪ ।

୩. ସର୍ବେଶ୍ୱର ଦାସ,ନାଟକର ବିଚାର ,୧୯୫୨ ।

୪. ଡ. ହେମନ୍ତ କୁମାର ଦାସ ,ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (ପ୍ରଥମ ଭାଗ),ଦ୍ୱିତୀୟ ସଂସ୍କରଣ -୨୦୨୩ ।

୫. ଡ. ହେମନ୍ତ କୁମାର ଦାସ , ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (ଦ୍ୱିତୀୟ ଭାଗ),ଦ୍ୱିତୀୟ ସଂସ୍କରଣ -୨୦୨୩ ।

୬. ଡ. ହେମନ୍ତ କୁମାର ଦାସ, ଓଡ଼ିଆ ନାଟକର ରୂପ ବିଭବ,୧୯୮୦ ।

୭. ଡ. ହେମନ୍ତ କୁମାର ଦାସ, ଓଡ଼ିଆ ନାଟକର ବିକାଶଧାରା,୧୯୮୧ ।

୮. ଶ୍ରୀ ସର୍ବେଶ୍ୱର ଦାସ, ଓଡ଼ିଆ ନାଟ୍ୟ ସାହିତ୍ୟ,୧୯୮୧ ।


❖ ❖ ❖

DOI : https://doi.org/10.5281/zenodo.18529128 ମୂଳ ପ୍ରବନ୍ଧ

# ସ୍ଥିତାବସ୍ଥା ବିରୁଦ୍ଧରେ ବିପ୍ଲବର ସ୍ୱର : ନାଟକ ଅମୃତସ୍ୟ ପୁତ୍ରଃ

**ସ୍ନିଗ୍ଧା ଶୁଭଦର୍ଶିନୀ**

**ସଂକ୍ଷିପ୍ତସାର :**

'ଅମୃତସ୍ୟ ପୁତ୍ରଃ' ନାଟକଟି ନାଟ୍ୟକାର ମନୋରଞ୍ଜନ ଦାସଙ୍କ ବହୁ ଚର୍ଚ୍ଚିତ ନାଟକ ମଧ୍ୟରେ ଅନ୍ୟତମ। ନାଟକରେ ମୁଖ୍ୟତଃ ପରମ୍ପରା ବିରୁଦ୍ଧ ମାନସିକତା ରହିଛି ନାୟକ ସନାତନଠାରେ। ସନାତନ ଓ ସୁଚେତା ଦୁହେଁ ହେଉଛନ୍ତି ରକ୍ଷଣଶୀଳ ସମାଜ ବିରୋଧୀ ଚରିତ୍ର। 'ଶୃଣନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରଃ' ଆର୍ଯ୍ୟ ଋଷିଙ୍କ କଣ୍ଠରୁ ନିର୍ଗତ ଏହି ଉଦାରବାଣୀ ଦ୍ୱାରା ନାଟ୍ୟକାରା ପ୍ରଭାବିତ ହୋଇ ଏ ନାଟକ ଲେଖିଅଛନ୍ତି। ସନାତନ ସୁଚେତା, ନିର୍ମଳା, ବିମଳବାବୁ ଏବଂ ଏସ୍.ଏସ୍.ଏମ୍ ଚରିତ୍ର ଆଦି ପ୍ରତୀକାତ୍ମକ ଚରିତ୍ର ଅଟନ୍ତି। ଏପରିକି ନାଟକରେ ପ୍ରଦର୍ଶିତ ରେଳ ଷ୍ଟେସନ୍, ରେଳ ଧାରଣା ଏବଂ ରେଳଗାଡ଼ି ସବୁଗୁଡ଼ିକୁ ପ୍ରତୀକାତ୍ମକ କରି ମନୋରଞ୍ଜନ ଦାସ ନିଜ ନାଟକରେ ଦେଖାଇ ଅଛନ୍ତି। ଆଜିର ଯୁଗରେ ସମସ୍ତଙ୍କୁ ମୁକ୍ତି ଦରକାର, ଉନ୍ନତ ସମାଜ ଆଉ ସାମାଜି ବିଧି ବ୍ୟବସ୍ଥା ଦରକାର। କିନ୍ତୁ କେହି ହେଲେ ପ୍ରାଚୀନର ଅବଧାରଣାଠାରୁ ବଦଳାଇବାର କ୍ଷମତା ରଖନ୍ତି ନାହିଁ। ଯାହା ଚଳି ଆସୁଛି ସେଥିରେ ନିଜକୁ ଖାପ ଖୁଆଇବା ପାଇଁ ଚେଷ୍ଟା କରନ୍ତି। ନିଜେ କିଛି ବଦଳାଇବାକୁ କିମ୍ବା ନୂଆ କରିବାକୁ ଚେଷ୍ଟା କରନ୍ତି ନାହିଁ। ସନାତନ ଓ ସୁଚେତା ସବୁ କିଛି ଭାଙ୍ଗି ଦେଇ ନୂଆ ଗଢ଼ିବାରେ ବିଶ୍ୱାସୀ। କିନ୍ତୁ ଏମାନଙ୍କ ରାସ୍ତାଯେ ବହୁ କଣ୍ଟକିତ। ତାହା ଅମୃତସ୍ୟ ପୁତ୍ରଃ' ନାଟକରେ ପ୍ରଦର୍ଶିତ ହୋଇଛି।

**ପ୍ରମୁଖ ଶବ୍ଦାବଳୀ :**

ଚରିତ୍ରଚର୍ଯ୍ୟା, ଟେଲିଗ୍ରାଫିକ୍, ସ୍ଥିତାବସ୍ଥା, ଏଷ୍ଟାବ୍ଲିଶ୍‌ମେ୍, ବୈପ୍ଲବିକ, ପୋକଖିଆ, ମଞ୍ଚକୌଶଳ, ରେଳଧାରଣା ଇତ୍ୟାଦି।

**ପ୍ରସଙ୍ଗ :**

ପ୍ରକୃତି ଜଗତରେ ଋତୁ ପରିବର୍ତ୍ତନ ପରି ସାମାଜିକ ସ୍ଥିତାବସ୍ଥାର ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା। ମାତ୍ର ଏ ପରିବର୍ତ୍ତନ ଆପେ ଆପେ ହୁଏ ନାହିଁ। ଏହାରି ପଛରେ କିଛି ନେତୃସ୍ଥାନୀୟ ବ୍ୟକ୍ତି ବା ଗୋଷ୍ଠୀର ହାତଥାଏ। ଶହଶହ ବର୍ଷ ଧରି ସମାଜରେ ପ୍ରଚଳିତ ଚଳଣି, ପରମ୍ପରା ଓ ବିଶ୍ୱାସବୋଧ ଏମାନଙ୍କୁ ଅତିଷ୍ଠ କରେ। ତେଣୁ ସେମାନେ ତାହାର ନକରାତ୍ମକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ତା' ବିରୁଦ୍ଧରେ ଦିଅନ୍ତି ବୈପ୍ଳବିକ ଆହ୍ୱାନ। ଏହି ଅନୁକ୍ରମରେ ନାଟ୍ୟକାର ମନୋରଞ୍ଜନ ଦାସଙ୍କ 'ଅମୃତସ୍ୟ ପୁତ୍ରଃ' ନାଟକର ପରିଚର୍ଚ୍ଚା ପ୍ରାସଙ୍ଗିକ ମନେହୁଏ। ଯେଉଁଠି ସାମାଜିକ ସ୍ଥିତାବସ୍ଥା ବିରୁଦ୍ଧରେ ନାଟ୍ୟ ନାୟକ ସନାତନର ପ୍ରତିକ୍ରିୟା ଓ ବୈପ୍ଲବିକ ସ୍ୱର ପ୍ରସ୍ଫୁଟିତ। ନାଟ୍ୟକାର ମନୋରଞ୍ଜନ ନବନାଟ୍ୟ ଆନ୍ଦୋଳନ ପରବର୍ତ୍ତୀ ଓଡ଼ିଆ ନାଟକର

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI :** https://doi.org/10.5281/zenodo.18529128

Article No - BPP00375

**ଯୋଗାଯୋଗ :**
**ଡ଼କ୍ଟର ସ୍ନିଗ୍ଧା ଶୁଭଦର୍ଶିନୀ,** ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
**Email :** snigdharakhi4u@gmail.com
**ORCID ID :** https://orcid.org/0009-0008-6979-0465

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଶୁଭଦର୍ଶିନୀ, ସ୍ନିଗ୍ଧା; ୨୦୨୬। ସ୍ଥିତାବସ୍ଥା ବିରୁଦ୍ଧରେ ବିପ୍ଳବର ସ୍ୱର : ନାଟକ ଅମୃତସ୍ୟ ପୁତ୍ରଃ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଞ; ପୃଷ୍ଠା : ୨୫-୨୯।

ପ୍ରଥମ ଓ ପ୍ରଧାନ ସୂତ୍ରଧର। ଓଡ଼ିଆ ନାଟକର ବିଷୟବସ୍ତୁ, ମଞ୍ଚକୌଶଳ, ଚରିତ୍ରଚର୍ଯ୍ୟା, ସଂଳାପ ତଥା ଲୋକନାଟକ ଶୈଳୀର ନୂତନ ପରୀକ୍ଷାଧର୍ମୀ ପ୍ରୟୋଗ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ସହରି ସଭ୍ୟତା ଓ ମଧ୍ୟବିତ୍ତ ମଣିଷର ଜୀବନଚର୍ଯ୍ୟାକୁ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ପରିବେଷଣ କରିବାରେ ତାଙ୍କର କୃତିତ୍ୱ ଅନବଦ୍ୟ।

ସାଂପ୍ରତିକ ମନୁଷ୍ୟର ହତାଶା, ବ୍ୟର୍ଥତା, ନିଃସଙ୍ଗତାବୋଧ ଓ ଯୌନ ଜ୍ୱଳନକୁ ସେ ଚମତ୍କାର ନାଟ୍ୟରୂପ ପ୍ରଦାନ କରିଛନ୍ତି। ମଣିଷର ଅର୍ନ୍ତଦାହକୁ ସୂକ୍ଷ୍ମ ନିରୀକ୍ଷଣ କରି ସେ ବ୍ୟକ୍ତି ଜୀବନର ମନଗହନର ପ୍ରକୃତ ସ୍ୱରୂପକୁ ଉଦ୍‌ଘାଟନ କରିଛନ୍ତି।

ପାରମ୍ପରିକ ରୀତିରେ ନାଟକ ଲେଖି ସେ ପ୍ରଥମେ ଓଡ଼ିଆ ପାଠକ ଓ ଦର୍ଶକ ଦରବାରରେ ପରିଚିତି ହାସଲ କରିଥିଲେ। ରାତ୍ରି, ଯୌବନ, ଅଗଷ୍ଟ ନଅ, ବକ୍ସି ଜଗବନ୍ଧୁ ପ୍ରଭୃତି ନାଟକ ଏହାର ପ୍ରମାଣ। ମାତ୍ର ପରବର୍ତ୍ତୀ କାଳରେ ସେ ନୂତନ ପରୀକ୍ଷାଧର୍ମୀ ନାଟକ ରଚନା କରି ଓଡ଼ିଆ ନାଟ୍ୟ ସାହିତ୍ୟର ଏକ ମାଇଲଖୁଣ୍ଟ ରୂପେ ଚିହ୍ନିତ ହେଲେ। ତାଙ୍କର ଆଗାମୀ, ଅବରୋଧ, ବନହଂସୀ, କାଠଘୋଡ଼ା, ବିତର୍କିତ ଅପରାହ୍ନ, କ୍ଲାନ୍ତ ପ୍ରଜାପତି, ନନ୍ଦିକାକେଶରୀ ପ୍ରଭୃତି ଉଚ୍ଚମାନର ପରୀକ୍ଷାଧର୍ମୀ ନାଟ୍ୟ ସୃଷ୍ଟି।

ଆଲୋଚ୍ୟ 'ଅମୃତସ୍ୟ ପୁତ୍ରଃ' ମନୋରଞ୍ଜନଙ୍କ ଏକ ସଫଳ 'One Set Drama'। ଏକ ପ୍ଲାଟ୍‌ଫର୍ମକୁ କେନ୍ଦ୍ର କରି ଏ ନାଟକର ସମଗ୍ର କଥାବସ୍ତୁ ଗତିଶୀଳ। ଏହାର ଚରିତ୍ର ସଂଖ୍ୟା ମଧ୍ୟ ସୀମିତ। ଟେଲିଗ୍ରାଫିକ୍ ସଂଳାପର ସାର୍ଥକ ପ୍ରୟୋଗ ଏଠି ଦେଖିବାକୁ ମିଳେ। ମଞ୍ଚକୁ ପୁଣି ଦୁଇଟି ଜୋନ୍‌ରେ ବିଭକ୍ତ କରି ନୂତନ ଷ୍ଟେଜ୍ ଟେକ୍‌ନିକ୍ ଖଞ୍ଜି ଦିଆଯାଇଛି। ନାଟକର ମୁଖ୍ୟ ଚରିତ୍ର ଏକ ପିତୃମାତୃହୀନ ଯୁବକ, ଯାହାର ନାମ 'ସନାତନ'। ଭଗବତ୍ ଗୀତାର ଦର୍ଶନରେ ସନାତନ ହେଉଛି ଶାଶ୍ୱତ ବା ଚିରନ୍ତନ। ମନୁଷ୍ୟକୁ ଉପନିଷଦରେ ଅମୃତର ସନ୍ତାନ ବୋଲି ଘୋଷଣା କରାଯାଇଛି। ସେହି ଉପନିଷଦିୟ ଚିନ୍ତାଧାରା ଅନୁଯାୟୀ ଏ ନାଟକର ଶୀର୍ଷକ ହେଉଛି 'ଅମୃତସ୍ୟ ପୁତ୍ରଃ'। ମନେହୁଏ 'Establishment' ବା ସ୍ଥିତାବସ୍ଥା ବିରୁଦ୍ଧରେ ପ୍ରତିକ୍ରିୟା ହିଁ ଏ ନାଟକର ପ୍ରଧାନ ସ୍ୱର, ନାଟକର କଥାବସ୍ତୁରେ ତାହା ଅଭିବ୍ୟଞ୍ଜିତ। ତିନୋଟି ଅଙ୍କରେ ବିଭକ୍ତ ନାଟକର ଭାବବସ୍ତୁରେ ମୁଖ୍ୟ ଚରିତ୍ର ରୂପେ ଉଦ୍‌ଭାସିତ ସନାତନ ଏକ ଯାରଜ ସନ୍ତାନ।

ପ୍ରଥମ ଅଙ୍କରେ ସୁଚେତା ସହିତ ତା'ର ଅନ୍ତରଙ୍ଗତା ହେବାପରେ ଯେତେବେଳେ ସୁଚେତା ତାକୁ ନିଜ ଘରକୁ ଆମନ୍ତ୍ରଣ କରିଛି ସେତେବେଳେ ସନାତନ ସୁଚେତା ଘରକୁ ଯିବାକୁ ଅସମ୍ମତି ପ୍ରକାଶ କରିବାରୁ ସୁଚେତା କହିଛି "ହୋଇପାରେ ଆପଣଙ୍କ ଘରଠାରୁ ଆମ ଘରେ ସୁଖ ସ୍ୱାଛନ୍ଦ୍ୟ କମ୍....ତା'ବୋଲି" କିନ୍ତୁ ସନାତନ କହିଛି ତା'ର ଘର ନାହିଁ, ସେ ଏକ ପରିଚୟ ହୀନ ସନ୍ତାନ। ଏକଥାର ରହସ୍ୟ ଉଦ୍‌ଘାଟିତ ହୋଇଛି ଯେତେବେଳେ ସନାତନ କହୁଛି "କର୍ଣ୍ଣର ଇତିହାସ ଜାଣିଛନ୍ତି ? ଯିଏ ଏକ ଛୋଟ ପାତ୍ରରେ ସୁଅରେ ଭାସି ଭାସି ଲାଗିଥିଲା କେଉଁ ଏକ ଅଜଣା ଘାଟରେ। ମୁଁ କର୍ଣ୍ଣ...ମୁଁ ଯୀଶୁ। ଯୀଶୁ ଯିଏ ଜନ୍ମ ହୋଇଥିଲା ଗୁହାଳର କୁଣ୍ଡ ଭିତରେ। ମୁଁ କୃଷ୍ଣ... ସନାତନ ଯିଏ ଜନ୍ମ ହୋଇଥିଲା ବନ୍ଦୀଶାଳାରେ। ବାପା ମା'ର ଇତିହାସ ମୋ ପାଇଁ ଅନ୍ଧକାର ଏଠାରେ ନାଟ୍ୟକାର କୁମାରୀ ମାତାର ଗର୍ଭରୁ ଜନ୍ମ ନେଇଥିବା କର୍ଣ୍ଣ, ଘୋଡ଼ାଶାଳରେ ଜନ୍ମ ନେଇଥିବା ଯୀଶୁ ବା ମଥୁରାର ବନ୍ଦୀଶାଳରେ ଜନ୍ମ ନେଇଥିବା ଶ୍ରୀକୃଷ୍ଣଙ୍କ ପରି ସନାତନର ପରିଚୟ ବାଢ଼ିଛନ୍ତି। ସମାଜର କେଉଁ ଏକ ଅନ୍ଧଗଳିରେ ତାକୁ ଜନ୍ମ ଦେଇ ଫିଙ୍ଗି ଦେଇଥିଲା ମା' ସାମାଜିକତାର ଭୟରେ। ଏମିତି କୁନ୍ତୀ ସାମାଜିକ ଭୟରୁ ରକ୍ଷା ପାଇବା ପାଇଁ କର୍ଣ୍ଣକୁ ଭସାଇ ଦେଇଥିଲେ ନଦୀଗର୍ଭରେ। ଏଥିରୁ ପ୍ରମାଣିତ ହୁଏଯେ, ମଣିଷ କାଳ କାଳ ଧରି ସାମାଜିକ ଭୟରେ ପୀଡ଼ିତ। ବିଶେଷତଃ, ସନ୍ଦେହ, ଅବିଶ୍ୱାସ ଓ ଭୟର ବନ୍ଦୀଶାଳାରେ ସାଂପ୍ରତିକ ମଣିଷ କିପରି ଛଟପଟ ହୁଏ, ତାହା ନାଟକର ଦ୍ୱିତୀୟ ଅଙ୍କରେ ସ୍ପଷ୍ଟ ପ୍ରତିଭାତ ହୋଇଛି।

ସୁଚେତା, ବିମଳବାବୁ ଓ ନିର୍ମଳାଙ୍କ କନ୍ୟା। ବିମଳ ଅବସରପ୍ରାପ୍ତ ମାତ୍ର ନିର୍ମଳା ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପିକା। ଉଭୟଙ୍କ ଭିତରେ ଦାମ୍ପତ୍ୟ ଜୀବନରେ ଦେଖାଦେଇଛି ସନ୍ଦେହ ଓ ଅବିଶ୍ୱାସ। ଏପରିକି ସେମାନେ ପରସ୍ପରକୁ ଠିକ୍ ଭାବରେ ବୁଝି ପାରିନାହାନ୍ତି। ବିମଳ ବାବୁ ନିର୍ମଳା କୌଣସି ତରୁଣ ଅଧ୍ୟାପକ ସହ କଥା ହେଲେ ସନ୍ଦେହ କରନ୍ତି। ସେହିପରି ବିମଳ ଘରୁ ବାହାରକୁ ଗଲେ ନିର୍ମଳା ତାଙ୍କର ପିଛା କରନ୍ତି। ସାଂପ୍ରତିକ ସମାଜରେ ଦାମ୍ପତ୍ୟ ଜୀବନ ପ୍ରାୟ ସନ୍ଦେହ ଭରା। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱସ୍ତତାର ଅଭାବ। ବିମଳ ଓ ନିର୍ମଳାଙ୍କ ସମ୍ପର୍କରୁ ଏହା ଅଭିବ୍ୟଞ୍ଜିତ। ପୁନଶ୍ଚ ବିମଳ ବାବୁଙ୍କଠାରୁ ନିର୍ମଳା ଜାଣିବାକୁ ପାଇଛନ୍ତି ଯେ, ଗତକାଲି ସନାତନ ଚୌଧୁରୀ ତାଙ୍କ ଘରେ ଥିଲେ। ସୁଚେତା ଓ ସନାତନର ଅନ୍ତରଙ୍ଗତା ଅବଗତ ହୋଇ

ନିର୍ମଳା ଟିକେ ଶଙ୍କିତ ହୋଇଛନ୍ତି । ମାତ୍ର ବିମଳବାବୁ ସନାତନ ଭିତରେ ନିଜକୁ ଦେଖିପାରିଛନ୍ତି । ସେ କହନ୍ତି "ସନାତନଙ୍କୁ ଦେଖି ମୋର ଯେମିତି ମନେ ହେଲା ମୁଁ ନିଜେ ସନାତନ । ଏହା ଶୁଣି ନିର୍ମଳା କହନ୍ତି, "ଆହା, କ'ଣ ବାଜେ କଥା କହୁଚ !" ଏହି କଥୋପକଥନ ଭିତରେ ବିମଳ ପ୍ରକାଶ କରିଛନ୍ତି "ସାରାଜୀବନ ମୁଁ ତୁମକୁ ଏଇ ବାଜେ କଥା କହିଆସିଛି । ଏଇ ବାଜେ କଥା ଭିତରେ ମୁଁ ତୁମକୁ ବୁଝାଇବାକୁ ଚେଷ୍ଟା କରିଆସିଛି; କ'ଣ ମୁଁ କହିବାକୁ ଚାହେଁ...ପାରିନି ।" ଦାମ୍ପତ୍ୟର ଅବିଶ୍ୱସ୍ତତା, ସନ୍ଦେହ ଓ ପରସ୍ପରର ବୁଝାମଣା ଭିତରେ ଦୂରତା ହିଁ ସାମାଜିକ ସମ୍ପର୍କର ମୂଳଦୂଆକୁ ଯେମିତି ଭାଙ୍ଗି ଦେଇଛି । କ୍ରମଶଃ ବିମଳ ଓ ନିର୍ମଳା ଚାଲିଯିବା ପରେ ପ୍ଲାଟ୍‌ଫର୍ମକୁ ଆସିଛନ୍ତି ସନାତନ ଓ ସୁଚେତା । ସେମାନେ ରେଳ ଲାଇନ୍‌ର ସ୍ଲିପର୍ ପରେ ସ୍ଲିପର୍ ଡେଇଁ ଡେଇଁ ନୂଆ ରାସ୍ତାରେ ଆସିଛନ୍ତି । ସୁଚେତା ଆଗେ ଷ୍ଟେସନ୍‌ରେ ପହଞ୍ଚିଛି । ତେଣୁ ସେ ସନାତନକୁ କହିଛି ତୁମେ ପାରିଲ ନାହିଁ, ପଛରେ ପଡ଼ିଗଲ । ମାତ୍ର ସନାତନ କହିଛି, ପଛରେ ପଡ଼ି ମଧ୍ୟ ମୁଁ ଜିତି ଯାଇଛି । ବାସ୍ତବରେ ସନାତନ ହିଁ ନୂଆ ବାଟରେ ଯିବା ପାଇଁ ସୁଚେତାକୁ ପ୍ରବର୍ତ୍ତାଇଛି । ସନାତନ ସବୁକିଛି କରିପାରିବ । ରାଜା, ମନ୍ତ୍ରୀ, କଟୁଆଳ ସବୁ ହୋଇପାରିବ । ତା' ପାଖରେ ଶକ୍ତି ଅଛି, ସାହସ ଅଛି, ଦମ୍ଭ ଅଛି । ସେ ସମାଜକୁ ବଦଳେଇ ଦେଇପାରିବ । ସେ ନବୀନ ଯୁଗର ଯୁବଶକ୍ତିର ପ୍ରତୀକ । ଏହି ଅବକାଶରେ ନାଟ୍ୟକାର ଲୋକ ନାଟକର ଉପାଦାନକୁ ସାର୍ଥକ ଭାବରେ ପ୍ରୟୋଗ କରିଛନ୍ତି । ସନାତନ ପ୍ରଥମେ ଦ୍ୱାରୀ ଓ ପରେ ରାଜା ଭୂମିକାରେ ଅଭିନୟ କରିଛି ଏବଂ ସୁଚେତା ମଧ୍ୟ ନାୟିକା ଭୂମିକାରେ ଅଭିନୟ କରିଛି । ସନାତନ ସୁଚେତାକୁ କହିଛି, "ମୁଁ କିନ୍ତୁ କହିଥିଲି ରାସ୍ତାର ସଡ଼କ ବାଟରେ ସମସ୍ତେ ଆସନ୍ତି, ତୁମେ ବି ସବୁଦିନ ଆସିଛ, କିନ୍ତୁ ଆଜି ଚାଲ ଅନ୍ୟ ଏକ ବାଟରେ ଯିବା । ବନ୍ଧୁର କର୍କଶ ନୂଆ ବାଟ, ସେଥିରେ ଆନନ୍ଦ ଅଛି । ସେମାନେ ୱେଟିଂ ରୁମ୍‌ରେ ବସି ଆଳାପ କରିଛନ୍ତି । ସନାତନ ବିମଳ ବାବୁଙ୍କ କଥା କହିଛି । ବିମଳ ବାବୁ ନିଜକୁ ଠିକ୍ ଭାବେ ଦେଖିବା ସମ୍ଭବ ନୁହେଁ । ସେମାନଙ୍କ ମନରେ ଭୟ ଜମାଟ ବାନ୍ଧି ଯାଇଛି ।

ପ୍ରସଙ୍ଗକ୍ରମେ ସନାତନ ଏ.ଏସ୍.ଏମ୍ ବାବୁଙ୍କ ଜୀବନର କଥା ଅବଗତ ହୋଇଛି । ସେ ବିବାହ କରିଥିଲେ, ତାଙ୍କ ପତ୍ନୀ କିନ୍ତୁ ତାଙ୍କଠାରୁ ଦୂରେଇ ଯାଇଛନ୍ତି । ତାଙ୍କର ହୁଏତ ପିଲାଛୁଆ ହୋଇଥାଇପାରେ । ଏକ ଅଦୃଶ୍ୟ Morality ଭୟରେ ସେ ତାହା ଖୋଲି କରି କହିପାରୁନାହାନ୍ତି । ଅନ୍ୟ ପକ୍ଷରେ ସୁଚେତା ଜାଣିଛି ତା' ବୋଉ ନିର୍ମଳା ଦେବୀ ଷ୍ଟେସନ୍‌ରୁ ଓହ୍ଲାଇ ବାପାଙ୍କ ସାଙ୍ଗରେ ଘରକୁ ଗଲେଣି ସେ ଘରକୁ ଗଲେ କ'ଣ ଭାବିବେ । ତା' ମନରେ ଆସିଲା ଭୟ । ତା' ମନକଥା ଜାଣିପାରି ସନାତନ ପଚାରିଲା ପୁଣି ଭୟ ? କୋଉ ଭୟ ? କାହାର ଭୟ ? ସୁଚେତା କହୁଛି, ବାପାଙ୍କର ଭୟ, ବୋଉର ଭୟ, ସାଇପଡ଼ିଶା ସବୁ, ସମସ୍ତଙ୍କର ଭୟ ଏଠାରେ ଉଲ୍ଲେଖଯୋଗ୍ୟଯେ, କାହ୍ନୁଚରଣଙ୍କ 'ଶାସ୍ତି' ଉପନ୍ୟାସରେ ଧୋବୀ ଯେପରି ସାମାଜିକ ଭୟରେ ସନିଆ ଆଗରେ ନିଜର ମନକଥା କହିପାରିଲା ନାହିଁ, ଠିକ୍ ସେମିତି ସାମାଜିକ କଟକଣାର ଭୟରେ ଚିନ୍ତିତ ହୋଇଛି 'ସୁଚେତା' । ମାତ୍ର ସନାତନ ତା'ର ଆଦର୍ଶରେ ସୁଚେତାକୁ ଅନୁପ୍ରାଣିତ କରି ଦୃଢ଼ ଭାବରେ କହିଛି, "ମୁଁ ସନାତନ, ଶିବ, ଧ୍ୱଂସକାରୀ, ଡେଷ୍ଟ୍ରଏର୍" ପୁନଶ୍ଚ ସେ ନିଜର ସ୍ୱାଧୀନ ଚିନ୍ତା ଓ ଏଷ୍ଟାବ୍ଲିଶ୍‌ମେଣ୍ଟ ବିରୁଦ୍ଧରେ ବିପ୍ଳବର ବାର୍ତ୍ତା ଦେଇ ଉଦ୍‌ଘୋଷଣା କରିଛି "ମୁଁ ଆସିଛି ତୁମର ତଥାକଥିତ ସଭ୍ୟତା, ତୁମର ମଣିଷଗଢ଼ା ପ୍ରକୃତିକୁ ଭାଙ୍ଗିଦେବାକୁ । ମନ ଭିତରେ ଜମାଟ ବନ୍ଧା ଭୟକୁ ମୁଁ ଆସିଛି ଭାଙ୍ଗି ଚୁର୍‌ମାର୍ କରିଦେବାକୁ । ମଣିଷ ନିଜ ପାଇଁ ସୃଷ୍ଟି କରିଛି ଯେଉଁ ନାଗଫାଶ ମୁଁ ଆସିଛି ତାକୁ ଛିନ୍ନ କରିଦେବାକୁ । ମୁକ୍ତିର ନୂଆ ସନନ୍ଦ ଧରି ମୁଁ ଆସିଛି । ମୁଁ ଏକ ନୂଆ ଯୁଗର ସଂକେତ । ମୁଁ ଗତିମାନ ଅଶ୍ୱ, ମୁଁ କାଳବୈଶାଖୀ, ମୁଁ ମହାକାଳର ଶଙ୍ଖଧ୍ୱନି । ମନର ସୃଷ୍ଟି ପାଇଁ ମୁଁ ଧ୍ୱଂସକାରୀ" ସନାତନର ଏହି ସଳାପ ହିଁ ସମଗ୍ର ନାଟକର ମର୍ମବାଣୀ ପରି ମନେହୁଏ । ଏଥିରୁ ଯୁବଶକ୍ତିର ପରିବର୍ତ୍ତନଶୀଳ ମାନସିକତାକୁ ପାଠକ ଉପଲବ୍ଧି କରିଥାଏ ।

ପ୍ରକୃତିରେ ପ୍ରାଚୀନତାକୁ ଭାଙ୍ଗିଲେ ଯାଇ ନୂଆ ଗଢ଼ି ହୁଏ । ସମସାମୟିକ କାଳରେ ରଚିତ ସଚ୍ଚି ରାଉତରାୟଙ୍କ 'ଝଡ଼' କବିତାରେ ମଧ୍ୟ ଏହି ବାର୍ତ୍ତା ନିହିତ । ଏଇଯେ ଆସୁଛି ଝଡ଼, କର ସଖି ତା'ରେ ନମସ୍କାର ବୋଲି କବି ପୁରାତନକୁ ଭାଙ୍ଗି ଝଡ଼ ମାଧ୍ୟମରେ ନୂତନ ସୃଷ୍ଟିର ପରିକଳ୍ପନା କରିଛନ୍ତି । ଆଲୋଚ୍ୟ ନାଟକରେ ସନାତନ ମଧ୍ୟ ସେହି ଧର୍ମରେ ଦୀକ୍ଷିତ । ତେଣୁ ପ୍ରାଚୀନ ପରମ୍ପରାର ନିଗଡ଼ରେ ବନ୍ଧନମୁକ୍ତ ସମାଜକୁ, ତା'ର ପରମ୍ପରା ଓ ଚଳଣିକୁ, ତା'ର ସନ୍ଦେହ, ଅବିଶ୍ୱାସ ଓ ଭୟର ବାତାବରଣକୁ ଭାଙ୍ଗି ଦେଇଛି ସଂକଳ୍ପବଦ୍ଧ । ସନାତନ ଦ୍ୱାରା ପ୍ରଭାବିତ ହୋଇ ସୁଚେତା ମଧ୍ୟ ସେଇ ଆଦର୍ଶରେ ପରିଚାଳିତ ହୋଇଥିବାବେଳେ ପ୍ରାଚୀନ ଆଦର୍ଶକୁ ଜାବୁଡ଼ି ଧରି ରଖିଥିବା ପୁରାତନ ପିଢ଼ିର ଦୃଷ୍ଟାନ୍ତ ସ୍ୱରୂପ 'ବିମଳ' ଓ 'ନିର୍ମଳା' ସନାତନର

କାର୍ଯ୍ୟକଳାପକୁ କେବଳ ଅନାଇ ରହିଛନ୍ତି। ସନାତନର ବୈପ୍ଳବିକ ଶୋଭାଯାତ୍ରାରେ ସେମାନେ ସାମିଲ ହୋଇପାରିନାହାନ୍ତି। ପଚିଶ ବର୍ଷତଳର ଅତୀତ କଥା ଏମାନେ ସ୍ମରଣ କରି ଏମିତି ଏକ ପ୍ଲାଟ୍‌ଫର୍ମରେ କେମିତି ତାଙ୍କର ଦେଖା ହୋଇଥିଲା ତାହା ସ୍ମରଣ କରିଛନ୍ତି। ସାକ୍ଷାତରୁ ଅନ୍ତରଙ୍ଗତା ଓ ଉଭୟଙ୍କ ସମ୍ପର୍କର ସୃଷ୍ଟି ହୁଏ ପୁଅଟିଏ। ତାକୁ ହୁଏତ କେଉଁ ଅନାଥ ଆଶ୍ରମରେ ନିର୍ମଳା ଛାଡ଼ି ଦିଅନ୍ତି, ସମାଜର ଭୟରେ। କୁମାରୀ ଝିଅର ସନ୍ତାନକୁ ସମାଜ ଗ୍ରହଣ କରିପାରେନା। ପୁରାଣରେ କୁନ୍ତିଙ୍କର ଯେଉଁ ଅବସ୍ଥା, ନିର୍ମଳାଙ୍କ ଜୀବନରେ ତାହା ହିଁ ଘଟିଛି। ପରେ ନିର୍ମଳା ଓ ବିମଳ ବିବାହ ବନ୍ଧନରେ ଛନ୍ଦି ହୁଅନ୍ତି। ସେମାନଙ୍କ ଭିତରେ ସୃଷ୍ଟି ହୁଏ ସନ୍ଦେହ। ଆଜି ସନାତନକୁ ଦେଖି ଭାବନ୍ତି ସନାତନ ହୁଏତ ତାଙ୍କ ସନ୍ତାନ ହୋଇପାରେ।

ଅନ୍ୟପଟରେ ଏ.ଏସ୍.ଏମ୍. ବାବୁ ମଧ୍ୟ ସନାତନକୁ ନେଇ ନିଜର ପୁଅ ବୋଲି ମନେ କରନ୍ତି। ସେ ବିମଳ ବାବୁଙ୍କୁ ସ୍ପଷ୍ଟ ଭାବରେ ଜଣାଇ ଦେଇଛନ୍ତି "ମନଟା ସବୁବେଳେ ଗୋଳେଇ ଘାଣ୍ଟି ହୋଇ ରହୁଛି...। ଭାବିଲି, କାଳେ ସେ ଯଦି...ସେ ମୋ ପୁଅ। ସୁଚେତା ଓ ସନାତନ କିନ୍ତୁ ସ୍ଲିପର ପରେ ସ୍ଲିପର୍ ଡେଇଁ ବିମଳା ଓ ନିର୍ମଳା ଯିବାପରେ ନୂତନ ଆନନ୍ଦରେ ଆଗେଇ ଆସିଛନ୍ତି ୱେଟିଂ ରୁମ୍‌କୁ। ସନାତନ ସୁଚେତାକୁ କହିଛି, ଆମେ ଆଗେଇ ଯିବା, ଆମ ପାଇଁ ବାଧା ନାଇଁ, ବନ୍ଧନ ନାଇଁ। ଆମେ ଏଷ୍ଟାବ୍ଲିଶ୍‌ମେଣ୍ଟ ସ୍ୱୀକାର କରୁନା। ଶଙ୍କାହୀନ, ଭୟହୀନ ଆମେ। ଆମେ ଆଗେଇ ଯିବା ଏକା ଏକା। ସବୁ ଧରା ବନ୍ଧାଗତ ଶୃଙ୍ଖଳା, ସବୁ ଧାରଣା, ସବୁ ବାହାରେ ଆମେ। କାରଣ ସେ ସବୁ ମିଛ, ମିଛ, ମିଛ। ବସ୍ତୁତଃ ସନାତନର ଉକ୍ତି ଭିତରେ ଯୁବ ସମାଜର ନିର୍ଭୟତା ଓ ସାମାଜିକ ସ୍ଥିତାବସ୍ଥା ବିରୁଦ୍ଧରେ ତୀବ୍ର ଆହ୍ୱାନ ସୂଚିତ ହୋଇଛି। ସେ ଏ.ଏସ୍.ଏମ୍ ବାବୁ ଓ ବିମଳ ବାବୁଙ୍କୁ ବାପା ଭାବରେ ଅସ୍ୱୀକାର କରିଛି। ସେ ଅତୀତର ଘୁଣଖିଆ/ପୋକଖିଆ ପୃଥିବୀକୁ ଭାଙ୍ଗିବାକୁ ଶପଥ ନେଇଛି। ସମାଜର ନୀତି ନିୟମ, ପରମ୍ପରା ସବୁ ପୁରୁଣା ହେଇଗଲାଣି। ଭାଙ୍ଗିଲେ ଯାଇ ନୂଆ ଗଢ଼ିହେବ। ତାକୁ ନ ଭାଙ୍ଗିଲେ ବଞ୍ଚି ହେବନାହିଁ। ଏପରିକି ସୁଚେତା ଭାଙ୍ଗିବ କାହିଁକି ବୋଲି ଯେଉଁ ପ୍ରଶ୍ନ କରିଛି ତା'ର ଉତ୍ତରରେ ସନାତନ କହିଛି, "କହିପାରିବ, ମଣିଷ ଯାହା ଚାହେଁ କାହିଁକି ତା' ଜୀବନରେ ପାଇପାରେନା ? କର୍ମ କଲେ ବି କାହିଁକି ଠିକ୍ ଭାବେ ଫଳ ମିଳେନା। କାହିଁକି ଜଣେ ଅନ୍ୟ ଜଣଙ୍କ ଉପରେ ଅତ୍ୟାଚାର କରେ। ଦୁଇରେ ଦୁଇ ମିଶି ଚାରି ହୁଏ କାହିଁକି ? କାହିଁକି ସୂର୍ଯ୍ୟ ଅଛି, ପୃଥିବୀ ଅଛି ? କାହିଁକି ମଣିଷ ଜନ୍ମ ନିଏ ? କାହିଁକି ସେ କର୍ମ କରେ ?" ଏ ଉକ୍ତି ଭିତରେ ଜଣାଯାଏଯେ, ଏ ସମାଜରେ ସବୁ କାହିଁକିର ଉତ୍ତର ନାହିଁ। ସୁତରାଂ ସନାତନ ସବୁକିଛି ଭାଙ୍ଗିବା ଆରମ୍ଭ କରିଦେଇଛି। ତା'ର ଶକ୍ତି ଅଛି ସେ ଭାଙ୍ଗିବ। ସବୁକୁ ଭାଙ୍ଗିବ। କପ୍, ପ୍ଲେଟ୍, ଚେୟାର ସବୁକିଛି। ଏପରିକି ତା'ର ମୋହକୁ ମଧ୍ୟ। ସେ ଅବଶ ହୋଇପଡ଼ିବନି। ପରିଶେଷରେ ଗତାନୁଗତିକ ସଭ୍ୟତାର ପ୍ରତୀକ ଟ୍ରେଣ୍ଟକୁ ଭାଙ୍ଗିବା ପାଇଁ ସନାତନ ଓ ସୁଚେତା ରେଳଧାରଣା ଉପରେ ଛିଡ଼ା ହୋଇପଡ଼ିଛନ୍ତି। ବେହେରା ଟ୍ରେନ୍ ଆସୁଥିବାର ଦେଖି ବ୍ୟସ୍ତ ହୋଇ ସମସ୍ତଙ୍କୁ ଡାକିଛି। ମାତ୍ର ସେମାନେ ରେଳ ଲାଇନ୍ ଆଗରୁ ହଟିନାହାନ୍ତି। ମାଡ଼ି ଯାଇଛି ଟ୍ରେନ୍। ବିମଳ ବାବୁ ନିର୍ଲିପ୍ତ ଭାବରେ କହିଛନ୍ତି, ବ୍ୟସ୍ତ ହୁଅନି, କିଛି ହବନି, ସେ ଯେ ସନାତନ। ଗୀତାର ପବିତ୍ର ବାଣୀ "ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକ" ଉଚ୍ଚାରଣ କରି ବିମଳ ବାବୁ ଜଣାଇଦେଲେ, ଯେ ସନାତନ, ସେ ଶାଶ୍ୱତ, ସେ ଅମର। ଗୋଟିଏ ସନାତନର ମୃତ୍ୟୁରେ ହୁଏତ ଅଗଣିତ ସନାତନ ଜନ୍ମନେବେ। ଏ ସଭ୍ୟତାର ପୁରୁଣା ଢାଞ୍ଚା ବଦଳାଇବାକୁ କାଳେ କାଳେ ସନାତନମାନେ ଆସିବେ। ଯୁଗ ବଦଳିବ। ଯୁଗର ଯନ୍ତ୍ରଣା ବଦଳିବ। ନୂତନ ଚିନ୍ତା, ସ୍ୱାଧୀନ ଜୀବନ ଓ ସନ୍ଦେହହୀନ ଭାବେ ବଞ୍ଚିବାକୁ ସନାତନ ପରି ଯୁବକମାନେ ଆଗେଇ ଆସିବେ। ଏଇ ସତ୍ୟଟି ନାଟକର ଉପସଂହାରରେ ମଧ୍ୟ ପ୍ରତିଫଳିତ।

## ଉପସଂହାର :

ଅତଏବ 'ଅମୃତସ୍ୟ ପୁତ୍ର' ଯୁଗ ଯୁଗ ଧରି ଗଢ଼ି ଆସିଥିବା ରକ୍ଷଣଶୀଳ ସମାଜର ଚଳଣି, ପରମ୍ପରା ଭିତରେ ଯେଉଁ ଭୟ, ସନ୍ଦେହ ଓ ଅବିଶ୍ୱାସ ଲାଗି ରହିଛି ତାହାକୁ ଯୁବ ସମାଜ କିପରି ଭାଙ୍ଗିଦେବାକୁ ତତ୍ପର ତାହା ପ୍ରଦର୍ଶିତ ହୋଇଛି। ଚିରକାଳ ମଣିଷ ମୁକ୍ତକାମୀ। ସ୍ୱାଧୀନତା ହିଁ ତା'ର ଚିରକାମ୍ୟ। ସେଦିନ ରଷୋ ଯେପରି କହିଥିଲେ "Man is born free, but is everywhere in chains". ଅର୍ଥାତ୍, ମଣିଷ ମୁକ୍ତ ଭାବରେ ଜନ୍ମ ନିଏ, ମାତ୍ର ସମାଜ ତାକୁ ନୀତି ନିୟମର ଶୃଙ୍ଖଳାରେ ବାନ୍ଧିଦିଏ। ସେଇଠୁ ମୁକ୍ତି ପାଇବା ପାଇଁ ଅନ୍ତତଃ ଶକ୍ତି ସମ୍ପନ୍ନ ଯୁବକମାନେ ବିପ୍ଳବର ଆହ୍ୱାନ ଦିଅନ୍ତି। ଆଲୋଚ୍ୟ ନାଟକର

ସନାତନ ସେହିପରି ପରିବର୍ତ୍ତନଶୀଳ ଯୁବସମାଜର ସାର୍ଥକ ପ୍ରତିନିଧି; ଏଥିରେ ସନ୍ଦେହ ନାହିଁ।

## ସହାୟକ ଗ୍ରନ୍ଥସୂଚୀ :


୧. ଦାସ, ସର୍ବେଶ୍ୱର – ଓଡ଼ିଆ ନାଟ୍ୟ ସାହିତ୍ୟ – ପ୍ରଥମ ପ୍ରକାଶନ-୧୯୮୧।

୨. ଓଡ଼ିଶା ସାହିତ୍ୟ ଏକାଡ଼େମୀ – ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟ।

୩. ଦାସ, ହେମନ୍ତ କୁମାର – ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା – ତୃତୀୟ ସଂସ୍କରଣ-୨୦୧୨।

୪. ସାହୁ, ଡ. ନାରାୟଣ – ନାଟ୍ୟକାର ମନୋରଞ୍ଜନ ଓ ଅମୃତସ୍ୟ ପୁତ୍ର – ଇଣ୍ଡିଆନ୍ ବୁକ୍ ଡିଷ୍ଟ୍ରିବ୍ୟୁଟର୍ସ।

୫. ଦାସ, ମନୋରଞ୍ଜନ – ଅମୃତସ୍ୟ ପୁତ୍ର – ନାଳନ୍ଦା, କଟକ-୧୯୭୪।

୬. ମହାପାତ୍ର, ଡ. ବଭ୍ରୁବାହନ – ସମ୍ପ୍ରତିକ ଓଡ଼ିଆ ନାଟ୍ୟ ସାହିତ୍ୟ : ବିଚାର ଓ ବିଶ୍ଳେଷଣ – ସତ୍ୟନାରାୟଣ ବୁକ୍ ଷ୍ଟୋର – ପ୍ରଥମ ସଂସ୍କରଣ-୨୦୨୦।

୭. ସାହୁ, ଡ. ନାରାୟଣ – ସ୍ୱାଧୀନତୋର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ – ସତ୍ୟନାରାୟଣ ବୁକ୍ ଷ୍ଟୋର – ପ୍ରଥମ ସଂସ୍କରଣ-୨୦୧୭।

୮. ଦାସ, ହେମନ୍ତ କୁମାର – ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ (ଦ୍ୱିତୀୟ ଭାଗ) ଏସ୍.ବି. ପବ୍ଲିକେସନ୍, ବିନୋଦବିହାରି, କଟକ-୨୦୦୬।


❖ ❖ ❖

DOI : https://doi.org/10.5281/zenodo.18529164 ମୂଳ ପ୍ରବନ୍ଧ

# "ଅନ୍ଧାରର ବିଭୀଷିକା' ନାଟକରେ ଆଦର୍ଶର ହତ୍ୟା : ଏକ ଅନୁଶୀଳନ"

**ଅଜୟ କୁମାର ସାହୁ**

**ସଂକ୍ଷିପ୍ତସାର :**

'ଅନ୍ଧାରର ବିଭୀଷିକା' ଏକ ସାମାଜିକ ତଥା ରାଜନୈତିକ ନାଟକ। ଯେଉଁଥିରେ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସମାଜର ଆଦର୍ଶହୀନତା, ରାଜନୈତିକ ସ୍ୱାର୍ଥ, ବିସ୍ଥାପନ ଯନ୍ତ୍ରଣା ଓ ମାଓବାଦୀ ହିଂସାର ଭୟାବହ ରୂପକୁ ସ୍ପଷ୍ଟ ଭାବେ ଉପସ୍ଥାପିତ କରାଯାଇଛି। ନାଟକଟି ମୂଳତଃ ତିନି ପୀଢ଼ିର ସଂଘର୍ଷକୁ ଆଧାର କରି ଗତିଶୀଳ ହୁଏ। ଆଦର୍ଶ, ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ଥିବା ଦ୍ୱନ୍ଦ ଏହି ନାଟକର କେନ୍ଦ୍ରବିନ୍ଦୁ। ନାଟକର ନାୟକ ନରହରି ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ। ସେ ଜୀବନତମାମ ଦେଶ, ମାଟି ଓ ମଣିଷ ପାଇଁ ଆଦର୍ଶକୁ ଧରି ରହିଛନ୍ତି। ସ୍ୱାଧୀନତା ସମୟରେ ଯେଉଁ ସମତା, ନ୍ୟାୟ ଓ ମାନବିକତାର ସ୍ୱପ୍ନ ସେ ଦେଖିଥିଲେ, ସ୍ୱାଧୀନତା ପରେ ସେହି ସ୍ୱପ୍ନଗୁଡ଼ିକ ଧୀରେ ଧୀରେ ଭାଙ୍ଗି ପଡୁଛି ବୋଲି ସେ ଅନୁଭବ କରନ୍ତି। ରାଜନୀତି ଏବେ ସେବାର ମାର୍ଗ ନୁହେଁ, ବରଂ ଶକ୍ତି ଓ ସ୍ୱାର୍ଥର ଖେଳ ହୋଇଯାଇଛି-ଏହି ଯନ୍ତ୍ରଣା ନରହରିଙ୍କୁ ଭିତରୁ ଦୁର୍ବଳ କରିପକାଏ। ନରହରିଙ୍କ ନାତି ଅରୁଣ ନାଟକର ଆଧୁନିକ ସମାଜର ସ୍ୱର। ସେ ନିଜ ଜେଜେବାପାଙ୍କ ଆଦର୍ଶରୁ ଅନୁପ୍ରାଣିତ ହୋଇ ଗାଁର ଭିଟାମାଟି ବଞ୍ଚାଇବା ପାଇଁ ଆନ୍ଦୋଳନ କରିଛନ୍ତି। ସେବାଶ୍ରମକୁ ଭାଙ୍ଗି, ଖଣିଜ ପ୍ରକଳ୍ପ ଓ ବିକାଶର ନାମରେ ଗରିବ ଆଦିବାସୀ ଓ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଉଛି। ଅରୁଣ ଏହାର ବିରୋଧରେ ଶାନ୍ତିପୂର୍ଣ୍ଣ ଲଢ଼େଇ କରୁଥାଏ। ସେ ଭାବେ-ମାଟି ହେଉଛି ମଣିଷର ପରିଚୟ, ଏହାକୁ ଛଡ଼ାଇ ନେଲେ ମଣିଷ ସଂପୂର୍ଣ୍ଣ ଆତ୍ମହରା ହୋଇଯିବ। କିନ୍ତୁ ନାଟକର ଖଳ ଚରିତ୍ର ଶତ୍ରୁଶଲ୍ୟ ଏହି ସମଗ୍ର ପରିସ୍ଥିତିର ମୂଳ କାରଣ, ସେ ନୀତିହୀନ ରାଜନୀତିର ପ୍ରତୀକ। ଶକ୍ତି ଓ ଆସନର ଲୋଭ ପାଇଁ ସେ ଯେକୌଣସି ସୀମା ଲଂଘନ କରିପାରେ। ବିସ୍ଥାପନ ସମସ୍ୟାକୁ ସେ ନିଜ ରାଜନୈତିକ ଲାଭ ପାଇଁ ବ୍ୟବହାର କରେ ଏବଂ ମାଓବାଦୀ ହିଂସାକୁ ଅପ୍ରତ୍ୟକ୍ଷ ଭାବେ ଉତ୍ସାହିତ କରି ସମାଜରେ ଭୟ ଓ ଅସ୍ଥିରତା ସୃଷ୍ଟି କରେ। ସ୍ୱାଧୀନ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତୀକୁ ଭାଙ୍ଗି ହୀନ ରାଜନୀତି କରେ। ଫଳରେ ଶାନ୍ତିର ମାର୍ଗ ନିଏ ହିଂସାର ପଥ। ବୀରେନ୍‌ର ଗୁଳି ମାଡ଼ରେ ଶତ୍ରୁଶଲ୍ୟ ଆହାତ ହୁଏ। ତଥାପି ନାଟକ ଆଶାର ଏକ ସୂକ୍ଷ୍ମ ଆଲୋକ ଦେଖାଏ ଯେ ଯଦି ନୂଆ ପୀଢ଼ି ସଚେତନ ହୁଏ, ଆଦର୍ଶ ପୁନଃଜୀବିତ ହୋଇପାରେ। ଏହି ନିବନ୍ଧରେ ଆଦର୍ଶର ପତନ, ରାଜନୈତିକ କୁଚକ୍ରୀ, ବିସ୍ଥାପନ ଯନ୍ତ୍ରଣା ଓ ମାଓବାଦୀ ହିଂସାର ଭୟଙ୍କର ଚିତ୍ରକୁ ଉପସ୍ଥାପନ କରି ଦର୍ଶକଙ୍କୁ ଚିନ୍ତା କରିବାକୁ ବାଧ୍ୟ କରାଏ।

**ପ୍ରମୁଖ ଶବ୍ଦାବଳୀ:**

ଆଦର୍ଶର ହତ୍ୟା, ଅହିଂସା, ଗାନ୍ଧିବାଦୀ ଚିନ୍ତା, ସ୍ୱାଧୀନତା ସଂଗ୍ରାମୀ, ହୀନ ରାଜନୀତି, ପୀଢ଼ିଗତ ସଂଘର୍ଷ, ବିସ୍ଥାପନ ସମସ୍ୟା, ସାମାଜିକ ନ୍ୟାୟ, ମାଓବାଦୀ ହିଂସା, ମାନବିକ ମୂଲ୍ୟବୋଧ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18529164
Article No - BPP00376

**ଯୋଗାଯୋଗ : ଡକ୍ଟର ଅଜୟ କୁମାର ସାହୁ** (ଅଧ୍ୟାପକ)
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର, ଓଡ଼ିଶା
**Email:** ajaykumarsahoo942@gmail.com
**ORCID ID:** https://orcid.org/0009-0009-0963-8207

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଅଜୟ କୁମାର; ୨୦୨୬। "ଅନ୍ଧାରର ବିଭୀଷିକା' ନାଟକରେ ଆଦର୍ଶର ହତ୍ୟା : ଏକ ଅନୁଶୀଳନ"। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଈ; ପୃଷ୍ଠା : ୩୦-୩୫ ।

**ବିଷୟ :**

ଭାରତୀୟ ସାହିତ୍ୟରେ ନାଟକ ହେଉଛି ସମାଜ ସଚେତନତା କ୍ଷେତ୍ରରେ ଏକ ଶକ୍ତିଶାଳୀ ମାଧ୍ୟମ।ଯାହା ମାନବ ଜୀବନର ସତ୍ୟ, ସଂଘର୍ଷ ଓ ସାମାଜିକ ଦାୟିତ୍ୱବୋଧକୁ ସଚିତ୍ର ଉପସ୍ଥାପନା କରିଥାଏ। ସମାଜରେ ଯେତେବେଳେ ହିଂସା, ଅନ୍ୟାୟ ଓ ନୈତିକ ମୂଲ୍ୟବୋଧର ସ୍ଖଳନ ଘଟିଥାଏ, ସେତେବେଳେ ନାଟକ ମାଧ୍ୟମରେ ଏହାର ଭୟାବହ ପରିଣାମ ସ୍ପଷ୍ଟ ଚିତ୍ର କରାଯାଏ। 'ଅନ୍ଧାରର ବିଭୀଷିକା' ଏମିତି ଏକ ସାମାଜିକ ନାଟକ, ଯେଉଁଥିରେ ଅନ୍ଧକାର ପ୍ରତୀକ ହିସାବରେ ହିଂସା,ଭୟ ଓ ମାନବ ମୂଲ୍ୟବୋଧର ପତନକୁ ଉଦ୍‌ଘାଟିତ କରେ। ଏଥିରେ ମହାତ୍ମାଗାନ୍ଧୀଙ୍କ ଦର୍ଶନ, ସତ୍ୟ, ଅହିଂସା, ମାନବତା ଓ ନୈତିକଶକ୍ତିର ଆଲୋକକୁ ବର୍ତ୍ତମାନର ରାଜନୈତିକ ଗୋଷ୍ଠୀମାନେ କିପରି ବିପର୍ଯ୍ୟୟ ଆଡ଼କୁ ନେଇଯାଉଛନ୍ତି ତା'ର ଚିତ୍ର ଦେଖାଯାଇଛି। ଅନ୍ଧାରର ବିଭୀଷିକା ମଧ୍ୟରେ ଆଲୋକର ସନ୍ଧାନ ଏହି ନାଟକର ମୂଳ ସ୍ୱର, ଯାହା ଗାନ୍ଧିବାଦୀ ଚିନ୍ତାଧାରା ସହ ଗଭୀର ଭାବରେ ଜଡ଼ିତ। ଏହି ଆଲୋଚନାର ଉଦ୍ଦେଶ୍ୟ ହେଉଛି ନାଟକରେ ପ୍ରତିଫଳିତ ହୋଇଥିବା ହିଂସା ଓ ଅନ୍ୟାୟର ବିରୋଧରେ ଗାନ୍ଧିବାଦୀ ମୂଲ୍ୟବୋଧ କିପରି ଏକ ନୈତିକ ପଥ ପଦର୍ଶକ ଭାବେ ଉଦ୍‌ଭାସିତ ହୋଇଛି, ତାହାକୁ ବିଶ୍ଳେଷଣ କରିବା।

ନାଟ୍ୟକାର ବିଜୟ କୁମାର ଶତପଥୀ ଓଡ଼ିଆ ସାହିତ୍ୟ ଓ ନାଟକ ଜଗତରେ ଜଣେ ପରିଚିତ ନାମ। ସେ ମୁଖ୍ୟତଃ ତାଙ୍କର ସାମାଜିକ ସଚେତନତା ପୂର୍ଣ୍ଣ ନାଟକ ଓ ଶକ୍ତିଶାଳୀ ସଂଳାପ ପାଇଁ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ନାଟକଗୁଡ଼ିକରେ ବାସ୍ତବବାଦୀ ଦୃଷ୍ଟିକୋଣ ଓ ସାମାଜିକ ଦାୟିତ୍ୱବୋଧତା ଦେଖିବାକୁ ମିଳେ। ସାଧାରଣ ମଣିଷ ଜୀବନର ସଂଘର୍ଷ, ନୀତି-ଅନୀତିର ଦ୍ୱନ୍ଦ ଓ ଆଧୁନିକ ସମୟର ସମସ୍ୟାଗୁଡ଼ିକୁ ସେ ନାଟକ ମାଧ୍ୟମରେ ଉପସ୍ଥାପନା କରିଛନ୍ତି। ଆଧୁନିକ ନାଟ୍ୟ ସାହିତ୍ୟ କେବଳ ମଞ୍ଚୀୟ ମନୋରଞ୍ଜନରେ ସୀମିତ ନରହି, ସମାଜର ଗଭୀର ସଂକଟ, ମାନବୀୟ ଯନ୍ତ୍ରଣା ଓ ମୂଲ୍ୟବୋଧର ବିଘଟନକୁ ସାର୍ଥକ ଭାବରେ ଅଭିବ୍ୟକ୍ତ କରିଛି। ଏହି ପରିପ୍ରେକ୍ଷିତରେ ନାଟ୍ୟକାର ଶତପଥୀଙ୍କ ଲୋକଉପାଦାନ, ମିଥ୍ ଓ ପାରମ୍ପରିକ ଆହ୍ୱାନକୁ ଶିଳ୍ପମୟ ଉପାୟରେ ବ୍ୟବହାର କରି ଆଜିର ବିପର୍ଯ୍ୟୟ ସାମାଜିକ ବ୍ୟବସ୍ଥାର ସୁଧାରଆଣିବା ପାଇଁ ଚେଷ୍ଟା କରିଛନ୍ତି। ଯେଉଁଥିରେ ବିପର୍ଯ୍ୟୟ ସାମାଜିକ ବ୍ୟବସ୍ଥା, ନୀତିହୀନତା, ଶକ୍ତିର ଅପବ୍ୟବହାର ଓ ମୂଲ୍ୟବୋଧର ପତନକୁ ନାଟ୍ୟକାର ଭିନ୍ନ ଭିନ୍ନ ଆଧାରରେ ଏକ ସାର୍ବଜନୀନ ମାନବୀୟ ସମସ୍ୟା ରୂପେ ପ୍ରତିଷ୍ଠା କରିଛନ୍ତି। ନାଟ୍ୟକାର ଶତପଥୀଙ୍କ ଦୃଷ୍ଟିରେ ସାଧାରଣ ମଣିଷର ଜୀବନ, ସମାଜର ଅସମତା, ନୀତି-ଅନୀତିର ସଂଘର୍ଷ ଓ ମାନବିକ ମୂଲ୍ୟବୋଧର ଗଭୀର ଚିତ୍ରଣ ଦେଖିବାକୁ ମିଳେ। ସେ ପାରମ୍ପରିକ ନାଟକ ଶୈଳୀ ସହିତ ଆଧୁନିକ ଭାବନାକୁ ମିଶାଇ ଦର୍ଶକଙ୍କୁ ଚିନ୍ତା କରିବାକୁ ବାଧ୍ୟ କରନ୍ତି। ତାଙ୍କ ରଚନାର ଭାଷା ସରଳ ହେଲେ ମଧ୍ୟ ଅର୍ଥଗଭୀର। ଚରିତ୍ର ଗୁଡ଼ିକ ଜୀବନ୍ତ ଓ ବାସ୍ତବ ସମାଜର ପ୍ରତିନିଧି ଭାବେ ଦେଖାଯାନ୍ତି। ଏହି କାରଣରୁ ତାଙ୍କ ନାଟକଗୁଡ଼ିକ ମଞ୍ଚରେ ଓ ପାଠକମାନଙ୍କ ମନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବ ରଖେ।

'ଅନ୍ଧାରର ବିଭୀଷିକା' ଏକ ସମାଜମୁଖୀ ଓ ଚିନ୍ତାଜନକ ନାଟକ। ଏହି ନାଟକରେ ଆଧୁନିକ ସମାଜର ନୈତିକ ଅବକ୍ଷୟ, ମାନବୀୟ ମୂଲ୍ୟବୋଧର ପତନ ଏବଂ ସ୍ୱାର୍ଥପରତାର ଭୟାବହ ପରିଣାମକୁ ସ୍ପଷ୍ଟଭାବେ ଉପସ୍ଥାପନ କରାଯାଇଛି। ନାଟକର ନାୟକ ନରହରି ଜଣେ ସ୍ୱାଧୀନ ସଂଗ୍ରାମୀ ଭାବେ ଗାନ୍ଧୀଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଛି। ନିଜର ସ୍ୱାଭିମାନରେ କେବେ ଅଭିମାନ ଆଣିନି। ସଂଗ୍ରାମୀ ଭତ୍ତାକୁ ପ୍ରତ୍ୟାଖାନ କରିଛନ୍ତି ସେ, ତାଙ୍କ ଭାଷାରେ– "ଦେଶ ସ୍ୱାଧୀନ ହେଲା ପରେ ମୁଁ ପେନସନ୍ ରୋକ୍ ଠୋକ୍ ମନା କରିଦେଲି। ମୁଁ ଭାବିଲି ମୋ ମାଆର ମୁକ୍ତି ପାଇଁ ତ ମୁଁ ଲଢୁଥିଲି, ମୋର ପେନସନ୍ କ'ଣ ଦରକାର ?" (ଅନ୍ଧାରର ବିଭୀଷିକା, ପୃ-୧୮)

ନାଟକର ଶୀର୍ଷକରେ ଅଛି ସୋସିଆଲ ଟ୍ରାଜେଡ଼ିର ସ୍ୱର। ଯେଉଁଥିରେ ସତ୍ୟ, ନ୍ୟାୟ, ମାନବତା ପରି ଉଚ୍ଚ ଆଦର୍ଶଗୁଡ଼ିକୁ ଲୋଭ, ଶକ୍ତି ଓ ସ୍ୱାର୍ଥ ଦ୍ୱାରା ନିର୍ଦ୍ଦୟ ଭାବେ ଦମନ କରାଯାଏ ସେହି ସ୍ଥିତିକୁ, "ଆଦର୍ଶର ହତ୍ୟା" ବୋଲି କୁହାଯାଇଛି। ନାଟକର ମୁଖ୍ୟ ଚରିତ୍ର ସ୍ୱାଧୀନତା ସଂଗ୍ରାମୀ ନରହରି ସର୍ବଦା ସତ୍ୟ ଓ ନ୍ୟାୟର ମାର୍ଗ ଅନୁସରଣ କରିଛନ୍ତି। ତାଙ୍କ ଆଦର୍ଶର ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଯେତେବେଳେ ଶତ୍ରୁଶଲ୍ୟର ଗୁଣ୍ଡାମାନେ ଭାଙ୍ଗି ଦିଅନ୍ତି ସେତେବେଳେ ସେ ପିଲାମାନଙ୍କ ପରି କାନ୍ଦି କହି ଉଠନ୍ତି "ମୋ ମନ୍ଦିରରେ ତ ଦେବତା ନାହିଁ। ମୁଁ ଯିବି କେଉଁଠିକି ? କାହାକୁ ଫୁଲ ଚନ୍ଦନ ଦେବି ? କାହାକୁ ପୂଜା କରିବି ? ଗାନ୍ଧୀ ମହାତ୍ମା, ଗୋପବନ୍ଧୁ, ବନବିଦ୍ୟାଳୟର ଗୁରୁକୂଳ, ପୂଜ୍ୟନେତା ନବକୃଷ୍ଣ ଚୌଧୁରୀ, ଭଗବତୀ ପାଣିଗ୍ରାହୀ। କିଏ ଭାଙ୍ଗିଦେଲା ସେମାନଙ୍କ ମୂର୍ତ୍ତିକୁ..... କିଏ ? ଓଃ..... ହେ ଭଗବାନ !"('ଅନ୍ଧାରର

ବିଭୀଷିକା', ପୃ-୪୭) 'ଅନ୍ଧାରର ବିଭୀଷିକା' ସମାଜର ସେଇ ଅନ୍ଧକାର ମୁହଁକୁ ସୂଚାଏ, ଯେଉଁଠାରେ ମନୁଷ୍ୟ ମନୁଷ୍ୟର ଶତ୍ରୁ ହୋଇଯାଏ। ନାଟକରେ ପ୍ରତିଫଳିତ ଚରିତ୍ରମାନେ ସମାଜର ବିଭିନ୍ନ ଶ୍ରେଣୀର ପ୍ରତିନିଧି ବହନ କରନ୍ତି। ସେଥି ମଧ୍ୟରୁ- ନରହରି, ଅରୁଣ, ଶାନ୍ତି, ବିନୋଦ, ଘନ, ଭରତ ଓ ସାଧୁଆ ନୀତି ଓ ଆଦର୍ଶକୁ ଧରି ରହିବାକୁ ଚେଷ୍ଟା କରୁଥିବାବେଳେ, ଶତ୍ରୁଶଲ୍ୟ, ଦନେଇ, ବଇନ ପରି କେତେକ ଖଳ ଚରିତ୍ରମାନେ ସ୍ୱାର୍ଥ ପାଇଁ ସେଗୁଡ଼ିକୁ ହତ୍ୟା କରିବାରେ ଲାଗିଥାନ୍ତି।

ଉକ୍ତ ନାଟକରେ ଶତପଥୀ ସମାଜର ବାସ୍ତବ ଚିତ୍ରକୁ ଦର୍ଶାଇଛନ୍ତି। ନାଟ୍ୟକାର ସ୍ପଷ୍ଟ କରିଛନ୍ତି ଯେ, ଆଦର୍ଶ ନଷ୍ଟ ହେଲେ ସମାଜ ଅନ୍ଧକାରରେ ବୁଡ଼ିଯାଏ। ଅନ୍ୟାୟ, ଅନୀତି ଓ ଅନ୍ଧ ଶକ୍ତିର ଶାସନ ଲୋକମାନଙ୍କ ଜୀବନକୁ ଭୟାବହ କରିଦିଏ। ଏହି ଅବସ୍ଥା ନାଟକର 'ବିଭୀଷିକା' ରୂପେ ପ୍ରକାଶ ପାଏ। ନାଟକର ମୂଳ ବାର୍ତ୍ତା ହେଉଛି- ଯଦି ମନୁଷ୍ୟ ନିଜ ଆଦର୍ଶକୁ ବଞ୍ଚାଇ ରଖିପାରିବ, ତେବେ ସମାଜକୁ ଅନ୍ଧକାରରୁ ମୁକ୍ତ କରାଯାଇପାରିବ। ପ୍ରତ୍ୟେକ ମଣିଷର ନୈତିକ ଦାୟିତ୍ୱ ଅଛି ସତ୍ୟ ଓ ନ୍ୟାୟର ପକ୍ଷରେ ଯୁଦ୍ଧ କରିବାକୁ। ଏହି ନାଟକରେ ସେହିପରି ଜଣେ ନବେ ବର୍ଷର ବୃଦ୍ଧା ଗାନ୍ଧୀଙ୍କ ଶିଷ୍ୟ ହୋଇ ବିସ୍ଥାପିତ ସମାଜ ଓ ଅସହାୟ ମାନଙ୍କର ସହାୟକ ହୋଇ ଉକ୍ତ ନାଟକରେ ନାୟକ ହୋଇପାରିଛନ୍ତି। ତାଙ୍କ ଆହ୍ୱାନରେ ଗ୍ରାମବାସୀମାନେ ଅନାହାର ଅନଶନ କରିବାକୁ ବାହାରିଛନ୍ତି। ଗାନ୍ଧିଜୀଙ୍କ ମାର୍ଗକୁ ଅନୁସରଣ କରି ଆମେ ଯଦି ଆତ୍ମନିର୍ଭରଶୀଳ ହୋଇ ସ୍ୱୟଂ ଶ୍ରମ, ସତ୍ୟ, ଅହିଂସା,ସଦାଚାର ଓ ସରଳ ଜୀବନ ଶୈଳୀକୁ ଆପଣାଇ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହୁ, ତେବେ ନିଜ ଚରିତ୍ରକୁ ଶକ୍ତିଶାଳୀ କରି ସମାଜ ଓ ଦେଶର ଉନ୍ନତି ଦାୟିତ୍ୱଶୀଳ ଭାବେ ପ୍ରଗତି ପଥରେ ନେଇ ପାରିବା।

ସତ୍ୟ, ନ୍ୟାୟ,ମାନବତା, ନୀତି ଓ କରୁଣା ପରି ଆଦର୍ଶଗୁଡ଼ିକ ମାନବ ସମାଜକୁ ଶୃଙ୍ଖଳା, ସୁ-ସ୍ଥିରତା ଓ ମର୍ଯ୍ୟାଦା ପ୍ରଦାନ କରେ। ଯେତେବେଳେ ଏହି ଆଦର୍ଶଗୁଡ଼ିକ ଧୀରେ ଧୀରେ ନଷ୍ଟ ହେବାକୁ ଲାଗେ, ସମାଜରେ ଅନ୍ଧକାର ଛାଇଯାଏ ଓ ଜୀବନ ଭୟାବହ ଓ ଅନିଶ୍ଚିତ ହୋଇଯାଏ। ଆଦର୍ଶ ନଷ୍ଟ ହେବାର ପ୍ରଥମ ପରିଣାମ ହେଉଛି ନୈତିକ ଅବକ୍ଷୟ। ହୀନ ସ୍ୱାର୍ଥରେ ଅନ୍ଧହୋଇ ନେତା ଶତ୍ରୁଶଲ୍ୟ ସେବାଶ୍ରମକୁ ଭାଙ୍ଗି ରୁଜି ଚୁର୍ମାର୍ କରିଦେଇଛି। ପଲଟଣ ପଡ଼ିଆରେ ଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତୀ ଗୁଡ଼ିକୁ ବିହାରୀ ଗୁଣ୍ଡା ଲଗାଇ ଭାଙ୍ଗି ପକାଇଛି। ଏହିଠୁ ଆରମ୍ଭ ହୁଏ ଶତ୍ରୁଶଲ୍ୟର ଦୁର୍ବଳ ଲୋକଙ୍କୁ ଦମନ କରିବାର କୂଟ ଚକ୍ରାନ୍ତ, 'ଳରେ ସେ ଅପରାଧ ଓ ଦୁର୍ନୀତି ଆଡ଼କୁ ଅଗ୍ରସର ହୁଏ। ଆଇନ ଓ ନ୍ୟାୟ ରାଜନେତାଙ୍କ ଚାପରେ ନିଷ୍ପ୍ରଭ ହୋଇପଡ଼େ, କାରଣ ଏହାକୁ ଚାଳନା କରୁଥିବା ଲୋକମାନେ ଆଦର୍ଶହୀନ ହୋଇଯାନ୍ତି। ଏହି ଅନ୍ଧକାରର ପ୍ରଭାବ ଯୁବପିଢ଼ି ଉପରେ ସବୁଠାରୁ ଅଧିକ ପଡ଼େ। ଯୁବକମାନେ ଯେତେବେଳେ ଦେଖନ୍ତି ଯେ ଅନୀତି ଦ୍ୱାରା ସଫଳତା ମିଳୁଛି ଓ ସତ୍ୟ ଦବାଯାଉଛି, ସେମାନେ ଆଦର୍ଶ ଉପରେ ଆସ୍ଥା ହରାଇ ଦିଅନ୍ତି। ବୀରେନ୍ ପରି ଯୁବଶକ୍ତିମାନେ ହାତରେ ବନ୍ଧୁକ ଧରିବାକୁ ପଛାନ୍ତି ନାହିଁ। ଫଳସ୍ୱରୂପ ସମାଜର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ତଥାପି, ଏହି ଅନ୍ଧକାର ସର୍ବଦା ରହିନଥାଏ। ଆଦର୍ଶକୁ ପୁନରୁଜ୍ଜୀବିତ କରିବା ପାଇଁ ବ୍ୟକ୍ତିଗତ ସଚେତନତା ଅତ୍ୟନ୍ତ ଆବଶ୍ୟକ। ଅରୁଣ ସତ୍ୟ, ନ୍ୟାୟ ଓ ମାନବତାକୁ ଅନୁସରଣ କରିଛି, ସତ୍ୟ ପାଇଁ ଲଢ଼ି ଧୀରେ ଧୀରେ ସମାଜରୁ ଅନ୍ଧକାରକୁ ଦୂରେଇ ପାରିବ ଏହା ସେ ବିଶ୍ୱାସ ରଖିଛି।

ମାନବ ସଭ୍ୟତା ନୀତି, ନ୍ୟାୟ, ଦୟା, ପ୍ରେମ ଓ ସହଯୋଗ ଭଳି ମାନବୀୟ ଆଦର୍ଶ ଉପରେ ଭିତ୍ତିକରି ଗଢ଼ିଉଠିଛି। ଏହି ଆଦର୍ଶଗୁଡ଼ିକ ମଣିଷକୁ କେବଳ ଏକ ଜୀବ ନୁହେଁ, ବରଂ ଏକ ସାମାଜିକ, ନୀତିଶୀଳ ଓ ସଂବେଦନଶୀଳ ପ୍ରାଣୀ ଭାବେ ପରିଚୟ ଦେଇଥାଏ। କିନ୍ତୁ ଯେତେବେଳେ ଶକ୍ତିର ଅତିଲୋଭ, ସ୍ୱାର୍ଥପରତା ଓ ଲୋଭ ମଣିଷର ମନକୁ ଆବୃତ କରେ, ସେତେବେଳେ ଏହି ଆଦର୍ଶଗୁଡ଼ିକ ଧୀରେ ଧୀରେ ଧ୍ୱଂସ ହୋଇଯାଏ। ଶକ୍ତିର ପ୍ରଭାବ ଖରାପ ନୁହେଁ; କିନ୍ତୁ ଏହାର ଦୁରୁପଯୋଗ ମାନବୀୟ ଆଦର୍ଶକୁ ସର୍ବଦା ଗଭୀର ଆଘାତ ଦିଏ। ଶକ୍ତି ଲାଭ କରିବା ପରେ ଅନେକ ଲୋକ ନ୍ୟାୟ, ସମତା ଓ ମାନବିକତାକୁ ଅଣଦେଖା କରନ୍ତି। ଶାସକ, ନେତା କିମ୍ବା ପ୍ରଭାବଶାଳୀ ବ୍ୟକ୍ତିମାନେ ଯେତେବେଳେ ନିଜ ସ୍ୱାର୍ଥ ପାଇଁ ଶକ୍ତି ବ୍ୟବହାର କରନ୍ତି, ସେତେବେଳେ ଦୁର୍ନୀତି, ଅନ୍ୟାୟ ଓ ଅତ୍ୟାଚାର ବୃଦ୍ଧି ପାଏ। ଯେମିତି ଶତ୍ରୁଶଲ୍ୟ ପରି ଚରିତ୍ର ପାଖରେ ଦେଖିବାକୁ ମିଳିଛି। ଏହା ମାନବ ମୂଲ୍ୟବୋଧକୁ ଦୁର୍ବଳ କରି ସମାଜରେ ଅସମାନତା ଓ ଅଶାନ୍ତି ସୃଷ୍ଟି କରେ। ସ୍ୱାର୍ଥ ମଣିଷର ସ୍ୱାଭାବିକ ଗୁଣ ହେଲେ ମଧ୍ୟ, ଅତ୍ୟଧିକ ସ୍ୱାର୍ଥପରତା ମାନବୀୟ ଆଦର୍ଶର ଶତ୍ରୁ। ସ୍ୱାର୍ଥପର ମଣିଷ ନିଜ ଲାଭ ଛଡ଼ା ଅନ୍ୟ କିଛି ଭାବେନାହିଁ। ସେ ଅନ୍ୟମାନଙ୍କ ଦୁଃଖ, ଅଧିକାର କିମ୍ବା ଆବଶ୍ୟକତା ପ୍ରତି ଉଦାସୀନ ରହେ। ଏପରି ମନୋଭାବ ଦ୍ୱାରା ସମାଜରେ ସହଯୋଗ, ଭାଇଚାରା ଓ ସାମୂହିକ ଦାୟିତ୍ୱବୋଧ ଧୀରେ ଧୀରେ ନଷ୍ଟ ହୋଇଯାଏ। ଲୋଭ ମଣିଷକୁ ଅନ୍ଧ କରିଦିଏ। ଧନ, ସମ୍ପତ୍ତି,

ପଦବୀ କିମ୍ବା ଭୋଗବିଳାସ ପାଇଁ ଆକାଂକ୍ଷା ମଣିଷକୁ ଅନୀତିର ପଥରେ ନେଇଯାଏ। ଲୋଭର ଫଳସ୍ୱରୂପ ମିଥ୍ୟା, ଠକେଇ, ଶୋଷଣ ଓ ଅନ୍ୟାୟ ଜନ୍ମ ନେଇଥାଏ। ଏହା ମାନବ ମନରୁ ସନ୍ତୋଷ, ସତ୍ୟନିଷ୍ଠା ଓ ଦୟାକୁ ଦୂରେଇ ଦିଏ। ଶକ୍ତି, ସ୍ୱାର୍ଥ ଓ ଲୋଭ ଯେତେବେଳେ ଏକାଠି ହୁଏ, ସେତେବେଳେ ମାନବୀୟ ଆଦର୍ଶ ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୁଏ। ସତ୍ୟ, ନ୍ୟାୟ, ଦୟା, କରୁଣା ଓ ପ୍ରେମ ଭଳି ମୂଲ୍ୟଗୁଡ଼ିକ କେବଳ କଥାରେ ସୀମିତ ରହିଯାଏ। ସମାଜ ଯାନ୍ତ୍ରିକ ଓ ନିର୍ଦ୍ଦୟ ହୋଇପଡ଼େ, ଯେଉଁଠାରେ ମଣିଷ ମଣିଷ ପାଇଁ ଶତ୍ରୁ ହୋଇଯାଏ। ଏଥିପାଇଁ ନାଟକର ପରିଣତି ସ୍ୱରୂପ ବୀରେନ୍‌ର ଗୁଳି ମାଡ଼ରେ ଶତ୍ରୁଶଲ୍ୟ ନିହତ ହୋଇଛି। ଶକ୍ତିର ଦୁରୁପଯୋଗ, ସ୍ୱାର୍ଥପରତା ଓ ଲୋଭ ମାନବୀୟ ଆଦର୍ଶକୁ ଧ୍ୱଂସ କରି ସମାଜକୁ ଅଧୋଗତିର ପଥରେ ନେଇଯାଏ ଏହା ନାଟକର ମୁଖ୍ୟ ଆଧାର। ଏଥିରୁ ମୁକ୍ତି ପାଇବା ପାଇଁ ମଣିଷକୁ ନୀତି, ସଂଯମ, ସନ୍ତୋଷ ଓ ମାନବିକତାକୁ ଜୀବନର ମୂଳ ଆଧାର କରିବାକୁ ହେବ। ସେତେବେଳେ ମାତ୍ର ମାନବୀୟ ଆଦର୍ଶ ସୁରକ୍ଷିତ ରହି ସୁସ୍ଥ ଓ ସମୃଦ୍ଧ ସମାଜ ଗଢ଼ିଉଠିବ।

ମନୋଭାବ ହେଉଛି ଚରିତ୍ରର ମାନସିକ ଦୃଷ୍ଟିକୋଣ- ସେ କିପରି ଜୀବନକୁ ଦେଖେ, ସମସ୍ୟାକୁ ଗ୍ରହଣ କରେ ଓ ପରିସ୍ଥିତି ସହିତ ମୁକାବିଲା କରେ। ସକାରାତ୍ମକ ମନୋଭାବ ଥିବା ଚରିତ୍ର ସଂଘର୍ଷରେ ମଧ୍ୟ ଆଶା ଦେଖାଏ। ନକାରାତ୍ମକ ମନୋଭାବ ଥିବା ଚରିତ୍ର ନିଜ ଦୁର୍ବଳତା ଦ୍ୱାରା ପତନର ପଥକୁ ଯାଏ। ଏହି ବିରୋଧ ଭାସ ନାଟକରେ କେନ୍ଦ୍ରୀୟ ଭାବକୁ ଗଭୀର କରେ। ନାଟକର ସନ୍ଦେଶ ସିଧାସଳଖ କୁହାଯାଏ ନାହିଁ, ଏହା ଚରିତ୍ରର ଆଚରଣ, ସଂଳାପ ଓ କାର୍ଯ୍ୟ ମାଧ୍ୟମରେ ପ୍ରକାଶ ପାଏ। ଉଦାହରଣ ସ୍ୱରୂପ- ଆଦର୍ଶ ଚରିତ୍ରର ଅରୁଣ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସମ୍ମାନ କରିବାକୁ ବିରେନ୍‌କୁ କହିଛି। ଆଦର୍ଶ ଓ ମୂଲ୍ୟବୋଧ ଦ୍ୱାରା ସୁଡ଼ଙ୍ଗରୁ ଆଲୋକ ଦିଶିବ ଏହା ତା'ର ବିଶ୍ୱାସ। ଏଥିପାଇଁ ସେ କହିଛି- "ବଡ଼ ବିଚିତ୍ର ଏ ସମୟ,ଯାହାର ପରିଧି ଭିତରେ ଆମେ ସବୁ ବଞ୍ଚିଛୁ। ଭାଙ୍ଗି ପଡୁଛି ସବୁ ମୂଲ୍ୟବୋଧ, ଆଦର୍ଶ।ଗୁଡ଼ାଏ ନାଟକୀୟ ଲୀଳାରେ ବୁଡ଼ି ରହିଛି ସମାଜ। ହିଂସା, ରକ୍ତପାତ, ଛଳନା, ପ୍ରତାରଣା, ଏହାରି ଭିତରେ କାଳ କାଟୁଛନ୍ତି ସାଧାରଣ ଜନତା। ଚାଷୀମାନେ ଆତ୍ମହତ୍ୟା କରିଛନ୍ତି, ଆତଙ୍କବାଦର ଚେର ଲମ୍ବିଛି କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏ। ନିରୀହ ସାଧାରଣ ମଣିଷ ଶିକାର ହେଉଛନ୍ତି ତା'ର। ତେବେ..ହଁ... ଏହି ପରିସ୍ଥିତି ବଦଳିବ ନିଶ୍ଚୟ ଅରାଜକତାର ଗହ୍ୱର ଭିତରୁ.. ଅନ୍ଧାରର ସୁଡ଼ଙ୍ଗ ଭିତରୁ ପୁଣି ଉଜ୍ଜଳ ହୋଇ ଦିଶିବ ଆଲୋକରେଖା।"('ଅନ୍ଧାରର ବିଭୀଷିକା', ପୃ-୬୦) ଚରିତ୍ରର ଆଦର୍ଶ ଓ ମନୋଭାବ ଦର୍ଶକଙ୍କ ମନକୁ ଛୁଇଁଥାଏ। ଦର୍ଶକ ଚରିତ୍ର ସହ ନିଜକୁ ଯୋଡ଼ିପାରନ୍ତି, ତାଙ୍କ ଭୁଲ୍‌ରୁ ଶିଖନ୍ତି ଓ ଭଲ ଗୁଣକୁ ଗ୍ରହଣ କରିବାକୁ ପ୍ରେରିତ ହୁଅନ୍ତି। ଏଣୁ ଏହି ନାଟକ କେବଳ ମନୋରଞ୍ଜନ ନୁହେଁ, ଜୀବନ ଶିକ୍ଷା ମଧ୍ୟ ଦିଏ।

'ଅନ୍ଧାରର ବିଭୀଷିକା' ସାଂପ୍ରତିକ ସମାଜର ଅନ୍ତର୍ନିହିତ ଅନ୍ଧକାର, ଅନୀତି, ଅନ୍ୟାୟ ଓ ମାନବିକ ମୂଲ୍ୟର ଅବକ୍ଷୟକୁ ନିର୍ଭୀକ ଭାବରେ ପ୍ରକାଶ କରେ। ଏହା କେବଳ ଏକ କଳ୍ପିତ କଥା ନୁହେଁ, ବରଂ ଆଜିର ସମାଜର ଜୀବନ୍ତ ପ୍ରତିଛବି। ସେହି ହେତୁ ସାଂପ୍ରତିକ ସମାଜ ଉପରେ ଏହି ନାଟକର ପ୍ରଭାବ ଗଭୀର, ଦୂରଗାମୀ ଓ ଚେତନା ଜାଗ୍ରତ କରୁଥିବା। ଏହି ନାଟକ ଆଧୁନିକ ସମାଜର ସେହି ଅଂଶକୁ ଆଲୋକିତ କରେ, ଯାହାକୁ ଆମେ ପ୍ରାୟତଃ ଦେଖିବାକୁ ଚାହୁଁନୁ। ଶକ୍ତିର ଦୁର୍ବ୍ୟବହାର, ଅନ୍ୟାୟ, ନୀରବ ଶୋଷଣ, ଭୟ ଓ ଅନୀତି ଛାୟା-ଏ ସବୁ ଏହି ନାଟକର ମୁଖ୍ୟ ଭାବବସ୍ତୁ। ଏହା ଦର୍ଶକଙ୍କୁ ବୁଝାଏ ଯେ ସମାଜର ଅନ୍ଧକାର କେବଳ ବାହାରେ ନୁହେଁ, ମନୁଷ୍ୟର ମନ ଭିତରେ ମଧ୍ୟ ଲୁଚି ରହିଥାଏ। ଆଜିର ସମାଜରେ ଯେପରି ଭୟ, ଅନିଶ୍ଚିତତା, ନ୍ୟାୟଶୀଳତା ଓ ମୂଲ୍ୟବୋଧର ଅଭାବ ଦେଖାଯାଏ, ନାଟକର ପରିବେଶ ତାହା ସହିତ ଗଭୀର ସମ୍ପର୍କ ରକ୍ଷା କରେ। ଏହି ନାଟକ ଦର୍ଶାଏ ଯେ ଯେତେବେଳେ ସମାଜ ନୀରବ ରହେ, ସେତେବେଳେ ଅନ୍ୟାୟ ଆଉ ଶକ୍ତିଶାଳୀ ହୁଏ। ଏହି ବାର୍ତ୍ତା ସାଂପ୍ରତିକ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ନାଟକଟି ସାଂପ୍ରତିକ ସମାଜରେ ମାନବିକତା କେଉଁଠି ଅଛି, ଏହି ପ୍ରଶ୍ନକୁ ଉଠାଏ। ଲୋକେ ସ୍ୱାର୍ଥ, ଭୟ ଓ ସୁବିଧା ପାଇଁ କିପରି ନିଜ ମୂଲ୍ୟବୋଧକୁ ତ୍ୟାଗ କରୁଛନ୍ତି, ତାହା ନାଟକରେ ସ୍ପଷ୍ଟ ଭାବେ ପ୍ରତିଫଳିତ । ଏହା ଦର୍ଶକଙ୍କୁ ଆତ୍ମପରିଶୀଳନ କରିବାକୁ ବାଧ୍ୟ କରେ-ଆମେ କେତେଦୂର ପର୍ଯ୍ୟନ୍ତ ମନୁଷ୍ୟ ରହିପାରୁଛୁ ? ଏହି ନାଟକ ସମାଜକୁ ଭୟଭୀତ କରିବା ପାଇଁ ନୁହେଁ, ବରଂ ସଚେତନ କରିବା ପାଇଁ ଲିଖିତ। ନାଟକଟି ଏକ ସଚେତନତାର ଆହ୍ୱାନ ଅନ୍ଧାରକୁ ଦେଖି ଚୁପ୍ ରହିଲେ ତାହା ଆଉ ଘନୀଭୂତ ହୁଏ। ଏହି ସନ୍ଦେଶ ସାଂପ୍ରତିକ ସମାଜ ପାଇଁ ଅତ୍ୟନ୍ତ ଆବଶ୍ୟକ, କାରଣ ଆଜିର ଯୁବପିଢ଼ି ଏହା ମଧ୍ୟମରେ ସାହସ ଓ ସତ୍ୟର ପକ୍ଷରେ ଦୃଢ଼ ହେବାକୁ ପ୍ରେରିତ ହୁଏ। ଏହି ନାଟକ ସାଂପ୍ରତିକ ସମାଜରେ ଏକ ଆଇନା ଭଳି କାମ କରେ। ଦର୍ଶକ ଏହା ମଧ୍ୟରେ ନିଜ ସମାଜ, ନିଜ ନୀରବତା

ଓ ନିଜ ଦାୟିତ୍ୱକୁ ଦେଖିପାରନ୍ତି। ଏହା ସମାଜକୁ ବଦଳାଇବାର ଆରମ୍ଭ ବିନ୍ଦୁ ହୋଇପାରେ-ଯେଉଁଠାରେ ପ୍ରଶ୍ନ କରିବା, ବିରୋଧ କରିବା ଓ ସତ୍ୟକୁ ଧରିରଖିବାକୁ ଗୁରୁତ୍ୱ ଦିଆଯାଏ।

ନାଟକରେ ବିକାଶର ନାମରେ ସାଧାରଣ ଲୋକ, ବିଶେଷକରି ଆଦିବାସୀ ଓ ଗ୍ରାମୀଣ ଜନଗୋଷ୍ଠୀଙ୍କ ବିସ୍ଥାପନ ସମସ୍ୟାକୁ ଗଭୀର ଭାବେ ଦେଖାଯାଇଛି। ଜମି, ଜଙ୍ଗଲ ଓ ଜୀବିକା ହରାଇଥିବା ଲୋକମାନଙ୍କ ଯନ୍ତ୍ରଣା ସମାଜର ଅବହେଳିତ ସତ୍ୟକୁ ପ୍ରକାଶ କରେ। ନାଟକଟି ମାଓବାଦୀ ଆନ୍ଦୋଳନକୁ ରୋମାଣ୍ଟିକ ଭାବେ ନୁହେଁ, ବରଂ ତାହାର ଭ୍ରାନ୍ତି ନୀତି ଓ ହିଂସାପୂର୍ଣ୍ଣ ପଥର ପରିଣାମକୁ ସମାଲୋଚନାତ୍ମକ ଦୃଷ୍ଟିରେ ଦେଖାଏ। ସାଧାରଣ ଲୋକ କିପରି ଏହାର ଶିକାର ହୁଅନ୍ତି, ତାହା ସ୍ପଷ୍ଟ ହୋଇଉଠେ। ରାଜନୀତିରେ ସସ୍ତା ଲାଭ ପାଇଁ ମିଛ, ଅପପ୍ରଚାର ଓ ଷଡ଼ଯନ୍ତ୍ର କିପରି ସାଧାରଣ ଲୋକଙ୍କୁ ଭ୍ରମିତ କରେ, ନାଟକଟି ତାହାକୁ ତୀକ୍ଷ୍ଣ ଭାବେ ଉପସ୍ଥାପନ କରେ। ଏହି ଖଳ ରାଜନୀତି ସମାଜର ନୈତିକମୂଲ୍ୟକୁ କ୍ଷୟକରେ। ଶତ୍ରୁଶଲ୍ୟ ନିଜର ପ୍ରଭାବ ପଲଟଣ ପଡ଼ିଆ ଓ ସେବା ଆଶ୍ରମରେ ଭଙ୍ଗାରୁଜା କରି ଜାହିର କରିଛି। ନାଟକର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି-ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ଆଦର୍ଶକୁ ଅବମୂଲ୍ୟାୟନ କରାଯିବା। ଏହା ଦେଶର ଇତିହାସ ଓ ଆତ୍ମପରିଚୟ ଦିଗ ପ୍ରତି ଗଭୀର ଅସମ୍ମାନକୁ ସୂଚିତ କରେ। ଦେଶପ୍ରେମୀ ମହାପୁରୁଷଙ୍କ ମୂର୍ତ୍ତି ଭାଙ୍ଗିବା ଘଟଣାକୁ ନାଟକଟି ମାନସିକ ଦିଗରୁ ଅତ୍ୟନ୍ତ ନିମ୍ନ ସ୍ତରର ରାଜନୀତିର ପ୍ରତୀକ ଭାବେ ଦେଖାଏ। ଏହା ନୂତନ ପିଢ଼ିକୁ ଭ୍ରାନ୍ତ ପଥରେ ନେବାରେ ଚେଷ୍ଟା ବୋଲି ସନ୍ଦେଶ ଦିଏ। 'ଅନ୍ଧାରର ବିଭୀଷିକା'ନାଟକଟି ଦର୍ଶକଙ୍କୁ ପ୍ରଶ୍ନ କରିବାକୁ ବାଧ କରେ- ଆମେ କେଉଁ ପଥରେ ଯାଉଛୁ ? ଏହା ଅନ୍ଧାର ମଧ୍ୟରେ ଆଲୋକ ଖୋଜିବାର ଆହ୍ୱାନ, ସଚେତନ ନାଗରିକ ହେବାର ପ୍ରେରଣା ଏବଂ ସତ୍ୟ, ନ୍ୟାୟ ଓ ମୂଲ୍ୟବୋଧ ପାଇଁ ଦୃଢ଼ ହେବାର ସନ୍ଦେଶ ଦିଏ।

ନାଟକର ଭାଷା ସରଳ, ସ୍ପଷ୍ଟ ଭାଷାରେ ଲିଖିତ। ଅତ୍ୟଧିକ କାବ୍ୟିକତା କିମ୍ବା କୃତ୍ରିମ ଶବ୍ଦ ବ୍ୟବହାର ନଥାଇ, ବାସ୍ତବ ଜୀବନର କଥାବାର୍ତ୍ତା ଶୈଳୀ ନାଟକକୁ ଜୀବନ୍ତ କରିଛି। ଆବଶ୍ୟକ ଅନୁସାରେ, ଗୁରୁଗମ୍ଭୀର ଶବ୍ଦ ବ୍ୟବହୃତ ହୋଇ ସାମାଜିକ ଅନ୍ୟାୟ ପ୍ରତି ବିରୋଧ କରେ। ନାଟକର ସଂଳାପଗୁଡ଼ିକ ସଂକ୍ଷିପ୍ତ କିନ୍ତୁ ଅର୍ଥଗଭୀର। ଶାସକ ଓ ଖଳ ରାଜନୀତିଜ୍ଞଙ୍କ ସଂଳାପରେ କପଟତା, ଅହଂକାର ଓ ସ୍ୱାର୍ଥପରତା ପ୍ରକାଶ ପାଏ। ପୀଡ଼ିତ ଜନସାଧାରଣଙ୍କ ସଂଳାପରେ ବେଦନା, ଅସହାୟତା ଓ ଆକ୍ରୋଶ ସ୍ପଷ୍ଟ ହୁଏ। ଚିନ୍ତନଶୀଳ ଚରିତ୍ରମାନଙ୍କ ସଂଳାପ ଦର୍ଶକଙ୍କୁ ଆତ୍ମପରିଶୀଳନ କରିବାକୁ ବାଧ କରେ। ସଂଳାପରେ ଉପଦେଶ ନୁହେଁ, ବରଂ ପରିସ୍ଥିତି ମାଧ୍ୟମରେ ସନ୍ଦେଶ ଆସିଥିବାରୁ ଏହା ସ୍ୱାଭାବିକ ଲାଗେ। ନାଟକର ଭାବ ପ୍ରଦାନର ଗତି ପରିସ୍ଥିତି ଅନୁଯାୟୀ ଚଞ୍ଚଳ ଓ ଗମ୍ଭୀର- ରୂପରେ ଦେଖାଯାଏ। ଦମନ,ହିଂସା ଓ ରାଜନୈତିକ ଷଡ଼ଯନ୍ତ୍ରର ଦୃଶ୍ୟଗୁଡ଼ିକରେ ଗତି ଦ୍ରୁତ, ତୀବ୍ର ଓ ଉତ୍ତେଜନାପୂର୍ଣ୍ଣ ମନେହୁଏ। ବିସ୍ଥାପନ, ଯନ୍ତ୍ରଣା ଓ ମାନବୀୟ ଦୁଃଖର ଦୃଶ୍ୟର ଗତି ନାଟକରେ ଧୀରେ ଧୀରେ, ଭାବଗଭୀର ଓ ମନକୁ ସ୍ପର୍ଶ କରୁଥିବାର ଦେଖାଯାଏ। ଏହି ଗତିର ଚଢ଼ା-ଉତାର ଦର୍ଶକଙ୍କୁ ନାଟକ ସହିତ ମାନସିକ ଭାବେ ଯୋଡ଼ି ରଖେ। ସମଗ୍ର ଭାବେ 'ଅନ୍ଧାରର ବିଭୀଷିକା' ନାଟକର ଭାଷା ସରଳ କିନ୍ତୁ ପ୍ରଭାବଶାଳୀ, ସଂଳାପ ସଂକ୍ଷିପ୍ତ ଓ ତୀକ୍ଷ୍ଣ ଏବଂ ଭାବ ପ୍ରଦାନର ଗତି ସମୟୋଚିତ। ଏହି ତିନିଟି ଦିଗର ସମନ୍ୱୟ ନାଟକକୁ ଏକ ଶକ୍ତିଶାଳୀ ସାମାଜିକ ନାଟ୍ୟରେ ପରିଣତ କରିଛି। ନାଟକର ଶେଷରେ ଦେଖାଯାଏ ଯେ ଅନ୍ୟାୟ, ହିଂସା, ମିଛ ଓ ଖଳ ରାଜନୀତି ଯେତେ ଶକ୍ତିଶାଳୀ ଦେଖାଯାଉଥିବା ସତ୍ତ୍ୱେ, ସେଗୁଡ଼ିକ ଚିରକାଳ ତିଷ୍ଠି ରହିପାରେ ନାହିଁ। 'ଅନ୍ଧାର' ଏଠାରେ ଅଜ୍ଞାନ, ଭୟ ଓ ନୀତିହୀନତାର ପ୍ରତୀକ, ଯାହାକୁ ଜ୍ଞାନ, ସସଚେତନତା ଓ ନୈତିକ ସାହସ ମାଧ୍ୟମରେ ଭଙ୍ଗ କରାଯାଇପାରେ। ମାଓବାଦୀ ହିଂସା ଓ ରାଜ୍ୟ ଦମନ-ଦୁଇ ପକ୍ଷର ଅତିରେଖକୁ ଦେଖାଇ ନାଟକଟି ସୂଚାଏ ଯେ ହିଂସା କେବେ ମଧ୍ୟ ସ୍ଥାୟୀ ସମାଧାନ ନୁହେଁ। ଶେଷ ବାର୍ତ୍ତା ହେଉଛି-ମାନବିକ ମୂଲ୍ୟବୋଧ, ସମ୍ବାଦ ଓ ସମ୍ମିଳିତ ସଚେତନତା ହିଁ ସମାଜକୁ ଉଦ୍ଧାର କରିପାରେ।

ନାଟକର ପରିଶେଷ ଦର୍ଶକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜର ଅନ୍ୟାୟ ଦେଖି ନୀରବ ରହିବା ଠିକ୍ ନୁହେଁ, ଏହି ନୀରବତା ଅପରାଧ ସହ ସମାନ। ସଚେତନ ନାଗରିକ ହୋଇ ସତ୍ୟ ପକ୍ଷରେ ଦୃଢ଼ ସ୍ୱର ପ୍ରକାଶ କରିବା ହିଁ ନାଟକର ମୂଳ ଆହ୍ୱାନ। ସ୍ୱାଧୀନତା ସଂଗ୍ରାମୀଙ୍କ ଅପମାନ ଓ ମୂର୍ତ୍ତିଭଙ୍ଗ ଘଟଣାର ଉଲ୍ଲେଖ ମାଧ୍ୟମରେ ନାଟକଟି ଶେଷରେ ସ୍ପଷ୍ଟ କରେ-ଯେ ସମାଜ ନିଜ ଇତିହାସ ଓ ଆଦର୍ଶକୁ ଅସ୍ୱୀକାର କରେ, ସେ ସମାଜର ଭବିଷ୍ୟତ ଅନ୍ଧାର ହେଇଯାଏ। ଗାନ୍ଧିବାଦ ଅନୁଯାୟୀ ସତ୍ୟ କେବଳ କଥା ନୁହେଁ, ଜୀବନର ଏକ ପ୍ରକ୍ରିୟା। ନାଟକର ଶେଷରେ ମିଛ ଅପପ୍ରଚାର, ଷଡ଼ଯନ୍ତ୍ର ଓ ଭ୍ରାନ୍ତ ଧାରଣା ଯେପରି ଭାଙ୍ଗି ପଡ଼େ, ତାହା ସୂଚାଏ-ସତ୍ୟକୁ ଯେତେ ଦମନ କରାଯାଉ, ଶେଷରେ ସେ ଆଲୋକ ଭଳି ପ୍ରକାଶିତ ହୁଏ। ଏହା 'ଅନ୍ଧାର'

ବିରୋଧରେ ସତ୍ୟର ଜୟକୁ ପ୍ରତୀକିତ କରେ । ହୀନ ରାଜନୀତି ଓ ମାଓବାଦୀମାନଙ୍କୁ ବିରୋଧ ଏହି ଦୁଇ ପ୍ରସଙ୍ଗ ମଧ୍ୟରେ ନାଟକଟି ଗାନ୍ଧିବାଦୀ ମତକୁ ସମର୍ଥନ କରେ-ହିଂସା ହିଂସାକୁ ଜନ୍ମ ଦିଏ, କିନ୍ତୁ ସମାଧାନ ଦିଏ ନାହିଁ ଯାହା ଅରୁଣ ବନ୍ଧୁ ବୀରେନ୍‌କୁ ବୁଝାଏ ମାଓବାଦୀର ମାର୍ଗ କୌଣସି ସମସ୍ୟାର ଶେଷ ସମାଧାନ ନୁହେଁ, ଅହିଂସାପୂର୍ଣ୍ଣ ପ୍ରତିରୋଧ ଓ ନୈତିକ ସାହସ ମାଧ୍ୟମରେ ପରିବର୍ତ୍ତନ ସମ୍ଭବ । ଗାନ୍ଧିବାଦୀ ସତ୍ୟାଗ୍ରହର ମୂଳ ଆତ୍ମା ହେଉଛି-ନୀରବ କିନ୍ତୁ ଦୃଢ଼ ପ୍ରତିବାଦ । ନାଟକର ଶେଷ ଦିଗରେ ସାଧାରଣ ଲୋକଙ୍କ ଚେତନା ଜାଗ୍ରତ ହେବା ଏହାକୁ ସୂଚାଏ ଯେ ଅସ୍ତ୍ର ନୁହେଁ, ଆତ୍ମବଳ ଓ ନୀତିବଳ ହିଁ ସବୁଠାରୁ ବଡ଼ ଶକ୍ତି । ଗାନ୍ଧିଜୀଙ୍କ ମତ- "ପାପକୁ ଘୃଣା କର, ପାପୀକୁ ନୁହେଁ"- ନାଟକର ଶେଷ ବାର୍ତ୍ତାରେ ପ୍ରତିଫଳିତ ହୁଏ । ଖଳ ରାଜନୀତିଜ୍ଞ କିମ୍ବା ଭ୍ରାନ୍ତ ଆନ୍ଦୋଳନକାରୀଙ୍କୁ ସମୂଳ ଧ୍ୱଂସ କରିବା ନୁହେଁ, ବରଂ ତାଙ୍କ ଭିତରେ ଥିବା ମାନବିକତାକୁ ଜାଗ୍ରତ କରିବା ହିଁ ନାଟକର ଶେଷ ଆଶା । ନାଟକର ନାୟକ ନରହରି ଶତ୍ରୁଶଲ୍ୟର ପକ୍ଷ କେବେ ଦେଇ ନାହାଁନ୍ତି କି କେବେ ତାଙ୍କ କଥାକୁ ଗ୍ରହଣ କରିନାହାଁନ୍ତି ସୁତରାଂ ଗାନ୍ଧିବାଦୀ ଦୃଷ୍ଟିରୁ ନାଟକଟି ଶେଷରେ ଏହି ସନ୍ଦେଶ ଦିଏ ଯେ ରାଜନୀତି ଯଦି ନୀତିରୁ ବିଚ୍ୟୁତ ହୁଏ, ସେ ହିଂସ୍ର ହୋଇଯାଏ, ଯାହା ପରିଶେଷରେ ଘଟିଛି । ସତ୍ୟ, ସେବା, ତ୍ୟାଗ ଓ ସରଳତା ଉପରେ ଆଧାରିତ ଗାନ୍ଧିବାଦୀ ରାଜନୀତି ହିଁ ସମାଜର ସଠିକ୍ ପଥକୁହାଯାଇ ପାରେ ।

**ଉପସଂହାର :**

ପରିଶେଷରେ ସତ୍ୟ, ଅହିଂସା, ସତ୍ୟାଗ୍ରହ ଓ ମାନବିକତା ହିଁ ସମାଜ ପରିବର୍ତ୍ତନର ସର୍ବୋତ୍ତମ ଓ ସ୍ଥାୟୀ ମାର୍ଗ । ଅସ୍ତ୍ର, ଭୟ କିମ୍ବା ଘୃଣା ମାଧ୍ୟରେ ନୁହେଁ, ବରଂ ନୈତିକ ସାହସ, ସଚେତନ ନାଗରିକତା ଓ ଆତ୍ମବଳ ମାଧ୍ୟମରେ ଅନ୍ଧାରକୁ ଭଙ୍ଗ କରାଯାଇପାରେ । ଏହିପରି ଭାବେ, 'ଅନ୍ଧାରର ବିଭୀଷିକା' ନାଟକରର ଉପସଂହାର ଦର୍ଶକଙ୍କୁ ଏକ ନୈତିକ ଦାୟିତ୍ୱବୋଧ ଦେଇ ଯାଏ-ସମାଜର ବିରୋଧରେ ନୀରବ ନରହି, ଗାନ୍ଧିବାଦୀ ଆଦର୍ଶକୁ ଆଣି ସତ୍ୟ ଓ ନ୍ୟାୟର ପକ୍ଷରେ ଏକତ୍ର ହେବା । ସମଗ୍ର ସମାଲୋଚନାକୁ ଗାନ୍ଧିବାଦୀ ଦୃଷ୍ଟିରେ ବିଚାର କଲେ ଏହି ନାଟକଟି ଏକ ସମୟୋଚିତ ସାମାଜିକ ଚେତନା ମୂଳକ କୃତି ବୋଲି ପ୍ରତୀତ ହୁଏ । ଏହା ହିଂସା, ମିଛ, ଖଳ ରାଜନୀତି ଓ ନୀତିହୀନତା ଅନ୍ଧାରକୁ ନିର୍ଭୀକ ଭାବେ ଉଜାଗର କରିଥିବା ସହିତ ସେଗୁଡ଼ିକର ବିକଳ୍ପ ଭାବେ ସତ୍ୟ, ଅହିଂସା, ସତ୍ୟାଗ୍ରହ ଓ ମାନବିକତାକୁ ପ୍ରତିଷ୍ଠା କରେ । ନାଟକର ଶେଷ ବାର୍ତ୍ତା ଏହି ସତ୍ୟକୁ ଉଦ୍‌ଘାଟିତ କରେ ଯେ ଅସ୍ତ୍ର, ଭୟ କିମ୍ବା ଘୃଣା ଦ୍ୱାରା ସମାଜର ସମସ୍ୟା ସ୍ଥାୟୀ ସମାଧାନ ସମ୍ଭବ ନୁହେଁ । ଗାନ୍ଧିବାଦୀ ନୀତି ଅନୁଯାୟୀ ନୈତିକ ସାହସ, ସଚେତନ ପ୍ରତିବାଦ ଓ ନୀତିପୂର୍ଣ୍ଣ ଆଚରଣ ମାଧ୍ୟମରେ ଅନ୍ୟାୟର ମୂଳକୁ ଧ୍ୱଂସ କରାଯାଇପାରେ । ନାଟ୍ୟକାର ବିଜୟ କୁମାର ଶତପଥୀ ଓଡ଼ିଆ ନାଟକକୁ କେବଳ ମନୋରଞ୍ଜନର ସୀମାରେ ରଖିନାହାନ୍ତି, ସେ ଏହାକୁ ସାମାଜିକ ଆଲୋଚନାର ମଞ୍ଚ ଭାବେ ଗଢ଼ି ତୋଳିବାର ଆଶା ଓ ଆବେଦନ ରଖିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଶତପଥୀ, ବିଜୟ କୁମାର : 'ଅନ୍ଧାରର ବିଭୀଷିକା', ଏଥେନା ବୁକ୍ସ, ଭୁବନେଶ୍ୱର, ୨୦୨୩ ।

୨. ଷଡ଼ଙ୍ଗୀ, ରାଜେନ୍ଦ୍ର :'ବିକାଶ, ବିସ୍ଥାପନ ଓ ଭବିଷ୍ୟତ' ଶିକ୍ଷା ପ୍ରକାଶନୀ, ଭୁବନେଶ୍ୱର, ୨୦୦୮ ।

୩. ମିଶ୍ର, ଡକ୍ଟର ସଂଘମିତ୍ରା : 'ନାଟକର ନବ ଦିଗନ୍ତ', ରାଜାରାଣୀ ପେପର ବ୍ୟାକସ, ଭୁବନେଶ୍ୱର, ୧୯୯୨ ।

୪. ତ୍ରିପାଠୀ, ସୂର୍ଯ୍ୟମଣି : 'ଲାଲ ଆତଙ୍କ ଓ ଅନ୍ୟାନ୍ୟ ପ୍ରବନ୍ଧ', ଲାର୍କ ବୁକ୍ସ, ଭୁବନେଶ୍ୱର, ୨୦୧୦ ।


❖ ❖ ❖

DOI : https://doi.org/10.5281/zenodo.18529193 ମୂଳ ପ୍ରବନ୍ଧ

# କଳ୍ପିତ ବାସ୍ତବତାର ଜୀବନ୍ତ ଦସ୍ତାବିଜ : "ବୃତ୍ତାଙ୍କନ"

ଶରତ ଚନ୍ଦ୍ର ମହାରଣା

**ସଂକ୍ଷିପ୍ତସାର :**

ଏକ ବିଂଶ ଶତାବ୍ଦୀର କ୍ଷୁଦ୍ରଗଳ୍ପ ସାହିତ୍ୟରେ ସ୍ରଷ୍ଟା ସ୍ୱଦେଶ ସୁନ୍ଦର ପଟ୍ଟନାୟକ ଏକ ମନୋରମ ପରିଚୟ। ମାତ୍ର କିଛିଦିନ ତଳେ ଆତ୍ମପ୍ରକାଶ କରିଥିବା ତାଙ୍କ ଗଳ୍ପ ପୁସ୍ତକ 'ବୃତ୍ତାଙ୍କନ' ଏକ ବିରାଟ ପ୍ରତିଶ୍ରୁତି ବହନ କରି ଗଳ୍ପ ସାହିତ୍ୟରେ ପାଦ ଥାପିଛି କହିଲେ ଭୁଲ୍ ହେବ ନାହିଁ। ଅବଶ୍ୟ ଆଧୁନିକ ଓଡ଼ିଆ ସାହିତ୍ୟରେ ଅନେକ ଶକ୍ତିଧର ପ୍ରଶାସକଙ୍କ ଆବିର୍ଭାବ ଆମ ସାହିତ୍ୟ ସାମ୍ରାଜ୍ୟକୁ ପୁଷ୍କଳ କରିଆସିଛି। ସ୍ରଷ୍ଟା ଗୋପୀନାଥ ମହାନ୍ତି, ସୀତାକାନ୍ତ ମହାପାତ୍ର, ହୃଷୀକେଶ ପଣ୍ଡା , ତରୁଣ କାନ୍ତି ମିଶ୍ର ,ରବିନ୍ଦ୍ର ମୋହନ ସେନାପତି,ମନୁ ଦାସ, ବିଜୟ କୁମାର ନାୟକ, ମନୋରଞ୍ଜନ ପାଣିଗ୍ରାହୀ ଆଦି ଏହାର ପ୍ରଲୟିତ ଧାରାକୁ ଅଧିକ ପରିବ୍ୟାପ୍ତ କରିଛନ୍ତି। ଏହି ପାରମ୍ପରିକ ଧାରାରେ ଶ୍ରୀଯୁକ୍ତ ପଟ୍ଟନାୟକ ଏକ ମନୋଜ୍ଞ ସଂଯୋଗ। ଏହି ମହାର୍ଘ ସ୍ରଷ୍ଟାମାନଙ୍କ କ୍ଷେତ୍ରରେ ବଡ଼ ତାତ୍ପର୍ଯ୍ୟ ବିଷୟ ହୋଇଛି ଏକ ଅନ୍ତରୀଣ ସାମ୍ୟତା । ଅଧିକାଂଶ ସ୍ରଷ୍ଟାଙ୍କ କୃତିରେ ମାଟି ପ୍ରତି ଅକପଟ ମମତାବୋଧ , ଅସାଧାରଣ ଜାତୀୟତାବୋଧ, ମଧୁର ଗ୍ରାମ୍ୟସ୍ମୃତିର ରୋମନ୍ଥନ, ଉଚ୍ଚାଙ୍ଗ ଆଧାତ୍ମିକ ଆସ୍ପୃହା, ଉଦାର ମାନବିକତାବାଦର ମନୋଜ୍ଞ ଉତ୍ତରଣ ପାଠକକୁ ମୁଗ୍ଧ କରିଆସିଛି। ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ବୃତ୍ତାଙ୍କନରେ ଏହାର ଉଜ୍ଜ୍ୱଳ ସାକ୍ଷର ବିଦ୍ୟମାନ । ଏପରିକି ସଂକଳନଟିର ଚମତ୍କାର ଭାବବସ୍ତୁ ସହ ଅପୂର୍ବ ଶାବ୍ଦିକତା, ମର୍ମସ୍ପର୍ଶୀ ବର୍ଣ୍ଣନାଧର୍ମିତା, ସୁଖପାଠ୍ୟ ପ୍ରାରମ୍ଭ ଓ ପରିଣତି ଏକ ବିଂଶ ଶତାବ୍ଦୀର ଗଳ୍ପଧାରକୁ ଖୁବ୍ ହୃଦ୍ୟରୂପେ ପ୍ରମାଣିତ କରିପାରିଛି । ଅଜସ୍ର ସମ୍ଭାବନା ଓ ଅସୀମ ଆତ୍ମତୃପ୍ତିର ପୁସ୍ତକଟି ପରିପୂର୍ଣ୍ଣ ଏହା ପାଠକ ମାତ୍ରେ ଅନୁଭବ କରିବେ।

**ପ୍ରମୁଖ ଶବ୍ଦାବଳୀ:** ମୃତ୍ତିକା ସମ୍ପ୍ରୀତି, ଜାତୀୟତାବୋଧ, ଅତୀତ ସମ୍ପ୍ରୀତି, ଆଧାତ୍ମିକତା, ଉଦାର ମାନବିକତା

ସ୍ୱଦେଶ ସୁନ୍ଦର ପଟ୍ଟନାୟକଙ୍କର "ବୃତ୍ତାଙ୍କନ" ଏକ ମନୋଜ୍ଞ ଅଭିବ୍ୟକ୍ତି। ବର୍ଣ୍ଣାଢ଼୍ୟ ଅନୁଭବ, ପରିପକ୍ୱ ଉପଲବ୍ଧିରେ ଏହାର ଆଙ୍ଗିକ ଓ ଆତ୍ମିକ ସୁସମୃଦ୍ଧ। ଅବଶ୍ୟ ସଂକଳସ୍ଥ ହେବା ପୂର୍ବରୁ ଗଳ୍ପଗୁଡ଼ିକରୁ ଅନେକ ତାଙ୍କୁ ବିଭିନ୍ନ ପତ୍ର ପତ୍ରିକାରେ ପାଠକରିବାର ସୌଭାଗ୍ୟ ଲାଭ କରିଥିଲି। ବିବିଧ ଅବବୋଧର ପ୍ରେକ୍ଷାପଟରେ ଗଳ୍ପଗୁଡ଼ିକ ବେଶ୍ ସୁଖପାଠ୍ୟ। ସମୁଦାୟ ସତରଟି ଗଳ୍ପର ସମାହାର ହେଉଛି ଆଲୋଚ୍ୟ ସଂକଳନ। ସଂକଳନସ୍ଥ ଶେଷଗଳ୍ପ "ବୃତ୍ତାଙ୍କନ"ର ନାମାନୁଯାୟୀ ସଂକଳନର ନାମକରଣ। କିନ୍ତୁ ଏହି ନାମକରଣଟି ସଂକଳନର ଶେଷଗଳ୍ପ କୈନ୍ଦ୍ରିକ- ବିଚାର କଲେ ଭୁଲ ହେବ। ବରଂ ସଂକଳନର ଆତ୍ମିକ ସ୍ତରରେ ଏକ ବୃତ୍ତର ପରିଧିକୁ ଖୁବ୍ ଅନ୍ତରଂଗ ଭାବରେ ଅନୁଭବ କରିହୁଏ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18529193
Article No - BPP00377

**ଯୋଗାଯୋଗ : ଶରତ ଚନ୍ଦ୍ର ମହାରଣା,**
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର
**Email:** moharanasaratchandra17@gmail.com
**ORCID ID:** https://orcid.org/0009-0007-0690-5758

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାରଣା, ଶରତ ଚନ୍ଦ୍ର; ୨୦୨୬। କଳ୍ପିତ ବାସ୍ତବତାର ଜୀବନ୍ତ ଦସ୍ତାବିଜ : "ବୃତ୍ତାଙ୍କନ"। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଔ; ପୃଷ୍ଠା : ୩୬-୪୧।

ଜୀବନର ଗତିକୁ ସେଦିନ ଶଙ୍କରାଚାର୍ଯ୍ୟ "ମୋହମୁଦଗର"ରେ ବୃତ୍ତାକାର ବୋଲି ଅଭିହିତ କରିଥିଲେ। ବୃତ୍ତକୁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରୁ ପରିଧିର ଦୂରତ୍ୱକୁ ନେଇ ତା'ର ପରିସୀମା ପରିବ୍ୟାପ୍ତ।ଏଥିନେଇ ତ କବିଚନ୍ଦ୍ର ତାଙ୍କ ଆତ୍ମଜୀବନୀର ନାମ ରଖିଛନ୍ତି "କୁମ୍ଭାରଚକ"। ଜୀବନର ଆଦ୍ୟ ଲଗ୍ନରୁ ପରିଣତ ଲଗ୍ନ ଯାଏ ଯାତ୍ରା ଓ ଏକ ବୃତ୍ତାକାର ସ୍ଥିତିକୁ ହିଁ ସ୍ପଷ୍ଟ କରେ। ଆଲୋଚ୍ୟ ସଂକଳନରେ ସ୍ଥାନିତ କ୍ଷୁଦ୍ରଗଳ୍ପଗୁଡ଼ିକ ଆଙ୍ଗିକ ଦୃଷ୍ଟିରୁ ନୁହେଁ ଆତ୍ମିକ ଅଭିଧା ଦିଗରୁ ଏକ ବୃତ୍ତର ପରିଧି ମଧ୍ୟରେ ଆବଦ୍ଧ। ଏହା ପୁସ୍ତକଟିର ପାଠ ପରେ ଅନୁଭବ କରିହୁଏ। ଗଳ୍ପଗୁଡ଼ିକୁ ପାଠ କଲେ ଏକ ନିଛକ ସତ୍ୟ ମନକୁ ଆଚ୍ଛନ୍ନ କରେ, ତାହା ହେଉଛି ଗଳ୍ପଗୁଡ଼ିକର ବିଭିନ୍ନତା। ଏହି ବିଭିନ୍ନତା ଉଭୟ ଭାବବସ୍ତୁ ଓ ପ୍ରକାଶ ଶୈଳୀରେ ପରିଦୃଷ୍ଟ। କିନ୍ତୁ ଏକ ଅନ୍ତରୀଣ ସୂତ୍ର ଗଳ୍ପଗୁଡ଼ିକୁ ଏକ ରଜ୍ଜୁରେ ବାନ୍ଧି ରଖିଛନ୍ତି। ଗଳ୍ପଗୁଡ଼ିକ ସ୍ରଷ୍ଟା ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଅନୁଭୂତି ପରି ବିଚିତ୍ର ଏବଂ ସେହିପରି ବ୍ୟାପକ। କୌଣସି ଏକ ନିର୍ଦ୍ଦିଷ୍ଟତା ମଧ୍ୟରେ ଗଳ୍ପଗୁଡ଼ିକୁ ପ୍ରକାଶ କରିବା ଏକାନ୍ତ ରୂପେ ଅସମ୍ଭବ। ଅନେକ ଗଳ୍ପରେ ଗାଳ୍ପିକ ଚେତନା ପ୍ରବାହ ଶୈଳୀଟିକୁ ଖୁବ୍ ପ୍ରିୟ ମଣିଛନ୍ତି। ଅବଶ୍ୟ ପୂର୍ବସୂରୀ ସ୍ମରଣରେ ଅଖିଳ ମୋହନ ପଟ୍ଟନାୟକ, ରାଜକିଶୋର ପଟ୍ଟନାୟକ, କିଶୋରୀଚରଣ ଦାସ, ମହାପାତ୍ର ନୀଳମଣି ସାହୁ, ଗୋପୀନାଥ ମହାନ୍ତି, ମନୋଜ ଦାସ ପ୍ରମୁଖ ଏ କ୍ଷେତ୍ରରେ ଖୁବ୍ ଆପଣାର ମନେ ହୋଇଥାନ୍ତି। ଅନ୍ୟତ୍ର ସମକାଳୀନ ତରୁଣକାନ୍ତି ମିଶ୍ର, ସଦାନନ୍ଦ ତ୍ରିପାଠୀ, ଗୌରହରି ଦାସ, ଦେବବ୍ରତ ମଦନରାୟ, ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର, ପରେଶ କୁମାର ପଟ୍ଟନାୟକ, ସୁନୀତି ଦେବୀ, କୃପାସାଗର ସାହୁ, ଅରବିନ୍ଦ ରାୟ ଆଦିଙ୍କ ସହ ଖୁବ୍ ନିକଟ ଅତ୍ମୀୟତା ସ୍ଥାପନ କରିବାରେ ସକ୍ଷମ।

ଗାଳ୍ପିକ ଅନୁଭବ ଓ ଅଭିଜ୍ଞତାକୁ କୃତ୍ରିମ ଭାବେ ଆରୋପ କରିବାକୁ ଆଦୌ ପ୍ରୟାସ କରି ନାହାନ୍ତି। ସ୍ୱତଃ ସ୍ଫୁର୍ତ୍ତତାର ଅକୃତ୍ରିମ ପ୍ରବାହ ସଂକଳନରେ ଏଥିନେଇ ସ୍ପଷ୍ଟ। ବିଶେଷ କରି ସାଂପ୍ରତିକ ପ୍ରତିଷ୍ଠା- ପ୍ରତିପତ୍ତି ବ୍ୟାକୁଳ ସଭ୍ୟ ମଣିଷର ବିକଳ ବିଧୃତ ସ୍ଥିତିକୁ ସେ ପ୍ରଦର୍ଶିତ କରିବା ବଦଳରେ ତା' ସ୍ଥିତିର ଧୂମ୍ରାଭ ଦିଗନ୍ତରୁ ଅନ୍ତରୀଣ ଦୁର୍ବଳ ଆବେଦନ ରୂପୀ ସୂକ୍ଷ୍ମ ଅଗ୍ନିକଣା ମଧ୍ୟ ବିକିର୍ଣ୍ଣ ହେଉଥିବ। ଅନାୟସ ଲକ୍ଷ୍ୟ, ଅନେକ ଗଳ୍ପର ପରିଧି ଅନୁଭୂତିର ରଙ୍ଗରେ ବର୍ଣ୍ଣାଳ। ଅନୁଭୂତିର କାଳ ଅତୀତ ଅବା ନିକଟ ଅତୀତ। ସେହି ମୁହୂର୍ତ୍ତ ଓ ସତ୍ତାକୁ ସ୍ରଷ୍ଟା ପାସୋରି ପାରି ନାହାନ୍ତି। କାହାଣୀର କଳେବରକୁ ଆଚ୍ଛାଦିତ କରିଚାଇ ସେହି ଅବିସ୍ମରଣୀୟ ଆବେଦନ। ଏଥିନେଇ ଗାଳ୍ପିକଭଦ୍ରକ ଥିମ୍ ହୋଇଛି ଗଳ୍ପର ଆୟୁଧ। ଗଳ୍ପରେ ରାଜପଣ କରିଛି ଗଭୀର ଅର୍ଥପୂର୍ଣ୍ଣ ଅନ୍ତର୍ନିହିତ ଭାବନା। 'ଗୋଠ ବିଚାର', 'ସରହଦ: ବିଶ୍ୱାସ ଓ ଅନ୍ଧବିଶ୍ୱାସର', 'ଅଙ୍କା ବଙ୍କା ଜହ୍ନ', ଅନ୍ଧଗଳିରେ ଗାଳ୍ପିକ ପାରଂପାରିକ ଅନ୍ଧବିଶ୍ୱାସର ଗଡ଼ଡାଳିକା ପ୍ରବାହକୁ ନୂଆ କରି ଚିହ୍ନିତ କରିଛନ୍ତି। କରୋନାର ଭୟଂକର ସ୍ଥିତିକୁ ଭେଟିଛନ୍ତି 'ବସନ୍ତରୋଗ' ହଇଜା ରୋଗର ପ୍ରାଚୀନ ଅନୁଭବ ମଧ୍ୟରେ। ଯୁଗ ବଦଳୁଥିଲେ ମଧ୍ୟ ମଣିଷର ଅସହାୟତା ଯେ ପରିବର୍ତ୍ତିତ ହୋଇ ନାହିଁ, ଏହା ଲେଖକ ଖୁବ୍ ମନୋଜ୍ଞ ରୂପେ ପ୍ରକାଶିତ କରିଛନ୍ତି। ଗଭୀର ଅର୍ଥପୂର୍ଣ୍ଣ ଅନ୍ତର୍ନିହିତ ଭାବନାଟିକୁ ରୂପ ଦେଇଛନ୍ତି। ଏପରିକି ଆଧ୍ୟାତ୍ମିକ ଜଗତର ରହସ୍ୟକୁ ସଂପୂର୍ଣ୍ଣ ଏଡ଼ି ପାରିନାହାନ୍ତି। ଏ କ୍ଷେତ୍ରରେ ଗାଳ୍ପିକ ମନେ ହୋଇଛନ୍ତି ଅଧିକ ବୌଦ୍ଧିକ, ତାତ୍ତ୍ୱିକ ଓ ଶୁଚିମନ୍ତ। ଅବଶ୍ୟ ପ୍ରତୀକ, ଚିତ୍ରକଳ୍ପ ଭିତରେ କେତେ ଗୁଡ଼ିଏ ଆଇଡିଆକୁ ଚମତ୍କାର ରୂପ ଦେଇଛନ୍ତି। ଲେଖକଙ୍କ ଆତ୍ମିକ ଭାବାନ୍ତର ଏଥିରେ ପ୍ରତିଫଳିତ ହୋଇଛି। ଲେଖକଙ୍କ ଏହି ଚେତନାର ଉଲଂଘନ ଓ ଅତି ସରଳତାକୁ ଛୁଇଁବା ପାଇଁ ପାଠକର ମଧ୍ୟ ବୌଦ୍ଧିକ ପୁଞ୍ଜି ଲୋଡ଼ାହୁଏ। ନଚେତ ଗାଳ୍ପିକ ଶ୍ରୀଯୁକ୍ତ ପଟ୍ଟନାୟକ ରହିଯାନ୍ତି ଅପହଂଚ। ସଂକଳନରେ ଗାଳ୍ପିକ ଜଣେ ସରଳ ଗଳ୍ପକଥକ ନୁହନ୍ତି, ନୁଅନ୍ତି ମଧ୍ୟ ସାଧାରଣ କାହାଣୀକାର। କେତେକ ଗଳ୍ପରେ ଜଟିଳ ଭାବାବର୍ତ୍ତକୁ ନେଇ ସେ ଗଳ୍ପର ପରିସର ପରିକଳ୍ପନା କରିଛନ୍ତି। କେତେକ ପୁଣି ରୂପକାତ୍ମକ (allegerical) ତାହାର ଆପାତତଃ ପ୍ରତୀୟମାନ ଅର୍ଥ ପଛରେ ଅନ୍ୟ ଏକ ଅନ୍ତର୍ନିହିତ ନିଗୂଢ଼ ଅର୍ଥ ପ୍ରକାଶ କରିବା କ୍ଷେତ୍ରରେ ସକ୍ଷମ। ପାଠକ ପ୍ରତୀୟମାନ ଗଳ୍ପଭୂମିର ସଂଚାର ପଥରେ ବୁଲୁ ବୁଲୁ ଅତୃପ୍ତି ଓ ଅଶ୍ଳୀଳ ଆବେଦନର ମନୋଭୂମିରେ ପହଂଚିଯାଏ। ତତ୍କାଳିକ ଅନୁଭବ କାଳୋତ୍ତୀର୍ଣ୍ଣ ହୋଇ ଉଦ୍ଭାସିତ ହୁଏ। ଭୌଗୋଳିକ ପରିସର କୌଣସି ବାଧା ଓ ବନ୍ଧନ ସୃଷ୍ଟି କରନ୍ତିନାହିଁ। ଏଥିନେଇ ଗାଳ୍ପିକଙ୍କ ଅନେକ ଗଳ୍ପରେ ସ୍ୱଦେଶ ସହ ବିଦେଶର ଅନୁଭବ ମଧ୍ୟ ମିଶି ଏକାକାର ହୋଇ ପାରିଛନ୍ତି। ସଂକଳନରେ ସାଧାରଣ ଜୀବନ ଜଂଜାଳରେ ଅତିଷ୍ଠ ମଣିଷର ଚିତ୍ର ଦୁର୍ଲ୍ଲଭ। ଜଣେ ସଂଭ୍ରାନ୍ତ ମଣିଷର ଉପଲବ୍ଧିରେ ଓ ଆବେଦନରେ ଭାସ୍ୱର। ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବରେ କର୍ତ୍ତବ୍ୟ ସଂପାଦନ କାଳରେ ଅନୁଭବ କରିଥିବା କେତେକ ଅନୁଭୂତି ମଧ୍ୟ ସଂକଳନରେ ପ୍ରକାଶ ଲାଭ କରିଛି। କିନ୍ତୁ ଗଭୀର ବିସ୍ମୟର ବିଷୟ ଗାଳ୍ପିକ ବ୍ୟାପକ ପ୍ରତିଷ୍ଠା ଓ ପ୍ରତିପତ୍ତି ମଧ୍ୟରେ ଗ୍ରାମୀଣ ଆବେଦନର ମହାର୍ଘ ଉତ୍ସ ଗୁଡ଼ିକୁ ପାସୋରି ପାରିନାହାନ୍ତି।

ମାଟି ମନସ୍କତାର ହେମଗନ୍ଧରେ ସଂକଳନଟି ଖୁବ୍ ମାର୍ମିକ ବୋଧ ହୋଇଛି ।

ସଂକଳନର ପ୍ରଥମ ଗଳ୍ପ 'ଗୋଠ ବିଚାର'। ଲୋକକଥାର ଫର୍ମରେ ପାରିଛନ୍ତି ତ। କରୋନା ମହାମାରିର ପ୍ରେକ୍ଷାପଟରେ ଏହାର କାହାଣୀ ପରିକଳ୍ପିତ ହୋଇଥିଲେ ମଧ୍ୟ ପାରଂପରିକ କାହାଣୀକଳା ସହ ଏହାର ସଂପର୍କ ଘନିଷ୍ଠ। ସକଳ ଜ୍ଞାନ-ବିଜ୍ଞାନର ବିକାଶ ମଧ୍ୟରେ ମଣିଷଙ୍କ ପରି ଅସହାୟ ସ୍ଥିତିକୁ ଆପଣାର କରିପାରେ ତାହା ଆଲୋଚ୍ୟ ଗଳ୍ପର ପ୍ରାଣବାଣୀ। ଲେଖକ ବୁଝିଛନ୍ତି ସମସ୍ୟା। କିନ୍ତୁ ସଭ୍ୟତା ନୁହେଁ। ବିଜ୍ଞାନ ନୁହେଁ, ସମସ୍ୟା ମଣିଷ ନିଜେ। ସେ ବାହାର ଜଗତକୁ ଯେମିତି ଦୁଇ ଆଖିରେ ପୂର୍ଣ୍ଣକରି ଦେଖିବାକୁ ଏଯାବତ୍ ସମର୍ଥ ହୋଇନାହିଁ, ନିଜ ଅନ୍ତସତ୍ତାର ସୂକ୍ଷ୍ମତାକୁ ଭେଦିବାକୁ ମଧ୍ୟ ଅନ୍ତର୍ଦୃଷ୍ଟି ଲାଭ କରି ପାରିନାହିଁ। ଚାରିପାଖରେ ଯାହା ଘଟି ଯାଉଛି ତାହା କାହିଁକି ଓ କିପରି ବୁଝିବା ପୂର୍ବରୁ ହିଁ ନିଜର ଅଜାଣତରେ ସେ ସବୁକିଛି ସହ ଛନ୍ଦି ବାନ୍ଧି ହୋଇ ଯାଉଛି। ସଭ୍ୟତାର ଭଉଁରିରେ ମାନବିକତା ତଳକୁ ଚାପି ହୋଇ ଯାଉଛି। ନିରୂପାୟ ହେଉଛି ନୈତିକତା। ବୁଢ଼ା ବଳଦ ରୂପୀ ପ୍ରତୀକାତ୍ମକ ଚରିତ୍ର ମାଧ୍ୟମରେ ଗାଳ୍ପିକ ବେଶ୍ ଜୀବନ୍ତ ରୂପ ପ୍ରଦାନ କରି ପାରିଛନ୍ତି। ପରିପକ୍ୱତା ଅବଜ୍ଞାର ପ୍ରସଙ୍ଗ ନୁହେଁ ବରଂ ଅଭିଜ୍ଞତାର ମହାର୍ଘ ପରିଚାୟକ ଗାଳ୍ପିକ ଖୁବ୍ ସୁନ୍ଦର ଭାବେ ଦର୍ଶାଇ ପାରିଛନ୍ତି।

ଦ୍ୱିତୀୟ ଗଳ୍ପ 'ସରହଦ' ବିଶ୍ୱାସ ଓ ଅନ୍ଧବିଶ୍ୱାସର ଅନ୍ୟତମ କରୋନା କୈନ୍ଦ୍ରିକ କ୍ଷୁଦ୍ରଗଳ୍ପ। ଗାଳ୍ପିକ ତଦାନନ୍ତନ ପରିବେଶରେ ତାତ୍ତ୍ୱିକ ଆବେଦନକୁ ଜଣେ ଅଂଗୀକାରବଦ୍ଧ ସ୍ରଷ୍ଟା ରୂପେ ରୂପପ୍ରଦାନ କରିବାରେ ସମର୍ଥ ହୋଇଛନ୍ତି। କରୋନା କାଳରେ କେଉଁଠି ଦୀର୍ଘ ଦିନର ସୁପ୍ତ ସଂପର୍କ ନିବିଡ଼ ହୋଇ ଉଠୁଥିଲେ, କେଉଁଠି ସନ୍ଦିଗ୍ଧ ଅବବୋଧରେ ବିତୁଥିଲେ ସମୟ। କେଉଁଠି ପୁଣି ସବୁଥାଇ ନଥିଲାର ଭାରି ଭାରି ଶବ୍ଦ ଗାଳ୍ପିକଙ୍କୁ ମ୍ରିୟମାଣ କରିଛି। ମନେ ପଡ଼ିଛି ପିଲାଦିନର ଜେଜେ କଥା। ଗାଁରେ ବାଡ଼ି ପଡ଼ିବାର ଦିନ। ବସନ୍ତର କରାଳ ଗ୍ରାସରେ ଗାଁର ନିଶ୍ଚୁପ ନିଥରତା। ଚାରିଆଡ଼େ ଅସହାୟତାର ସ୍ଥିତି। ଈଶ୍ୱର କେବଳ ଶେଷ ଭରସା। ଅଜାଙ୍କ କାହାଣୀ ଜୀବନ୍ତ ରୂପେ କରୋନା କାଳରେ ମଞ୍ଚସ୍ଥ ହେଉଛି ବୋଲି ଲେଖକ ଅନୁଭବିଛନ୍ତି। ଅଖଣ୍ଡ ସମୟ ଭାଙ୍ଗି ଯାଇଛି। ଟୁକୁଡ଼ା ଟୁକୁଡ଼ା ହୋଇ ମଣିଷର ଚାରି ପାଖରେ ହାତଟେକି ନାଚିବାକୁ ଆରମ୍ଭ କରିଛି। ବିକାଶର ବ୍ୟାପକ ଭୋଜବାଜି ମ୍ନରେ ମଣିଷ କେଡ଼େ ଅସହାୟ। କାଳ ପ୍ରମାଣ କରିଛି। ପରବର୍ତ୍ତୀ ଗଳ୍ପ "ଅଙ୍କା ବଙ୍କା ଜହ୍ନ" ମଧ୍ୟ କରୋନାର ପୃଷ୍ଠଭୂମିରେ ପରିକଳ୍ପିତ। କରୋନା ସୀମାଦ୍ରିର ପରିବାରକୁ ଅଜସ୍ର ଅଶ୍ରୁର ପ୍ଳାବନ ମଧ୍ୟକୁ ନିକ୍ଷେପ କରିଛି। ଅସହାୟ ଜୟନ୍ତୀ, ସୁନୁ, ଲୀନାଙ୍କ ଜୀବନ ଯେପରି ବିପନ୍ନ ହୋଇ ପଡ଼ିଛି ତାହାର ଏକ ଜୀବନ୍ତ ରୂପାୟନ ଆଲୋଚ୍ୟ କ୍ଷୁଦ୍ରଗଳ୍ପ। ଅଜସ୍ର ଅଶ୍ରୁ ଓ ଅସୀମ ଅନ୍ତର୍ଦାହ ମଧ୍ୟରେ ଗଳ୍ପଟି ତାତ୍କାଳୀକ ସମୟର ଏକ ମୁଗ୍ଧ ରୂପାୟନ କହିଲେ ଭୁଲ ହେବ ନାହିଁ। ସାଂପ୍ରତିକ ସମୟର ପୃଷ୍ଠପଟ୍ଟରେ ବ୍ୟକ୍ତି ଓ ବୃତ୍ତି, ଜୀବନ ଓ ଜୀବିକା, ଆଚାର ଓ ବିଚାର ଏବଂ ଚିନ୍ତା ଓ ଚେତନାଗତ ଦ୍ୱନ୍ଦ୍ୱର ପ୍ରତିଛବି ଗଳ୍ପ ତ୍ରୟରେ ପ୍ରତିଫଳିତ। ଆକସ୍ମିକତା ଉପରେ ବିଶ୍ୱାସ ରଖି କେତେକ ଲୋକେ ଏଠି ବଂଚି ରହନ୍ତି। କେତେ ଅବିଜ୍ଞାନିକ ଓ ବିଶ୍ୱାସ ସିଦ୍ଧି ଦ୍ୱୈତ ଭବରାଶିର ଆପାତତଃ ଦ୍ୱନ୍ଦ୍ୱ ଭିତରେ ଲେଖକଙ୍କ ଚିନ୍ତାର ସଂଚାର ପଥ ନିର୍ମିତ ହୋଇଛି। ଜଣେ ସମାଜ ଓ ସମୟ ସଚେତନ ସ୍ରଷ୍ଟା ରୂପେ ସମକାଳର ଘଟଣା ଓ ଚରିତ୍ର ତାଙ୍କୁ କମ୍ ପ୍ରଭାବିତ କରିନାହିଁ। ଅବଶ୍ୟ କରୋନାର ପୃଷ୍ଠଭୂମିରେ ସମକାଳର ସ୍ରଷ୍ଟା ସଂଯୁକ୍ତା ମହାନ୍ତିଙ୍କ "ବିଧ୍ୱସ୍ତ ନିରବତା" ସୁରେଶ ଛୋଟରାୟଙ୍କ "ମାଆର ସୁନ୍ଦର ଛବି", କବିତା ବାରିକଙ୍କ "ଅଲୋଡ଼ା", ସୀତେଶ ତ୍ରିପାଠୀଙ୍କ "ଆଚାର୍ଯ୍ୟ ବିସିକର", ଦୀପ୍ତିରଂଜନ ପଟ୍ଟନାୟକଙ୍କ "ଏକା", ଦେବବ୍ରତ ମଦନରାୟଙ୍କ "ପୂର୍ବଦିଗ", ରବି ସ୍ୱାଇଁଙ୍କ "ଅପରିଚିତ ସମୟ", ସତ୍ୟ ମିଶ୍ରଙ୍କ "ଖାତା" ଆଦି କୃତି ଦେଖିବାକୁ ମିଳିଛି।

ଯଥାର୍ଥ ସ୍ରଷ୍ଟା ମାତ୍ରେ ସାମାଜିକ ଅଙ୍ଗୀକାର ବଦ୍ଧତାକୁ ଅନୁଭବ କରିଥାନ୍ତି। ସାମାଜିକ ଅଂଗୀକାରବୋଧ ସ୍ରଷ୍ଟାଙ୍କୁ ସମୟ ଓ ସମାଜ ସଚେତନର ପରିଚିତି ଆଣିଦିଏ। କଳାର ଏହି ସୌହାର୍ଦ୍ଦତା କଳା ପାଇଁ କଳାର ବିଚାର ଧାରାକୁ ସମର୍ଥନ ନକରି ଜୀବନ ପାଇଁ କଳାର ବିଚାରଧାରାକୁ ସମର୍ଥନ କରେ। ସମାଜ ଓ ଜୀବନ ସହିତ କଳାର ସଂପର୍କ ଅବିଚ୍ଛେଦ୍ୟ। ଜୀବନ ଠାରୁ ବହିଷ୍କୃତ ସେଇ କଳା ତିଷ୍ଠି ପାରେନାହିଁ। ଏହି ସାମାଜିକ ପ୍ରତିବଦ୍ଧତା ବା ଅଙ୍ଗୀକାର ପ୍ରତି ଗୁରୁତ୍ୱ ଆରୋପ କରି ଜାଁ ପଲ୍ ସାର୍ତ୍ରେ ଉଲ୍ଲେଖ କରିଛନ୍ତି, "If literature is not everything it is worth nothing this is what I mean by commitment. Itwits if it is reduced to innocence on to songs. If a writer's sentence does not reverberate at every level of man and society then it makes on sence, what is the literature of on epoch

but the epoch appropriated by its literature."। ପରବର୍ତ୍ତୀ ଗଳ୍ପ 'ସେରି' ଏକ ପୋଷା କୁକୁର ଉପର ଆଧାରିତ ଗଳ୍ପ। ସେରି ପଶୁ ହେଲେ ମଧ୍ୟ ମଣିଷର ମନକୁ ବୁଝିପାରେ। ତା' ଆଖିର ଭାଷାକୁ ପଢ଼ିପାରେ। ଅସୀମ ଆନ୍ତରିକତାରେ ଏହା କେବଳ ସମ୍ଭବ ହୁଏ। ମାନବେତର ଚରିତ୍ରଟି ଗଳ୍ପକୁ ବେଶ୍ ପ୍ରଭାବଶାଳୀ କରିଛି। ଏଥିରେ ଚେତନା ପ୍ରବାହର ଏକ ଧାରା ମଧ୍ୟ ପ୍ରବାହିତ ହୋଇଛି। ଗଳ୍ପ ପାଠ କାଳରେ ମନୋଜ ଦାସଙ୍କ ଗଳ୍ପର ମାନବେତର ଚରିତ୍ରଗୁଡ଼ିକ ମନକୁ ଚାଲି ଆସନ୍ତି। ସେହିପରି ଗାଳ୍ପିକଙ୍କ "ବାଲିବନ୍ଧ" ଏକ ପ୍ରତୀକାତ୍ମକ ଗଳ୍ପ। ଅନ୍ତରଙ୍ଗତା ନିକଟରେ ତଥାକଥିତ ଆକଟ ଠିକ ବାଲିବନ୍ଧ ପରି। ସମୟ କ୍ରମେ ତାହା ନିଶ୍ଚିହ୍ନ ହୋଇଯାଏ। ଗାଳ୍ପିକ ମିନୁ ଚରିତ୍ର ମାଧ୍ୟମରେ ଏହା ଦର୍ଶାଇଛନ୍ତି। ହୃଦୟର ପରିଭାଷାକୁ ଅବଜ୍ଞା କରି ପାରଂପାରିକତା ନାମରେ ସବୁ ପ୍ରଥାକୁ ବିଶ୍ୱାସ କରି ହୁଏନାହିଁ। ବରଂ ବେଳେବେଳେ ସ୍ରୋତର ବିପରୀତରେ ଚାଲିବାକୁ ହୁଏ ଓ ଏହି ଗତିରୁ ମଧ୍ୟ ଜୀବନକୁ ସରସ ଓ ସୁନ୍ଦର କରିହୁଏ। ଆଲୋଚ୍ୟ ଗଳ୍ପରେ ସ୍ରଷ୍ଟା ତାହା ପ୍ରମାଣିତ କରିଛନ୍ତି। ଚେତନା ପ୍ରବାହ ଶୈଳୀରେ ରଚିତ ଗାଳ୍ପିକଙ୍କ ପରବର୍ତ୍ତୀ ଗଳ୍ପ "ଗଂଗଶିଉଳି" ମଧ୍ୟ ଏକ ପ୍ରତୀକାତ୍ମକ କୃତି। ଅନିନ୍ଦ୍ୟ ସୁନ୍ଦରୀ ଶେଫାଳୀକୁ ନେଇ କଲେଜ ଜୀବନରେ ଗଢ଼ି ଉଠିଥିଲା ଅବିସ୍ମରଣୀୟ ସ୍ମୃତି। ପୁଣି ଅନେକ ଦିନ ପରେ ଦିଲ୍ଲୀ ସହରରେ ତା' ସହ ଭେଟ ଓ ଗଙ୍ଗଶିଉଳି ଫୁଲ ପରି ସୁବାସ ବାଂଟି ଝଡ଼ି ପଡ଼ିବାକୁ ବସିଥିବା ଶେଫାଳୀକୁ ନେଇ ଗଳ୍ପର ପୃଷ୍ଠପଟ୍ଟ ବେଶ୍ ସୁଦୃଢ଼। ଜୀବନର ଛାଇ ଆଲୁଅ ଖେଳ ଭିତରେ ବାଟ ଚାଲୁଚାଲୁ କିପରି ଜୀବନର ପରିସମାପ୍ତି ଘଟେ, ତା'ର ଏକ ଚମତ୍କାର ଅଶ୍ରୁସଜଳ କୃତି "ଗଂଗଶିଉଳି"। ଅନୁରୂପ ଭାବରେ ଗାଳ୍ପିକଙ୍କ "ଜୀବନର ରଣନଦୀ" ଏକ ମନୋଜ୍ଞ କ୍ଷୁଦ୍ରଗଳ୍ପ। ଉଦୟଙ୍କ ଉଦାର ନିଷ୍କପଟ ଅନ୍ତର ନିକଟରେ ତତ୍କାଳିକ ରାଗ-ରୋଷ ବିଲୟ ଭଜିଛି। ସାନଭାଇ ପାଇଁ ଅଜସ୍ର ମମତାର ଆବିର୍ଭାବ ମଧ୍ୟରେ ଗଳ୍ପଟି ପରିସମାପ୍ତି ଲାଭ କରିଛି। ଗଳ୍ପଟିର ଅନ୍ତିମ ଭାଗଟି ବେଶ୍ ମାର୍ମିକ। ନାଟକୀୟ ଘଟଣା କ୍ରମ ଏକ ମନସ୍ତାତ୍ତ୍ୱିକ ଆବେଗ ନିକଟରେ ହିଁ ଅନ୍ତିମ ପର୍ବକୁ ଭେଟି ଦେଇଛି। ଜୀବନ ରୂପକ ରଣକ୍ଷେତ୍ରରେ ପ୍ରତିବନ୍ଧକ ରୂପୀ ନଦୀକୁ ଅତିକ୍ରମ କରିବା ହିଁ ଜୀବନର ଅସଲ ସାର୍ଥକତା। ନାଉରୀ-ବିବେକ ନାଆ-ସଂସାର। ନଦୀ-ଦୁଃଖ-ଯନ୍ତ୍ରଣାର ପରିଚାୟକ। ଏହି ଭାବାତ୍ମକ ଆବେଦନ ମଧ୍ୟରେ ଗଳ୍ପଟି ବେଶ ଉଚ୍ଚାଙ୍ଗ ମନେ ହୋଇଛି। ଅବଶ୍ୟ ମନୋସ୍ତାତ୍ତ୍ୱିକ ବିଶ୍ଳେଷଣ ନାହିଁ। ଘଟଣା ଗୁଡ଼ିକ ଏତେ ବେଶୀ ପ୍ରଗଳ୍ଭ ଯେ ତାହା ଅନ୍ଧାରୀ ମନ ବିଷୟରେ ସୂଚନା ଦେଇ ମନର ଅସଲ ଉଦବେଗକୁ ସୂଚାଇ ଦେଇଛି। ଗାଳ୍ପିକଙ୍କ "ଦେଇ ମା'ର ଡାକ" ଏକ ମର୍ମସ୍ପର୍ଶୀ କ୍ଷୁଦ୍ରଗଳ୍ପ। କରୁଣାକରଙ୍କ ଅବସର ଦିନରେ ସଂସାରରୁ ବିଦାୟ ନେଇଛି। ଗାଁର ସେଇ ଅସହାୟା ଆତ୍ମୀୟା 'ଦେଇ ମା'। କିନ୍ତୁ ଅତୀତର ଅଜସ୍ର ମାର୍ମିକ ସ୍ମୃତି ତା' ସହ ଯୋଡ଼ି ହୋଇଥିଲେ ମଧ୍ୟ ପତ୍ନୀଙ୍କ ତାଡ଼ନାରେ ତା' ପାଇଁ କ୍ରିୟା-କର୍ମ କରିବାର ଅସ୍ପୃହାକୁ ହୃଦୟରେ ଚାପି ଦେଇଛନ୍ତି। ଯନ୍ତ୍ର ଭଳି ଦିନ କାଟିବାକୁ ଶ୍ରେୟ ମଣିଛନ୍ତି। ସାଂପ୍ରତିକ ସ୍ଥିତିରେ ମଣିଷ କିପରି ସ୍ୱତଃ ସ୍ଫୁର୍ତ୍ତ ସ୍ନେହ ଓ ସଦଭାବନାକୁ ବଳି ଦେଇ ବଂଚିବାକୁ ଏକ ରକମ ବାଧ୍ୟ ହେଉଛି, ତା'ର ଏକ ଜୀବନ୍ତ ଦସ୍ତାବିଜ ଆଲୋଚ୍ୟ କ୍ଷୁଦ୍ରଗଳ୍ପ। ସେହିପରି ଗାଳ୍ପିକଙ୍କ 'ନାତୁଣୀର ନାମକରଣ' ଗଳ୍ପରେ ଗାଳ୍ପିକ ପରଂପରା ଓ ଆଧୁନିକତାର ଦ୍ୱନ୍ଦ୍ୱକୁ ଖୁବ୍ ମନୋଜ୍ଞ ରୂପ ଦେଇଛନ୍ତି। ଏପରିକି ଗାଳ୍ପିକ ପାରଂପରିକ ବିଚାରକୁ ରିଡ଼ିକୁଲ କରିବାକୁ ଚାହାନ୍ତି ନାହିଁ। ସେ ତାକୁ ପରୋକ୍ଷରେ ସମର୍ଥନ କରନ୍ତି। ଏ ଦୃଷ୍ଟିରୁ ତାଙ୍କୁ ପରଂପରାବାଦୀ କହିବାରେ ଅସୁବିଧା ନାହିଁ। 'ଯଶୋଦାର ବିଳାପ' ଗଳ୍ପଟି ଆବଶ୍ୟକତାର ଫସଲ ପରି ପ୍ରତୀୟମାନ ହେଲେ ମଧ୍ୟ ଗାଳ୍ପିକଙ୍କ ସାମାଜିକ ଅଂଗୀକାର ଆବେଦନଟି ଅସ୍ପଷ୍ଟ ନୁହେଁ। ଅନୁରୂପ ଭାବରେ ଗାଳ୍ପିକଙ୍କ 'ଦିଗନ୍ତର ଛାଇ ଆଲୁଅ' ଗଳ୍ପଟି ଜଗଦୀଶ ମହାନ୍ତିଙ୍କ 'ଈର୍ଷା ଏକ ରତ୍ନ', ରବି ପଟ୍ଟନାୟକଙ୍କ 'ରାଗ ତୋଡ଼ି', ହର ପ୍ରସାଦ ଦାସଙ୍କ ବୃତ୍ତାନ୍ତ 'ବୃତ୍ତଭଂଗ' ଗଳ୍ପ ସବୁକୁ ସ୍ମରଣ କରାଇ ଦେଇଛି। ଅବଚେତନ ମନର ସ୍ୱରୂପ ଉଦ୍‌ଘାଟନରେ ଗଳ୍ପଟି ସମର୍ଥ। ଅନ୍ୟତ୍ର ଗାଳ୍ପିକଙ୍କ 'ଲେଉଟାଣି ମେଘ' ଗଳ୍ପର ସବ୍ୟଚାଚୀଙ୍କ ଚରିତ୍ର ମାଧ୍ୟମରେ ଅପାଶୋରା ପିଲାଦିନର ସ୍ମୃତିକୁ ରୂପ ଦେବାର ପ୍ରୟାସ କରିଛନ୍ତି। ଗଳ୍ପର ପ୍ଲଟଟି ବହୁସ୍ତରକୁ ଗତି କରିଚି। ଅବଶ୍ୟ ଉତ୍ତର ଅଶୀ କାଳରେ ସ୍ମୃତିର ବିବିଧ ଆବେଦନ ଗଳ୍ପକୁ ବର୍ତ୍ତିଳ ହେବା ସ୍ୱାଭାବିକ ଘଟଣା। ଗୌରହରି ଦାସ, ଅରବିନ୍ଦ ରାୟ, ପଦ୍ମଜ ପାଳଙ୍କ ପରି ଗଳ୍ପର ବର୍ଣ୍ଣନା କୌଣସି ଠାର ବ୍ୟାହାତ ହୋଇ ନାହିଁ; ବରଂ ସୁଖପାଠ୍ୟ ହୋଇ ପାରିଛି। ଗାଳ୍ପିକ ବର୍ଣ୍ଣନାର କେତେକ ଘଟଣାକୁ ଖୁବ୍ ସୁନ୍ଦର ଭାବେ ସଂଯୋଜିତ କରି ପାରିଛନ୍ତି।

ଗାଳ୍ପିକଙ୍କ 'ଅଟକାଳି' ଗଳ୍ପଟି ଗ୍ରାମୀଣ ସାଂସ୍କୃତିକ ଅବବୋଧର ମହାର୍ଘ ଆସ୍ପୃହା କୈନ୍ଦ୍ରିକ କ୍ଷୁଦ୍ରଗଳ୍ପ। ତାଙ୍କୁ ଜଣେ ତାତ୍ତ୍ୱିକ ଗୁରୁ ଗଳ୍ପ ଲେଖକ (Serious writer) ବୋଲି ବିଚାର କରିବା ଆମୂଳକ ନୁହେଁ। ଅବଶ୍ୟ ଅନେକ ନିଜସ୍ୱ ସ୍ମୃତି, ବୌଦ୍ଧିକ ପ୍ରସ୍ତୁତି ଓ ସାହିତ୍ୟ ସାଧନାକୁ ତାଙ୍କ ପାଖରୁ ଆଦୌ ଏଡ଼ି ହେବନାହିଁ।

ଅନେକ ଗଳ୍ପର ବିଶ୍ୱତୋମୁଖୀ ଦୃଷ୍ଟି ଘେନିତ ସେ ସ୍ୱଦେଶକୁ ଅବଲୋକନ କରିଛନ୍ତି। ସାଂପ୍ରତିକ ସମାଜ, ଆଧୁନିକ ଜୀବନ ସଂକଟ ଓ ସମସ୍ୟା ପ୍ରତି ଦୃଷ୍ଟିପାତ ମ୍ନ କରିଛନ୍ତି। ଅନେକ ଗଳ୍ପର ସେ ପ୍ରତ୍ୟେକ ଘଟଣା। ପ୍ରତ୍ୟେକ ଆଦର୍ଶ ଓ ପ୍ରତ୍ୟେକ ସାମାଜିକ ସଂକଟର ବ୍ୟାଖ୍ୟା ଖୋଜିଛନ୍ତି। ନିରବଚ୍ଛିନ୍ନ ଭାବରେ ଲେଖକଙ୍କ ହୃଦୟ କନ୍ଦରରୁ ଅନାସକ୍ତ ବାଣୀର ସ୍ୱଚ୍ଛଧାରା ପରି ଅନେକ କୃତି ଅନର୍ଗଳ ନିର୍ଗତ ହୋଇଛି। ସେ ଅନୁଭବ କରିଛନ୍ତି ଯୁଗେ ଯୁଗେ ଜୀବନ ପାଇଁ ଜୀବିକା। ଅଥଚ ଏ ଅପକୃଷ୍ଟିର ସଭ୍ୟତାରେ ଜୀବିକାର ତାଡ଼ନାରେ ଜୀବନର ମୂଲ୍ୟବୋଧ ଅନେକତ୍ର ମ୍ରିୟମାଣ ହୋଇ ପଡୁଛି।

ଗାଳ୍ପିକଙ୍କ 'ବନସାଇ' ଗଳ୍ପଟି ପ୍ରତୀକାତ୍ମକ। ବନସାଇ ସହିତ ସାଂପ୍ରତିକ ଜୀବନବୋଧର ସମନ୍ୱୟ ଖୁବ୍ ମାର୍ମିକ। ବସ୍ତୁଜଗତ ଓ ଅନ୍ତରୀଣ ଜଗତର କଳାତ୍ମକ ପରିପ୍ରକାଶ ହୋଇଛି ଆଲୋଚ୍ୟ କ୍ଷୁଦ୍ରଗଳ୍ପ। V. Bryusov ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ "Symbolism is the fusion of Phenomenal and Devine words in artistic representation."। ସୁମିତ୍ରା ଦେବୀଙ୍କ ନ୍ୟୁୟର୍କ ଜୀବନରେ ଏହା ସାର୍ବତ୍ର ପ୍ରତିଭାତ ହୋଇଛି। ଆଧୁନିକ ପୁଅ-ବୋହୂଙ୍କ ଜୀବନ ସହ ଭାରତୀୟ ପାରଂପରିକ ଜୀବନଚର୍ଯ୍ୟା, ଭବିଷ୍ୟତର ଅସ୍ପଷ୍ଟତା ଆଦି ବନସାଇ ପରି ଜୀବନକୁ ପ୍ରକାଶିତ କରିଛି। ଏତ୍ଭିନ ପୁଅ ସ୍ୱାଧୀନ ଜୀବନଚର୍ଯ୍ୟା ନିକଟରେ ସୁମିତ୍ରାଙ୍କ ନାତି-ନାତୁଣୀଙ୍କ ଯାନ୍ତ୍ରିକ ଜୀବନ ଚର୍ଯ୍ୟା। ସୁମିତ୍ରାଙ୍କ ମନସ୍ତାତ୍ତ୍ୱିକ ଆବେଦନକୁ ଅଧିକ ଜୀବନ୍ତ ରୂପ ପ୍ରଦାନ କରିଛି। ଗାଳ୍ପିକ ଏହି ତୁଳନାତ୍ମକ ଅବବୋଧକୁ ବର୍ଣ୍ଣନା କରିବା କ୍ଷେତ୍ରରେ ବେଶ୍ ସଫଳ ହୋଇଛନ୍ତି।

'ଅଶ୍ଳୁଳସ୍ତମ୍ଭ' ଗଳ୍ପରେ ଗାଳ୍ପିକ ଭାରତ ବର୍ଷର ଆତ୍ମାକୁ ପ୍ରତିବିମ୍ବିତ କରି ଅଛନ୍ତି। ଯାହା କାଳେ କାଳେ ସଂସ୍କାର, ବିଶ୍ୱାସ, ଅତିନ୍ଦ୍ରିୟ ଆବେଦନରେ ମହୀୟାନ ତା'ର ସାଂସ୍କୃତିକ ଚେତନା ମଧ୍ୟ ଏହାରି ମଧ୍ୟରେ ସଂଗଠିତ। ଗାଳ୍ପିକ ଏହି ବୈଶିଷ୍ଟ୍ୟକୁ ଆୟୁଧ କରିଛନ୍ତି ଆଲୋଚ୍ୟ ଗଳ୍ପରେ। ଗଳ୍ପଟି ଅପେକ୍ଷାକୃତ ଦୀର୍ଘ। ଗଳ୍ପଟିର ଏକ ମୁଖୀନତା ଆଦୌ ବ୍ୟାହତ ଘଟିନାହିଁ। କାହାଣୀର ଆଦ୍ୟରେ ଗାଳ୍ପିକ ଦୁଇ ହଜାର ଏକ ମସିହାର ସେପ୍ଟେମ୍ବର ଏଗାର ତାରିଖରେ ହୋଇଥିବା ଆମେରିକା ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଆତଙ୍କବାଦୀ ଆକ୍ରମଣକୁ ପ୍ରମୁଖ ସୂତ୍ର ଭାବରେ ଗ୍ରହଣ କରିଛନ୍ତି। ମାଇକେଲ ଏହି ବର୍ଗର କାଣ୍ଡର ଭୁକ୍ତଭୋଗୀ। ପୁଅ-ବୋହୂଙ୍କୁ ସେ ହରାଇ ପାଲଟିଛନ୍ତି ନିସ୍ୱ। ଏହି ନିସ୍ୱ ଜୀବନରେ ଗଭୀର ଆଶ୍ୱାସନା ଆଣି ଦେଇଛି ଭାରତୀୟ ଆଧ୍ୟାତ୍ମିକ ଅନ୍ୱେଷା। ଗଳ୍ପପାଠ କାଳରେ ସ୍ମରଣକୁ ଆସିଛନ୍ତି ଗାଳ୍ପିକ ଗୋକୁଳାନନ୍ଦ ମହାପାତ୍ର। ତଥ୍ୟ ଓ ତତ୍ତ୍ୱର ସମନ୍ୱୟ ଗଳ୍ପଟିକୁ ଉଚ୍ଚାଙ୍ଗ କରିପାରିଛି। ଦୀର୍ଘ ହେଲେ ମଧ୍ୟ ପାଠ କରିବାରେ ବାଧା ସୃଷ୍ଟି ହେଉନାହିଁ। ଅବଶ୍ୟ ଗାଳ୍ପିକ ଶ୍ରୀଯୁକ୍ତ ପଟ୍ଟନାୟକ ଗଳ୍ପର ଭାଷାରେ ଦୁର୍ବଳତା ନାହିଁ। ବର୍ଣ୍ଣନାରେ ଅସ୍ପଷ୍ଟତା ନାହିଁ, କିନ୍ତୁ କେତେକ କ୍ଷେତ୍ରରେ ଗଳ୍ପର ପ୍ରମୁଖ କାହାଣୀ ଭାଗକୁ ଉପ କାହାଣୀର ଧାରା କାବୁ କରି ନେଇଥାଏ। ଅନେକ ସମୟରେ ଗାଳ୍ପିକ ପ୍ଲଟ ଲାଗି ବଡ଼ କାନଭାସଟିଏ ତିଆରି କରନ୍ତି ଯାହା ପାଇଁ ଗଳ୍ପର ତିର୍ଯ୍ୟକତା ବହୁଧା ବିଭକ୍ତ ହୋଇଥାଏ। ଏକ ସମୟରେ ସେ ଅନେକ କଥାକୁ ସ୍ଥାନ ଦେଇଥାନ୍ତି। ହେଲେ ସବୁକୁ ସମାଧାନ ଆଡ଼କୁ ନେବାରେ ସମୟର ଅଭାବ ଦେଖାଦିଏ। ବଡ଼ ବିସ୍ମୟର କଥା ଗଳ୍ପଗୁଡ଼ିକ ପାଠ ସମୟରେ ପାଠକ କ୍ଲାନ୍ତିକୁ ଆଦୌ ଆମନ୍ତ୍ରଣ କରେ ନାହିଁ। ମାତ୍ର ଅନେକ ଗଳ୍ପରେ ଉପନ୍ୟାସୀୟ ସତ୍ତା ବିରାଜମାନ କରେ, ଯେପରି 'ଅଶ୍ଳୁଳ ସ୍ତମ୍ଭ' ଗଳ୍ପ।

ସଂକଳନସ୍ଥ ଅନ୍ତିମ ଗଳ୍ପ 'ବୃତ୍ତାଙ୍କନ'। ଯାହାର ନାମାନୁଯାୟୀ ସଂକଳନର ନାମକରଣ। ମଣିଷର ଜୀବନ ଏକ ବୃତ୍ତାଂକନ ମାତ୍ର। ସବୁ ପାର୍ଥିବ ଓ ଅପାର୍ଥିବ ଆବେଦନକୁ ଏକତ୍ର କରି ପଥ ଚାଲିବାକୁ ହୁଏ। ବୃତ୍ତର ପରିଧି ମଧ୍ୟରେ ଥାଇ ସବୁ ଚିତ୍ର ଓ ଚେତନାକୁ ଆପଣାର କରେ। ଯାହାକୁ ଦର୍ଶାଇଛନ୍ତି ଗାଳ୍ପିକ ନରହରି ବାବୁଙ୍କ ମାଧ୍ୟମରେ। ଏ କ୍ଷେତ୍ରରେ ଗାଳ୍ପିକ ଜଣେ satiristର ଭୂମିକା ଗ୍ରହଣ କରିଛନ୍ତି। satir ଟା ଆମୋଦପ୍ରଦ ହେବା ବଦଳରେ ବେଶ୍ ତାତ୍ତ୍ୱିକ ବୋଧ ହୋଇଛି। ପ୍ରତ୍ୟେକ ଏହ ମଣିଷର ଜୀବନଚର୍ଯ୍ୟା ଏକ ବୃତ୍ତାଂକନ ମାତ୍ର। ଏହା ପ୍ରମାଣ କରିଛନ୍ତି ସମଗ୍ର ସଂକଳନରେ। ଓଡ଼ିଆ କ୍ଷୁଦ୍ରଗଳ୍ପ ପରଂପରାରେ ପ୍ରଚଳିତ ବର୍ଣ୍ଣନାତ୍ମିକତା ଓ ତାତ୍ତ୍ୱିକ ବିଶ୍ଳେଷଣାତ୍ମକ ରୀତିର ଦୁଇ ଧାରାରେ ଗାଳ୍ପିକ ଶ୍ରୀଯୁକ୍ତ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ଚମତ୍କାର ରୂପେ ଗତି କରିଛନ୍ତି। ସେ ଅନେକ କ୍ଷେତ୍ରରେ ଅବଶ୍ୟ ପ୍ରତୀକାତ୍ମକ ଭାଷା ଓ ଭାବର ଅନୁବନ୍ଧନ ସୃଷ୍ଟି କରିଛନ୍ତି। ଆଲୋଚ୍ୟ ସଂକଳନରେ ତାହା ସର୍ବତ୍ର ପ୍ରକାଶିତ ହୋଇଛି। ଏକ ସଂଭ୍ରମ ବର୍ଣ୍ଣନାତ୍ମକ ରୀତି ତାଙ୍କୁ ଅଧିକ ପ୍ରଭାବିତ କରିଛି ବୋଲି କୁହା ଯାଇପାରିବ। ତୁଳନାତ୍ମକ ଆରୋପ ତାଙ୍କ ଗଳ୍ପଗୁଡ଼ିକର ଆତ୍ମିକ ଚେତନାକୁ ସମୃଦ୍ଧ କରିଛି। ବହୁ ଗଳ୍ପରେ ସେ ଭାରତୀୟ ଅସ୍ମିତାର ଅନୁସନ୍ଧାନ କରିଛନ୍ତି। ଏଥିନେଇ ତାଙ୍କ ଗଳ୍ପର ଆଙ୍ଗିକ ଆବେଦନ ଏକ ମୁଖୀ ଅପେକ୍ଷା ଭିନ୍ନମୁଖୀ।' । ଲେଖକଙ୍କ ମୋଟା ଫିଜିକାଲ

ଦୃଷ୍ଟିଭଙ୍ଗୀର ଗଭୀର ଅର୍ଥପୂର୍ଣ୍ଣ ଅଭିବ୍ୟକ୍ତି ପାଲଟିଛି ତାଙ୍କର ଅଧିକାଂଶ ଗଳ୍ପ ପାଠକୀୟ ସ୍ୱକୃତି ଲାଭ କରିଛି । ସାମାଜିକ ମଣିଷର ତଥ୍ୟାତ୍ମକ ଜୀବନ ବ୍ୟାଖ୍ୟା ଯଦି ଇତିହାସ ହୁଏ ତେବେ ସତ୍ୟାତ୍ମକ ଜୀବନ ବ୍ୟାଖ୍ୟା ହିଁ ହୋଇଛି ସାହିତ୍ୟ । ଅଧିକାଂଶ ଗଳ୍ପରେ ଉତ୍ତର ପୀଢ଼ି ବିଦେଶର ମୋହମାୟାରେ ଆବଦ୍ଧ । କଥା ସହ ଚରିତ୍ରର ପ୍ରଭାବ ଏଥି ନେଇ ଅସ୍ୱଷ୍ଟ ନୁହେଁ । ଆଦର୍ଶ ଓ ଜୀବନ ବାସ୍ତବତାର ଦ୍ୱନ୍ଦ୍ୱ ଅନେକ ଗଳ୍ପରେ ଜୀବନ୍ତ ରୂପ ନେଇଛି । ସ୍ରଷ୍ଟାଙ୍କ ଜୀବନ ଅଭିଜ୍ଞତା ପ୍ରଶଂସାର୍ହ ।

ଗଳ୍ପଗୁଡ଼ିକର ଶୈଳୀ ଅନେକତ୍ର ଆତ୍ମକଥନ ଧର୍ମୀ, ବର୍ଣ୍ଣନାବେଶ୍ ରୁଚିପୂର୍ଣ୍ଣ । ଭାଷା ମାର୍ଜିତ । ଭାବବସ୍ତୁ ଓ ଭାଷାର ଏକ ପରିଚ୍ଛନ୍ନ ସଂଯୋଗ ସର୍ବତ୍ର ପରିଦୃଶ୍ୟ । ହୁଏତ ଅନେକ ଗଳ୍ପରେ ଏକାପରି ବର୍ଣ୍ଣନାର ପ୍ରମାଣ ବିଦ୍ୟମାନ । ହେଲେ ପାଠକୀୟ ଆବେଦନକୁ ନଷ୍ଟ କରୁନାହିଁ । ବର୍ଣ୍ଣନା କାଳରେ ଗାଳ୍ପିକ ଭାଷାକୁ ନିଜ ମନ ମୁତାବକ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ କରିପାରିବା କମ୍ ବିସ୍ମୟର କଥାନୁହେଁ । ଧ୍ୱନି ସାଦୃଶ୍ୟ ଥିବା ଓ ସମୋଚ୍ଚାରିତ ବିଭିନ୍ନ ଶବ୍ଦର ଗୁମ୍ଫନରେ ସଫଳତା ତାଙ୍କ ଗଳ୍ପ ବର୍ଣ୍ଣନାର ଅନ୍ୟତମ ଚମତ୍କାରିତ୍ୱ ଭାଷା ସଂରଚନାରେ ସଂଯମ ଓ ତା'ର ପରିମିତ ପ୍ରୟୋଗ ହେତୁ ଭାଷା ଓ ପରିବେଷଣ ଶୈଳୀ ପ୍ରାୟ କୃତ୍ରିମ ନହୋଇ ଖୁବ୍ ମନୋଜ୍ଞ ମନେ ହୋଇଛି । ସ୍ଥାନ ଓ ଘଟଣା କୈନ୍ଦ୍ରିକ ଅନୁଭବ ଶବ୍ଦର ମୁଗ୍ଧ ପରିଚର୍ଯ୍ୟାରେ ଜୀବନ୍ତ ପ୍ରତିଭାତ ହୋଇପାରିଛି ।

ଗାଳ୍ପିକ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଗଳ୍ପର ଆଙ୍ଗିକ ପ୍ରେକ୍ଷାପଟ ଏଥିନେଇ ଖୁବ୍ ସମୃଦ୍ଧ । ସାଂପ୍ରତିକ କାଳର କ୍ଷୁଦ୍ରଗଳ୍ପରେ ଅନେକତ୍ର ଯେପରି କାବ୍ୟିକ ଭାଷାର ଉତ୍ତୋରଣ ଘଟିଛି । ଆଲୋଚ୍ୟ ସଂକଳନର ତା'ର ଅଜସ୍ର ପ୍ରମାଣ ସୁସ୍ୱଷ୍ଟ । ଅନେକ ଗଳ୍ପରେ ଭାଷା ସୂଚନାତ୍ମକ ହୋଇଛି ସତ କିନ୍ତୁ ଭାବ ପ୍ରକାଶରେ ପ୍ରତିବନ୍ଧକ ସୃଷ୍ଟି କରିନାହିଁ । ବ୍ୟଞ୍ଜନାତ୍ମକ ଭାଷାର ଆରୋପ ଅନେକ ଗଳ୍ପର ମର୍ମକୁ ଅଧିକ ତେଜୋଦୀପ୍ତ କରିଛି । ସୂକ୍ଷ୍ମ ଭାଷାର ପ୍ରଲୋପ ଅନେକ ଗଳ୍ପକୁ ମନୋଜ୍ଞ କରିତୋଳିଛି ।

'ବୃତ୍ତାଙ୍କନ' ଗଳ୍ପ ସଂକଳନରେ ସ୍ରଷ୍ଟା ନିଜ ପ୍ରତିଭାର ସ୍ୱାକ୍ଷର ହୃଦ୍ୟ ରୂପେ ରଖି ପାରିଛନ୍ତି । ଗଳ୍ପଗୁଡ଼ିକ ସୁଖପାଠ୍ୟ ଓ ମନୋଜ୍ଞ । ପାଠକର ପାଠକୀୟ ଆବେଦନକୁ ଆଦୌ ଭାରାକ୍ରାନ୍ତ କରୁନାହିଁ । ବରଂ ଆତ୍ମିକ ସ୍ତରରେ ଅନ୍ତରଙ୍ଗ ରୂପେ ଅନ୍ତରକୁ ସ୍ୱର୍ଶ କରିପାରୁଛି । ଏହା ହୃଦୟକୁ ବିସ୍ତାରିତ କରି ବୌଦ୍ଧିକ ଆବେଦନକୁ ଅଭିନବ ସମ୍ଭାଷଣ ଦେଇ ପାରୁଛି । ଏତିକି ବୋଧହୁଏ ଉତ୍ତମ ସାହିତ୍ୟିକର ପ୍ରତ୍ୟାଶା । ତାହା ପ୍ରାପ୍ତ ହେବାରେ ଶ୍ରୀଯୁକ୍ତ ପଟ୍ଟନାୟକ ସମର୍ଥ ହୋଇ ପାରିଛନ୍ତି ।

**ସହାୟକ ଗ୍ରନ୍ଥାବଳୀ:**


୧. ପଟ୍ଟନାୟକ ସ୍ୱଦେଶ ସୁନ୍ଦର - ବୃତ୍ତାଙ୍କନ (୨୦୨୪)- ପଶ୍ଚିମା ପବ୍ଲିକେଶନ , ଭୁବନେଶ୍ୱର

୨. ବାରିକ ଡଃ. କବିତା - ଶହେ ପଚିଶ ବର୍ଷର ଆଧୁନିକ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ ୨୦୨୪- ବିଦ୍ୟାପୁରୀ, କଟକ

୩. ସାମଲ ଡଃ. ବୈଷ୍ଣବ ଚରଣ - ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ (୧୯୯୦)-ବୁକସ୍ ଆଣ୍ଡ ବୁକସ୍,କଟକ


❖ ❖ ❖

DOI : https://doi.org/10.5281/zenodo.18529200

ମୂଳ ପ୍ରବନ୍ଧ

# ମହାମାରୀ ପ୍ରାଦୁର୍ଭାବରେ 'କେତେ ଦୂରେ ଜୀବନ'

**ସିମ୍ରନ ରାଉତ**

**ସଂକ୍ଷିପ୍ତସାର:**

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଏକବିଂଶ ଶତାବ୍ଦୀ ବୁଦ୍ଧିଜୀବୀ ମଣିଷକୁ ଅଧିକ ଅଗ୍ରସର ଓ ସଚେତନ କରିଛି। ତଥାପି ବିଜ୍ଞାନର ସୁଦୂର ପ୍ରସାରି ପ୍ରଭାବ ସତ୍ତ୍ୱେ କରୋନା ପରି ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟିକାରୀ ବିପଦ ମାନବ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ମଣିଷ ହୋଇଛି ଗୃହବନ୍ଦୀ। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆଗୁଆ ଦେଶମାନେ ମଧ୍ୟ କରୋନା କବଳିତ ଜନସାଧାରଣଙ୍କ ଜୀବନ ରକ୍ଷା କରିବାରେ ସମ୍ପୂର୍ଣ୍ଣ ସମର୍ଥ ହୋଇପାରି ନାହାଁନ୍ତି। ବୋଧହୁଏ କରୋନା ଏକ ବିଂଶ ଶତାବ୍ଦୀର ଏକ ଭୟାବହ ବିପର୍ଯ୍ୟୟମୂଳକ ଘଟଣା। ଅବଶ୍ୟ ସମୟ କ୍ରମେ ପରିସ୍ଥିତି ବଦଳିଛି। ବିଜ୍ଞ ମଣିଷ ରୋଗ ପ୍ରତିରୋଧମୂଳକ ଔଷଧ ଉଦ୍ଭାବନ କରି ବିଶ୍ୱବାସୀଙ୍କୁ ରକ୍ଷା କରିଛି। କିନ୍ତୁ ଆପାତତଃ ଦୁଇବର୍ଷ ଧରି ବିଶ୍ୱର ପ୍ରତ୍ୟେକ ଦେଶରେ ଭୟାବହ ସ୍ଥିତି ସୃଷ୍ଟି କରିଥିବା କରୋନାକୁ ନେଇ ଚଳିତ ସମୟ ଖଣ୍ଡରେ ଛଅଗୋଟି ଓଡ଼ିଆ ଉପନ୍ୟାସ ରଚିତ ହୋଇଛି। ତନ୍ମଧ୍ୟରୁ ଅନିଲ କୁମାର ପାଢ଼ୀଙ୍କ 'କେତେ ଦୂରେ ଜୀବନ' ସ୍ମରଣୀୟ।

**ପ୍ରମୁଖ ଶବ୍ଦାବଳୀ:**

ମହାମାରୀ, କରୋନା, ପ୍ରବାସୀ ଶ୍ରମିକ, ଗୃହବନ୍ଦୀ, ଲକ୍‌ଡାଉନ୍, କ୍ୱାରେନଷ୍ଟାଇନ୍

**ଉପକ୍ରମ:**

କାଳର କରାଳ ସ୍ରୋତରେ କେତେ ମହାମାରୀ ନିଜର ତାଣ୍ଡବ ଲୀଳା ପ୍ରଦର୍ଶିତ କରି କେତେ ଜଣ ଜୀବନକୁ ଉଦରସ୍ଥ କରିଛନ୍ତି। ଗୋଟେ ଗୋଟେ ଗାଁ ଅଥବା ଅଞ୍ଚଳ ଏହାର ପ୍ରଭାବରେ ନିଶ୍ଚିହ୍ନ ହୋଇଯିବାର ପରିଦୃଷ୍ଟ ହୋଇଛି। ବିଶ୍ୱ ମହାମାରୀ କରୋନା ଅନ୍ୟ ମହାମାରୀ ଠାରୁ ନିଜର ସ୍ୱତନ୍ତ୍ରତା ବଜାଇ ରଖେ। କାରଣ ଗୋଟିଏ ଅଞ୍ଚଳ ଅବା ଗ୍ରାମ ବା ସହର ପରିବର୍ତ୍ତେ କରୋନା ସାରା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିଚାଲିଥିଲା। ସମଗ୍ର ବିଶ୍ୱ ମୃତ୍ୟୁର ଆତଙ୍କରେ ବିତସ୍ତ ହୋଇ ପଡ଼ିଥିଲେ। ଗୃହବନ୍ଦୀ ଜୀବନରେ ସମ୍ମୁଖରେ ପ୍ରଦର୍ଶିତ ସମସ୍ୟାକୁ ସାହିତ୍ୟରେ ରୂପ ଦେବାକୁ ଅନେକ ସାହିତ୍ୟିକ ଆଗଭର ହୋଇଛନ୍ତି। ତାଙ୍କ ଲେଖନୀରୁ ଝରି ପଡ଼ିଛି ମର୍ମନ୍ତୁଦ କରୋନାଜନିତ କାରୁଣ୍ୟ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18529200

Article No - BPP00378

ସାହିତ୍ୟ ଜୀବନର ନିସର୍ଗ ଅଭିଲିପି ହୋଇଥିବାରୁ ଜୀବନର କାରୁଣ୍ୟ, କାକୁସ୍ଥ୍ୟ ସ୍ଥିତିକୁ ସାହିତ୍ୟ ଚିତ୍ରାୟନ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା। କଥାକାର ଅନିଲ କୁମାର ପାଢ଼ୀଙ୍କ ଜନ୍ମ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ବଡଦାଠାରେ ୧୯୬୯ ମସିହା ଅପ୍ରେଲ ୯ ତାରିଖରେ ହୋଇଥିଲା। ସେ ଉପନ୍ୟାସ ଓ ଗଳ୍ପ

**ଯୋଗାଯୋଗ :**

**ସିମ୍ରନ ରାଉତ,** ସହାୟକ ପ୍ରଫେସର,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Email:**simranraut310@gmail.com
**ORCID ID:** https://orcid.org/0009-0001-8351-1601

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ରାଉତ, ସିମ୍ରନ; ୨୦୨୬। ମହାମାରୀ ପ୍ରାଦୁର୍ଭାବରେ 'କେତେ ଦୂରେ ଜୀବନ'। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଞ, ପୃଷ୍ଠା : ୪୨-୪୬।

ସଙ୍କଳନ ରଚନା କରିଛନ୍ତି । ଏହା ସହିତ ସେ କବିତା ଓ ପ୍ରବନ୍ଧ ମଧ୍ୟ ରଚନା କରିଛନ୍ତି । ତାଙ୍କ ଉପନ୍ୟାସଗୁଡ଼ିକ ହେଉଛି 'ମେଘରାତି', 'ସାରାରାସ୍ତା,' 'ଏକାକୀ', 'ମଧ୍ୟ ପଦ', 'ଅନ୍ଧାର ସେତିକି', 'କେତେ ଦୂରେ ଜୀବନ', 'ଆଦିମୂଳ' ଇତ୍ୟାଦି । ଶ୍ରୀ ପାଢ଼ୀଙ୍କ ଉପନ୍ୟାସଗୁଡ଼ିକ ସାଂପ୍ରତିକ କାଳର ବିଭିନ୍ନ ସମସ୍ୟାରେ ଭରପୂର । ସମସ୍ୟା ବହୁଳ ସମାଜରେ ଦରଦୀ ହୃଦୟଟିଏ ଘେନି ଲେଖକ ମଣିଷର ଯନ୍ତ୍ରଣାସିକ୍ତ ପ୍ରାଣକୁ ପାଠକ ଆଗରେ ଟେକି ଧରିଛନ୍ତି । ଯୁବପିଢ଼ିଙ୍କ ମନସ୍ତତ୍ତ୍ୱ, ପୁରୁଷ ସମାଜର ସଂଘର୍ଷ, ଶୋଷଣ, ଉତ୍ପୀଡ଼ନ ତଥା ନାରୀ ଜୀବନର ଅନେକ ସମସ୍ୟା ପ୍ରତିଫଳିତ ତାଙ୍କ ଉପନ୍ୟାସ ଗୁଡ଼ିକରେ । ସାଧାରଣ ମଣିଷର ତପ୍ତ ହୃଦୟଗାରରେ ଔପନ୍ୟାସିକଙ୍କ ଉପନ୍ୟାସମାନ ହୋଇଛି ମର୍ମସ୍ପର୍ଶୀ ଓ ହୃଦୟଗ୍ରାହୀ ।

## ଆଲୋଚନା:

ଶ୍ରୀଯୁକ୍ତ ପାଢ଼ୀଙ୍କ 'କେତେ ଦୂରେ ଜୀବନ' ଉପନ୍ୟାସଟି ଗତ ଚାରି ବର୍ଷ ତଳେ ମହାକାଳ ସ୍ୱରୂପ ଦେଖା ଦେଇଥିବା ମହାମାରୀ କରୋନା ଉପରେ ଆଧାରିତ । କରୋନା ଆତଙ୍କରେ ଶିହରୀ ଉଠୁଥିବା ସାରା ବିଶ୍ୱ କରୋନା ବିରୁଦ୍ଧରେ ନିଜସ୍ୱ ସଂଗ୍ରାମ ଆରମ୍ଭ କରି ଦେଇଥିଲେ । ଏହା ମୂଳରେ ଥିଲା ଲକ୍‌ଡାଉନ୍ । ଏହାର ଅର୍ଥ ସମସ୍ତେ ଗୃହବନ୍ଦୀ । ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଣିବା ବ୍ୟତୀତ ଅନ୍ୟ କୌଣସି କାରଣ ମଧ୍ୟରୁ ଘରୁ ବାହାରିବା ବାରଣ । ଘରୁ ବାହାରିଲେ ପୋଲିସ୍ ମାଡ଼ ସାଙ୍ଗରେ କରୋନା ଆତଙ୍କ । ମଣିଷ ଜୀବନ ବଞ୍ଚିବା ପାଇଁ ସର୍ବ ପ୍ରଥମେ ଆବଶ୍ୟକ ବାୟୁ । ଯେତେବେଳେ କରୋନା ନିଜର ପ୍ରସାର ନିମନ୍ତେ ବାୟୁର ମାଧ୍ୟମ ଗ୍ରହଣ କରିଥିଲା, ସେତେ ବେଳେ ମଣିଷର ଗୃହ ବନ୍ଦୀ ହେବା ଛଡ଼ା କିଛି ଉପାୟ ନଥିଲା । ଭାରତର ପ୍ରଥମ ଲକ୍‌ଡାଉନ୍ ୨୪ମାର୍ଚ୍ଚ ୨୦୨୦ରେ ୨୧ଦିନ ପର୍ଯ୍ୟନ୍ତ ଲାଗିଥିଲା । ସଞ୍ଚିତ ଧନ ବ୍ୟବହାର କରି ଲୋକେ ଏହି ୨୧ଦିନ ଚଳି ଯାଇଥିଲେ କିନ୍ତୁ ସବୁଠାରୁ ଅଧିକ ହଇରାଣରେ ପଡ଼ିଥିଲେ ଶ୍ରମିକ ଶ୍ରେଣୀର ଲୋକ । ଦାନା ଯୋଗାଡ଼ ଆଶାରେ କାମ କରିବାକୁ ଯାଇଥିବା ଶ୍ରମିକମାନେ ବହୁ ପରିମାଣରେ ଦୂର ରାଜ୍ୟକୁ ଯାଇ କଳକାରଖାନାରେ କାମ କରି ନିଜ ପରିବାର ପୋଷଣ କରୁଥିଲେ । କାରଖାନା ବନ୍ଦ ହେବାରୁ ସେମାନେ ଅଧିକ ତଳିତଳାନ୍ତ ହୋଇଗଲେ । ସାଧାରଣ ଶ୍ରମିକର ଦରମା ଗଣ୍ଡାକ ସାହାରା । ସେତେକ ନମିଳିଲେ ଖାଇବା ରହିବା ପାଇଁ ଭାଳେଣି ପଡ଼େ । ଏଭଳି ଅବସ୍ଥା ସହିତ ଚତୁଃପାର୍ଶ୍ୱରେ ମୃତ୍ୟୁର ବିଭୀଷିକା ମଣିଷକୁ ପ୍ରତିକ୍ଷଣ କବଳିତ କରି ରଖିଥାଏ । ଗୃହବନ୍ଦୀ କେବଳ ଟେଲିଭିଜନରେ ଦେଖି ପାରୁଥିଲେ କରୋନାର ବୀଭତ୍ସ କାଣ୍ଡ । କିନ୍ତୁ ଏହି ସମୟରେ ଖବର ଆସିଥିଲା ଶହ ଶହ ପ୍ରବାସୀ ଶ୍ରମିକ ଯାନବାହନ ଚଳାଚଳ ବନ୍ଦ ହେବାରୁ ଚାଲି ଚାଲି ନିଜ ପ୍ରଦେଶ ଅଭିମୁଖେ ଯାତ୍ରା କରୁଛନ୍ତି । ସେହି ଶହ ଶହ ଶ୍ରମିକ ଗୋଷ୍ଠୀଙ୍କ ନିଜ ଜନ୍ମଭୂମିକୁ ଫେରି ଆସିବର ସଂକଳ୍ପ କାହାକୁ ନିଜ ଭିଟା ମାଟିରେ ପହଞ୍ଚାଇ ଦେଲା ତ କେଉଁ ପରିବାର ନିଶ୍ଚିହ୍ନ ହୋଇ ଗଲେ ରାସ୍ତାରେ । ଏଭଳି ଏକ ପରିବାରର ହୃଦୟ ବିଦାରକ କାହାଣୀ ଉପରେ ଶ୍ରୀ ପାଢ଼ୀ ଙ୍କ 'କେତେ ଦୂରେ ଜୀବନ' ଉପନ୍ୟାସଟି ପର୍ଯ୍ୟବେକ୍ଷିତ ।

ରାଜ୍ୟର ଚଉଦକୋଟି ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ ମୁକେଶ ମଧ୍ୟ ଜଣେ । ବଳବନ୍ତ କନଷ୍ଟ୍ରକ୍ସନ କମ୍ପାନୀରେ କାର୍ଯ୍ୟରତ ଦୁଇଶହ ଠିକା ଶ୍ରମିକଙ୍କୁ ନେଇ ହରିଶ୍ଚନ୍ଦ୍ରପୁର ବସ୍ତି ଗଢି ଉଠିଛି । ବାରମ୍ବାର ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ଅନେକ ଥର ବସ୍ତି ଭାଙ୍ଗିଛି ପୁଣି ଅଣ୍ଟା ସଳଖି ଠିଆ ହୋଇଛି । ଶ୍ରମିକମାନଙ୍କ ଏଇ ତଳି ଅଞ୍ଚଳର ବସ୍ତି ଅନେକ ମେଲେରିଆ, ହଇଜା ଆଦି ରୋଗରେ କବଳିତ ହୋଇଛି । କେତେ ପରିବାର ନିଶ୍ଚିହ୍ନ ହୋଇଯାଇଛି । ପୁଣି ଥରେ ବସ୍ତି ଉଜୁଡ଼ିବାର ସମ୍ଭାବନା ଆସିଛି କରୋନା ଦ୍ୱାରା ଅନେକ ପ୍ରବାସୀ ନିଜ ପରିବାର ଧରି କାମ କରନ୍ତି ଏଇ ହରିଶ୍ଚନ୍ଦ୍ରପୁର ବସ୍ତିରେ । କାରଖାନା ବନ୍ଦ ହୋଇ ଯିବାରୁ ଦରମା ବନ୍ଦ ହୋଇ ଯାଇଛି । ବସ୍ତିରେ ଅନେକ ଲୋକ ଏକାଠି ହୋଇ ରହୁଥିବାରୁ କରୋନା ବ୍ୟାପିବା ଭୟରେ ବସ୍ତି ଭାଙ୍ଗିବାକୁ ମଧ୍ୟ ଅନେକ ଉଦ୍ୟମ କରାଯାଇଛି । ବ୍ରିଜେଶ ଏଭଳି ପରିସ୍ଥିତିରେ ସଭିଙ୍କ ସାହସ ବଢ଼ାଇଛି ଓ ବସ୍ତି ଭାଙ୍ଗିବାକୁ ରକ୍ଷା କରିଛି । ସେବେ ଠାରୁ ବ୍ରିଜେଶ ସବୁ ଶ୍ରମିକ ମାନଙ୍କ ନେତା ହୋଇ ଉଠିଛି ।

ଘର ଠାରୁ ଅନୀତି ଦୂରରେ ରହୁଥିବା ଶ୍ରମିକ ଦରମା ନ ପାଇ ଯେତେବେଳ ଦାନା ପାଇଁ ଆକୁଳ ହୋଇଛି । ତା'ର ମନେ ପଡ଼ିଛି ଗାଆଁ ମାଟି, ଘର ଡ଼ିହ, ଚାଷ କ୍ଷେତ, ପଦ୍ମ ପୋଖରୀ । ଆସନ ମୃତ୍ୟୁର ଭୟ ମଣିଷକୁ କବଳିତ କରି ରଖିଛି । ତେଣୁ ପ୍ରବାସ ଛାଡ଼ି ଶ୍ରମିକ ହୋଇଛି ଘରମୁହାଁ । ଶହ ଶହ ପ୍ରବାସୀ ଶ୍ରମିକଙ୍କ ପରି ସୁବେଶ ମଧ୍ୟ ନିଜ ସ୍ତ୍ରୀ ପୁନମ୍ ଓ ପାଞ୍ଚ ବର୍ଷର ପୁଅ ରାମପ୍ରକାଶକୁ ନେଇ ଚାଲି ଚାଲି ଗାଆଁକୁ ବାହାରିଛି । ବ୍ରିଜେଶର ଅନେକ ବାରଣ ସତ୍ତ୍ୱେ ମୁକେଶ ନିଜ ପରିବାର ସହ ସହର ତଳର ବସ୍ତି ଛାଡ଼ି ନିଜ ଗାଆଁ ଅଭିମୁଖେ ଯାତ୍ରା କରିଛି ।

ସହରଠାରୁ ନିଜ ପ୍ରଦେଶ ଛ'ଶହ ପଚାଶ କିଲୋମିଟର ଜାଣି ମଧ୍ୟ ମୁକେଶ ଏଭଳି ଦୁଃସାହସିକ କାର୍ଯ୍ୟରେ ପାଦ ଦେଇଛି। ତାକୁ ଦୁଇ ପଟେ କେବଳ ମୃତ୍ୟୁର ଚିତ୍କାର ହିଁ ଶୁଭୁଛି। ବସ୍ତିରେ ରହିଲେ ଖାଦ୍ୟ ଅଭାବରେ ମୃତ୍ୟୁ ହେବା ସୁନିଶ୍ଚିତ କିନ୍ତୁ ଗାଆଁ ପର୍ଯ୍ୟନ୍ତ ପହଞ୍ଚି ପାରିଲେ ଏକ ନୂଆ ଜୀବନ ତାକୁ ହାତ ଠାରି ଡାକିବାକୁ ଅପେକ୍ଷା କରିଛି। ପାଦରେ ଚାଲି ଚାଲି ଅନେକ ଶ୍ରମିକ ଘରମୁହାଁ ହୋଇଛନ୍ତି। ସାଙ୍ଗରେ ଆଣିଥିବା ଖାଦ୍ୟ ଖାଇ ବଞ୍ଚିଛନ୍ତି। ରାସ୍ତା ସାରା କେବଳ ବିସର୍ଣ୍ଣତା। ସବୁଠି କରୋନାର ଭୟବହତା। ମଣିଷ ପାଖରେ ସବୁ ଥାଇ ମଧ୍ୟ ଗୃହବନ୍ଦୀ। ଘର ବାହାରେ ମୃତ୍ୟୁର ଆର୍ତ୍ତନାଦ। ମଣିଷ ମଣିଷ ମଧ୍ୟରେ ଦୂରତା ଆବଶ୍ୟକ ନଚେତ୍ କରୋନା କାହାକୁ ମଧ୍ୟ କବଳିତ କରିପାରେ।

କରୋନା ମନୁଷ୍ୟକୃତ ଅବା ପ୍ରାକୃତିକ ତାହା ସମ୍ପର୍କରେ ଅନେକ ଯୁକ୍ତି ହେଲେ ମଧ୍ୟ କୌଣସି ପରିଣତିଗତ ମନ୍ତବ୍ୟ ମିଳି ପାରିନାହିଁ । ଚୀନ୍‌ର ଓହାନ୍ ସହରରୁ ଉତ୍ପନ୍ନ ହୋଇଥିବା ଏହି ଭାଇରସ୍ ସାରା ବିଶ୍ୱରେ ନିଜର ଆତଙ୍କ ଖେଳାଇ ଦେଇଥିଲା। ଅନେକ ବୁଦ୍ଧିଜୀବୀଙ୍କ ମତରେ ଏହି ଭୂତାଣୁ ପରୀକ୍ଷାଗାରରେ ଜନ୍ମ ଓ ଏହା ସାରା ବିଶ୍ୱକୁ କାଙ୍ଗାଳ କରିବାକୁ ଜନ୍ମିତ। ବିଶ୍ୱ ଅର୍ଥନୀତି ମଧ୍ୟ ଏହା ଦ୍ୱାରା ପ୍ରଭାବିତ, କ୍ଷତିଗ୍ରସ୍ତ। ସାରା ବିଶ୍ୱ ଯେଉଁ ଆତଙ୍କରେ ଥରହର ସେହି ମୃତ୍ୟୁ ଦୂତ କରୋନାଠାରୁ କ୍ଷୁଧାକୁ ଅଧିକ କଷ୍ଟଦାୟୀ ଭାବି ଶ୍ରମିକମାନେ ପାଦରେ ଚାଲିଛନ୍ତି ଘର ଅଭିମୁଖେ। ଅନେକ ଶ୍ରମିକ ପରିବାରର ପ୍ରତିନିଧିତ୍ୱ କରିଛି ମୁକେଶ ଓ ତା'ର ପରିବାର। ଆଗତ ମୃତ୍ୟୁର ଆଶଙ୍କାରେ ପୁନମ୍ ଫେରିଯିବାକୁ ବାରମ୍ବାର କହିଥିଲେ ମଧ୍ୟ ମୁକେଶ୍ ଫେରି ପାରିନାହିଁ। ପୋଲିସ୍ ମାଡ଼ଠାରୁ ଆରମ୍ଭ କରି ଯେଉଁ ଗାଆଁରେ ସେମାନେ ପ୍ରବେଶ କରୁଥିଲେ ସେମାନଙ୍କ ଠାରୁ ମଧ୍ୟ ଦୁର୍ବ୍ୟବହାର ପାଇଁ ମଧ୍ୟ ଶ୍ରମିକମାନଙ୍କ ପାଦ ଅଟକି ଯାଇନାହିଁ। ଭାଇଚାରା ନୀତିରେ ବିଶ୍ୱାସ କରୁଥିବା ସାରା ଭାରତବର୍ଷ ଆଜି ମୃତ୍ୟୁ ଭୟରେ କାହାକୁ ପାଖକୁ ଆସିବାକୁ ଦେଉନି। ଶହ ଶହ ଶ୍ରମିକଙ୍କ ପାଦ ଓ ରାଜରାସ୍ତା ଏକାକାର ହୋଇଯାଇଛି। ରାସ୍ତାରେ ଚାଲୁଛି ଭାରତର ଅମଲୀୟତ୍! ଫଟା ଗୋଇଠୀ, ଫଟା କପାଳର ଭାରତ! ଏମାନେ ଏବେକାର ସୃଷ୍ଟି ନୁହଁନ୍ତି! ରାମ ରାଜ୍ୟ ବେଳେ ବି ଏମାନେ ଥିଲେ । ଏବେ ରହିବା ତ ସ୍ୱାଭାବିକ କଥା ! ଗବେଷଣା ପାଇଁ ସିମ୍ପାଜିଙ୍କ ଠାରୁ ବି କୌତୁକିଆ ଜନ୍ତୁ ଏ ଖଟିଖିଆ ମଣିଷ ମାନେ! ଏମାନଙ୍କ ବିରୋଧ ଯେତିକି ମଜାଳିଆ, ଏମାନଙ୍କ ଭୋକ ଉପାସ ଓ ମୃତ୍ୟୁ ବି ସେତିକି କୌତୁକିଆ !"(୧)

ଶ୍ରମିକଙ୍କ ସଂଖ୍ୟା ଖୁବ୍ ଅଧିକ ତଥାପି ଶ୍ରମିକମାନେ ସରକାରଙ୍କ ଆଖିରେ ଅନାବଶ୍ୟକ କିପରି ଦେଖାଯାଇପାରନ୍ତି! ଘରକୁ ଫେରିବାକୁ ବ୍ୟାକୁଳ ପ୍ରାଣଗୁଡ଼ିକୁ ମାସ ମାସ ଧରି କ୍ୱାରେନ୍ଟାଇନରେ ରଖିବାକୁ ପଡ଼ିଛି। ମୁକେଶ, ପୁନମ୍ ଓ ରାମ ପ୍ରକାଶକୁ ଧରି ଚାଲିଛି ଘର ଅଭିମୁଖେ ।

ବାଟରେ ଅସୁସ୍ଥ ହୋଇପଡ଼ିଛି ପୁନମ୍। ଅନ୍ୟ ଶ୍ରମିକମାନେ ଆଗେଇ ଯାଇଛନ୍ତି, ରହିଯାଇଛି ମୁକେଶର ପରିବାର। ଜ୍ୱର ଔଷଧ ସତ୍ତ୍ୱେ ପୁନମ୍ ସୁସ୍ଥ ହୋଇନାହିଁ। ଯେଉଁ ଏକ ଗାଆଁରେ ସେମାନେ ଆଶ୍ରୟ ନେଇଛନ୍ତି, ସେଠାରୁ ଚୋରି ଅଭିଯୋଗରେ ତାଙ୍କ ଠାରୁ ସମସ୍ତ ଜିନିଷ ଛଡ଼ାଇ ନେଇ ମାଡ଼ ମାରି ବାହାର କରି ଦିଆଯାଇଛି। କରୋନା କେବଳ ଭୂତାଣୁ ଭାବେ ଶରୀରକୁ ଆକ୍ରାନ୍ତ କରିନାହିଁ, ବରଂ ସାରା ସମାଜକୁ ଆକ୍ରାନ୍ତ କରିବସିଛି ଆତଙ୍କରେ। ମଣିଷ ଭୂତାଣୁ ଜନିତ ମୃତ୍ୟୁ କେବଳ ମରୁନାହିଁ, ମରୁଛି ମାନସିକତା ପ୍ରଭାବିତ ହେବା ଫଳରେ। କରୋନା ଭୟରେ ଆତ୍ମହତ୍ୟା ସଂଖ୍ୟା କିଛି କମ୍ ନୁହେଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ବନ୍ଦୀ ଭାବେ ଜୀବନ କାଟିବା ଦୁଃସହ ହୋଇ ପଡୁଛି। ମଣିଷ ଘର ଭିତରେ ରହିଲେ କ୍ଷୁଧାରେ ମରୁଛି, ବାହାରକୁ ଆସିଲେ କରୋନାରେ ମୃତ୍ୟୁବରଣ କରୁଛି। ସାରା ପୃଥିବୀର ଆଠଶହ କୋଟି ଲୋକ ଆଜି ମାତ୍ର ଦୁଇଶ କୋଟି ପରିବାର ମଧ୍ୟରେ ଆବଦ୍ଧ! ପରବର୍ତ୍ତୀ ଛଅ'ଶ କୋଟି ମନୁଷ୍ୟଙ୍କ ଜୀବନ ଆଜି ଅସ୍ତିତ୍ୱ ବିହୀନ, ଅସ୍ମିତା ବିହୀନ! ଅସ୍ତିତ୍ୱ ହୀନତାର ରୋଗ କରୋନା।

କରୋନା ଭୋକର ରୋଗ, ଭେକର ରୋଗ। ମନର ରୋଗ, ତନୁର ରୋଗ! ମଣିଷର ଫୁସ୍‌ଫୁସ୍‌କୁ ଇଏ ଯେତିକି ସଂକ୍ରମିତ କରେ ସେତିକି କରେ ମନକୁ! ପ୍ରତିଟି ମଣିଷ ଏବେ ମାନସିକ ଅସନ୍ତୁଳନର ଶିକାର!(୨) କରୋନା ଭୟ ମଣିଷକୁ ରୋଗାକ୍ରାନ୍ତ କରିବା ପୂର୍ବରୁ ହିଁ ମାନସିକ ପ୍ରଭାବିତ କରିଛି। ମଣିଷ ଆସନ୍ନ ମୃତ୍ୟୁର ଆତଙ୍କରେ ପ୍ରତି ମୁହୂର୍ତ୍ତରେ କବଳିତ ହୋଇ ରହିଛି।

ମୁକେଶ ତା'ର ରୋଗିଣା ସ୍ତ୍ରୀ ଓ ପୁଅକୁ ନେଇ ଅନ୍ୟ ଏକ ଗ୍ରାମରେ ଆଶ୍ରା ନେଇଛି। ସ୍ତ୍ରୀର ରୋଗ ଓ ପୁଅର କ୍ଷୁଧା ଆଗରେ କରୋନାର ଭୟ ହାର ମାନିଛି। ଏହା ଉପରେ ଦାଉ ସାଧିଛି ବର୍ଷା। ବର୍ଷାରେ ଓଦା ହେଇ ପୁନମର ରୋଗ ବଢ଼ିଚାଲିଛି। ଗାଆଁ ସାରା ସହାୟତା ମାଗିବା ପରେ ମୁକେଶକୁ ମିଳିଛି ମୁଠାଏ

ନିରାଶା। କିନ୍ତୁ ଶେଷରେ ଚରଣ ନାମକ ବ୍ୟକ୍ତିଠାରୁ ଶୁଖିଲା କପଡ଼ା ଓ କିଛି ଖାଦ୍ୟ ପାଇଛି। ଔଷଧ ଖାଇବା ସତ୍ତ୍ୱେ ପୁନମର ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ୍ ମୁକେଶଙ୍କୁ ଗିର' କରିଛି । ସମସ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ସେମାନଙ୍କୁ ସହାୟତା କରିଥିବାରୁ ଚରଣର ମଧ୍ୟ କରୋନା ଯାଞ୍ଚ କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣାପଡ଼ିଛି ପୁନମ୍ ମୃତ୍ୟୁର କାରଣ ହେଉଛି କରୋନା। ତେଣୁ ମୁକେଶ ଓ ରାମପ୍ରକାଶଙ୍କୁ କରୋନା ନେଗେଟିଭ ଆସିଥିଲେ ମଧ୍ୟ କ୍ୱାରେନଷ୍ଟାଇନ୍‌ରେ ରଖାଯାଇଛି। ସେଠାରେ ମୁକେଶ ଖବର ପାଇଛି ଚରଣର କରୋନା ଜନିତ ମୃତ୍ୟୁ ସମ୍ପର୍କରେ । ପୁନମ୍‌ର ପାଖେ ପାଖେ ସର୍ବଦା ରହି ମଧ୍ୟ ମୁକେଶ ଓ ରାମପ୍ରକାଶଙ୍କୁ କରୋନା ସ୍ପର୍ଶ କରିପାରିନଥିଲା। କିନ୍ତୁ ଦୂରରୁ ଥାଇ ସହାୟତା ହାତ ବଢାଇଥିବା ଚରଣଙ୍କୁ କିପରି କରୋନା ଗ୍ରାସ କରିଗଲା, ତାହା ମୁକେଶ ଜାଣି ପାରିଲା ନାହିଁ । ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଶିବ ନାରାୟଣ ମଧ୍ୟ ଘରକୁ ଫେରିବା ଅଭିମୁଖେ ଯାଉଥିବା ବେଳେ କ୍ୱାରେଣ୍ଟାଇନ୍‌ରେ ରହିବାକୁ ବାଧ୍ୟ ହୋଇଛି। କ୍ୱାରେଣ୍ଟାଇନ୍‌ରେ ଥିବା ସମସ୍ତଙ୍କର ନିଜସ୍ୱ କାହାଣୀ ରହିଛି। ପତ୍ନୀ, ପୁତ୍ରବଧୂଙ୍କୁ କରୋନା ହରାଇ କ୍ୱାରେଣ୍ଟାଇନ୍ ଥିବା ବୃଦ୍ଧ ମଉସାଙ୍କ କାହାଣୀ ମର୍ମନ୍ତୁଦ ଥିଲା। କରୋନା ସମସ୍ତଙ୍କ ଜୀବନକୁ ଓଲଟ ପାଲଟ କରିଦେଇ ଥିଲା-"ମାତ୍ର ଭୂତାଣୁଟିଏ! ଆଖି ତୂଳର ଦଶହଜାର ଭାଗେରୁ ଭାଗେ ଆକାରର ଭୂତାଣୁ ! ରାତ୍ରିର ମଧ୍ୟ ସୋପାନରେ ସବୁ ନିରବି ଗଲେ କେହି କାନ୍ଦୁ ଥିବାର ଶୁଭେ ! କିଏ ସେ ! ମା ଧରିତ୍ରୀ ! କେଜାଣି ! ପ୍ରତ୍ୟେକଙ୍କର ମନ ଭିତରେ ଡର, ହୃଦୟ ଭିତରେ ଆଲୋଡ଼ନ ! ଆଉ କେତେ ଯୁଗ ଏମିତି ଗୃହବନ୍ଦୀର ଜୀବନ ବିତେଇବ ମଣିଷ ! ଯେଉଁମାନଙ୍କୁ ମଣିଷ କାରାଗାରରେ ରଖୁଥିଲା, ସେହି ପଶୁପକ୍ଷୀମାନେ ଆଜି କାରାଗାରର ବାହାରେ ଆଉ ମଣିଷ କାରାଗାର ଭିତରେ !"(୩)

ମଣିଷ ଅଧିକ ଦିନ ଧରି ବନ୍ଧି ପାରେନା। କ୍ୱାରେଣ୍ଟାଇନ୍‌ରେ ବନ୍ଦୀ ହୋଇ ରହିଥିବା ଶିବ ନାରାୟଣ ନାମକ ପ୍ରବାସୀଟିଏ ସେଠାରୁ ଲୁଚି ପଳାଇବାକୁ ଚାହିଁଛି। କରୋନା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର ମଧ୍ୟ ଉପନ୍ୟାସିକ ଦର୍ଶାଇଛନ୍ତି। କିପରି ଡାକ୍ତର ଓ ନର୍ସମାନେ ନିଜ ପରିବାରକୁ ପଛରେ ପକାଇ କରୋନା ରୋଗୀମାନଙ୍କ ଶୁଶ୍ରୁଷାରେ ଲାଗିଛନ୍ତି। ଲଗାତା'ର କାର୍ଯ୍ୟ କରି ଅନେକ ବେମାରରେ ପଡୁଛନ୍ତି। ଏଥି ସହିତ କରୋନା ରୋଗୀଙ୍କ ସଂସ୍ପର୍ଶରେ ଆସି ଅନେକ ମୃତ୍ୟୁବରଣ ମଧ୍ୟ କରିଛନ୍ତି।

ମୁକେଶ ଓ ଶିବ ନାରାୟଣ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଲୁଚି ପଳାଇ ଆସିଛନ୍ତି। ଧନର ଅଭାବରେ ଚୋରି କରିଛନ୍ତି। ଅନ୍ୟ ଏକ କମ୍ପାନୀର ଶ୍ରମିକମାନଙ୍କ ଧର୍ମଘଟରୁ ଖାଦ୍ୟ ଚୋରି କରୁଥିବା ବେଳେ ପଥର ମାଡ଼ରେ ଉଭୟ ମୁକେଶ ଓ ପୁତ୍ର ରାମପ୍ରକାଶ ଆହତ ହୋଇଛନ୍ତି। ପଇସା ଅଭାବରୁ ଓ ପୋଲିସ୍ ଡରରେ ରାମପ୍ରକାଶ ଉଚିତ୍ ଚିକିତ୍ସା ନ ପାଇବାରୁ ମୃତ୍ୟୁ ବରଣ କରିଛି। ରାମର ମୃତ୍ୟୁ ପରେ ମୁକେଶର ମାନସିକ ସନ୍ତୁଳନ ବିଗିଡ଼ି ଯାଇଛି। ପୁନମ୍‌ର ଅଶରୀର ଆସି ତାକୁ ନିଜ ପାଖରେ ଜଗିଛି। ତାକୁ ବାଟ କଢାଇ ନେଉଛି। ଉଡ଼ିବାକୁ, ପଦ୍ମ ପୋଖରୀରେ ପହଁରିବାକୁ କହିଛି। ପୁନମ୍ କଥାରେ ମୁକେଶ ପଦ୍ମ ପୋଖରୀକୁ ଡେଇଁ ପଡ଼ିଛି। ପଛରେ ଛାଡ଼ିଯାଇଛି କେବଳ ଶୂନ୍ୟତା।

ମୁକେଶ ଭଳି ଅନେକ ଶ୍ରମିକ ଘରମୁହାଁ ହୋଇ ଯାଉଥିବା ବେଳେ ମରିହଜି ଯାଇଥିବେ। ହଜି ଯାଇଥିବ ପୃଥିବୀରୁ ତାଙ୍କ ଛାପ କିନ୍ତୁ ଏ ସମସ୍ତ ବିଶ୍ୱ ଯେ ଶ୍ରମିକ ମୟ। ଶ୍ରମିକ ମାନଙ୍କୁ ନେଇ ଦେଶ ସବୁ ବିକାଶ ଶୀଳ। ବିକାଶ ଆଡ଼କୁ ହାତ ବଢାଇ ଆଗେଇବାକୁ ହେଲେ ଶ୍ରମିକ ଆବଶ୍ୟକ । ସେଇ ଶ୍ରମିକ ମାନଙ୍କର ଦୂରବସ୍ଥା ଦେଖି ଉପନ୍ୟାସିକ ଲେଖିଛନ୍ତି- "ସେଇ ଶ୍ରମିକମାନଙ୍କର କଙ୍କାଳମାନ ଯଦି ମଲ୍‌ରୁ, କାରଖାନାରୁ ଆଉ ଅଭ୍ରକଂଶରୁ ବାହାରି ଆସେ ସତରେ କ'ଣ ତାସଘର ପରି ଘୁଶୁଡ଼ି ପଡ଼ିବ ପୁଞ୍ଜିବାଦ ! କରୋନା ଏବେ ପୁଞ୍ଜିପତିମାନଙ୍କର ଆଭିଯାତ୍ୟରୁ ବକଳ ଛଡ଼େଇ ଦେଉଛି ! ଶ୍ରମିକ ଦେଖୁଛି ଏ ସାରା ସଂସାର ଶ୍ରମିକମୟ ! ସେଥିପାଇଁ ସେ ବାହାରି ପଡ଼ିଛି ରାଜରାସ୍ତାକୁ ! କହୁଛି, ମୋତେ ଶ୍ରମ ଦିଅ, ଆଶ୍ୱାସନା ନୁହେଁ। ନହେଲେ ଯଦି ମୁଁ ଏ ସହରରୁ ବିଲୁପ୍ତ ହୋଇଯିବି, ତେବେ ଏ ସହର ବି ବିଲୁପ୍ତ ହୋଇଯିବ ! ମୁଁ ବିଶ୍ୱକର୍ମା ! ସହର ମୋ ପଛରେ ଗୋଡାଏ, ମୁଁ ଗାଆଁ କି ସହର ପଛରେ ନୁହେଁ! ମୁଁ ନିଜେ ହିଁ ଅର୍ଥନୀତି, ମୁଁ ନିଜେ ହିଁ ବିକାଶ।"(୪)

କେବଳ ଓଡ଼ିଶା ରାଜ୍ୟ ନୁହେଁ, ବରଂ ସାରା ଭାରତରେ କୋଣ ଅନୁକୋଣରୁ ଶ୍ରମିକମାନେ ଏକଜୁଟ ହୋଇ ଦେଶକୁ ବିକାଶ ପଥରେ ଆଗେଇ ନିଏ। କରୋନା ପରି ମହାମାରୀରେ ସବୁଠାରୁ ଅଧିକ ଶ୍ରମିକ ମାନେ ହିଁ ନିଷ୍ପେସିତ ହୋଇଛନ୍ତି। ରାସ୍ତାଘାଟ ବନ୍ଦ ହୋଇଯିବାରୁ ଦରମା ବିନା କ୍ଷୁଧାରେ ଆତୁର

ଶ୍ରମିକ ଜୀବନ ବିକଳରେ ଘର ମୁହାଁ ହୋଇଛନ୍ତି। ଯାତାୟାତର ସାଧନ ବନ୍ଦ ହୋଇ ଯିବାରୁ ପାଦକୁ ହିଁ ସାହାରା ଭାବେ ମାନି ନେଇ ଅନୀତି ଦୂର ବାଟକୁ ଚାଲି ଚାଲି ପାର କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି। ପ୍ରଥମ ଲକ୍‌ଡାଉନ୍‌ର ସମୟ ସୀମା ୨୧ ଦିନ ଥିଲା କିନ୍ତୁ ଏହା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲକ୍‌ଡାଉନ୍‌ର ପରିସୀମା ବଢ଼ି ଯାଇଛି। ଏଥି ସମ୍ପର୍କୀୟ ଖବରମାନ ବିଭିନ୍ନ ସମ୍ବାଦପତ୍ରରେ ପ୍ରଚାରିତ ହେଲା। ପଦଯାତ୍ରା କରୁଥିବା ଶ୍ରମିକମାନଙ୍କ ମୃତ୍ୟୁ ଥିବା ଅନିର୍ଦ୍ଦିଷ୍ଟ। ଘରେ ପହଞ୍ଚିଲେ ଜୀବନ ନଚେତ୍ ରାସ୍ତାରେ କ୍ଷୁଧା ଅଥବା କରୋନା ସେମାନଙ୍କୁ କବଳିତ କରିବା ସେଇ ସମସ୍ତ ଶ୍ରମିକଙ୍କ ପ୍ରତିନିଧି କରି ମୁକେଶ ଓ ତା'ର ପରିବାର ଉପନ୍ୟାସରେ ସ୍ଥାନ ପାଇଛନ୍ତି। ଉପନ୍ୟାସର କଥାବସ୍ତୁ ସମ୍ପୂର୍ଣ୍ଣ କାଳ୍ପନିକ ହୋଇ ନପାରେ। ମୁକେଶ ଭଳି ଅନେକ ପରିବାର କରୋନା କବଳିତ ହୋଇ ମୃତ୍ୟୁ ମୁଖରେ ପଡ଼ିଛନ୍ତି। କରୋନାର ରୂପ ଆହୁରି ବୀଭତ୍ସ ହୋଇପାରେ ତାହା କାଳକ୍ରମେ ପ୍ରମାଣିତ ହୋଇଛି। ଗୃହବନ୍ଦୀ ହେଉ ଅବା ପାଦରେ ଚାଲି ଘରକୁ ଫେରୁଥିବା ଶ୍ରମିକ ହେଉ କରୋନା ଭୂତାଣୁ ବାଛବିଚାର ନକରି ନିଜର ଆତଙ୍କ ସାରା ବିଶ୍ୱରେ ପ୍ରସାର କରି ଚାଲିଥିବା ସମ୍ବାଦପତ୍ର ଓ ଟେଲିଭିଜନ ମାଧ୍ୟମରେ ଆମେ ପାଇପାରିଛୁ।

## ଉପସଂହାର:

ବସ୍ତୁତଃ ଉକ୍ତଉପନ୍ୟାସରେ ଜୀବନର ନାଚାରପଣ, ବିବିଧ କଟକଣା ଓ ଗୃହବନ୍ଦୀ ଜୀବନ ସହିତ ମୃତ୍ୟୁର ତାଣ୍ଡବଲୀଳା ଯେଉଁ ରୂପରେ ଚିତ୍ରିତ ହୋଇଛି, ତାହା ବାସ୍ତବିକ ସ୍ୱୀକାର୍ଯ୍ୟ। ବନ୍ୟା, ବାତ୍ୟା, ମରୁଡ଼ି ଠାରୁ କରୋନାର ଭୟାବହତା ସ୍ୱତନ୍ତ୍ର। ପ୍ରଥମତଃ ବନ୍ୟା, ବାତ୍ୟା ଓ ମରୁଡ଼ିର ପ୍ରଭାବ ଗଛଲତା, ନଇନାଳକୁ ପ୍ରଭାବିତ କରିଥାଏ, ପୁଣି ଏହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ହୋଇ ରହିଥାଏ। କିନ୍ତୁ କରୋନାର ପ୍ରଭାବ ଥିଲା ସମଗ୍ର ମଣିଷ ସମାଜ ଉପରେ। ଏଥିରେ ଗଛ ଭାଙ୍ଗି ନାହିଁ। ନଇ, ସମୁଦ୍ରର ପାଣି ବଢ଼ି ନାହିଁ କି କମି ନାହିଁ। ଏପରିକି ପ୍ରାଣୀଜଗତ ମଧ୍ୟ କରୋନା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିନଥିଲେ, ଏହା କେବଳ ମଣିଷ ଉପରେ ଦାଉ ସାଧିଥିଲା କିନ୍ତୁ ତା'ର କ୍ଷେତ୍ର ଏତେ ବିସ୍ତୃତ ଯେ ବିଶ୍ୱବ୍ୟାପି ମାନବଜୀବନ ହୋଇଥିଲା ସଂତ୍ରସ୍ତ ଓ ପୀଡ଼ିତ। ବୋଧହୁଏ ଅନ୍ୟ କୌଣସି ବିପର୍ଯ୍ୟୟ ଏତେ ପ୍ରାଣଘାତକ କିମ୍ବା ସଞ୍ଚରଣଶୀଳ ହୋଇନଥିବ। ଏହାଦ୍ୱାରା ମଣିଷ ମଣିଷ ମଧ୍ୟରେ ଶାରୀରିକ ବ୍ୟବଧାନ ସୃଷ୍ଟି ହୋଇଛି। ସଂକ୍ରାମକ ହୋଇଥିବା ହେତୁ ଆତ୍ମୀୟ ସ୍ୱଜନମାନେ ମଧ୍ୟ ବାଧ୍ୟ ହୋଇ ପୀଡ଼ିତ ଠାରୁ ଦୂରେଇ ରହିଛନ୍ତି। ପୁଅଟିଏ ବାପା-ମାଆର ଶବ ସତ୍କାର କରିବା ପାଇଁ ମଧ୍ୟ ସମର୍ଥ ହୋଇପାରି ନାହିଁ। ଆତ୍ମୀୟ ସ୍ୱଜନଙ୍କର ମୃତ୍ୟୁବେଳେ ଆପଣାର ମଣିଷ ପାଟିରେ ପାଣି ଟୋପାଏ ଦେବା ପାଇଁ ବି ସୁଯୋଗ ପାଇ ପାରିନାହିଁ। ତେଣୁ କରୋନା କେବଳ ପ୍ରାଣଘାତକ ହୋଇନାହିଁ, ଆମର ସାଂସ୍କୃତିକ ଜୀବନଧାରା ଉପରେ ମଧ୍ୟ କଟକଣାର ଗାର ଟାଣି ଦେଇଛି।

## ସହାୟକ ଗ୍ରନ୍ଥସୂଚୀ :


୧. ପାଢ଼ୀ, ଅନିଲ୍ କୁମାର, କେତେ ଦୂରେ ଜୀବନ, ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର ,୨୦୨୨, ପୃଷ୍ଠା, ୫୫

୨. ତତ୍ରୈବ, ପୃଷ୍ଠା, ୫୬

୩. ତତ୍ରୈବ, ପୃଷ୍ଠା, ୭୪

୪. ତତ୍ରୈବ, ପୃଷ୍ଠା, ୯୧

DOI : https://doi.org/10.5281/zenodo.18529215 ମୂଳ ପ୍ରବନ୍ଧ

# ଓଡ଼ିଆ ଲୋକସାହିତ୍ୟର ଅଲିଭା ସ୍ୱର

ବିଶ୍ୱରଂଜନ ଦାସ

**ସଂକ୍ଷିପ୍ତସାର:**

ଲୋକସାହିତ୍ୟ ସାଧାରଣ ଗ୍ରାମ୍ୟ ଜନଜୀବନର ନିଛକ ପ୍ରତିଲିପି, ଅଭିଜ୍ଞ ପଲ୍ଲୀ ମଣିଷର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି । ଏହା ସାମଗ୍ରିକ ଭାବରେ ଗୋଟିଏ ଜାତିର ପ୍ରାଣପ୍ରବାହକୁ ପିଢ଼ି ପରେ ପିଢ଼ି ଧାରଣ କରିଥାଏ । ତେଣୁ ତ ଲୋକସାହିତ୍ୟକୁ 'ଜୀବନବେଦ' ବୋଲି କୁହାଯାଇଥାଏ । ଲୋକଗୀତ, ଲୋକକାହାଣୀ, ଲୋକନୃତ୍ୟ ପ୍ରଭୃତି ଅକଳ୍ପିତ, ସ୍ୱତଃସ୍ଫୂର୍ତ୍ତ ବ୍ୟାବହାରିକ ଜ୍ଞାନକୋଷ ଅଟେ । ନିଜର ଚିରନ୍ତନ ଆବେଦନ ହେତୁ ସଭ୍ୟତାର ଆଦି କାଳରୁ ଏ ଯାବତ୍ ଏହା ପ୍ରଚଳିତ ହୋଇଆସୁଛି ତଥା ସମ୍ପ୍ରତି ବିଦଗ୍ଧ ସାହିତ୍ୟରେ 'ଲୋକଉପାଦାନ' ଭାବରେ ସ୍ଥାନ ପାଇଛି । ତେଣୁ ଲୋକସାହିତ୍ୟର ବ୍ୟାପକ ଆଲୋଚନା ଅପରିହାର୍ଯ୍ୟ । ପ୍ରତ୍ୟେକ ପ୍ରଦେଶର ଲୋକସାହିତ୍ୟ ସହ ସମତାଳରେ ଓଡ଼ିଆ ଲୋକସାହିତ୍ୟ ମଧ୍ୟ ପ୍ରସାରିତ । ଓଡ଼ିଆ ଲୋକଗୀତ, କାହାଣୀ, ଲୋକନୃତ୍ୟ ନିଜସ୍ୱ ବୈଶିଷ୍ଟ୍ୟରେ ସମୃଦ୍ଧ । ବିଶେଷ କରି ଓଡ଼ିଶାର ଲୋକନୃତ୍ୟ ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଓଡ଼ିଆ ଲୋକସାହିତ୍ୟର ପ୍ରକାର, ବୈଶିଷ୍ଟ୍ୟ ତଥା ଚିରନ୍ତନ ଆବେଦନକୁ ଉପସ୍ଥାପନ କରିବା ଆଲୋଚ୍ୟ ପ୍ରବନ୍ଧର ଉଦ୍ଦେଶ୍ୟ ।

**ପ୍ରମୁଖ ଶବ୍ଦାବଳୀ:**

ଲୋକସାହିତ୍ୟ, ଜୀବନବେଦ, ଲୋକଉପାଦାନ, ସାମାଜିକ ଆବେଦନ, ଡିଜିଟାଲ୍ ଜୀବନ, ସାମୂହିକ ଚେତନା, ମୌଳିକ ସତ୍ତା, ସ୍ଥାଣୁ ସଂଗ୍ରହାଳୟ ।

ଓଡିଆ ଲୋକସାହିତ୍ୟ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମୂକସାକ୍ଷୀ ନୁହେଁ ; ବରଂ ଏହା ଏକ ଜୀବନ୍ତ ପ୍ରବହମାନ ଚେତନା । ଏହା ହେଉଛି ଓଡ଼ିଆ ଜନମାନସର ସାମୂହିକ ସ୍ମୃତି ଏବଂ ଜାତୀୟ ପରିଚୟର ମୂଳ ଆଧାର । ଆଧୁନିକତାର ଦ୍ରୁତ ପ୍ରବାହ ଏବଂ ବିଶ୍ୱାୟନର ପ୍ରଭାବ ମଧ୍ୟରେ ଲୋକସାହିତ୍ୟର ଏହି ଅଲିଭା ସ୍ୱରର ସାମ୍ପ୍ରତିକ ପ୍ରାସଙ୍ଗିକତାକୁ ଗଭୀର ଭାବରେ ଅନୁଶୀଳନ କରିବା ଆମର କର୍ତ୍ତବ୍ୟ । ଏହି ଅଧ୍ୟୟନ ଲୋକସାହିତ୍ୟକୁ କେବଳ ଅତୀତର ଅବଶେଷ କିମ୍ବା ଗ୍ରାମୀଣ ମନୋରଞ୍ଜନର ମାଧ୍ୟମ ଭାବରେ ନ ଦେଖି, ଏହା କିପରି ଓଡ଼ିଆ ସମାଜର ନୀତିବୋଧ, ଦାର୍ଶନିକ ଚିନ୍ତନ, ସାମାଜିକ ବିଧିବିଧାନ ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ଶତାବ୍ଦୀ ଶତାବ୍ଦୀ ଧରି ନିରନ୍ତର ଧାରଣ କରିଆସିଛି, ତାହାକୁ ଦୃଷ୍ଟି ଦେବା ନିହାତି ଆବଶ୍ୟକ ।

ଲୋକସାହିତ୍ୟ ଅନ୍ତର୍ଗତ ବିଭିନ୍ନ ଲୋକଗୀତ, ଲୋକକାହାଣୀ, ଲୋକନାଟକ ଓ ଢଗଢମାଳି ଇତ୍ୟାଦି କେବଳ ବାକ୍‌ଚାତୁରୀ ନୁହେଁ, ବରଂ ଏହା ଗ୍ରାମୀଣ ସମାଜର ଦୀର୍ଘ ଅଭିଜ୍ଞତାପୂର୍ଣ୍ଣ ଦର୍ଶନ ଓ ବ୍ୟାବହାରିକ ଜ୍ଞାନ କୋଷ ଅଟେ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18529215
Article No - BPP00379

**ଯୋଗାଯୋଗ :**
ବିଶ୍ୱରଂଜନ ଦାସ, ସ୍ନାତକୋତ୍ତର ଛାତ୍ର
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
**Email :** dpapu8744@gmail.com
**ORCID ID:** https://orcid.org/0009-0006-4934-659X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ବିଶ୍ୱରଂଜନ;୨୦୨୬। ଓଡ଼ିଆ ଲୋକସାହିତ୍ୟର ଅଲିଭା ସ୍ୱର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଞ, ପୃଷ୍ଠା :୪୭-୫୭।

ନାରୀ ମନର ଅକୁହା ବେଦନା, ସାମାଜିକ ସଂଘର୍ଷ ଏବଂ ନିଚ୍ଛକ ଜୀବନଚର୍ଯ୍ୟାର ପ୍ରତିଲିପି । ଏହି ସାହିତ୍ୟ ମୁଖ୍ୟତଃ ସମାଜର ନୈତିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି ।

ଓଡ଼ିଆ ଲୋକସାହିତ୍ୟର ରସକୁ ଆସ୍ୱାଦନ କରିବା ଆଗରୁ ସାହିତ୍ୟ ଓ ଲୋକସାହିତ୍ୟ ମଧ୍ୟରେ ଥିବା ପ୍ରଭେଦକୁ ଜାଣିବା ଆବଶ୍ୟକ ।

### ଲୋକସାହିତ୍ୟ: ଚେତନାର ଆଦିମ ଗଙ୍ଗୋତ୍ରୀ:

ସାହିତ୍ୟର ବିଶାଳ ମହାସାଗରକୁ ଯଦି ଅନୁଧ୍ୟାନ କରାଯାଏ, ତେବେ ଲିଖିତ ବା ଶିଷ୍ଟ ସାହିତ୍ୟ ତାହାର ଦୃଶ୍ୟମାନ ତରଙ୍ଗମାଳା ପରି । କିନ୍ତୁ ସେହି ମହାସାଗରର ଅତଳ ଗର୍ଭରେ ଯେଉଁ ଗଭୀର, ଶାନ୍ତ ଏବଂ ଶକ୍ତିଶାଳୀ ସ୍ରୋତଟି ନିରନ୍ତର ପ୍ରବହମାନ, ତାହା ହିଁ 'ଲୋକସାହିତ୍ୟ' । ଏହାର ଜନ୍ମ ଇତିହାସ କୌଣସି ପୁସ୍ତକର ପୃଷ୍ଠାରେ ଲିପିବଦ୍ଧ ହୋଇନାହିଁ, କାରଣ ଏହାର ଜନ୍ମ ସେତେବେଳେ ହୋଇଥିଲା, ଯେତେବେଳେ ମଣିଷ ଲିପି ବା ଅକ୍ଷର ସହିତ ପରିଚିତ ହିଁ ନଥିଲା ।

ଲୋକସାହିତ୍ୟର ଜନ୍ମକାଳ ସନ୍ଧାନ କରିବାକୁ ହେଲେ, ଆମକୁ ସଭ୍ୟତାର ସେହି ଆଦିମ ପ୍ରତ୍ୟୁଷକୁ ଫେରିଯିବାକୁ ହେବ, ଯେତେବେଳେ ମଣିଷ ପ୍ରକୃତିର ବିଶାଳତାକୁ ଦେଖି ପ୍ରଥମ ଥର ପାଇଁ ବିସ୍ମିତ ହେଲା, ଯେତେବେଳେ ସେ ଆକାଶର ବଜ୍ରପାତରେ ଭୟଭୀତ ହେଲା, ପୂର୍ଣ୍ଣିମାର ଜହ୍ନକୁ ଦେଖି ମୁଗ୍ଧ ହେଲା କିମ୍ବା ନିଜ ସନ୍ତାନକୁ କୋଳରେ ଧରି ତା'ର ହୃଦୟ ବାତ୍ସଲ୍ୟରେ ପୂରି ଉଠିଲା ।

ସେହି ଆଦିମ ମଣିଷର ଭାଷା ନଥିଲା, ଥିଲା କେବଳ ଧ୍ୱନି । ସେହି ଭୟ, ବିସ୍ମୟ, ଆନନ୍ଦ ଏବଂ ବାତ୍ସଲ୍ୟର ତୀବ୍ର ଆବେଗ ଯେତେବେଳେ ତା'ର କଣ୍ଠରୁ ଅନିୟନ୍ତ୍ରିତ ଧ୍ୱନି ବଦଳରେ ଏକ ଲୟବଦ୍ଧ ସ୍ୱର ରୂପ ନେଲା, ସେହି ମୁହୂର୍ତ୍ତରେ ହିଁ ଲୋକସାହିତ୍ୟର ଭ୍ରୂଣ ସ୍ଥାପିତ ହେଲା । ଲୋକସାହିତ୍ୟର ଜନ୍ମ ଇତିହାସର ଏକ ବିଶେଷତ୍ୱ ହେଉଛି, ଏହାର ଜନ୍ମ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ହୋଇ ଶେଷ ହୋଇନାହିଁ । ଏହା ଏକ ନିରନ୍ତର ପ୍ରବହମାନ ଧାରା । ଏହା ଗୋଟିଏ ପିଢ଼ିରୁ ଆର ପିଢ଼ିକୁ ଯିବାବେଳେ ଏଥିରେ ନୂଆ ଉପାଦାନ ଯୋଡ଼ି ହୁଏ ଏବଂ ପୁରୁଣା ଅନାବଶ୍ୟକ ଅଂଶ ଛାଡ଼ି ହୋଇଯାଏ । ଏହା ଏକ ନଦୀ ସଦୃଶ, ଯାହା ନିଜ ରାସ୍ତାରେ ନୂଆ ପଟୁମାଟି ସଂଗ୍ରହ କରି ଆଗକୁ ବଢ଼ିଚାଲେ ।

ପ୍ରତ୍ୟେକ ଥର ଯେତେବେଳେ ଜଣେ ମା' ନିଜ ସନ୍ତାନ ପାଇଁ ଏକ ନୂଆ ପଦ ଯୋଡ଼ି ଗୀତ ଗାଏ, ପ୍ରତ୍ୟେକ ଥର ଯେତେବେଳେ ଜଣେ କୃଷକ ନିଜ ମନର ବେଦନାକୁ ଗୀତର ରୂପ ଦିଏ, ସେହି ପ୍ରତିଟି ମୁହୂର୍ତ୍ତରେ ଲୋକସାହିତ୍ୟ 'ପୁନର୍ଜନ୍ମ' ଲାଭ କରେ ।

ଲୋକସାହିତ୍ୟର ଜନ୍ମ ଇତିହାସ କୌଣସି ରାଜ୍ୟ ବା ସାମ୍ରାଜ୍ୟର ଇତିହାସ ନୁହେଁ । ଏହା ହେଉଛି ମଣିଷର ହୃଦୟ ସ୍ପନ୍ଦନର ଇତିହାସ । ଏହାର ସ୍ରଷ୍ଟା କୌଣସି ଜଣେ ବ୍ୟକ୍ତି ନୁହେଁ, ବରଂ ସମଗ୍ର 'ଗଣ' ବା 'ଲୋକ' ହିଁ ଏହାର ସ୍ରଷ୍ଟା । ଏହା ଲିପିବଦ୍ଧ ନୁହେଁ, କାରଣ ଏହା ହୃଦୟରେ ଲିଖିତ ଏବଂ ପରମ୍ପରାରେ ଜୀବିତ ।

ଏହା ସେହି ପ୍ରାଚୀନତମ ବଟବୃକ୍ଷ, ଯାହାର ଚେର ମାନବ ସଭ୍ୟତାର ଆରମ୍ଭକୁ ସ୍ପର୍ଶ କରେ ଏବଂ ଯାହାର ଶାଖା ପ୍ରଶାଖାରୁ ଆଜି ସମସ୍ତ ଆଧୁନିକ ସାହିତ୍ୟ ପତ୍ର ପୁଷ୍ପରେ ସୁଶୋଭିତ ।

ଏହାର ଜନ୍ମ ସେତେବେଳେ ହେଲା, ଯେତେବେଳେ ମଣିଷ ପ୍ରଥମେ 'ଅନୁଭବ' କଲା ଏବଂ ସେହି ଅନୁଭବକୁ 'ପ୍ରକାଶ' କରିବାକୁ ଚାହିଁଲା । ତେଣୁ, ଯେତେଦିନ ପର୍ଯ୍ୟନ୍ତ ମଣିଷର ହୃଦୟର ଆବେଗ ଅଛି, ସେତେଦିନ ପର୍ଯ୍ୟନ୍ତ ଲୋକସାହିତ୍ୟର ଏହି ଚିରନ୍ତନ ଜନ୍ମ-ପ୍ରକ୍ରିୟା ଚାଲୁ ରହିଥିବ ।

ଲୋକ ସାହିତ୍ୟର ସ୍ରଷ୍ଟା ଆମ ଭଳି ଜଣେ ସାଧାରଣ ଲୋକ । 'ଲୋକ' କହିଲେ ଜ୍ଞାନରେ ଉଦ୍‌ଭାସିତ ହୋଇଥିବା ପଣ୍ଡିତଗଣ ନୁହଁ, ବରଂ ଯେ କେବେ ବିଦ୍ୟା କ'ଣ ଜାଣିନି, ପ୍ରଶ୍ନ କରି ଶିଖିନି, ସେହି ପର୍ଯ୍ୟାୟର ନିହାତି ଅଶିକ୍ଷିତ ବ୍ୟକ୍ତିଙ୍କୁ ବୁଝାଏ ।

ଡ. କୁଞ୍ଜବିହାରୀ ଦାଶ 'ଲୋକ' ଶବ୍ଦ ସଂପର୍କରେ କହିଛନ୍ତି- "ଲୋକ ଶବ୍ଦ ବିଶେଷ ବ୍ୟାପକ ; ଏହାର ଅର୍ଥ ସର୍ବସାଧାରଣ ଜନତା । କନ୍ଧ, କୋହ୍ଲ, ସାନ୍ତାଳ, ଭୂୟାଁ, ଗଣ୍ଡ, ଗଦବାଙ୍କ ଠାରୁ ଆରମ୍ଭ କରି ପଲ୍ଲୀ ଆଉ ନଗରର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଜନତା ପର୍ଯ୍ୟନ୍ତ ସମସ୍ତେ ଏହାର ଅନ୍ତର୍ଗତ ।"(୧)

'ଲୋକ' ଶବ୍ଦର ଇଂରାଜୀ ପ୍ରତିଶବ୍ଦ 'Folk' । ଏହି 'Folk' ଶବ୍ଦଟି ମୂଳ, ଏଙ୍ଗ୍‌ଲୋ-ସାକ୍‌ସନ ଶବ୍ଦ 'Fore'ରୁ ସୃଷ୍ଟି ହୋଇଥିବା ଗବେଷକମାନେ ମତ ଦିଅନ୍ତି ।

## ଲୋକସାହିତ୍ୟର ବୈଶିଷ୍ଟ୍ୟ:

ଓଡ଼ିଆ ଜାତିର ସାଂସ୍କୃତିକ ଇତିହାସ ଯେତିକି ପ୍ରାଚୀନ, ତାହାର ଲୋକସାହିତ୍ୟର ପରମ୍ପରା ମଧ୍ୟ ସେତିକି ସମୃଦ୍ଧ ଓ ଗଭୀର । 'ଲୋକସାହିତ୍ୟ' ସେହି ବାଙ୍‌ମୟ ସୃଷ୍ଟି, ଯାହା ପଣ୍ଡିତ ଓ ଶାସ୍ତ୍ରଜ୍ଞଙ୍କ ଲେଖନୀରୁ ନିଃସୃତ ନ ହୋଇ, ସାଧାରଣ ଜନମାନସର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ଭାବରେ ଯୁଗ ଯୁଗ ଧରି ପ୍ରବାହିତ ହୋଇ ଆସୁଛି । ଏହା ଓଡ଼ିଆ ଜନଜୀବନର ଅମଳିତ ଦର୍ପଣ ; ଯେଉଁଥିରେ ପ୍ରତିଫଳିତ ହୁଏ ତା'ର ସୁଖ-ଦୁଃଖ, ଆଶା-ଆକାଂକ୍ଷା, ବିଶ୍ୱାସ-ଅନ୍ଧବିଶ୍ୱାସ, ଧର୍ମ ଦର୍ଶନ ଏବଂ ସାମଗ୍ରିକ ଜୀବନବୋଧ । ଏହାର ସ୍ୱରୂପ ଅତ୍ୟନ୍ତ ବ୍ୟାପକ, ସରଳ ଅଥଚ ନିଗୂଢ଼ । ଏହା ସର୍ବଦା ସାଧାରଣ ମଣିଷର ହୃଦୟାବେଗର କଥା କୁହେ ।

ଡ. ଗୌରାଙ୍ଗ ଚରଣ ଦାଶ, ଏ ପ୍ରସଙ୍ଗରେକୁହନ୍ତି- "ସମାଜର ପ୍ରତ୍ୟେକ ଶ୍ରେଣୀ, ରୁଚି, ଆଦର୍ଶର ମଣିଷମାନଙ୍କୁ ଯାହା ଭଲ ଲାଗେ, ସେମାନଙ୍କ ଚେତନାକୁ ଯାହା ଅଭିଭୂତ କରେ, ଯାହା ଭିତରେ ସେ ଆପଣା ଆପଣା ମୁହଁଟିକୁ ଖୋଜି ପାଆନ୍ତି- ତାହା ହିଁ ସେମାନଙ୍କ ସାହିତ୍ୟ, କଳା, ସଂଗୀତ ଏବଂ ବୃହତ୍ତର ପରିଭାଷାରେ ଜୀବନ ବେଦର ଉଦ୍‌ଗାନ- ଲୋକବେଦ ।"[୨]

### ୧. ପଲ୍ଲୀପ୍ରାଣତା:

ଲୋକସାହିତ୍ୟକୁ ପଲ୍ଲୀ ସାହିତ୍ୟ କୁହାଯାଏ । ପଲ୍ଲୀର ସମସ୍ତ ଜନମାନସର ହସ, କାନ୍ଦକୁ ବହନ କରେ ଏହି ସାହିତ୍ୟ । ପଲ୍ଲୀର ଚିରନ୍ତନ ଚିନ୍ତାଧାରା କାଳର କରାଳ କଷାଘାତରେ ବହୁ ସମୟରେ ରୂପାନ୍ତରିତ ହେଉଥିଲେ ସୁଦ୍ଧା ସେହି ଚିନ୍ତାଧାରା ପଲ୍ଲୀର ଜୀବନତରୀକୁ ଏକ ଆଦର୍ଶ ନୈତିକ ସ୍ରୋତରେ ପରିଚାଳିତ କରିବା ପାଇଁ ସମର୍ଥ ହୋଇଥାଏ । ଅନେକ ସମୟରେ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ହିଁ ପଲ୍ଲୀ ଗ୍ରାମଗୁଡ଼ିକ ନିଜ ନିଜର ଏକ ସ୍ୱତନ୍ତ୍ର ପରିଚୟ ନିର୍ଦ୍ଧାରଣ କରୁଥିଲେ । ଗ୍ରାମ୍ୟ ପରିବେଶରେ ଲୋକଙ୍କ ଜୀବନଧାରା ପ୍ରକୃତି ସହିତ ଓତପ୍ରୋତ ଭାବରେ ସଂଯୁକ୍ତ ଥାଏ । ଏଣୁ ପ୍ରାକୃତିକ ପରିବେଶ ହିଁ ସେମାନଙ୍କର ଚେତନାକୁ ପରିପୃଷ୍ଟ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରେ । ପଲ୍ଲୀ ସମାଜରେ ପ୍ରଚଳିତ ବିଭିନ୍ନ ବର୍ଣ୍ଣଗତ ଏବଂ ଶ୍ରେଣୀଗତ ବୈଷମ୍ୟ ସତ୍ତ୍ୱେ, ଏକ ସାମୂହିକ ଏକତ୍ୱର ବନ୍ଧନ ବିଦ୍ୟମାନ । ଏହି ସାମାଜିକ ଏକୀକରଣ ହିଁ ପ୍ରତ୍ୟେକ ବ୍ୟକ୍ତିବିଶେଷକୁ ପରସ୍ପର ସହ ଆବଦ୍ଧ କରି ରଖେ । ଏହି ସାମୂହିକ ସାଂସ୍କୃତିକ ଭାବଧାରା ଏକ ଜୀବନ୍ତ ପରମ୍ପରାକୁ ପରିପୋଷଣ କରେ ଏବଂ ସମଗ୍ର ଗ୍ରାମୀଣ ଜନଜୀବନରେ ସୁହୃଦ୍ ଭାବରେ ପ୍ରତିଷ୍ଠିତ ହୋଇଥାଏ ।

### ୨. ଗୋଷ୍ଠୀ କୈନ୍ଦ୍ରିକତା:

ଗୋଷ୍ଠୀ କୈନ୍ଦ୍ରିକତା ହେଉଛି ଲୋକସାହିତ୍ୟର ସେହି ବୈଶିଷ୍ଟ ଯେଉଁଥିରେ ସାହିତ୍ୟର ସୃଷ୍ଟି, ବିକାଶ, ପ୍ରସାର ଓ ଉପଭୋଗ କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା କବିଙ୍କୁ କେନ୍ଦ୍ର କରି ନ ହୋଇ, ସମଗ୍ର ଲୋକ ସମୁଦାୟ ବା ଗୋଷ୍ଠୀକୁ କେନ୍ଦ୍ର କରି ଗଢ଼ି ଉଠିଥାଏ । ଏଥିରେ ଲୋକର ଯେଉଁ ସୁଖ, ଦୁଃଖ, ସ୍ୱପ୍ନ ଓ କଳ୍ପନାଦି ସ୍ଥାନ ପାଇଥାଏ । ତାହା ଗୋଟିଏ ଲୋକସମୂହର ବା ଗୋଟିଏ ଜାତିର ଏକ ମୁହୂର୍ତ୍ତର ଅଭିବ୍ୟକ୍ତି ମାତ୍ର ନୁହେଁ; ଆଦିମ ଯୁଗରୁ ପ୍ରବାହିତ ହୋଇ ଆସୁଥିବା ସମୂହର ଏହା ହେଉଛି ସାଂସ୍କୃତିକ ସ୍ୱରୂପ ।

### ୩. ସାମାଜିକ ଐକ୍ୟ:

ଲୋକସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଏକ ସମାଜର ସାଂସ୍କୃତିକ ଦର୍ପଣ ଏବଂ ସାମାଜିକ ଜୀବନର ମୂଳଦୁଆ । ଲୋକ ସାହିତ୍ୟର ବିଭିନ୍ନ ବୈଶିଷ୍ଟ୍ୟ ମଧ୍ୟରେ 'ସାମାଜିକ ଏକତା' ବା ସାମାଜିକ ସଂହତି ଏକ ଗଭୀର ଏବଂ ମୌଳିକ କାର୍ଯ୍ୟ । ଏହା ସେହି ସୂକ୍ଷ୍ମ ଅଠା, ଯାହା ଏକ ଗୋଷ୍ଠୀର ଲୋକଙ୍କୁ ପରସ୍ପର ସହ ଏବଂ ସେମାନଙ୍କ ପରମ୍ପରା ସହ ବାନ୍ଧି ରଖେ । ଏହି ଗୋଷ୍ଠୀଗତ ଜୀବନରୁ ସାମାଜିକ ଐକ୍ୟତା ସୃଷ୍ଟି ହୋଇଥାଏ । ଗୋଷ୍ଠୀବଦ୍ଧ ହୋଇ ଜୀବନଯାପନ ପ୍ରଣାଳୀକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ସାଧାରଣ ଜନଜୀବନ । ଜାତି, ଅଜାତିର ଭେଦଭାବ ନଥାଏ । ଗାଁରେ ଓଷା, ବ୍ରତ, ପୂଜା, ପାର୍ବଣ ହେଲେ ସମସ୍ତେ ଏକତ୍ର ହୋଇ ପାଳନ କରନ୍ତି ।

### ୪. ସର୍ବଜନବୋଧତା:

ସାହିତ୍ୟ ଯଦି ସମାଜର ଦର୍ପଣ ହୁଏ, ତେବେ ଲୋକସାହିତ୍ୟ ହେଉଛି ସେହି ସମାଜର ହୃଦ୍‌ସ୍ପନ୍ଦନ । ଏହା କୌଣସି ପାଣ୍ଡିତ୍ୟପୂର୍ଣ୍ଣ ମସ୍ତିଷ୍କର ଜଟିଳ କଳ୍ପନା ନୁହେଁ, ବରଂ ସାଧାରଣ ଜନମାନସର ସ୍ୱତଃସ୍ଫୂର୍ତ୍ତ, ସରଳ ଏବଂ ମାର୍ମିକ ଅଭିବ୍ୟକ୍ତି । ଲୋକସାହିତ୍ୟର ଅନେକ ବୈଶିଷ୍ଟ୍ୟ ରହିଛି । ତନ୍ମଧ୍ୟରୁ ସର୍ବୋଚ୍ଚ ଓ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି 'ସର୍ବଜନବୋଧ' । ଏହି ସର୍ବଜନବୋଧ ଗୁଣ ହିଁ ତାକୁ କାଳଜୟୀ କରିଛି ଏବଂ

ପଣ୍ଡିତଠାରୁ ପାମର ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଗ୍ରହଣୀୟ କରାଇପାରିଛି । 'ସର୍ବଜନବୋଧ'ର ଅର୍ଥ ହେଉଛି ସମସ୍ତଙ୍କ ପାଇଁ ସହଜରେ ବୋଧଗମ୍ୟ ବା ବୁଝିହେଲା ଭଳି । ଲୋକସାହିତ୍ୟ କେଉଁ ପରିସ୍ଥିତିରେ ଏବଂ କାହିଁକି ଏହି ଗୁଣକୁ ଆପଣେଇ ନିଏ, ତାହା ତା'ର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ନିହିତ । ଶାସ୍ତ୍ରୀୟ ବା ବିଦଗ୍ଧ ସାହିତ୍ୟ ଯେବେ ପାଣ୍ଡିତ୍ୟ ପ୍ରଦର୍ଶନ, ଅଳଙ୍କାରର ଜଟିଳତା ଏବଂ ବ୍ୟାକରଣଗତ ଶୁଦ୍ଧତା ଉପରେ ଗୁରୁତ୍ୱ ଦିଏ । ଲୋକସାହିତ୍ୟ ସେତେବେଳେ ସାଧାରଣ ମଣିଷର କଥିତ ଭାଷାକୁ ଆଶ୍ରୟ କରେ । ଏହାର ଭାଷା ଜୀବନ୍ତ ଓ ଚଳମାନ । ସରଳ ଭାଷା ହିଁ ଶ୍ରୋତା ବା ପାଠକ ସହ ସିଧାସଳଖ ଏକ ଆତ୍ମିକ ସମ୍ପର୍କ ସ୍ଥାପନ କରେ । ଏହାକୁ ବୁଝିବା ପାଇଁ କୌଣସି ଶାସ୍ତ୍ରୀୟ ଜ୍ଞାନ ବା ଟୀକା ଟିପ୍ପଣିର ଆବଶ୍ୟକତା ପଡ଼େ ନାହିଁ । ଲୋକସାହିତ୍ୟର ବିଷୟବସ୍ତୁ କୌଣସି ଗୂଢ଼ ଦାର୍ଶନିକ ତତ୍ତ୍ୱ କିମ୍ବା ବୈଜ୍ଞାନିକ ଜଟୀଳତା ନୁହେଁ । ଏହାର ବିଷୟବସ୍ତୁ ହେଉଛି ମାନବୀୟ ସମ୍ବେଦନାର ନିରାଟ ସତ୍ୟ କଥା ।

ଲୋକସାହିତ୍ୟର 'ସର୍ବଜନବୋଧ' ଗୁଣ ତା'ର ଦୁର୍ବଳତା ନୁହେଁ, ବରଂ ତାହା ହିଁ ତା'ର ସର୍ବଶ୍ରେଷ୍ଠ ଶକ୍ତି । ଏହା ପ୍ରମାଣ କରେ ଯେ ଗଭୀର ଭାବନାକୁ ପ୍ରକାଶ କରିବା ପାଇଁ ସର୍ବଦା ଜଟିଳ ଭାଷା ବା ପାଣ୍ଡିତ୍ୟର ଆବଶ୍ୟକତା ନାହିଁ । ଏହି ବୈଶିଷ୍ଟ୍ୟ ଯୋଗୁଁ ଲୋକସାହିତ୍ୟ କୌଣସି ଗ୍ରନ୍ଥାଗାରର ନିର୍ଜୀବ ପୁସ୍ତକ ମଧ୍ୟରେ ବନ୍ଦୀ ନ ହୋଇ, ସାଧାରଣ ଲୋକଙ୍କ କଣ୍ଠରେ, ସେମାନଙ୍କ ହୃଦୟ ଏବଂ ସମଗ୍ର ଲୋକ ସମୁଦାୟର ଜୀବନ ପ୍ରବାହରେ ଚିରକାଳ ଜୀବନ୍ତ ହୋଇ ରହିଥାଏ । ଏହା ହିଁ ଲୋକସାହିତ୍ୟର ପ୍ରକୃତ ଆତ୍ମା ।

### ୫. ନବଧା ରସରେ ପରିପୂର୍ଣ୍ଣ:

ଭାରତୀୟ ସାହିତ୍ୟର ଆଲୋଚନାରେ 'ରସ'କୁ ସାହିତ୍ୟର ଆତ୍ମା ବୋଲି କୁହାଯାଏ । କୁହାଯାଏ- 'ରସ୍ୟତେ ଇତିଃ ରସ' । ଆଶ୍ଚର୍ଯ୍ୟର କଥା ଯେ ବିଦଗ୍ଧ ବା ଶାସ୍ତ୍ରୀୟ ସାହିତ୍ୟ ପରି ଲୋକସାହିତ୍ୟ ମଧ୍ୟ ଏହି ନବଧା ରସରେ ସମ୍ପୂର୍ଣ୍ଣ ରସାଣିତ ଓ ପରିପୂର୍ଣ୍ଣ । ଏହା ଜୀବନର ସମସ୍ତ ଭାବକୁ ନିଜର ସରଳ କଳେବର ମଧ୍ୟରେ ଧାରଣ କରି ଏକ କାଳଜୟୀ ରୂପଲାଭ କରିଛି । ଲୋକ ସାହିତ୍ୟର ସ୍ରଷ୍ଟା ସଚେତନ ଭାବେ କୌଣସି ସାହିତ୍ୟିକ ରସ ଓ ଅଳଙ୍କାରର ପ୍ରୟୋଗ କରି ନଥାଏ । ଆପେ ଆପେ ପରିବେଶ ଓ ପରିସ୍ଥିତିକୁ ନେଇ ତା'ର ହୃଦୟରୁ ଉଚ୍ଛ୍ୱାସ ସୃଷ୍ଟି ହୋଇଥାଏ । ସୁଖ, ଦୁଃଖ, ଭକ୍ତି, କ୍ରୋଧ, ଶାନ୍ତି, ଦୟା, କ୍ଷମା ଆଦି ପ୍ରତିଟି ଗୁଣ ମନୁଷ୍ୟ ହୃଦୟରେ ସ୍ଥିର ଅବସ୍ଥାରେ ରହିଥାଏ । ସମୟାନୁସାରେ ଯେଉଁ ଭାବଟି ଉଦ୍ରେକ ହୁଏ, ସେହି ଭାବନାକୁ ବେଶ୍ ଲୋକସାହିତ୍ୟର ସ୍ରଷ୍ଟା ଅର୍ଥାତ୍ ସାଧାରଣ ବ୍ୟକ୍ତିଟି ଗୀତ ହେଉ ବା କଥା ମାଧ୍ୟମରେ ପ୍ରକାଶ କରିଥାଏ । ଲୋକସାହିତ୍ୟ କୌଣସି ନିର୍ଦ୍ଦିଷ୍ଟ ଭାବ ବା ରସ ମଧ୍ୟରେ ସୀମିତ ନୁହେଁ । ଏହା ମାନବ ଜୀବନର ଏକ ପୂର୍ଣ୍ଣାଙ୍ଗ ପ୍ରତିଛବି । ଏହା ଜୀବନର ସମସ୍ତ ରଙ୍ଗକୁ , ସମସ୍ତ ନଅଟି ରସକୁ ନିଜ ଗର୍ଭରେ ଧାରଣ କରିଛି । ଯଥା - ଶୃଙ୍ଗାର, କରୁଣା, ହାସ୍ୟ, ଭୟାନକ, ବାତ୍ସଲ୍ୟ, ବୀର, ଅଦ୍ଭୁତ, ଭକ୍ତି, ଶାନ୍ତ ଇତ୍ୟାଦି । ଏଠାରେ ରସ ଜୀବନରୁ ସ୍ୱତଃ ନିଃସୃତ ହୋଇ ଶ୍ରୋତାର ହୃଦୟକୁ ସିଧାସଳଖ ସ୍ପର୍ଶ କରେ । ଲୋକସାହିତ୍ୟ ପ୍ରକୃତ ଅର୍ଥରେ ମାନବୀୟ ସମ୍ବେଦନାର ଏକ ଅମୃତମୟ ସ୍ରୋତ ।

### ଲୋକସାହିତ୍ୟର ବିଭାଗୀକରଣ:

ଲୋକସାହିତ୍ୟର ବିଭାଗୀକରଣ ଏକ ଶାସ୍ତ୍ରୀୟ ପ୍ରୟାସ ନୁହେଁ, ବରଂ ଏହା ମାନବ ସଭ୍ୟତାର ବିକାଶ କ୍ରମର ଏକ ପ୍ରତିଫଳନ । ପ୍ରାଚୀନ କାଳରୁ ଲୋକକବିମାନେ ଏହାକୁ ଗଳ୍ପ, ଗୀତ ଓ ନାଟକର ପରିଣତି କରି ସମାଜର ସ୍ମୃତି ଭଣ୍ଡାର ସଂରକ୍ଷଣ କରିଛନ୍ତି । ଲୋକସାହିତ୍ୟର ବିଭାଗୀକରଣ ଏକ ଗତିଶୀଳ ପ୍ରକ୍ରିୟା, ଯାହା ସମାଜର ପରିବର୍ତ୍ତନ ସହିତ ନୂତନ ରୂପ ଧାରଣ କରେ । ଓଡ଼ିଆ ସାହିତ୍ୟରେ ଏହା କେବଳ ଏକ ସାଂସ୍କୃତିକ ବିଧି ନୁହେଁ, ବରଂ ଜାତୀୟ ଚେତନାର ମୂଳ । ଆଜିର ସମୟରେ ଏହାକୁ ସଂରକ୍ଷଣ ଓ ପ୍ରଚାର କରିବା ଆବଶ୍ୟକ, ଯାହା ଯୁବପିଢ଼ିକୁ ଏହାର ମହତ୍ତ୍ୱ ବୁଝାଇବ । ଏହି ବିଭାଗୀକରଣ କେବଳ ଶ୍ରେଣୀବଦ୍ଧତା ନୁହେଁ, ବରଂ ମାନବ ଜୀବନର ବିବିଧତାର ଏକ କାବ୍ୟମୟ ଚିତ୍ରଣ । ତେଣୁ ଲୋକସାହିତ୍ୟ ସର୍ବଦା ଜୀବନ୍ତ ରହିବ । ଲୋକସାହିତ୍ୟ ମୁଖ୍ୟତଃ ୪ ଭାଗରେ ବିଭକ୍ତ । ଯଥା- ଲୋକଗୀତ, ଲୋକକାହାଣୀ, ଲୋକନାଟକ ଓ ଢଗଢମାଳି, ପ୍ରବାଦ ପ୍ରବଚନ ଇତ୍ୟାଦି ।

### (କ) ଲୋକଗୀତ:

ସାହିତ୍ୟର ବିସ୍ତୃତ ଦିଗ୍‌ବଳୟରେ ଲୋକଗୀତ ହେଉଛି ସେହି ଆଦିମତମ, ଅକୃତ୍ରିମ ଏବଂ ଅନାହତ ଝରଣା, ଯାହା ଏକ ସମାଜର ସାମୂହିକ ହୃଦୟରୁ ସ୍ୱତଃ ପ୍ରବାହିତ । ଏହା କୌଣସି ନିର୍ଦ୍ଦିଷ୍ଟ ସ୍ରଷ୍ଟାର ବ୍ୟକ୍ତିଗତ କୃତି ନୁହେଁ, ବରଂ ଏହା ସମଗ୍ର

ଜନଗୋଷ୍ଠୀର ଯୁଗ-ଯୁଗର ଅନୁଭୂତି, ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଜୀବନ-ଦର୍ଶନର ମିଳିତ ସ୍ୱାକ୍ଷର । ଲୋକଗୀତର ଗଭୀର ଅନୁଶୀଳନ କଲେ, ଏହାର ଯେଉଁ ସାର ନିର୍ଯ୍ୟାସ ଉପଲବ୍ଧ ହୁଏ, ତାହା କେବଳ ମନୋରଞ୍ଜନ ବା ସାମୟିକ ଭାବୋଚ୍ଛ୍ୱାସ ନୁହେଁ, ବରଂ ତାହା ଏକ ଜାତିର ସାଂସ୍କୃତିକ ଆତ୍ମାର ନିଛକ ପ୍ରତିବିମ୍ବ ।

ମନୁଷ୍ୟ ଯେତେବେଳେ ଜଙ୍ଗଲରେ ରହୁଥିଲା, ପ୍ରାକୃତିକ ପରିବେଶ ତାକୁ ମନ୍ତ୍ରମୁଗ୍ଧ କରି ଦେଉଥିଲା । ପ୍ରକୃତି ଥିଲା ତା'ର ବଞ୍ଚିବାର ଏକମାତ୍ର ମାଧ୍ୟମ । ପ୍ରକୃତିର ନିର୍ଦ୍ଦେଶରେ ନିଜର ନିତ୍ୟ କାର୍ଯ୍ୟ ସଂପାଦନା କରିବାକୁ କୋମଳମତି ଶିଷ୍ୟ ପରି ମାନି ନେଉଥିଲା । ପଶୁପକ୍ଷୀଙ୍କ ଶବ୍ଦ, ଝରଣାର କୁଳୁକୁଳୁ ନାଦ, ଫୁଲର ମନମହକିଆ ବାସ୍ନା ତାକୁ ପ୍ରକୃତି କୋଳକୁ ଟାଣି ନେଇଥିବ ଏଥିରେ ସନ୍ଦେହ ନାହିଁ । ତେଣୁ ମଣିଷ ପ୍ରକୃତିକୁ ଲକ୍ଷ୍ୟ କରି ସଙ୍ଗୀତର ସ୍ୱର ହିଁ ସୃଷ୍ଟି କରିଥିଲା । ମନୁଷ୍ୟ ନିଜ ପରିବେଶର ପ୍ରଭାବରେ ପ୍ରଭାବିତ ହୋଇ କେତେବେଳେ ହସି ଉଠିଛି ତ ପୁଣି କେତେବେଳେ କାନ୍ଦି ଉଠିଛି । ଏହି ହସ କାନ୍ଦର ମିଶ୍ରିତ ରୂପରେଖ ହେଉଛି ଲୋକଗୀତ ।

ଆଲୋଚକ ଚକ୍ରଧର ମହାପାତ୍ର କହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହି ଆସିଛି, କେବେ ହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତ କୋଣରେ ସୃଷ୍ଟି ଲାଭ କଲା ପରି ତା'ର ବିଚକ୍ଷଣ ମହକରେ ସେ ଜନ ସମାଜର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି, ସେହିମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ ।"(୩)

ଲୋକଗୀତ ବାସ୍ତବ ଜୀବନର ରୂପରେଖ ନେଇ ଗତିଶୀଳ । କଳ୍ପନାର ଐନ୍ଦ୍ରଜାଲ ଲୋକଗୀତକୁ ବାନ୍ଧି ପାରିନାହିଁ । ଯଦିଓ ସାହିତ୍ୟ କଳ୍ପନାଶ୍ରୟୀ କିନ୍ତୁ ଲୋକଗୀତ ସାଧାରଣ ଜନଜୀବନର ବାସ୍ତବତାକୁ ପ୍ରକାଶ କରିଥାଏ ।

### ୧. ବାସ୍ତବ ଅଭିବ୍ୟକ୍ତି ଓ ସହଜବୋଧତା:

ଲୋକଗୀତର ପ୍ରଧାନ ଗୁଣ ହେଉଛି ଏହାର ସରଳତା । ଶାସ୍ତ୍ରୀୟ ସାହିତ୍ୟ ପରି ଏହାର ଅଳଙ୍କାର, ଛନ୍ଦ ବା ବ୍ୟାକରଣର ଜଟିଳ ନିୟମରେ ଆବଦ୍ଧ ନୁହେଁ । ଏହାର ଭାଷା ସାଧାରଣ ଜନତାର ମୁଖର ଭାଷା । ଏହି ଗୀତଗୁଡ଼ିକ କୌଣସି ପଣ୍ଡିତର ମସ୍ତିଷ୍କରୁ ନୁହେଁ, ବରଂ କୃଷକର ଲଙ୍ଗଳ ମୁନରୁ, ଶ୍ରମିକର ଝାଳବୁନ୍ଦାରୁ କିମ୍ବା ମା'ର କୋଳରୁ ଜନ୍ମ ନିଏ । ଏହି ବାସ୍ତବତା ହିଁ ଏହାର ପ୍ରାଣଶକ୍ତି, ଯାହା ଏହାକୁ କାଳଜୟୀ କରି ରଖିଛି ।

### ୨. ସାମାଜିକ ଜୀବନର ବିଶ୍ୱସ୍ତ ଦଲିଲ:

ଲୋକଗୀତ ଏକ ସମାଜର ଅଲିଖିତ ଇତିହାସ । ଏକ ଜନଗୋଷ୍ଠୀର ସାମାଜିକ ଚଳଣି, ରୀତିନୀତି, ପରମ୍ପରା, ବିଶ୍ୱାସ, ଅନ୍ଧବିଶ୍ୱାସ, ଆଚାର-ବିଚାର- ଏ ସମସ୍ତର ଏକ ଜୀବନ୍ତ ଚିତ୍ର ଏଥିରେ ସୁରକ୍ଷିତ ଥାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ସଂସ୍କାର-ଜନ୍ମଗୀତ, ବିବାହ ଗୀତ, କାନ୍ଦଣା ଗୀତ, ଏପରିକି ମୃତ୍ୟୁ ସମୟର କରୁଣ ସ୍ୱର ମଧ୍ୟ ଲୋକଗୀତର କଳେବରକୁ ପୁଷ୍ଟ କରେ । ପର୍ବପର୍ବାଣୀର ଆନନ୍ଦ (ଯଥା: ରଜଗୀତ, କୁଆଁରପୁନେଇ ଗୀତ) ଠାରୁ ଆରମ୍ଭ କରି କୃଷି କାର୍ଯ୍ୟର ଶ୍ରମ (ହଳିଆ ଗୀତ) ପର୍ଯ୍ୟନ୍ତ, ସାମାଜିକ ଜୀବନର କୌଣସି ଦିଗ ଏଥିରୁ ବାଦ୍ ପଡ଼ି ନଥାଏ ।

### ୩. ମାନବୀୟ ସମ୍ବେଦନାର ଉଚ୍ଚାରଣ:

ଲୋକଗୀତର ସ୍ୱର ହେଉଛି ମାନବୀୟ ସମ୍ବେଦନା । ଏହା ସାଧାରଣ ମଣିଷର ଅକୁହା ବେଦନା, ବିରହର ଯନ୍ତ୍ରଣା, ମିଳନର ଆନନ୍ଦ ଏବଂ ଭକ୍ତିର ଆକୁଳତାକୁ ଦର୍ଶାଏ । ନଦୀ ଆରପାରିରେ ଥିବା ପ୍ରିୟତମ ପାଇଁ ନାଉରୀକୁ କରାଯାଉଥିବା ନିବେଦନ ହେଉ, ବାପଘର ଛାଡ଼ି ଯାଉଥିବା କନ୍ୟାର ଅଶ୍ରୁଳ ବିଳାପ ହେଉ, ସନ୍ତାନ ପାଇଁ ମା'ର ଶୁଭକାମନା (ଲୋରୀ) ହେଉ- ଏ ସମସ୍ତ ଭାବଗତ ଉଚ୍ଚାରଣ ଲୋକଗୀତକୁ ଏକ ସାମୂହିକ ଆବେଦନ ପ୍ରଦାନ କରେ । ଏହି ଗୀତଗୁଡ଼ିକ କେବଳ ଶୁଣାଯାଏ ନାହିଁ, ବରଂ ଅନୁଭବ କରାଯାଏ ।

### ୪. ଲୋକଦର୍ଶନର ବାହକ:

ପ୍ରତ୍ୟେକ ଲୋକଗୀତ ପଛରେ ଏକ ସରଳ ଅଥଚ ଗଭୀର ଜୀବନ-ଦର୍ଶନ ନିହିତ ଥାଏ । ଏହା ଜୀବନର ଅନିଶ୍ଚିତତା, ଭାଗ୍ୟର ବିଡ଼ମ୍ବନା, କର୍ମଫଳ ଏବଂ ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କକୁ ସ୍ପଷ୍ଟ କରେ । ଏଥିରେ ଉଚ୍ଚକୋଟୀର ଦାର୍ଶନିକ ତତ୍ତ୍ୱକୁ ସରଳ, ଗ୍ରାମୀଣ ଉପମା ମାଧ୍ୟମରେ ପ୍ରକାଶ କରାଯାଇଥାଏ । ଏହା ସହିତ ଏହି ଗୀତଗୁଡ଼ିକ ନୈତିକତାର ଶିକ୍ଷାଦାତା ଭାବରେ କାର୍ଯ୍ୟ କରନ୍ତି ଏବଂ କେତେକ ଲୋକଗୀତ ମାଧ୍ୟମରେ ସାମାଜିକ ଶୃଙ୍ଖଳା, ସତ୍ୟ, ଧର୍ମ ଏବଂ କର୍ତ୍ତବ୍ୟବୋଧର ଶିକ୍ଷା ଦିଆଯାଇଥାଏ ।

## ୫. ସାଂସ୍କୃତିକ ନିରନ୍ତରତାର ପ୍ରବାହ:

ଲୋକଗୀତ ହେଉଛି ସାଂସ୍କୃତିକ ଐତିହ୍ୟର ସବୁଠାରୁ ଶକ୍ତିଶାଳୀ ପ୍ରବାହ । ଏହା ମୌଖିକ ପରମ୍ପରାରେ ପିଢ଼ି ପରେ ପିଢ଼ି (କଣ୍ଠରୁ କଣ୍ଠକୁ) ପ୍ରବାହିତ ହୋଇ ଏକ ସଂସ୍କୃତିର ମୂଳ ଧାରାକୁ ଜୀବନ୍ତ ରଖେ । ଲିପିର ଉଦ୍ଭାବନ ପୂର୍ବରୁ କିମ୍ବା ଶିକ୍ଷାର ପ୍ରସାର ନ ଥିବା ସମୟରେ । ଏହି ଲୋକଗୀତ ହିଁ ଜ୍ଞାନ, ଇତିହାସ ଓ ପରମ୍ପରାକୁ ସଂରକ୍ଷିତ କରି ରଖୁଥିଲା । ଏହା ଅତୀତ ସହ ବର୍ତ୍ତମାନର ସେତୁ ବାନ୍ଧି ଜାତୀୟ ପରିଚୟକୁ ସୁଦୃଢ଼ କରେ ।

ଅତଏବ, ଲୋକଗୀତର ସାର ନିର୍ଯ୍ୟାସ ହେଉଛି ଏହାର ଆତ୍ମିକ ଶୁଦ୍ଧତା ଏବଂ ସାମୂହିକତାର ଭାବ । ଏହା କୌଣସି ଏକକ ବ୍ୟକ୍ତିର ସୃଷ୍ଟି ନୁହେଁ । ଏହା ସମଗ୍ର ଲୋକମାନସର ସମ୍ମିଳିତ ସୃଜନ । ଏହା ଏକ ସଭ୍ୟତାର ଶୈଶବର ସ୍ମୃତି । ଏହା ସମାଜର ସମସ୍ତ ଭାବଧାରାକୁ ନିଜ ଗର୍ଭରେ ଧାରଣ କରିଥାଏ । ଏହା ହେଉଛି ସେହି ମୂଳ ସ୍ରୋତ, ଯେଉଁଠାରୁ ପରବର୍ତ୍ତୀ କାଳର ସମସ୍ତ ଶିଷ୍ଟ ସାହିତ୍ୟ ପ୍ରେରଣା ଲାଭ କରିଛି । ଲୋକଗୀତର ଅଧ୍ୟୟନ ବାସ୍ତବରେ, ଏକ ଜାତିର ହୃଦ୍‌ସ୍ପନ୍ଦନକୁ ଶୁଣିବାର ଏକ ନିରଳସ ପ୍ରୟାସ ମାତ୍ର ।

### ଯୋଗୀ ଗୀତ:

"ଭଜୁ କି ନା ରାମ ନାମରେ କୁମର  
ଭଜୁ କି ରାମ ନାମ...  
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ  
ବାଛି ନେବ କାଳ ଯମରେ କୁମର  
ଭଜୁ କି ନା ରାମ ନାମ...  
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ  
ଦୁଃଖରେ କୁମର  
ଦେବଟି ଦାରୁଣ ଦୁଃଖ ।"

### କୃଷକ ଗୀତ:

"ରାମର ଭାରିଯା ନୀଳାବତୀ ରାଣୀ  
ଲାଉ କଳସୀରେ ବୋହୁଥିଲେ ପାଣି  
ଅର୍ଘ୍ୟ ବନ୍ଦାଇଲେ ଯଶୋଦା  
ଗଙ୍ଗାରୁ ନୀର ଆଣିହେ ... ।"

## (ଖ) ଲୋକକାହାଣୀ:

କାହାଣୀ ଶୁଣିବା ବା ଶୁଣାଇବା ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି । ଏହି ଲୋକ କାହାଣୀ ଆଜିର ନୁହେଁ ତାହା ଅତୀବ ପ୍ରାଚୀନ । ସାଧାରଣ ମଣିଷ ଯେତେବେଳେ ସଭ୍ୟତାର ସ୍ପର୍ଶ ଜାଣିପାରି ନ ଥିଲା, ସେ ସମୟରୁ ଏହି କାହାଣୀ ଗଢ଼ି ଉଠିଛି । କଣ୍ଠରୁ କଣ୍ଠକୁ, ଯୁଗରୁ ଯୁଗକୁ, ସ୍ଥାନରୁ ସ୍ଥାନକୁ ପ୍ରସାରିତ ହୋଇ ଏହାର ରୂପରେ ପରିବର୍ତ୍ତନ ଘଟେ । ଏହି ଲୋକକାହାଣୀ ସୃଷ୍ଟି ହେବା ପଛରେ ଅନେକ କାରଣ ଲୁକ୍କାୟିତ ଅବସ୍ଥାରେ ଅଛି । ବାଟଚଲା ବାଧା ଦୂର କରିବା ପାଇଁ, ବିଲବଛାଦି କୃଷିକର୍ମ, ଧର୍ମ ପଥରେ ଅଗ୍ରସର ହେବା, ପାପ, ପୁ ଣ୍ୟର ପାଠ ଶିଖାଇବା ଉଦ୍ଦେଶ୍ୟରେ ଏହି କାହାଣୀର ସୃଷ୍ଟି ଘଟିଛି । କେବଳ ଏହା ମନୋରଞ୍ଜନର ମାଧ୍ୟମ ନୁହେଁ । ଏହା ତ କଥା ଛଳରେ ଜୀବନ ବଞ୍ଚିବାର ଶୈଳୀ ଆମକୁ ଶିଖାଇଥାଏ । ଯେଉଁମାନେ କାହାଣୀର ଅବତାରଣା କରନ୍ତି, ସେମାନଙ୍କୁ ଗଳ୍ପସାଗର ବୋଲି କୁହାଯାଏ । ସମୟକ୍ରମେ ଏମାନେ ବିଲୁପ୍ତ ହେବାରୁ ଏହି ଭାରକୁ ଅଜା, ଆଈମାନେ ଗ୍ରହଣ କରିଛନ୍ତି ।

ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ- "ଗୀତ ଗାଇବା ପରି କାହାଣୀ ଶୁଣିବା ମଣିଷର ଏକ ମନୋରଞ୍ଜନର ମାଧ୍ୟମ । କଥା କହି ଅନ୍ୟକୁ ମୁଗ୍ଧ କରିବା ବା ବଶ କରିବା ଏକ ବିଚକ୍ଷଣ କଳା । ଏ ଦେଶରେ ଗ୍ରାମ୍ୟ ଜନତାଙ୍କ ମଧ୍ୟରେ କେଉଁ ଅନାଦି କାଳରୁ ପରମ୍ପରାକ୍ରମେ ବହୁ କାହାଣୀ ଗଳ୍ପ ପ୍ରଚଳିତ ହୋଇ ଆସୁଛି । ଗ୍ରାମର ବୁଢ଼ାବୁଢ଼ୀମାନେ ଏହି କାହାଣୀ କୁହନ୍ତି ।"[୪]

ଲୋକକାହାଣୀ ସାଧାରଣ ଜନଜୀବନର ସଂଗ୍ରାମୀ ଭାବନାକୁ ନେଇ ଋଦ୍ଧିମନ୍ତ । ଭବିଷ୍ୟତ କାର୍ଯ୍ୟପନ୍ଥାକୁ ସରଳ କରିବା ପାଇଁ କିଛିଟା କଥା ଶୁଣିବାକୁ ଚାହିଁଥାଏ । ଏହି ମନର ଆକୁଳତାରୁ ଲୋକକାହାଣୀର ସୃଷ୍ଟି । ଲୋକକାହାଣୀ ଗୁଡ଼ିକ ସଂଖ୍ୟାରେ ଅଧିକ । ଏ ପର୍ଯ୍ୟନ୍ତ ସକଳ ଲୋକକାହାଣୀ ସଂଗୃହୀତ ହୋଇପାରି ନାହିଁ, ହୋଇପାରିବା ମଧ୍ୟ ସମ୍ଭବ ନୁହେଁ । ଲୋକଗୀତ ସଂଗ୍ରହ କାଳରେ ଗୋପାଳ ଚନ୍ଦ୍ର ପ୍ରହରାଜ ନିଜେ ସଂଗ୍ରହ କରିଥିବା ୨୧ଟି ଲୋକକାହାଣୀକୁ 'ଉତ୍କଳ କାହାଣୀ'ର ଅଙ୍ଗୀଭୂତ କରିଥିଲେ । ସଂଗୃହୀତ ସମସ୍ତ କାହାଣୀଗୁଡ଼ିକୁ କେତେକ ସ୍ୱତନ୍ତ୍ର ବିଭାଗରେ ସୃଷ୍ଟି କରାଯାଇଛି । (କ) ପୌରାଣିକ କାହାଣୀ (ଖ) ଐତିହାସିକ କାହାଣୀ (ଗ) କିମ୍ବଦନ୍ତୀମୂଳକ କାହାଣୀ (ଘ)ପଶୁପକ୍ଷୀ ସମ୍ବନ୍ଧୀୟ କାହାଣୀ (ଙ) ଓଷାବ୍ରତ ସମ୍ବନ୍ଧୀୟ

କାହାଣୀ (ଚ) ଅନ୍ୟାନ୍ୟ କାହାଣୀ- ଅନେକ ଆଲୋଚକ ଏହି ଛଅଟି ବିଭାଗକୁ ଗୁରୁତ୍ୱ ଦେଇଥା'ନ୍ତି ।

ଲୋକକାହାଣୀକୁ ଯଦି ଆମେ ଅଧ୍ୟୟନ କରିବା ତା'ହେଲେ ଆମେ ଅନେକ ବିଶିଷ୍ଟତା ଉପଲବ୍ଧ କରିପାରିବ । ଏହାର ପ୍ରଥମ ବୈଶିଷ୍ଟ୍ୟ ହେଉଛି (କ) ସାମାଜିକ, ଦର୍ପଣ ଓ ଜୀବନର ପ୍ରତିଲିପି (ଖ) ନୈତିକତାର ବାର୍ତ୍ତାବହ, (ଗ) ସାଂସ୍କୃତିକ ଚେତନାର ମୂଳ ଆଧାର (ଘ) କଳ୍ପନା ଓ ଅଲୌକିକତାର ସ୍ପର୍ଶ (ଙ) ଶିଷ୍ଟ ସାହିତ୍ୟର ଆଧାର ଶିଳା ।

### ୧. ସାମାଜିକ ଦର୍ପଣ ଓ ଜୀବନର ପ୍ରତିଲିପି:

ପ୍ରତ୍ୟେକ ଲୋକକାହାଣୀ ତା'ର ସୃଷ୍ଟିକାଳୀନ ସମାଜର ଦର୍ପଣ । ଏହାର କଥାବସ୍ତୁ ମଧ୍ୟରେ ସେହି ସମୟର ସାମାଜିକ ଗଠନ, ପାରିବାରିକ ସମ୍ବନ୍ଧ, ରାଜନୈତିକ ବ୍ୟବସ୍ଥା, ଅର୍ଥନୈତିକ ସ୍ଥିତି ଏବଂ ପ୍ରଚଳିତ ରୀତିନୀତିର ସ୍ୱଷ୍ଟ ଚିତ୍ର ଦେଖିବାକୁ ମିଳେ । ରାଜା-ପ୍ରଜା, ସାଧବ-ବଣିକ, ଚାଷୀ-ମୂଲିଆ, ବ୍ରାହ୍ମଣ-ଚଣ୍ଡାଳ- ଏହିସବୁ ଚରିତ୍ର କେବଳ କାଳ୍ପନିକ ନୁହଁନ୍ତି, ବରଂ ସେମାନେ ସାମାଜିକ ସ୍ତର ବିନ୍ୟାସର ପ୍ରତୀକ । କାହଣୀରେ ବର୍ଣ୍ଣିତ ବିବାହ ପ୍ରଥା, ପର୍ବପର୍ବାଣି, ଖାଦ୍ୟପେୟ ଏବଂ ଆଚାର-ବ୍ୟବହାର, ଏକ ସମଗ୍ର ସଭ୍ୟତାର ଜୀବନଶୈଳୀକୁ ଆମ ସମ୍ମୁଖରେ ଉପସ୍ଥାପିତ କରେ ।

### ୨. ନୈତିକତାର ବାର୍ତ୍ତାବହ:

ଲୋକକାହାଣୀର ସର୍ବଶ୍ରେଷ୍ଠ ଅବଦାନ ହେଉଛି ଏହାର ନୈତିକ ଆବେଦନ । ଏହାର ଅନ୍ତଃସ୍ୱର ସର୍ବଦା ମାନବିକ ମୂଲ୍ୟବୋଧର ଜୟଗାନ କରେ । ପ୍ରତ୍ୟେକ କାହାଣୀର ଅନ୍ତରାଳରେ ଏକ ଶାଶ୍ୱତ ସଂଗ୍ରାମ ଜାରି ରହିଥାଏ - ସତ୍ ଏବଂ ଅସତ୍ ମଧ୍ୟରେ, ଧର୍ମ ଏବଂ ଅଧର୍ମ ମଧ୍ୟରେ, ଜ୍ଞାନ ଏବଂ ଅଜ୍ଞାନ ମଧ୍ୟରେ ।

ଏହି କାହାଣୀଗୁଡ଼ିକ ସରଳ ଭାଷାରେ ମଣିଷକୁ ଶିକ୍ଷା ଦିଏ ଯେ ସାଧୁତା, ଦୟା, କ୍ଷମା, ସାହସ ଏବଂ ପରୋପକାରର ପଥ ହିଁ ଶ୍ରେଷ୍ଠ । ଚରିତ୍ରମାନଙ୍କର କାର୍ଯ୍ୟକଳାପ ଏବଂ ସେମାନଙ୍କର ପରିଣତି (ଯଥା: ଲୋଭୀର ସର୍ବନାଶ, ଧାର୍ମିକର ପୁରସ୍କାର) ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଆବଶ୍ୟକୀୟ ନୈତିକତାକୁ ସାଧାରଣ ଜନମାନସରେ ପ୍ରତିଷ୍ଠିତ କରେ । 'ସତ୍ୟମେବ ଜୟତେ' ବା 'କର୍ମଫଳ ଅବଶ୍ୟମ୍ଭାବୀ' ଭଳି ଦାର୍ଶନିକ ତତ୍ତ୍ୱଗୁଡ଼ିକ ଏହି କାହାଣୀ ମାଧ୍ୟମରେ ହିଁ ଲୋକମାନସରେ ଦୃଢ଼ୀଭୂତ ହୁଏ ।

### ୩. ସାଂସ୍କୃତିକ ଚେତନାର ମୂଳାଧାର:

ଲୋକକାହାଣୀ ହେଉଛି ସଂସ୍କୃତିର ମୂଳସ୍ରୋତ । ଯେବେ ଶିଷ୍ଟ ସାହିତ୍ୟ କିମ୍ବା ଲିଖିତ ଇତିହାସର ସୃଷ୍ଟି ହୋଇ ନଥିଲା, ସେତେବେଳେ ଏହି କାହାଣୀଗୁଡ଼ିକ ହିଁ ଏକ ଜାତିର ଐତିହ୍ୟ । ପରମ୍ପରା ଓ ପରିଚିତକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖୁଥିଲା ଏହା ସଂସ୍କୃତିର ବାହକ । ଲୋକ ଦେବତା, ସ୍ଥାନୀୟ ବୀରଗାଥା, ପ୍ରାକୃତିକ ଘଟଣାବଳୀର କାଳ୍ପନିକ ବ୍ୟାଖ୍ୟା (ଯଥା: ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟପରାଗର କାରଣ) ଇତ୍ୟାଦି ଏକ ଜନଗୋଷ୍ଠୀର ବିଶ୍ୱ ଦୃଷ୍ଟିକୁ ଦର୍ଶାଏ । ଏହି କାହାଣୀଗୁଡ଼ିକ ନ ଥିଲେ, ଆମ ସଂସ୍କୃତିର ଚେର ହୁଏତ ବହୁ ପୂର୍ବରୁ ଶୁଷ୍କ ହୋଇଯାଇଥା'ନ୍ତା ।

### ୪. କଳ୍ପନା ଓ ଅଲୌକିକତାର ସ୍ପର୍ଶ:

ଲୋକକାହାଣୀର ଅନ୍ୟ ଏକ ପ୍ରମୁଖ କାର୍ଯ୍ୟ କଳ୍ପନାର ବିସ୍ତାର । ବାସ୍ତବ ଜୀବନର କଠୋରତା ଏବଂ ସୀମିତତା ମଧ୍ୟରେ ମଣିଷର ମନ ସର୍ବଦା ଏକ ଅଲୌକିକ ଏବଂ ବିସ୍ମୟକର ଜଗତର ସନ୍ଧାନ କରେ । ଲୋକକାହାଣୀ ସେହି ମାନସିକ ଆବଶ୍ୟକତାକୁ ପୂରଣ କରେ ।

ପରୀ, ରାକ୍ଷସ, ଯାଦୁକରୀ ଶକ୍ତି, ଉଡ଼ନ୍ତା ଘୋଡ଼ା, କଥାକୁହା ପଶୁପକ୍ଷୀ- ଏହି ସମସ୍ତ ଉପାଦାନଗୁଡ଼ିକ କେବଳ ଶିଶୁର ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ମାନବ ମନର ଇଚ୍ଛା (ଯଥା: ଅସମ୍ଭବକୁ ସମ୍ଭବ କରିବା, ପ୍ରତିକୂଳ ପରିସ୍ଥିତିକୁ ଯାଦୁବଳରେ ବଦଳାଇ ଦେବା) ଏବଂ ପ୍ରକୃତିର ରହସ୍ୟମୟ ଶକ୍ତିକୁ ବ୍ୟାଖ୍ୟା କରିବାର ଏକ ସରଳ ପ୍ରୟାସ । ଏହା ବାସ୍ତବତାରୁ ପଳାୟନ ନୁହେଁ, ବରଂ ବାସ୍ତବତାକୁ ଅତିକ୍ରମ କରିବାର ଏକ କଳାତ୍ମକ ମାର୍ଗ । ପ୍ରମୁଖ ଗବେଷକ ସିଗମଣ୍ଡ୍ ଫ୍ରଏଡ୍‌ଙ୍କ ମତରେ- "ଲୋକକାହାଣୀଗୁଡ଼ିକ ବ୍ୟକ୍ତିର ଅବଚେତନ ମନର ଅଭିବ୍ୟକ୍ତି ଏବଂ ମାନବୀୟ ଜୀବନର ମୌଳିକ ଆବେଗ, ଇଚ୍ଛା ଓ ସଂଘର୍ଷକୁ ପ୍ରକାଶ କରେ ।"[୫]

### ୫. ଶିଷ୍ଟ ସାହିତ୍ୟର ଆଧାରଶିଳା:

ଲୋକକାହାଣୀର ଗଭୀର ଅଧ୍ୟୟନ ଏହା ସ୍ପଷ୍ଟ କରେ ଯେ ଏହା ହିଁ ପରବର୍ତ୍ତୀ କାଳର ସମସ୍ତ ମହାନ୍ ସାହିତ୍ୟକୃତିର ଆଧାରଶିଳା । ବ୍ୟାସଦେବଙ୍କ 'ମହାଭାରତ' ହେଉ ବା ବାଲ୍ମୀକିଙ୍କ

'ରାମାୟଣ' ଏହି ମହାକାବ୍ୟଗୁଡ଼ିକର ମୂଳ ଉତ୍ସ ହେଉଛି ସେହି କାଳରେ ପ୍ରଚଳିତ ଲୋକଗାଥା ଓ ଲୋକକଥା । ସେହିପରି ଆଧୁନିକ ଯୁଗରେ ଉପନ୍ୟାସ ବା ଗଳ୍ପରେ ମଧ୍ୟ ଲୋକକାହାଣୀର 'ମୋଟିଫ୍' ବା କଥାବସ୍ତୁର ଛାପ ବାରମ୍ବାର ଦେଖିବାକୁ ମିଳେ ।

ବଂଶୀଧର ମହାନ୍ତିଙ୍କ ମତରେ- "ଲୋକକାହାଣୀରେ ଅଲୌକିକ ତଥା ଯାଦୁକରୀ ଉପାଦାନର ବ୍ୟବହାର ବାସ୍ତବ ଜୀବନର କଠୋରତାକୁ ଅତିକ୍ରମ କରିବାର ଏକ ମାନସିକ ଆବଶ୍ୟକତା । ଏହି ଉପାଦାନଗୁଡ଼ିକ ମାଧ୍ୟମରେ କାହାଣୀ ଶ୍ରୋତାକୁ ଏକ ନୂତନ, ବିସ୍ମୟଭରା ଜଗତକୁ ନେଇଯାଏ ଏବଂ ଜୀବନ ପ୍ରତି ଏକ ଆଶାବାଦୀ ଦୃଷ୍ଟିଭଙ୍ଗୀ ସୃଷ୍ଟି କରେ ।"(୬)

ଲୋକକାହାଣୀ ଅଧ୍ୟୟନ କଲେ ଏହା ଜଣାପଡ଼େ- ଏହା କୌଣସି ଏକ ସ୍ରଷ୍ଟାର କୃତି ନୁହେଁ । ଏହା ସମଗ୍ର ଲୋକସମାଜର ମିଳିତ ସ୍ୱର । ଏହା ଓଡ଼ିଆ ସଂସ୍କୃତି ଓ ଜନଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଏହା ସାହିତ୍ୟିକ ବିଭାଗ ନୁହେଁ ବରଂ ଏହା ଲୋକଙ୍କର ବିଶ୍ୱାସ, ନୈତିକତା ଏବଂ ମୂଲ୍ୟବୋଧକୁ ପରପିଢ଼ିକୁ ସଂଚାର କରିବାର ଏକ ଶକ୍ତିଶାଳୀ ମାଧ୍ୟମ ।

## (ଗ) ଲୋକନାଟକ:

'ନଟ୍', 'ନାଟ୍ୟ' ଓ ନାଟକ ଶବ୍ଦଗୁଡ଼ିକ 'ନଟ୍' ଧାତୁରୁ ଆସିଅଛି । ଯାହାର ପ୍ରକୃତ ଅର୍ଥ ହେଉଛି ହଲ୍‌ଚଲ୍ ହେବା ବା ଅଙ୍ଗଚାଳନା କରିବା । ନାଟକର ଇଂରାଜୀ ପରିଭାଷା ହେଉଛି 'Drama' । ସାଧାରଣ ଜନମାନସର ହୃଦୟରୁ ଝରି ଆସୁଥିବା ଭାବନାରାଜିର ନାଟ୍ୟରୂପ ହେଉଛି ଲୋକନାଟକ । ଏହା ଲୋକ ହୃଦୟରୁ ଜାତ ହୋଇ ଲୋକ ହୃଦୟରେ ପରିବ୍ୟାପ୍ତ । ଲୋକନାଟକ ହେଉଛି ଏକ ସାର୍ବଜନୀନ କଳା । ଏହି ନାଟକ ବିଦଗ୍ଧ ନାଟ୍ୟକଳାର ପରୀକ୍ଷାଗାରରେ ପରୀକ୍ଷିତ ନ ହୋଇ ସାଧାରଣ ଜନଜୀବନର ଅନ୍ତର୍ନିହିତ ଭାବୋଚ୍ଛ୍ୱାସ ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇଥାଏ । ଗ୍ରାମୀଣ ପରିବେଶ ସରଳ ନିଷ୍କପଟ ଜୀବନର ଛନ୍ଦ, ଲୋକବିଶ୍ୱାସ, ମାନସିକ ପୂରଣ ପାଇଁ ଦେବଦେବୀଙ୍କ ପ୍ରତି ଭାବ, ପୂଜା, ପର୍ବପର୍ବାଣି ଆଦିର ଚିତ୍ର ଯେତେବେଳେ ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ଗ୍ରାମ୍ୟ ମଞ୍ଚରେ ରୂପାୟିତ ହୁଏ, ତାହାକୁ ଲୋକନାଟକ କୁହାଯାଏ । ଗ୍ରାମୀଣ ବ୍ୟକ୍ତିର ଆନନ୍ଦ ପାଇଁ ଲୋକ ନାଟକର ସୃଷ୍ଟି । ଯେପରି ପ୍ରତ୍ୟେକ ଭାଷାର ଦୁଇଟି ରୂପ ଯଥା- ମୌଖିକ ଓ ଲିଖିତ, ଠିକ୍ ସେହିପରି ପ୍ରତ୍ୟେକ ନାଟକର ମଧ୍ୟ ଦୁଇଟି ରୂପ- ଲୌକିକ ନାଟକ ଓ ସାହିତ୍ୟିକ ନାଟକ ।

ଡ. ରତ୍ନାକର ଚଇନିଙ୍କ ମତରେ- "ଭାରତୀୟ ପ୍ରାନ୍ତୀୟ ଭାଷାମାନଙ୍କରେ ସାହିତ୍ୟିକ ନାଟକ ସୃଷ୍ଟି ହେବା ପୂର୍ବରୁ ପ୍ରତ୍ୟେକ ପ୍ରାନ୍ତୀୟ ଭାଷାରେ ଲୋକନାଟ୍ୟ ପରମ୍ପରା ନିଶ୍ଚିତ ଭାବେ ରହିଛି । ଏହି ଲୋକନାଟକଗୁଡ଼ିକ ସବୁକ୍ଷେତ୍ରରେ ସାହିତ୍ୟିକ ନାଟକର ଜନନୀ ନ ହେଲେ ବି ଜ୍ୟେଷ୍ଠ ଭଗ୍ନୀ ହୋଇ ଆସିଛନ୍ତି ।"(୭)

ନାଟକ ପଞ୍ଚମ ବେଦ ରୂପେ ବ୍ରହ୍ମା ସୃଷ୍ଟି କରିଥିଲେ । ଋକ୍‌ବେଦରୁ ପାଠ୍ୟ, ସାମ୍‌ବେଦରୁ ଗୀତ, ଯଜୁର୍ବେଦରୁ ଅଭିନୟ ଓ ଅଥର୍ବବେଦରୁ ରସ ନେଇ ଏହି ପଞ୍ଚମ ବେଦର ସୃଷ୍ଟି ବୋଲି ଅନେକ ମତ ଦିଅନ୍ତି । 'ନାଟ୍ୟଶାସ୍ତ୍ର'ର ରଚୟିତା ଭରତମୁନିଙ୍କ ମତରେ ବ୍ରହ୍ମା ହେଉଛନ୍ତି ନାଟକର ସୃଷ୍ଟିକର୍ତ୍ତା । ଲୋକନାଟକକୁ ସାଧାରଣତଃ ଚାରିଗୋଟି ବିଭାଗରେ ବିଭକ୍ତ କରାଯାଏ । ଯଥା-

୧. ଅଭିନୟ ପ୍ରଧାନ (ରାମଲୀଳା, କୃଷ୍ଣଲୀଳା, ଗୋପଲୀଳା, ରାସଲୀଳା, ଭାରତଲୀଳା, ଦଣ୍ଡ, ସୁଆଙ୍ଗ ଇତ୍ୟାଦି)

୨. ନୃତ୍ୟ ପ୍ରଧାନ (ଛଉନାଚ, ଦଣ୍ଡନାଚ, ପାଟୁଆ ଯାତ୍ରା, ଗୋଟିପୁଅ ନାଚ, ଡାଲ୍‌ଖାଇ ନାଚ ଇତ୍ୟାଦି)

୩. ସଂଗୀତ ପ୍ରଧାନ (ପାଲା, ଦାସକାଠିଆ, ସଖୀ ନାଟ, କଣ୍ଢେଇନାଚ ଇତ୍ୟାଦି)

୪. ବାଦ୍ୟପ୍ରଧାନ (ଧୁଡୁକି ନାଟ, ଚଇତିଘୋଡ଼ା ନାଟ ଇତ୍ୟାଦି)

ଲୋକନାଟର ସ୍ୱରୂପ ଅନ୍ୟ ଆଧୁନିକ ନାଟକ ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ । ଏହାର ପ୍ରମୁଖ ବିଶିଷ୍ଟତା ରହିଛି ।

### ୧. ସରଳତା ଓ ସ୍ୱତଃସ୍ଫୂର୍ତ୍ତତା:

ଲୋକନାଟକର ଭାଷା, ସଂଳାପ ଏବଂ କାହାଣୀ ଅତ୍ୟନ୍ତ ସରଳ ଏବଂ ସାବଲୀଳ । ଏଥିରେ ଜଟିଳ ଦାର୍ଶନିକ ତତ୍ତ୍ୱ ବା କ୍ଲିଷ୍ଟ ଶବ୍ଦର ବ୍ୟବହାର ନ ଥାଏ । କଳାକାରମାନେ ଅନେକ ସମୟରେ ଲିଖିତ ସଂଳାପ ପରିବର୍ତ୍ତେ ଆଶୁ ସଂଳାପ କହିଥାନ୍ତି, ଯାହା ଏହାକୁ ଅଧିକ ଜୀବନ୍ତ କରେ ।

### ୨. ମୁକ୍ତ ମଞ୍ଚ:

ଲୋକନାଟକ ପାଇଁ କୌଣସି ବଡ଼ ପ୍ରେକ୍ଷାଳୟ, ମୂଲ୍ୟବାନ ସେଟ୍ ବା ଆଲୋକ ସଜ୍ଜାର ଆବଶ୍ୟକତା ନ ଥାଏ । ଏହା ଗାଁ ମୁଣ୍ଡ ଚଉତରା, ମନ୍ଦିର ବେଢ଼ା କିମ୍ବା ଖୋଲା ପଡ଼ିଆରେ ଅନୁଷ୍ଠିତ ହୁଏ । ଦର୍ଶକମାନେ ଚାରିପଟୁ ଘେରି ବସି ଏହାକୁ ଉପଭୋଗ କରନ୍ତି ।

### ୩. ଦର୍ଶକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ:

ଏହା ହେଉଛି ଲୋକନାଟକର ସବୁଠାରୁ ବଡ଼ ବିଶେଷତ୍ୱ । ଏଠାରେ କଳାକାର ଏବଂ ଦର୍ଶକଙ୍କ ମଧ୍ୟରେ କୌଣସି ଦୂରତା ନ ଥାଏ । କଳାକାରମାନେ ବେଳେବେଳେ ସିଧାସଳଖ ଦର୍ଶକଙ୍କୁ ପ୍ରଶ୍ନ ପଚାରନ୍ତି । ସେମାନଙ୍କ ମତାମତ ଲୋଡ଼ନ୍ତି ଏବଂ ଦର୍ଶକମାନେ ମଧ୍ୟ ତାଳି, ହୁଳହୁଳି କିମ୍ବା ମନ୍ତବ୍ୟ ଦେଇ ନାଟକର ଅଂଶ ପାଲଟି ଯାଆନ୍ତି ।

ଆରିଷ୍ଟୋଟଲ୍ କହିଥିଲେ- "ସାହିତ୍ୟର କୌଣସି ବିଭାଗରେ ନାଟକ ପରି ଜୀବନ୍ତ ଚରିତ୍ରଗଣ ଆଖି ଆଗରେ ଚଲାବୁଲା ବା କଥାବାର୍ତ୍ତା କରିପାରନ୍ତି ନାହିଁ ।"

### ୪. ଗୀତ, ବାଦ୍ୟ ଓ ନୃତ୍ୟର ସମନ୍ୱୟ:

ଲୋକନାଟକ କେବଳ ଅଭିନୟ ନୁହେଁ, ଏହା ଗୀତ, ବାଦ୍ୟ ଏବଂ ନୃତ୍ୟର ଏକ ସୁନ୍ଦର ମିଶ୍ରଣ । ସଂଳାପ ଅପେକ୍ଷା ସଂଗୀତ ମାଧ୍ୟମରେ କାହାଣୀକୁ ଆଗକୁ ନିଆଯାଏ । ପାରମ୍ପରିକ ବାଦ୍ୟଯନ୍ତ୍ର (ଯେପରିକି ଢୋଲ, ମହୁରୀ, ଗିନି, ମୃଦଙ୍ଗ) ଏହାର ମୁଖ୍ୟ ଆକର୍ଷଣ ।

### ୫. ପୌରାଣିକ ଓ ସାମାଜିକ କଥାବସ୍ତୁ:

ଅଧିକାଂଶ ଲୋକନାଟକ ରାମାୟଣ, ମହାଭାରତ, ପୁରାଣ ବା କିମ୍ବଦନ୍ତୀ ଉପରେ ଆଧାରିତ ହୋଇଥାଏ । ଏହା ସହିତ ସାମାଜିକ କୁପ୍ରଥା, ରାଜନୈତିକ ସମସ୍ୟା ବା ଦୈନନ୍ଦିନ ଜୀବନର ଘଟଣାକୁ ମଧ୍ୟ ଏହା ନିଜ କଳେବରରେ ସ୍ଥାନ ଦିଏ ।

### ୬. ବିଦୂଷକ ବା ହାସ୍ୟ ଅଭିନେତାର ଭୂମିକା:

ପ୍ରତ୍ୟେକ ଲୋକନାଟକରେ ଜଣେ ବିଦୂଷକ ବା ହାସ୍ୟ ଅଭିନେତାର ଏକ ପ୍ରମୁଖ ଭୂମିକା ଥାଏ । ସେ କେବଳ ହସାଏ ନାହିଁ । ବରଂ ହାସ୍ୟରସ ମାଧ୍ୟମରେ ସମାଜର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ କଠୋର ସମାଲୋଚନା ମଧ୍ୟ କରେ ।

ଲୋକନାଟକ କେବଳ ଏକ କଳା ନୁହେଁ, ଏହା ଆମ ସମାଜର ଆତ୍ମା ଓ ଆମ ସଂସ୍କୃତିର ଜୀବନ୍ତ ପ୍ରବାହ । ଏହା ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଏବଂ ଲୋକଙ୍କ ଭିତରେ ହିଁ ବଞ୍ଚିରହେ । ଯେତେଦିନ ପର୍ଯ୍ୟନ୍ତ ମଣିଷ ନିଜ ମାଟି, ନିଜ ପରମ୍ପରାକୁ ଭଲ ପାଉଥିବ ଏବଂ ଏକାଠି ବସି ହସିବାର ଓ କାନ୍ଦିବାର ଆବଶ୍ୟକତା ଅନୁଭବ କରୁଥିବ, ସେତେଦିନ ପର୍ଯ୍ୟନ୍ତ ଲୋକନାଟକର ମୃତ୍ୟୁ ନାହିଁ । ଆଧୁନିକତାର ଆକ୍ରମଣ ସତ୍ତ୍ୱେ ଏହି ଅମୂଲ୍ୟ ଐତିହ୍ୟକୁ ସଂରକ୍ଷିତ ଏବଂ ପ୍ରୋତ୍ସାହିତ କରିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ।

### ସାମାଜିକ ଆବେଦନ:

ଲୋକସାହିତ୍ୟର ସାମାଜିକ ଆବେଦନ ମୁଖ୍ୟତଃ ଏହାର ବାସ୍ତବଧର୍ମିତା ଏବଂ ସମାଜ ନିୟନ୍ତ୍ରଣକାରୀ ଭୂମିକା ମଧ୍ୟରେ ନିହିତ । ଏହା ପ୍ରଥମେ, ସାଧାରଣ ଜନଜୀବନର ସୁଖ-ଦୁଃଖ, ଆଶା-ଆକାଂକ୍ଷା ଏବଂ ନିତ୍ୟ ନୈମିତ୍ତିକ ସଂଘର୍ଷର ଏକ ନିଛକ ପ୍ରତିଛବି ବହନ କରେ । କୃଷକର 'ହଳିଆ ଗୀତ'ରେ ମୃତ୍ତିକାର ମହକ ଏବଂ ଶସ୍ୟ ଶ୍ୟାମଳା ଧରିତ୍ରୀ ପ୍ରତି କୃତଜ୍ଞତା ଥିବାବେଳେ, 'କାନ୍ଦଣା ଗୀତ'ରେ ପିତ୍ରାଳୟ ତ୍ୟାଗ କରୁଥିବା କନ୍ୟାର କାରୁଣ୍ୟ ଓ ନୂତନ ପରିବେଶକୁ ଆପଣେଇବାର ଆହ୍ୱାନ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ଏକ ମାର୍ମିକ ଦଲିଲ୍ ପାଲଟିଯାଏ । ଏହି ସାହିତ୍ୟ କେବଳ ସମାଜର ଚିତ୍ର ଦିଏ ନାହିଁ, ବରଂ ସମାଜକୁ ମାର୍ଗଦର୍ଶନ ମଧ୍ୟ ଦେଇଥାଏ ।

ଏହାର ନୈତିକ ଦିଗଟି ଅତ୍ୟନ୍ତ ସୁଦୃଢ଼ । ଲୋକକଥା ଏବଂ ବିଶେଷ କରି ପ୍ରବାଦ-ପ୍ରବଚନଗୁଡ଼ିକ ସମାଜ ପାଇଁ ଏକ ଅଲିଖିତ ସମ୍ବିଧାନ ସଦୃଶ କାର୍ଯ୍ୟ କରେ । 'ଧର୍ମର ଜୟ ପାପର କ୍ଷୟ' ଭଳି ସରଳ ଅଥଚ ଗଭୀର ଅର୍ଥବହନ କରୁଥିବା ବ୍ୟକ୍ତିଗୁଡ଼ିକ ପିଢ଼ି ପରେ ପିଢ଼ି ସାମାଜିକ ଆଚରଣକୁ ନିୟନ୍ତ୍ରିତ ଓ ମାର୍ଜିତ କରିଆସିଛି । ଏଗୁଡ଼ିକ ସତ୍ୟ, ଧର୍ମ, ପରୋପକାର ଓ କର୍ମଫଳ ଭଳି ଶାଶ୍ୱତ ମୂଲ୍ୟବୋଧକୁ ସାଧାରଣ ଲୋକର ଭାଷାରେ ପ୍ରତିଷ୍ଠିତ କରେ । ଏହା ବ୍ୟତୀତ ଲୋକସାହିତ୍ୟ ସାମାଜିକ ସମୀକ୍ଷା ଓ ସଂସ୍କାରର ଏକ ସୂକ୍ଷ୍ମ ଅସ୍ତ୍ର ଭାବେ ମଧ୍ୟ କାର୍ଯ୍ୟ କରିଛି । ପାଲା, ଦାସକାଠିଆ କିମ୍ବା ଦଣ୍ଡନାଟ ପରି ଲୋକନାଟକ ମାଧ୍ୟମରେ ତତ୍କାଳୀନ ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସ ଏବଂ ଶୋଷଣ ବିରୁଦ୍ଧରେ ବ୍ୟଙ୍ଗାତ୍ମକ ଶୈଳୀରେ ସ୍ୱର ଉତ୍ତୋଳନ କରାଯାଇଛି । ଏହା ସାମୂହିକ ଚେତନାକୁ ଜାଗ୍ରତ କରି ସମାଜ ସଂସ୍କାରର ପଥ ପ୍ରସ୍ତୁତ କରିଛି ।

### ସାଂସ୍କୃତିକ ଆବେଦନ:

ଯଦି ସମାଜ ହେଉଛି ଶରୀର, ତେବେ ସଂସ୍କୃତି ତାହାର ଆତ୍ମା । ଓଡ଼ିଆ ଲୋକସାହିତ୍ୟ ଏହି ସାଂସ୍କୃତିକ ଆତ୍ମାର ମୁଖ୍ୟ ବାହକ । ଉତ୍କଳୀୟ ସଂସ୍କୃତି ମୁଖ୍ୟତଃ ଧର୍ମଭିତ୍ତିକ ଏବଂ ଆମ ଲୋକସାହିତ୍ୟର ସର୍ବବୃହତ୍ ଅଂଶ ଏହି ଧାର୍ମିକ ବିଶ୍ୱାସ ଓ

ଆଧ୍ୟାତ୍ମିକ ଚେତନାକୁ କେନ୍ଦ୍ର କରି ଗଢ଼ି ଉଠିଛି । ଓଡ଼ିଶାର ବାରମାସୀ ତେର ପର୍ବ, ଓଷା-ବ୍ରତ ଏବଂ ଦେବଦେବୀଙ୍କ ମାହାତ୍ମ୍ୟ ଏହି ଲୋକସାହିତ୍ୟ ମାଧ୍ୟମରେ ହିଁ ଜୀବନ୍ତ । 'ମାଣବସା ଗୁରୁବାର'ର ଲକ୍ଷ୍ମୀପୁରାଣ କେବଳ ଏକ ଧାର୍ମିକ ଆଖ୍ୟାନ ନୁହେଁ, ଏହା ଅସ୍ପୃଶ୍ୟତା ବିରୋଧରେ ଏକ ସାମାଜିକ ବିପ୍ଳବ ଏବଂ ନାରୀ ସଶକ୍ତିକରଣର ଏକ ସାଂସ୍କୃତିକ ଘୋଷଣାପତ୍ର । ସେହିପରି 'ଖୁଦୁରୁକୁଣୀ ଓଷା' ବା 'ସୁଦଶା ବ୍ରତ'ର କଥାଗୁଡ଼ିକ କେବଳ ଧାର୍ମିକ ଭାବନାକୁ ସୁଦୃଢ଼ କରେ ନାହିଁ, ବରଂ ଓଡ଼ିଆ ସଂସ୍କୃତିର ମୂଳ ଉତ୍ସ ସହ ସାଧାରଣ ଜନତାକୁ ନିବିଡ଼ ଭାବେ ବାନ୍ଧି ରଖେ ।

ଏହି ସାହିତ୍ୟ ଆମ ଐତିହ୍ୟ ଓ ପରମ୍ପରାର ଜୀବନ୍ତ ସଂଗ୍ରହାଳୟ । ଲିଖିତ ଇତିହାସର ପୃଷ୍ଠାରେ ସ୍ଥାନ ପାଇ ନଥିବା ଅନେକ ସୂକ୍ଷ୍ମ ସାମାଜିକ ରୀତିନୀତି, ପାରମ୍ପରିକ ବେଶଭୂଷା, ଖାଦ୍ୟପେୟ ଏବଂ ଜୀବନଶୈଳୀ, ଏହି ଲୋକସାହିତ୍ୟର କାହାଣୀ ଓ ଗୀତ ମଧ୍ୟରେ ହିଁ ସୁରକ୍ଷିତ ରହି ପିଢ଼ି ପରେ ପିଢ଼ି ହସ୍ତାନ୍ତରିତ ହୋଇ ଆସିଛି । ଏହା ବ୍ୟତୀତ, ଲୋକ ସାହିତ୍ୟର କଳାତ୍ମକ ଅଭିବ୍ୟକ୍ତି ଓ ମନୋରଞ୍ଜନର ମୂଲ୍ୟ ମଧ୍ୟ ଅନନ୍ୟ । କଠିନ କୃଷିକର୍ମର କ୍ଳାନ୍ତି ମେଣ୍ଟାଇବା ପାଇଁ ହେଉ କିମ୍ବା 'ଦୋଳିଗୀତ' ଓ 'ପୁଚିଖେଳ ଗୀତ'ରେ ଗ୍ରାମୀଣ ନାରୀର ଆମୋଦ-ପ୍ରମୋଦ ହେଉ, ଏହାର ସରଳ ଶବ୍ଦ ସଂଯୋଜନା, ସ୍ୱତଃସ୍ଫୂର୍ତ୍ତ ଛନ୍ଦ ଏବଂ ଆବେଗପୂର୍ଣ୍ଣ ସ୍ୱର ଏକ ନିଆରା କଳାତ୍ମକ ସୌନ୍ଦର୍ଯ୍ୟ ସୃଷ୍ଟି କରେ । ସର୍ବୋପରି, ଲୋକ ସାହିତ୍ୟ ହିଁ ଓଡ଼ିଆ ଭାଷାର ମୂଳଦୁଆକୁ ସୁରକ୍ଷିତ ରଖିଛି । ଶିଷ୍ଟ ସାହିତ୍ୟ ସୃଷ୍ଟିର ବହୁ ପୂର୍ବରୁ, ଅନେକ ମୌଳିକ ଦେଶଜ ଓଡ଼ିଆ ଶବ୍ଦ ଏହି ଲୋକମୁଖରେ ହିଁ ବଞ୍ଚି ରହିଥିଲା, ଯାହା ପରବର୍ତ୍ତୀ ସମୟରେ ଶିଷ୍ଟ ସାହିତ୍ୟକୁ ସମୃଦ୍ଧ କରିଛି ।

## ଓଡ଼ିଆ ଲୋକସାହିତ୍ୟର ଭବିଷ୍ୟତ:

ଲୋକସାହିତ୍ୟର ଭବିଷ୍ୟତ ପଥରେ ପ୍ରଥମ ଏବଂ ପ୍ରଧାନ ପ୍ରତିବନ୍ଧକ ହେଉଛି ଏହାର ମୂଳ ପରିବେଶର ଅବକ୍ଷୟ । ଲୋକ ସାହିତ୍ୟର ଭିତ୍ତିଭୂମି ହେଉଛି ଗ୍ରାମୀଣ ସାମୂହିକ ଜୀବନ, କିନ୍ତୁ ଆଧୁନିକତାର ପ୍ରଭାବରେ ଏହି ସାମୂହିକ ଜୀବନ ଆଜି ଆତ୍ମକୈନ୍ଦ୍ରିକ ନଗରୀୟ ଜୀବନରେ ପରିବର୍ତ୍ତିତ ହେବାରେ ଲାଗିଛି । ଯେଉଁ 'ସନ୍ଧ୍ୟାର ଆସର', 'ଗାଁ ଚଉପାଢ଼ୀ' କିମ୍ବା 'ଅଜା ଆଈଙ୍କ କାହାଣୀ'ର ପରିବେଶ ଲୋକସାହିତ୍ୟକୁ ବଞ୍ଚାଇ ରଖିଥିଲା, ତାହା ଆଜି ଦୁର୍ବଳ । ଏହି ଶୂନ୍ୟସ୍ଥାନକୁ ଡିଜିଟାଲ୍ ମିଡ଼ିଆ ଏବଂ ସ୍ମାର୍ଟଫୋନ୍ ଦ୍ରୁତ ଗତିରେ ପୂରଣ କରୁଛି । ମନୋରଞ୍ଜନର ମାଧ୍ୟମ ବଦଳି ଯାଇଛି । ପାଲା, ଦାସକାଠିଆ, ଦଣ୍ଡନାଟ ବା ଲୋକକଥା ଶୁଣିବା ପାଇଁ ଆବଶ୍ୟକ ଧୈର୍ଯ୍ୟ ଏବଂ ଅବକାଶ ଆଜିର ଦ୍ରୁତଗାମୀ ପିଢ଼ି ପାଖରେ ନାହିଁ । ଫଳସ୍ୱରୂପ ପିଢ଼ିଗତ ବ୍ୟବଧାନ ଏକ ବଡ଼ ଆହ୍ୱାନ ପାଲଟିଛି । ନୂତନ ପିଢ଼ିର ଯୁବକ ଯୁବତୀମାନେ ଏହି ପାରମ୍ପରିକ କଳାକୁ 'ପୁରାତନ' ବା 'ଗ୍ରାମୀଣ' ମନେ କରି ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି । ଏପରିକି, ପାରମ୍ପରିକ ଲୋକକଳାକାରମାନଙ୍କର ପରବର୍ତ୍ତୀ ପିଢ଼ି ମଧ୍ୟ ନିଜ କୌଳିକ ବୃତ୍ତିକୁ ଛାଡ଼ି ଅନ୍ୟ ଜୀବିକା ଆପଣେଇବାକୁ ବାଧ୍ୟ ହେଉଛନ୍ତି । ଏହା ବ୍ୟତୀତ ଲୋକସାହିତ୍ୟର ବ୍ୟବସାୟୀକରଣ ଏବଂ ବିକୃତିକରଣ ମଧ୍ୟ ଏକ ଗମ୍ଭୀର ସମସ୍ୟା । ଲୋକଗୀତଗୁଡ଼ିକର ମୂଳ ଆତ୍ମାକୁ ନଷ୍ଟ କରି 'ରିମିକ୍ସ୍' ମାଧ୍ୟମରେ ଯେଉଁ ଉପସ୍ଥାପନା କରାଯାଉଛି, ତାହା ଏହାର ସରଳତା ଓ ମାର୍ମିକତାକୁ କ୍ଷୁଣ୍ଣ କରୁଛି ।

## ନୂତନ ସମ୍ଭାବନା:

ଏହି ସମସ୍ତ ଆହ୍ୱାନ ସତ୍ତ୍ୱେ, ଓଡ଼ିଆ ଲୋକସାହିତ୍ୟର ଭବିଷ୍ୟତ ସଂପୂର୍ଣ୍ଣ ଅନ୍ଧକାରମୟ ନୁହେଁ । ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା ଏକ ଆହ୍ୱାନ ସୃଷ୍ଟି କରିଛି, ତାହା ହିଁ ଆଜି ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସର୍ବଅବୃହତ୍ ସମ୍ଭାବନା ପାଲଟିଛି । ଆଜି ୟୁଟ୍ୟୁବ୍ (Youtube), ସ୍ପଟିଫାଏ (Spotify) ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମ ମାଧ୍ୟମରେ ଦୁର୍ମୂଲ୍ୟ ଲୋକଗୀତ, ପାଲା, ଦାସକାଠିଆ ଏବଂ ଲୋକକଥାଗୁଡ଼ିକୁ ସହଜରେ ସଂରକ୍ଷଣ କରାଯାଇ ପାରୁଛି ଏବଂ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇ ଦିଆଯାଇ ପାରୁଛି । ଏହା ଲୋକସାହିତ୍ୟକୁ ଏକ ନୂତନ 'ଡ଼ିଜିଟାଲ୍ ଜୀବନ' ପ୍ରଦାନ କରୁଛି ।

ଏଥିସହିତ ଶିକ୍ଷାଗତ ସ୍ତରରେ ମଧ୍ୟ ଏକ ନୂତନ ଜାଗରଣ ସୃଷ୍ଟି ହୋଇଛି । ବିଭିନ୍ନ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ, ସଂସ୍କୃତି ଗବେଷକ ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନେ ଏବେ ଲୋକସାହିତ୍ୟର ମୌଖିକ ପରମ୍ପରାକୁ ଲିପିବଦ୍ଧ କରିବା ଏବଂ ରେକର୍ଡ଼ କରିବା ପାଇଁ ଅଧିକ ଆଗ୍ରହୀ । ଏହା ଏକ ସ୍ଥାୟୀ ଲାଇବ୍ରେରୀ ସୃଷ୍ଟି କରୁଛି, ଯାହା ଭବିଷ୍ୟତ ପିଢ଼ି ପାଇଁ ଏକ ମୂଲ୍ୟବାନ ସମ୍ପଦ ହୋଇ ରହିବ ।

ଲୋକସାହିତ୍ୟର ଭବିଷ୍ୟତ ତା'ର ମୂଳ ରୂପରେ ବଞ୍ଚି ରହିବା ଯେତିକି କଷ୍ଟକର ତା'ର 'ରୂପାନ୍ତରିତ' ହୋଇ ବଞ୍ଚିରହିବା

ସେତିକି ସହଜ । ଆଧୁନିକ ସାହିତ୍ୟ, ସଙ୍ଗୀତ ଓ ସିନେମାରେ ଲୋକ ଉପାଦାନର ସମନ୍ୱୟ ଏକ ଶୁଭ ସଙ୍କେତ । 'ରଙ୍ଗବତୀ' ଗୀତର ଅନ୍ତର୍ଜାତୀୟ ପୁନରୁତ୍ଥାନ ଏହାର ଶ୍ରେଷ୍ଠ ଉଦାହରଣ । ଆଧୁନିକ ସଙ୍ଗୀତରେ ଲୋକବାଦ୍ୟ ଓ ଲୋକସ୍ୱରର ପ୍ରୟୋଗ ଆଧୁନିକ ଗଳ୍ପ ଉପନ୍ୟାସରେ ଲୋକକଥାର ଚରିତ୍ର ଓ ଶୈଳୀର ବ୍ୟବହାର ଏହାକୁ ନୂତନ ପିଢ଼ି ନିକଟରେ ଅଧିକ ଗ୍ରହଣୀୟ କରାଉଛି ।

## ଉପସଂହାର:

ଓଡ଼ିଶା ଲୋକସାହିତ୍ୟ ଏବଂ ଏହାର ବିବିଧ ବିଭାଗଗୁଡ଼ିକର ଅନୁଶୀଳନ ପରେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଏହା କେବଳ ଏକ ସାହିତ୍ୟିକ ଧାରା ନୁହେଁ, ବରଂ ଏହା ଏକ ଓଡ଼ିଆ ଜାତିର ଆତ୍ମା, ତା'ର ସାଂସ୍କୃତିକ ପରିଚୟ ଏବଂ ତା'ର ସାମୂହିକ ଚେତନାର ଜୀବନ୍ତ ଦଲିଲ୍ । ଏହା ହେଉଛି ସେହି ଅଲିଖିତ ସମ୍ବିଧାନ, ଯାହା ପିଢ଼ି ପରେ ପିଢ଼ି ଓଡ଼ିଆ ସମାଜକୁ ନୈତିକତା, ମୂଲ୍ୟବୋଧ ଏବଂ ଜୀବନ ଦର୍ଶନର ଶିକ୍ଷା ଦେଇ ଆସିଛି । ଓଡ଼ିଶାର ମାଟି, ପାଣି, ପବନ ସହ ଓତପ୍ରୋତ ଭାବେ ଜଡ଼ିତ । ଲୋକଗୀତର ସ୍ୱରରେ ଆମେ କୃଷକର ଝାଳ, ଗ୍ରାମୀଣ ନାରୀର ମନର ବେଦନା ଏବଂ ପର୍ବପର୍ବାଣିର ଆନନ୍ଦନକୁ ଅନୁଭବ କରିପାରିଛେ । ସେହିପରି ପ୍ରବାଦ-ପ୍ରବଚନ ଓ ଢଗଢମାଳିଗୁଡ଼ିକ ହେଉଛି ଆମ ପୂର୍ବପୁରୁଷଙ୍କ ଜୀବନବ୍ୟାପୀ ଅନୁଭୂତିର ସଂକ୍ଷିପ୍ତ ସାର । ଏହା କମ୍ ଶବ୍ଦରେ ଗଭୀର ଜ୍ଞାନ ପ୍ରଦାନ କରି ସମାଜକୁ ସଠିକ୍ ମାର୍ଗଦର୍ଶନ କରାଇଥାଏ । ଓଡ଼ିଆ ଲୋକନାଟକ କେବଳ ଅତୀତର ଗୌରବଗାଥା ନୁହେଁ, ଏହା ଆମ ବର୍ତ୍ତମାନର ପରିଚୟ ଏବଂ ଭବିଷ୍ୟତ ପାଇଁ ପ୍ରେରଣାର ଉତ୍ସ । ଯେ ପର୍ଯ୍ୟନ୍ତ ଗାଁ ମାଟିରେ ଦଣ୍ଡନାଟର ଧ୍ୱନି, ମା' ମୁହଁରେ ଲୋକକଥା ଏବଂ କୃଷକର କଣ୍ଠରେ ଲୋକଗୀତ ବଞ୍ଚି ରହିବ, ସେ ପର୍ଯ୍ୟନ୍ତ ଓଡ଼ିଆ ଜାତିର ମୌଳିକ ସତ୍ତା ଏବଂ ସାଂସ୍କୃତିକ ଗୌରବ ଅକ୍ଷୁଣ୍ଣ ରହିବ ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ- ଓଡ଼ିଆ ଲୋକସାହିତ୍ୟର ଭବିଷ୍ୟତ ଏକ 'ସ୍ଥାଣୁ ସଂଗ୍ରହାଳୟ' ମଧ୍ୟରେ ଆବଦ୍ଧ ରହିବ ନାହିଁ । ଏହା ଏକ ପ୍ରବହମାନ ନଦୀ ସଦୃଶ, ଯାହା ସମୟ ସହିତ ନିଜର ଗତିପଥ ବଦଳାଇପାରେ, କିନ୍ତୁ ଏହାର ମୂଳ ସ୍ରୋତ କଦାପି ଶୁଷ୍କ ହେବ ନାହିଁ, ଏହାର ସ୍ୱରୂପ ବଦଳିବ ; 'ପାଲା' ହୁଏତ ଗାଁ ଚଉପାଢ଼ୀରୁ ଉଠି ଆସି ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସ୍ଥାନ ପାଇବ, 'କୈବର୍ତ୍ତ ଗୀତ' ହୁଏତ ଅନେକ ମ୍ୟୁଜିକ୍ ପ୍ଲାଟଫର୍ମରେ ସ୍ଥାନ ପାଇବ ଏବଂ 'ଅଜା ଆଈଙ୍କ କାହାଣୀ' ପଡ଼କାଷ୍ଟ୍ (PODCAST) ବା ଅନିମେସନ୍ (Animation) ରୂପ ନେବ, ଏହି ରୂପାନ୍ତର ହିଁ ଓଡ଼ିଆ ଲୋକସାହିତ୍ୟର ଭବିଷ୍ୟତ । ଯେ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ଜାତି ଜୀବନ୍ତ, ସେ ପର୍ଯ୍ୟନ୍ତ ତା'ର ମାଟିର ମହକ ବହନ କରୁଥିବା ଏହି ଲୋକସାହିତ୍ୟର ଆତ୍ମା ଅମ୍ଳାନ ରହିଥିବ ।

## ସହାୟକ ଗ୍ରନ୍ଥସୂଚୀ :


୧. ଦାଶ, ଡ. କୁଞ୍ଜବିହାରୀ, 'ଓଡ଼ିଆ ଲୋକଗୀତ ଓ କାହାଣୀ', ନବଭାରତ ପ୍ରେସ୍, କଟକ, ପ୍ରଥମ ମୁଦ୍ରଣ (୧୯୫୮), ପୃ.୬

୨. ଦାଶ, ଡ. ଗୌରାଙ୍ଗ ଚରଣ, 'ଲୋକନାଟ୍ୟ ପରମ୍ପରା ଓ କଣ୍ଢେଇନାଚ', ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ପ୍ରଥମ ପ୍ରକାଶ (୧୯୯୩), ପୃ. ୭

୩. ମହାପାତ୍ର, ଶ୍ରୀ ଚକ୍ରଧର, 'ଓଡ଼ିଆ ଗ୍ରାମ୍ୟଗୀତି', ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ମୁଦ୍ରଣ (୧୯୫୮), ପୃ. ୨-୩

୪. ପଟ୍ଟନାୟକ, ପଠାଣି, 'ଓଡ଼ିଆ ସାହିତ୍ୟର ଇତିହାସ', ନାଳନ୍ଦା ପ୍ରକାଶନ, କଟକ-୨, ପ୍ରଥମ ମୁଦ୍ରଣ (୧୯୭୮), ପୃ.୯୪

୫. ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର, 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ', ଗ୍ରନ୍ଥମନ୍ଦିର, କଟକ, ଦ୍ୱିତୀୟ ମୁଦ୍ରଣ (୧୯୭୭), ପୃ. ୫୮

୬. ମହାନ୍ତି, ଡ. ବଂଶୀଧର, 'ଓଡ଼ିଆ ସାହିତ୍ୟର ଇତିହାସ', ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ପ୍ରଥମ ମୁଦ୍ରଣ (୧୯୭୦), ପୃ.୭୮

୭. ଚଇନି, ଡ. ରତ୍ନାକର, 'ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ', ବୁକ୍‌ସ ଏଣ୍ଡ୍ ବୁକ୍‌ସ, କଟକ, ପ୍ରଥମ ମୁଦ୍ରଣ (୧୯୯୪), ପୃ. ୧୯୩

୮. ମହାରଣା, ଡ. ସୁରେନ୍ଦ୍ର କୁମାର, 'ଓଡ଼ିଆ ସାହିତ୍ୟର ଇତିହାସ', ଏ.କେ. ମିଶ୍ର ପବ୍ଲିଶର୍ସ, କଟକ, ନବମ ସଂସ୍କରଣ, ୨୦୨୩, ପୃ. ୩୬।


❖ ❖ ❖

DOI : https://doi.org/10.5281/zenodo.18529232 ମୂଳ ପ୍ରବନ୍ଧ

# କେଉଁଝରର ଭୂୟାଁ ବିଦ୍ରୋହର ଇତିବୃତ୍ତ : ଉପନ୍ୟାସ ‘ମହାରାଣୀ ପୁତ୍ର’

**ଆଲୋକ ମହାରଣା**

**ସଂକ୍ଷିପ୍ତସାର :**

ଇତିହାସ ରଚନା ହେଉଛି ଏକ କଳାତ୍ମକ ଅଭିବ୍ୟକ୍ତି। ଇତିହାସ ନିର୍ବିକ ବାସ୍ତବ ଘଟଣାବଳୀକୁ ସଂପ୍ରତି ପ୍ରେକ୍ଷାପଟରେ ଅତୀତକୁ ରୋମନ୍ଥନ କରି ଗତ ମୃତ ହୃତ ଗୌରବକୁ ପୁନର୍ଜୀବିତ କରିପାରୁଥିବା ଏକ ଭବ୍ୟ ସୃଜନତା। ଅତଳ ଗର୍ଭରେ ଲୀନ କଙ୍କାଳର ବୀର ଅବୀର ଗାଥା। ସମାଜ, ସଂସ୍କୃତି, ଚର୍ଯ୍ୟା, ଜୀବନଶୈଳୀ ପ୍ରଭୃତିର ନିର୍ଯାସ ବ୍ୟାଖ୍ୟା। ଉପନ୍ୟାସ ସେହି ଇତିହାସକୁ ଏକ ବୈଜ୍ଞାନିକ ପଦ୍ଧତିରେ ଆବିଷ୍କାର କରି ବିଭିନ୍ନ ଚରିତ୍ର, ଘଟଣା ଓ ବର୍ଣ୍ଣନା ପୁଟରେ ହୁଏ ଋଦ୍ଧିମନ୍ତ। ଇତିହାସରର ସତ୍ୟତା ଓ ଲେଖକଙ୍କ କଳ୍ପନାର ଅଦ୍ଭୁତ ସଂଯୋଗରେ ରସାଶ୍ରୟୀ। ଔପନ୍ୟାସିକା ପ୍ରତିଭା ରାୟଙ୍କ ମହାରାଣୀ ପୁତ୍ର ଏହି ଧରଣର ଏକ ନୃତାତ୍ତ୍ୱିକ ଐତିହାସିକ ଉପନ୍ୟାସ। ଏହି ପ୍ରବନ୍ଧଟି ଉପନ୍ୟାସରେ ବର୍ଣ୍ଣିତ କେଉଁଝର ଭୂୟାଁ ବିଦ୍ରୋହର ଇତିବୃତ୍ତ ଏବଂ ଫକୀରମୋହନ ସେନାପତିଙ୍କ ଅବଦାନର ଐତିହାସିକ ସତ୍ୟତାକୁ ପ୍ରମାଣିତ ରୂପ ଦେବାକୁ ପ୍ରୟାସ କରିଛି। ତଦନୁରୂପ ଶ୍ରୀମତୀ ରାୟଙ୍କ ଐତିହାସିକ ଦୃଷ୍ଟିକୋଣ ଓ କଳାତ୍ମକ ବର୍ଣ୍ଣନାକୁ ସମୀକ୍ଷା କରିବା ଏହାର ଉଦ୍ଦେଶ୍ୟ।

**ପ୍ରମୁଖ ଶବ୍ଦାବଳୀ:**

ଇତିହାସ, ଉପନ୍ୟାସ, ଭୂବନ୍ଦୋବସ୍ତ, ଭୂୟାଁ ବିଦ୍ରୋହ, ରତ୍ନାମେଳି, ଧରଣୀଧର, ଫକୀରମୋହନ।

ଇତିହାସ ଓ ସାହିତ୍ୟ ପରସ୍ପର ଜଡ଼ିତ। ଆପଣା ଇତିହାସକୁ ପ୍ରତ୍ୟେକ ଜାତି ସର୍ବୋପରେ ରଖନ୍ତି, କିଂବଦନ୍ତୀର ଔପନ୍ୟାସିକା ପ୍ରତିଭା ରାୟ ତନ୍ମଧ୍ୟରୁ ଜଣେ। ପୁରାଣ, ଇତିହାସ, କିଂବଦନ୍ତୀର ଘଟଣାବଳୀ, ଚରିତ୍ର ସମୂହକୁ ଉପନ୍ୟାସରେ ପୁନଃ ପ୍ରାଣ ସଞ୍ଚାରିତ କରାନ୍ତି। ଉତ୍କଳର ବିବିଧ ଘଟଣାକୁ ବର୍ତ୍ତମାନକୁ ଟାଣି ଆଣନ୍ତି। ଉତ୍କଳ ଇତିହାସକୁ ଶୀର୍ଷରେ ରଖି ବିଶ୍ୱମୁଖୀ କରିବାକୁ ପ୍ରୟାସ କରିଛନ୍ତି। ତନ୍ମଧ୍ୟରେ ଶିଳାପଦ୍ମ(୧୯୮୩), ଯାଜ୍ଞସେନୀ(୧୯୮୪), ଉତ୍ତର ମାର୍ଗ (୧୯୮୮), ମହାରାଣୀ ପୁତ୍ର (୨୦୦୮), ଦୟାନଦୀରୁ ନିରଞ୍ଜନ (୨୦୨୫) ଉପନ୍ୟାସ ସମୂହ ଅନ୍ୟତମ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18529232

Article No - BPP00380

‘ମହାରାଣୀ ପୁତ୍ର’ ଉପନ୍ୟାସ ନମସ୍ୟ ଫକୀରମୋହନ ଓ ବରେଣ୍ୟ ଧରଣୀଧରଙ୍କ ମାର୍ମିକ ଇତିବୃତ୍ତ।୧୮୯୧ ମସିହା ଭୂୟାଁ ବିଦ୍ରୋହର ଗାଥା। ସେହି ଜୀବାଶ୍ମରୁ ତଥ୍ୟ ସଂଗ୍ରହ କରି ରଚନା

**ଯୋଗାଯୋଗ :**
**ଆଲୋକ ମହାରଣା**, ଗବେଷକ,
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ
**Email**: alokmaharanabput@gmail.com
**ORCID ID:** https://orcid.org/0009-0000-7047-6723

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାରଣା, ଆଲୋକ, ୨୦୨୬। କେଉଁଝର ଭୂୟାଁ ବିଦ୍ରୋହର ଇତିବୃତ୍ତ : ଉପନ୍ୟାସ ‘ମହାରାଣୀ ପୁତ୍ର’। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ୫, ପୃଷ୍ଠା : ୫୮-୬୬।

ବେଳେ ଉପନ୍ୟାସର ମୁଖବନ୍ଧରେ ପ୍ରକାଶ କରିଛନ୍ତି "ଏହି ଲେଖିକା ଓ ଆଜିର ପାଠକ କେହି ସେ ଦିନର ସେହି ଭୂୟାଁ ବିପ୍ଳବକୁ ପ୍ରତ୍ୟକ୍ଷ କରିନାହାନ୍ତି। ତେଣୁ ଏହା ଇତିହାସ, କିଂବଦନ୍ତୀ ଓ ଲୋକମୁଖର କଥାକୁ ଭିତ୍ତିକରି ଏକ କାଳ୍ପନିକ ଉପନ୍ୟାସ। ଏହା ଫକୀରମୋହନ ବା ଧରଣୀଧରଙ୍କ ଜୀବନୀ ଗ୍ରନ୍ଥ ନୁହେଁ।" କିନ୍ତୁ ଏହା ଯେ କାଳ୍ପନିକ ତାହା ନୁହେଁ। ଐତିହାସିକ ଉପନ୍ୟାସ ଅତୀତର ସତ୍ୟତା ଓ ଲେଖକଙ୍କ କାଳ୍ପନିକତାର ସମ୍ମିଶ୍ରଣରେ ହିଁ ରସପ୍ରାଣ ସୃଷ୍ଟି କରେ, ଶରୀରେ ସଞ୍ଚାରେ। 'ମହାରାଣୀ ପୁତ୍ର' ସେହି ନ୍ୟାୟରେ ଗରୀୟାନ୍।

୧୯୯୭ ମହିହାରେ ଲେଖିକାଙ୍କ କେନ୍ଦୁଝର ଗ୍ରସ୍ତ କାଳରେ ଉପନ୍ୟାସର ମୂଳଦୁଆ ପଡ଼ିଥିଲା ।ସେ ଯଥାକ୍ରମେ କୁସୁମିତା,ମଲ୍ଲୀକାଶପୁର, ଫକୀରଙ୍କ ଆତ୍ମଜୀବନୀରୁ ପ୍ରାପ୍ତ ତିନିଗୋଟି ଚିଠିରୁ ପରିକଳ୍ପନା କରି ଉପନ୍ୟାସର ଉଚ୍ଚାଙ୍ଗ ମୀନାର ଗଢ଼ିଲେ। ସେ ନିଜ ଜୀବନୀ ଗ୍ରନ୍ଥରେ ଲେଖିଛନ୍ତି "ଫକୀରମୋହନଙ୍କ ଗାଁ ମଲ୍ଲୀକାଶପୁର ଏବଂ ଧରଣୀଧରଙ୍କ ଗାଁ କୁସୁମିତା ମାଟିରେ,ଆକାଶରେ, ଗଛପତ୍ରରେ, ନଦୀରେ,ପାହାଡ଼ରେ ଦୁହିଁଙ୍କୁ ଖୋଜିଲି। ଆନନ୍ଦପୁର ଯାଇ ଫକୀରମୋହନ ଦେଓ୍ୱାନଙ୍କ ଅଫିସ୍ ଖୋଜିଲି,ଚୌକି ଟେବୁଲ ଖୋଜିଲି। ମୁଁ ପାଇଗଲି ଦେଓ୍ୱାନଙ୍କୁ, ବିଦ୍ରୋହୀ ଧରଣୀଧରଙ୍କୁ ମାଟିରୁ ଏବଂ ସ୍ୱପ୍ନରୁ। ଲେଖିଲି ଉପନ୍ୟାସ ମହାରାଣୀ ପୁତ୍ର।" (ପଦ୍ମପତ୍ରରେ ଜୀବନ,ପୃ - ୪୨୩)

୧୮୯୧ ରେ ଘଟିତ କେଉଁଝରର ପ୍ରଜା ବିଦ୍ରୋହ, ଭୂୟାଁ ଆଦିବାସୀଙ୍କ ଅସନ୍ତୋଷ, ମେଳି,ତଥା ଫକୀରମୋହନଙ୍କ ମ୍ୟାନେଜରୀର ଚିରାଚରିତ ଗାଥା ଉପନ୍ୟାସରେ ପୃଷ୍ଠାମଣ୍ଡନ କରିଛି। ତଥାପି ଉଭୟଙ୍କ ଜୀବନଯାତ୍ରା ଏଥିରେ ସନ୍ନିହିତ। ଯେଉଁଠି ଇତିହାସ ଭୁଲିଯାଉଛି,କ୍ରମଶଃ ସେଇଠି ଲେଖିକା ଉପନ୍ୟାସରେ ତାଙ୍କୁ ମହାର୍ଘ ପ୍ରଦାନ କରିଛନ୍ତି।

### ଭୂୟାଁ ଓ କେନ୍ଦୁଝରର ନାମକରଣ :-

ଉପନ୍ୟାସରେ ଲେଖିକା ଭୂୟାଁଙ୍କ ନାମକରଣଗତ ବିଶେଷତ୍ୱ ପ୍ରତିପାଦନ କରିବା ନିମନ୍ତେ ଯତ୍ନଶୀଳ। ପୁରାଣ, କିଂବଦନ୍ତୀ ଓ ଇତିହାସର ମଧୁର ସମନ୍ୱୟ ରକ୍ଷା କରି ମହାଭାରତର ଜତୁଗୃହ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି। ଜତୁଗୃହରେ ପାଣ୍ଡବ ଅମୁହାଁ ଦଗ୍ଧ ହେବାକୁ ଯାଉଥିବାବେଳେ ପରମପୁରୁଷ ଶ୍ରୀକୃଷ୍ଣ ନିଜ ବିଶାଳ ଭୁଜରୁ ସୃଷ୍ଟି କରିଥିଲେ ଦୁଇଜଣ ବିଶାଳକାୟ ବୀରପୁରୁଷ। ସେମାନଙ୍କୁ ଆଜ୍ଞାଦେଇ କହିଥିଲେ ଜତୁଗୃହରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ଏକ ବିଶାଳ ସୁଡ଼ଙ୍ଗ ଖୋଳନ ନିମନ୍ତେ। ସେ ପୁରୁଷ ଦ୍ୱୟ ଧର୍ମର ରକ୍ଷକ। ଅଧର୍ମର ଭକ୍ଷକ। ତେଣୁ ସେମାନେ ସେହି ଦୀର୍ଘ ସୁଡ଼ଙ୍ଗକୁ ଖନନ କଲେ। ସେଠାରୁ ଉଦ୍‌ଗତ ମୃତ୍ତିକାକୁ କେଉଁଠି ରଖିବେ କାରଣ କୌରବ ଦେଖିଲେ ସନ୍ଦେହ ଜାତ ହେବ। ତେଣୁ ନୀରବରେ ମାଟିକୁ ଆଁ କରି ଭକ୍ଷଣ କଲେ। ସେହି ପଥଦେଇ ରକ୍ଷା ପାଇଲେ ପାଣ୍ଡବ ଓ ମାତା କୁନ୍ତୀ। ଧର୍ମରକ୍ଷକ ଓ ମାନବ କଲ୍ୟାଣୀ ସେହି ବୀରକୁ କୁହାଗଲା ଭୂୟାଁ। ଏମାନଙ୍କ ଠାରୁ ପରବର୍ତ୍ତୀ ବଂଶଧର ଭୌମକର ବଂଶ ନାମରେ ପରିଚିତ ହେଲେ। କେନ୍ଦୁଝରର ଉତ୍ତର - ପଶ୍ଚିମ କୋଣ ଏମାନଙ୍କର ବାସଭୂମି। ତାଙ୍କରି ବଂଶଧର ମୟୂରଭଞ୍ଜ, ସିଂହଭୂମି, ବଣେଇ,ବାମରା,ନୀଳଗିରି ପ୍ରଭୃତି ସ୍ଥାନରେ ବାସକଲେ। କିନ୍ତୁ କେନ୍ଦୁଝର ହେଉଛି ଭୂୟାଁର ଜନମ ମାଟି। "ଅଷ୍ଟମ ଶତାବ୍ଦୀବେଳକୁ କେନ୍ଦୁଝର ଭୌମ ଶାସନାଧୀନ ହୋଇଥିଲା। ଖ୍ରୀ.ଅ.୭୩୬ ରେ ଭୌମରାଜା ପ୍ରଥମ ଶିବକରଦେବ ବିରଜାଠାରେ ଭୌମ ସିଂହାସନ ଆରୋହଣ କରିଥିଲେ।'' (କେଉଁଝର ଇତିହାସ, ନିରଞ୍ଜନ ବାରିକ, ପୃ- ୬୬)

କେନ୍ଦୁଝର ନାମକରଣ ପ୍ରସଙ୍ଗକୁ ଭିତ୍ତିକରି ଔପନ୍ୟାସିକା ଲେଖିଛନ୍ତି "କେନ୍ଦୁଆ ଭୂୟାଁଙ୍କ ରାଜଉଆସ ପାଇଁ ଇନ୍ଦ୍ରଛତ୍ର ପାହାଡ଼ତଳର ସେହିସ୍ଥାନ ହିଁ ଉପଯୁକ୍ତ ଯେଉଁଠି ଜଣ ନୁହେଁ ଗଣ ହିଁ ବଳୀୟାନ। ରାଜାନୁହେଁ ପ୍ରଜା ହିଁ ରାଜାର ପ୍ରକୃତ ଶକ୍ତି। ତେଣୁ ଶୁଭଲଗ୍ନରେ ସେହି ସ୍ଥାନରେ ନିର୍ମାଣ ଆରମ୍ଭ ହେବ ଯେଉଁଠି କେନ୍ଦୁଆର ଶଂଖିକୁ ମାଡ଼ିବସିଥିଲା ଶୃଗାଳ। ହଁ-କେନ୍ଦୁଆ ଭୂୟାଁଙ୍କ ରାଜ୍ୟର ନାମ ରହିବ କେନ୍ଦୁଝର"। ଶ୍ରୀମତୀ ରାୟ ଏକ କିଂବଦନ୍ତୀର ଅବତାରଣା କରି କେନ୍ଦୁଝର ନାମଟିକୁ ଦର୍ଶାଇବାକୁ ପ୍ରୟାସୀ। ତଥାପି କାହାଣୀଟିର ଅବତାରଣା ଉପନ୍ୟାସର ମିଳିତ କଥାର ଏକ ସେତୁବନ୍ଧ। କାହାଣୀଟି ଏହିଭଳି-ଏକ କେନ୍ଦୁଝର ବୃକ୍ଷତଳୁ ଝରି ଆସିଲା ଝରଟିଏ। ସେହି ନିର୍ମଳ ପାଣି ପିଇବାକୁ କେନ୍ଦୁଆ ବାଘଟିଏ ଉଭାହେଲା। ଏହାପରେ ଆଉ ଏକ ଶୃଗାଳ, ବାଘ ସାମ୍ନାରେ ଠିଆ ହେଲା। ପ୍ରଥମେ ପାଣି ପିଇବାକୁ ନେଇ

ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା। କିନ୍ତୁ ଶକ୍ତିଶାଳୀ ଶୃଗାଳ କେନ୍ଦୁଆର ଶଙ୍ଖୀକୁ କଣା କରିଦେଲା। ଏ ଚକିତ ଦୃଶ୍ୟ ଦେଖି ଜ୍ୟୋତିଭଂଜ ନାମ ଦେଇଥିଲେ କେନ୍ଦୁଝର।

କେନ୍ଦୁଝର ନାମକରଣକୁ ନେଇ ଅନେକ ଲୋକକଥା ଥିଲେ ହେଁ ଔପନ୍ୟାସିକା କେବଳ ଏହି ପ୍ରସଙ୍ଗକୁ ପ୍ରାଧାନ୍ୟ ଦେଇଅଛନ୍ତି।

### କେନ୍ଦୁଝର ପହିଲି ରାଜା - ଜ୍ୟୋତିଭଞ୍ଜ :

"ଭୂୟାଁ ଚାହିଁଥିଲେ କେନ୍ଦୁଝରୀ ରାଜ୍ୟରେ ରାଜା ହୋଇପାରିଥାନ୍ତା ଦ୍ୱାଦଶ ଶତାବ୍ଦୀଠୁ"।

ଉପନ୍ୟାସରେ ଏକ କିଂବଦନ୍ତୀର ପରିକଳ୍ପନା ଏହି ପଦରୁ। କେନ୍ଦୁଝର ହେଲା ଭୂୟାଁର ଜନ୍ମମାଟି। ସେଠାରେ ଶୃଙ୍ଖଳିତ ଶାସନ ପ୍ରଣାଳୀ ପ୍ରତିଷ୍ଠା କରିବାପାଇଁ ରାଜପୁତ୍ରର ସନ୍ଧାନ ହେଲା। ତେଣୁ ଭୂୟାଁଜାତି ଖିଚିଙ୍ଗକୋଟ ରାଜପ୍ରସାଦରୁ କନିଷ୍ଠ ରାଜପୁତ୍ର ବାଳକ ଜ୍ୟୋତିଭଞ୍ଜଙ୍କୁ ଚୋରାଇ ଆଣିଲେ। ରାଜା ଏକଥା ଜାଣନ୍ତେ ସନ୍ଧାନ ହେଲା ରାଜପୁତ୍ରଙ୍କ। ସେ ପୁରସ୍କାର ଘୋଷଣା କଲେ। ବୈତରଣୀ ତଟରେ ପାଇକମାନେ ଭୂୟାଁଙ୍କୁ ସନ୍ଦେହ କଲେ। ତେଣୁ ସତ୍ୟତାର ପ୍ରମାଣ ନିମିତ୍ତ ସେମାନଙ୍କୁ ଏକ ପ୍ରାଚୀନ ମହାଶିମୁଳୀ ଗଛଟିକୁ କାଟିବାକୁ ଆଦେଶ ଦେଲେ। ଏହି ଗଛରେ ଦୁରାତ୍ମା ବାସକରୁଛି, ତେଣୁ ଏହି ଗଛକୁ ମୂଳରୁ କାଟିବା ଲୋଡ଼ା ପଡୁଛି। ମାତ୍ର ଦୁରାତ୍ମା ଭୟରେ ଏହି ଗଛକୁ କେହି କାଟିବା ପାଇଁ ସାହସ କରୁନାହାନ୍ତି। ଯେଉଁ ଲୋକ ମିଥ୍ୟା କହିନଥିବ ସେହି କେବଳ ଏହି ଗଛ କାଟି ପାରିବ। ଗଛଟିର ଗଣ୍ଡି ହାତୀପ୍ରାୟ, ସିଂହପରି ଶାଖାପ୍ରଶାଖା। ତେଣୁ ଭୂୟାଁମାନେ ପ୍ରମାଦ ଗଣିଲେ।

ଭୂୟାଁ ଜାତି ମିଥ୍ୟା ଓ ଛଳନାକୁ ଘୃଣା କରେ। ଭୂୟାଁ, ରାଜାପାଇଁ ସତ୍ୟଗୋପନ କରିଛି। ରାଜ୍ୟର ପ୍ରଜାଙ୍କୁ ସୁଶାସନ ଦେବାକୁ ଛଳ କରିଛି। ଏହାକୁ ସେ ଅପ୍ରାଧ ମଣୁନାହିଁ। ମୟୁରଭଞ୍ଜଠାରୁ ଭୂୟାଁପିଢ଼ ଅଞ୍ଚଳ ଅନୁନ୍ନତ, ଅବହେଳିତ। ରାଜପୁତ୍ର, ଚୋରି କେବଳ ତାର ପ୍ରତିକାର। ଏହା ଦେଶ ପ୍ରେମ, ଜାତି ପ୍ରେମ। ସେଦିନ ମହାଶିମୁଳି ଗଛ କଟାହେଲା, ତାର ଅଗ୍ରଭାଗକୁ ଧରିବାକୁ ଯାଇ ୧୨ ଜଣ ବୀରଗତି ପ୍ରାପ୍ତ ହେଲେ। ସେମାନେ ହେଲେ ଶହୀଦ ବୀରମଲ୍ଲାର, ଝାଡ଼, ଭୀମମଲାର, କାଳ ଜଳ,ଚୋର,କୂଳ,ଦନ୍ତା,ଜୟ, ଅନ୍ଧାର ଠେକୁଆ, ମଲାର। ଜ୍ୟୋତିଭଞ୍ଜ ପରବର୍ତ୍ତୀ ସମୟରେ ଶୁଣିଥିଲେ ଏହି ବୀରଙ୍କ ପ୍ରାଣବଳୀର ଗାଥା। ସେ ହେଲେ ରାଜା। ନଚେତ୍ ବଡ଼ଭାଇ ଆଦିଭଂଜ ହୋଇଥାନ୍ତେ ରାଜା ଆଉ ଜ୍ୟୋତିଭଂଜ ରାଜକୁମାର। ତେଣୁ ଭୂୟାଁ ରାଜା ହୋଇନାହିଁ। ଏକ ସୁଶାସିତ ବ୍ୟବସ୍ଥା ନିମନ୍ତେ ରାଜାକୁ ରାଜପଦ ଦେଇଛି ମାତ୍ର।

ନିରଞ୍ଜନ ବାରିକଙ୍କ କେନ୍ଦୁଝର ଇତିହାସ ପୁସ୍ତକରେ ବର୍ଣ୍ଣନା ହୋଇଛି ଭଂଜବଂଶର ପ୍ରଥମ ରାଜା ଜ୍ୟୋତିଭଞ୍ଜ (ସୂଚୀ ଅନୁସାରେ, ପୃ - ୯୦) ଲୋକକଥାନୁସାରେ ଭୂୟାଁମାନେ ଜ୍ୟୋତିଭଂଜଙ୍କୁ ଚୋରଇ ଆଣିଥିଲେ। ତେଣୁ ଲେଖିକା ନିଶ୍ଚୟ ଲୋକକଥାକୁ ଉପନ୍ୟାସରେ ପ୍ରୟୋଗ କରିଛନ୍ତି।

### ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ :

ଉପନ୍ୟାସରେ ଯେଉଁ କେତେକ ମୁଖ୍ୟ ଚରିତ୍ରକୁ ନେଇ ଘଟଣାଟି ଗତିଶୀଳ, ତନ୍ମଧ୍ୟରେ ରାଜା ଧନୁର୍ଜୟ ଅନ୍ୟତମ। କେନ୍ଦୁଝର ଦ୍ୱିତୀୟ ଭୂୟାଁ ବିଦ୍ରୋହର ମୂଳ କାରଣ ଥିଲେ ରାଜା। ପିତା ଗଦାଧର ଭଂଜଙ୍କ ପରଲୋକ ପରେ ଅଳ୍ପାୟୁଷରେ ରାଜଦାୟିତ୍ୱ ଗ୍ରହଣ କଲେ। ବ୍ରିଟିଶ ସରକାର ବିରୁଦ୍ଧରେ ୧୮୫୭ ମସିହାରେ ସିପାହୀ ବିଦ୍ରୋହ ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଭାବେ ଆରମ୍ଭ ହୋଇଥିଲା। ସେହି ସମୟରେ ଯେଉଁ ରାଜାମାନେ ପୋଷ୍ୟପୁତ୍ର ଗ୍ରହଣ ନିଷେଧ ଆଇନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ତାଙ୍କୁ ଦଳେ ମିତ୍ରପକ୍ଷ ରାଜା କୌଶଳ କ୍ରମେ ଇଂରେଜ କବଳରେ ଧରାଇ ଦେଉଥିଲେ। ସେହିଭଳି ମିତ୍ରପକ୍ଷ ରାଜା ଥିଲେ ଗଦାଧର ଭଞ୍ଜ। ସିପାହୀ ବିଦ୍ରୋହ ବିରୁଦ୍ଧରେ ଯାଇ ବ୍ରିଟିଶ ସରକାରଙ୍କୁ ଅର୍ଥ, ସୈନ୍ୟ, ଅଶ୍ୱ, ହସ୍ତୀ, ଯାନବାହନ ଯୋଗାଇ ଦେଇ ବ୍ରିଟିଶ ରାଜାଙ୍କର ପ୍ରିୟପାତ୍ର ହୋଇଥିଲେ। ବ୍ରିଟିଶ ସରକାର ତାଙ୍କୁ ମହାରାଜା ଉପାଧିରେ ଭୂଷିତ କରାଇଥିଲେ। ୧୯୬୧ ମସିହା ମାର୍ଚ୍ଚ ୨୨ ତାରିଖରେ ରାଜା ଇହଲୀଳା ତ୍ୟାଗ କଲେ। ବିବାହିତ ପତ୍ନୀ ବିଷ୍ଣୁପ୍ରିୟା ଅପୁତ୍ରିକ ଥିବାରୁ ମହାରାଜାଙ୍କ ଫୁଲବିବାହୀ ପତ୍ନୀ କମଳାଦେବୀଙ୍କ ଗର୍ଭରୁ ଜନ୍ମିତ ପ୍ରଥମ ପୁତ୍ର ନାବାଳକ ଧନୁର୍ଜୟ ଭଞ୍ଜ ହେଲେ ଦେୱାନ ରାଜା। ପୁଣି ୧୯.୦୯.୧୮୬୭ ରେ ବୟଃପ୍ରାପ୍ତ ହୋଇ ରାଜାଭିଷେକ ହେଲେ।

ଉପନ୍ୟାସରେ ରାଜା ଅଭିଷେକ ସମୟରେ ଭୂୟାଁ ଚାଙ୍ଗୁ ବଜେଇ, ନାଚି ଉଠିଛନ୍ତି। ରାଜ ଅଭିଷେକ ଭୂୟାଁର ଆଉ ଏକ ପର୍ବ। ଭୂୟାଁ ଜାତି ଧନୁର୍ଜୟଙ୍କୁ ପରଂପରା କ୍ରମେ ରାଜ ସିଂହାସନ ନ୍ୟସ୍ତ କରିବାକୁ ଆଗେଇ ଯାଇଛି। କିନ୍ତୁ ଇତିହାସ କହେ ଧନୁର୍ଜୟ ରାଜା ହେବା ଭୂୟାଁଙ୍କୁ ନାପସନ୍ଦ। ସର୍ଦ୍ଦାର ମାନେ ଏଥିରେ ଖୁସି ନଥିଲେ। କିନ୍ତୁ ପାଟରାଣୀ ୧୩/୦୨/୧୮୬୮ ରେ ଧନୁର୍ଜୟ ମୁଣ୍ଡରେ ପାଟଶାଢ଼ୀ ଦେବାରୁ ୧୨୭୫ ସାଲ ମାଘମାସ ୨୫ ଦିନ ଭୂୟାଁମାନେ ସିଂହାସନକୁ ନେଇ ଅଭିଷେକ କରାଇଲେ।

### ରତନା ମେଳି :

'ରତନା ନାୟକ' ଇତିହାସର ଏକ ଅନାଲୋଚିତ ଚରିତ୍ର। ଜଣେ ପଖୋତ ବିପ୍ଳବୀ। ସହିଦ। ଭୂୟାଁ ପ୍ରଥମ ବିଦ୍ରୋହ ହେଉଛି ରତନା ମେଳି। ଉପନ୍ୟାସରେ ଏହି ପ୍ରସଙ୍ଗର ପ୍ରାକ୍ ଆଭାସ ବର୍ଣ୍ଣିତ। ବ୍ରିଟିଶ ରାଜାକୁ ଖୁସି କରାଇବା ପାଇଁ ରାଜା ଯୁଦ୍ଧକରେ କିନ୍ତୁ ଯୁଦ୍ଧରେ ମରନ୍ତି ଭୂୟାଁ। ରତନା କହେ "ଆମେ ରାଜାକୁ ଅଧିକାର ଦେଉଛୁ- ଅଧିକାର ଛଡ଼ାଇ ନେବାର ଅଧିକାର ବି ଆମର ଅଛି। ରାଜା ଜଣେ -ଆମେ ପଣେ - ପ୍ରଜାଶକ୍ତି ରାଜଶକ୍ତିଠୁ ବଡ଼। ଉଚ୍ଚସ୍ୱରରେ ଯିଏ ଏକଥା କହିଲେ ଏବଂ ମୂଳରୁ ଯିଏ ପ୍ରତିବାଦର ସ୍ୱର ଉଠାଇଥିଲେ ସେ ଥିଲେ ଜଣେ ଭୂୟାଁ ସରଦାର ରତନା ନାୟକ।"

ଭୂୟାଁ ପିଢ଼ିରେ ପାଇକାଳୀ ବ୍ୟବସ୍ଥାର ପ୍ରଚଳନ କରି ପୁରୁଷ ପୁରୁଷ ଧରି ମର୍ହଟା ସହ, ବାମଣ୍ଡା ରାଜ୍ୟ ସହ, ଢ଼େଙ୍କାନାଳ ସହ ଯୁଦ୍ଧ କରେଇ ମରେଇଛି ଏ ରାଜା, ଆଉ ନିଜେ ଅର୍ଜିଛି ଗୌରବ। ୧୮୦୪ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନାଧୀନ କେନ୍ଦୁଝରରେ ପ୍ରଥମ ଭୂବନ୍ଦୋବସ୍ତ ପ୍ରଚଳିତ। ଆଦିବାସୀ ପ୍ରଜା ଉପରେ ରାଜା ଜନାର୍ଦ୍ଦନ ଭଂଜ ବସାଇଛି ହଳ ଟିକସ, ଘରଟିକସ, ଫଳ ଟିକସ, ଜଳ ଟିକସ, ଭୂମି ଟିକସ। ତା ସହିତ ମାଗଣ,ରସଦ ବେଠି,ଭେଟି ଆଦି। ୧୮୧୯ ଖ୍ରୀଷ୍ଟାବ୍ଦରେ ରାଜ୍ୟର ବେବର୍ତ୍ତା ଗଣି ପଟ୍ଟନାୟକଙ୍କ ଅନ୍ୟାୟ ଯୋଗୁଁ ଭୂୟାଁମାନେ ପ୍ରତିବାଦ କଲେ। ପ୍ରଜା,ରାଜାଙ୍କୁ ଗୁହାରି କରିପାରିଲେ ନାହିଁ। ଦୁହିଁଙ୍କ ମଧ୍ୟରେ ବ୍ୟବଧାନ ଥିଲା ବେବର୍ତ୍ତା। ଶେଷକୁ ଭୂୟାଁ ଜେଲ୍ ଦଣ୍ଡ ଭୋଗ କଲେ।

ଗଦାଧର ଭଂଜଙ୍କ ଅମଳରୁ ବେବର୍ତ୍ତା ବନ୍ଦୋବସ୍ତକୁ ନେଇ ପ୍ରଜା ଅସନ୍ତୋଷ ହେବାକୁ ଲାଗିଥିଲା। ତତ୍କାଳୀନ ବେବର୍ତ୍ତା ଚନ୍ଦ୍ରଶେଖର ଧଳ ଅଠର ଦସ୍ତି ପଦିକାରେ ଜମିମାପ କରାଇ ଭୂୟାଁ ମନରେ ରାଜାଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିଥିଲେ। ଆଦିବାସୀଙ୍କ ପ୍ରତି ରାଜା କିମ୍ବା ବେବର୍ତ୍ତାର ଦୃଷ୍ଟି ନଥିଲା। ଏହାପରେ ତାଙ୍କ ପ୍ରତି ଦୁର୍ବ୍ୟବହାର,ନିର୍ମମ ପ୍ରହାର,ବେଠିରୁ ଏକ ବିଦ୍ରୋହ ସୃଷ୍ଟି ହେଲା। ୧୮୨୫,୧୮୪୪ ରେ ବାରମ୍ବାର ପ୍ରତିବାଦ କଲେ ଭୂୟାଁମାନେ। ୧୮୪୮ରେ ଏହି ଜୁଲମ ଓ ଅତ୍ୟାଚାରର ପ୍ରତିବାଦ କରି ରତ୍ନା ନାୟକ ରାଜଛତ୍ର ବିରୋଧରେ ବିଦ୍ରୋହ କଲେ ଏବଂ ୩ ଦିନ କାରାବରଣ ଭୋଗ କଲେ।

ବିଷ୍ଣୁ ପାଟରାଣୀ ସଉତୁଣୀ ପୁତ୍ର ରାଜା ହେବ ଏହା ଚାହୁଁ ନଥିଲେ। ତେଣୁ ରତନା ସାଜିଲା ଶେଷ ଅସ୍ତ୍ର। ୧୮୬୮ ମସିହା ଏପ୍ରିଲ ୨୧ ତାରିଖ। ରତ୍ନା ନାଏକ ପୁଣି କଲା ରାଜଛତ୍ର ବିରୋଧରେ ଯୁଦ୍ଧ ଘୋଷଣା  ଭୂୟାଁ ସମେତ ପ୍ରଜା ରତନା ସହ ଠିଆ ହେଲେ। ବିଦ୍ରୋହକୁ ଦମନ କରିବାକୁ ରାଜାମାନେ ଆଗେଇ ଆସିଲେ। ବ୍ରିଟିଶ ସରକାର ରତ୍ନାମେଳିକୁ ଧରାଇବା ନିମନ୍ତେ ପୁରସ୍କାର ଘୋଷଣା କଲେ।  ପାଲଲହଡ଼ା ରାଜାଙ୍କ ଦ୍ୱାରା ବ୍ରିଟିଶ ସରକାରଙ୍କ ହାତରେ ବନ୍ଦୀହେଲେ ରତନା ସର୍ଦ୍ଦାର। ରାଜା,କର୍ମଚାରୀମାନେ ଅନ୍ୟ ବିଦ୍ରୋହୀଙ୍କୁ ଧରାଇ ପୁରସ୍କାର ପାଇଲେ। ଏମାନଙ୍କ ମଧ୍ୟରେ ବଣେଇ ରାଜାଙ୍କ ଦେଓ୍ୱାନ ରମେୟା କୋଲ,ଟୁନୁରଣା, ଦାଶରଥି କୁଅଁର,ପଦୁ ନାୟକ,ଟୁଣି ପ୍ରଧାନ ଅନ୍ୟତମ।  ରତ୍ନା ନାୟକ ବ୍ରିଟିଶ ସରକାର ଆଗରେ କ୍ଷମା ମାଗିଲେ ନାହିଁ,ବରଂ କ୍ରାନ୍ତିର ଜୟଗାନ କରି ୧୮୬୮ ମସିହା ନଭେମ୍ବର ୩୦ ତାରିଖରେ କଟକ ଜେଲ ସମ୍ମୁଖରେ ଫାଶୀ ଖୁଣ୍ଟରେ ଝୁଲି ପଡ଼ିଲେ। ତେଣୁ ଉପନ୍ୟାସ କହେ "ରତ୍ନା ନାୟକ ନାମରେ କେନ୍ଦୁଝରୀ ରାଜ୍ୟରେ ରତ୍ନାନାୟକର ଜନ୍ମମାଟି ବାଂଶପାଳ ସାରପୁର ଗାଁରେ ସ୍ମୃତିସ୍ତମ୍ଭ ନାହିଁ। ସ୍ମୃତିସ୍ତମ୍ଭ କାହାକୁ ଅମର କରେନାହିଁ,ଅମର କରେ ମଣିଷର କୀର୍ତ୍ତି। ରତ୍ନା ନାୟକ କୀର୍ତ୍ତିମାନ। ତା'ପାଇଁ ଭୂୟାଁ ଜାତିର ହୃଦୟ ମନ୍ଦିରରେ ସ୍ମୃତିସ୍ତମ୍ଭ ସ୍ୱତଃ ଗଢ଼ି ଉଠିଛି"।

### ମହାରାଣୀପୁତ୍ର ଧରଣୀଧର :

ଉପନ୍ୟାସ 'ମହାରାଣୀ ପୁତ୍ର'ର ମୁଖ୍ୟ ଚରିତ୍ର ଧରଣୀଧର ନାଏକ। ଶତାବ୍ଦୀର ତଳର ଅନାଲୋଚିତ ଇତିହାସକୁ ପୁନଃମନ୍ଥନ

କରି ଔପନ୍ୟାସିକା ସେହି ମହାନାୟକକୁ ପାଛୋଟି ଆଣିଛନ୍ତି ପୃଷ୍ଠା ମଧ୍ୟକୁ। କେନ୍ଦୁଝରର ମାଟିର ପୁତ୍ର, ଯାହା ଡାକରାରେ ଐକ୍ୟସୂତ୍ରରେ ଆରମ୍ଭ ହେଲା ଏକ ବିଦ୍ରୋହ, ଯାହା ଗର୍ଜନରେ କମ୍ପି ଉଠିଥିଲା କେନ୍ଦୁଝର ଗଡ଼। ପାଣ୍ଡିତ୍ୟ ବଳୀୟାନ,ବୁଦ୍ଧିର ପରାକାଷ୍ଠା। ନମ୍ର,ବଳିଷ୍ଠ,ଶିକ୍ଷିତ,ସ୍ନେହୀ, କେନ୍ଦୁଝର ମାଟିର କୁସୁମିତା ଗାଁର ସୁଯୋଗ୍ୟ ସନ୍ତାନ ଧରଣୀଧର ନାଏକ। ଜନ୍ମ ୧୮୬୪ ଖ୍ରୀଷ୍ଟାବ୍ଦ ମଇ ୫ ତାରିଖ ବୈଶାଖ ପୂର୍ଣ୍ଣିମାରେ। ପିତା ଲକ୍ଷ୍ମଣ ନାଏକ, ମାତା ବାଇଗଣୀ ଦେବୀ। ଧରଣୀର ନାମକରଣଗତ ବୈଶିଷ୍ଟ୍ୟ ଉଲ୍ଲେଖ କରି ଜେଜେ ଟିକାରାମ କଣ୍ଠରେ ଶ୍ରୀମତୀ ରାୟ କହିଛନ୍ତି - ସେ ଲଇଛଣିଆର ସପ୍ତମ ସନ୍ତାନ ହେଲେ ବି ମୋ ବୋହୂ ବାଇଗଣିର ଅଷ୍ଟମ ଗର୍ଭ। ତା'ର ଆଗରୁ ଗୋଟାଏ ଗର୍ଭ ଉଡ଼ିଯିବା କଥା ତୁମେ ଜାଣିନ, ଆମେ ଜାଣୁ। ଦେବକୀ ଅଷ୍ଟମ ଗର୍ଭରେ ଜନ୍ମି ଗୋବର୍ଦ୍ଧନ ପର୍ବତକୁ ଛତ୍ରଭଳି ଟେକି ଧରିଥିଲେ ଗିରିଧର କୃଷ୍ଣ ମହାପୁରୁ। ବାଇଗଣି ଭୂୟାଁଣୀର ଅଷ୍ଟମ ଗର୍ଭରୁ ଜନ୍ମିଛି ଏ ଟୋକା ତେଣୁ ତା' ନାଁ ରଖିଛି ଧରଣୀଧର।"

ବାଲ୍ୟକାଳରୁ ଧରଣୀ ବାପ ଜେଜେଠୁ ଶୁଣିଛି ପ୍ରଜା ଶୋଷଣର ଇତିହାସ। ରତ୍ନା ନାଏକ କୋଳରେ ପୁଣି ସେ ବଢ଼ିଛି। ତା' ମନରେ ସୃଷ୍ଟି ହୋଇଛି ପ୍ରତିବାଦର ସ୍ୱର। ମହାରାଣୀ ବିଷ୍ଣୁପ୍ରିୟା ଦେବୀ ପୁତ୍ର ଭାବରେ ଗ୍ରହଣ କରି କଟକକୁ ଉଚ୍ଚଶିକ୍ଷା ନିମନ୍ତେ ପଠାଇଛନ୍ତି। ସେଠାରୁ ଫେରି ରାଜଗଡ଼ରେ ଅମିନ୍ ଭାବରେ ସେ ଯୋଗ ଦେଇଥିଲେ,ତଥାପି ଧରଣୀ ରାଜପୁତ୍ର ବୋଲି ନିଜକୁ କେବେ ଜାହିର କରିନାହିଁ। ଉପନ୍ୟାସରେ ଧରଣୀ କହିଛି -ମୁଁ ମହାରାଣୀପୁତ୍ର ନୁହେଁ - ବାଇଗଣି ଭୂୟାଁଣୀ ପୁତ୍ର"। ବାସ୍ତବରେ ଏହି ଗିରିସଙ୍କୁଳ ଜାତିକୁ କ'ଣ ଅବା ପ୍ରୟୋଜନ। ମା'ମାଟିକୁ ନେଇ ଦିନ କାଟନ୍ତି। ତେଣୁ ଲେଖିକା କୁହନ୍ତି "ଏଇ ଅରଣ୍ୟବାସୀମାନେ ଗନ୍ଧମାର୍ଦ୍ଦନର ଛାତିକୁ ବିଦାରି ସୁନା, ଲୁହାର ସନ୍ଧାନ କରନ୍ତିନି- ସେମାନେ ଖାଲି ଖୋଜିବୁଲନ୍ତି ଜୀବନ-ଜୀବନର ସୁଆଦ - ପ୍ରୀତି, ଭାବ ବିନୋଦିଆ ଏବଂ ସ୍ୱାଧୀନତାର ଆନନ୍ଦକୁ।" କିନ୍ତୁ ସେହି ଆନନ୍ଦକୁ କେହି ଦଖଲ କରିବାକୁ ଚେଷ୍ଟାକଲେ ବାଘପରି ରକ୍ତମୁଖା ପାଲଟିଯାଏ ଏ ଜାତି। ଧରଣୀ ମଧ୍ୟ ତାହା କରିଛି। ରାଜଶୋଷଣ ବିରୋଧରେ ସଂଗ୍ରାମ କରିଛି। ପ୍ରତାରଣା,ଷଡ଼ଯନ୍ତ୍ରର ଶିକାର ହୋଇ କାରାବାସ ଗ୍ରହଣ କରି ଶେଷ ଜୀବନ ସନ୍ୟାସ ରୂପରେ ଅତିବାହିତ କରି ଆଳିରେ ୧୯୧୪ ମସିହା ମେ ୧୬ ତାରିଖ ବୈଶାଖ ପୂର୍ଣ୍ଣିମା ଦିନ ଚିରନିଦ୍ରା ଯାପନ କରିଛନ୍ତି।

## ଭୂୟାଁ ବିଦ୍ରୋହର ଆଦ୍ୟରୂପ :

ମାଛ କାନ୍ଦଣା ବନ୍ଧ ନିର୍ମାଣ ସମୟର ବେଠିରୁ ବିଦ୍ରୋହ ସୃଷ୍ଟି ଏହା ଅର୍ଦ୍ଧେକ ସତ୍ୟ ହୋଇପାରେ। କିନ୍ତୁ ଏ ବିଦ୍ରୋହ, ଗତ ଶତାବ୍ଦୀର କୁହୁଳା ନିଆଁର ହୁତାଶନ। ଏ ବିପ୍ଳବ ଆରମ୍ଭ ଆଦିବାସୀ ଭୂୟାଁର ରକ୍ତରେ, କେନ୍ଦୁଝର ପ୍ରଜାର ଭୋକିଲା ପେଟରେ, କୁସୁମିତା ମାଟିର ଶୋଷଣରେ। ଯାହା ଉପନ୍ୟାସରେ ଚିତ୍ରିତ।

ଆଦିବାସୀ ଭଲପାଏ କେବଳ ଅରଣ୍ୟକୁ, ତା' ମାଟି ମା'କୁ। ସେମାନେ "ଏଇ ଅରଣ୍ୟବାସୀମାନେ ଗନ୍ଧମାର୍ଦ୍ଦନର ଛାତିକୁ ବିଦାରି ସୁନା, ଲୁହାର ସନ୍ଧାନ କରନ୍ତିନି- ସେମାନେ ଖାଲି ଖୋଜିବୁଲନ୍ତି ଜୀବନ-ଜୀବନର ସୁଆଦ - ପ୍ରୀତି, ଭାବ ବିନୋଦିଆ ଏବଂ ସ୍ୱାଧୀନତାର ଆନନ୍ଦକୁ।" ସେହି ସ୍ୱାଧୀନତାକୁ କେହି ତା' ଠାରୁ ଛଡ଼ାଇନିଏ ସେତେବେଳେ ସେ ବିଦ୍ରୋହର ଘୋଷଣା କରେ। ପୂର୍ବରୁ ରାଜା ଜନାର୍ଦ୍ଦନ ଭଂଜ,ଗଦାଧର ଭଂଜଙ୍କ ସମୟରେ ବେବର୍ତ୍ତାମାନଙ୍କ ଦ୍ୱାରା ଶୋଷଣ ଚିତ୍ର ଉଲ୍ଲେଖ କରାଯାଇଛି। ଏତଦ୍‌ବ୍ୟତୀତ ବର୍ଗୀ ଅତ୍ୟାଚାର, ରାଜ ଅତ୍ୟାଚାର, ଖଜଣା କର, ବେଠି, ଗୋତି ବୃଦ୍ଧି ପାଇଲା।

ରତନା ବିଦ୍ରୋହ ପୂର୍ବରୁ ରାଜ୍ୟର ସୁଶାସନପାଇଁ କେନ୍ଦୁଝରେ ୨ଟି ସବ୍‌ଡିଭିଜନରେ ବିଭକ୍ତ ହେଲା-ଅପର ଓ ଲୋଅର କେନ୍ଦୁଝର। ମାତ୍ର ଭୂୟାଁ,ଜୁଆଙ୍ଗ,ବାଥୁଡ଼ି ଜାତିର ଦୁଃଖ ମୋଚନ ହୋଇନାହିଁ। ଧନୁର୍ଜୟ ଭଂଜ ରେଭେନ୍‌ସା ସାହେବଙ୍କ ଛତ୍ରଛାୟାରେ ରହି ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଜାରିକଲେ। ଜଙ୍ଗଲ ହେଲା କଣ୍ଟ୍ରାକ୍‌ଟର୍‌ର। ଏପଟେ ଧରଣୀ କେବଳ ରାଣୀ ବିଷ୍ଣୁପ୍ରିୟାଙ୍କ ନାମମାତ୍ର ପୁତ୍ର। ସବୁବେଳେ ସେ ସାଧାରଣ କର୍ମଚାରୀଠୁ ମଧ୍ୟ ଅପମାନିତ ହୋଇଛି। ମ୍ୟାନେଜର ବିଚିତ୍ରାନନ୍ଦ ଧରଣୀ ପ୍ରତି ସୁଯୋଗ ଦେଖି ବାରମ୍ବାର ରାଜାଙ୍କ ଠାରୁ ତିରସ୍କୃତ କରାଇଛି। ୧୮୮୭ରେ ଧରଣୀ ଅମିନ ପଦରେ ଯୋଗଦେଇ ରାଜନୀତି ବିରୁଦ୍ଧରେ କୁହୁଳୁଥିବା ବେଳେ ୧୮୮୮ ଖ୍ରୀଷ୍ଟାବ୍ଦରେ ରାଜା ଧନୁର୍ଜୟ ଆଉ ଏକ ଭୂବନ୍ଦୋବସ୍ତ କରି ଖଜଣାହାର ବୃଦ୍ଧି କରିବାରୁ ସମଗ୍ର ରାଜ୍ୟବାସ ବିଦ୍ରୋହ କରିବେ

ବୋଲି ମନସ୍ଥ କଲେ। କାରଣ ଏହି ସମୟରେ ଘୁମୁସର ବିଦ୍ରୋହ,ପାରଳା ବିଦ୍ରୋହ ପରି ସିପାହୀ ବିଦ୍ରୋହ ମଧ୍ୟ ଘଟି ସାରିଥିଲା। ତେଣୁ ଅନେକ ସଂଗଠିତ ପ୍ରଜା ଆନ୍ଦୋଳନ ଏହି କ୍ରାନ୍ତୀ ପାଇଁ ଖାଦ ଯୋଗାଇଥିଲା। ଉପନ୍ୟାସରେ ଲେଖିକା ଇତିହାସର ଏହି ସତ୍ୟତାକୁ ପ୍ରତ୍ୟକ୍ଷ ଭାବରେ ବର୍ଣ୍ଣନା କରିଛନ୍ତି।

## ଧରଣୀଗୋଳ ଓ ଫକୀରମୋହନ :

ଯୁଗେ ଯୁଗେ ରାଜ ସିଂହାସନ ପ୍ରତି ଲୋଭ, ଶାସନର ମୋହ ତଥା ଶୋଷଣ ଦମନ ନିମନ୍ତେ ବିଦ୍ରୋହ ବହ୍ନିର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ରାମାୟଣରେ ସିଂହାସନ ପାଇଁ ବନବାସ,ରାବଣ ଅତ୍ୟାଚାର ଦମନ ପାଇଁ ବିଦ୍ରୋହ, ମହାଭାରତରେ ଧର୍ମ ସଂସ୍ଥାପନା ପାଇଁ ପାଣ୍ଡବଙ୍କ ରଣନୀତି ଏହାର ଉଦାହରଣ। ତଦନୁରୂପ ଏ ସିଂହାସନ ପାଇଁ ଅନେକ ଷଡ଼ଯନ୍ତ୍ର, ବିଦ୍ରୋହ,ଯୁଦ୍ଧ ଇତିହାସରେ ଅମର। ସେହିପରି ରାଜା ଧନୁର୍ଜୟ ଭଞ୍ଜ ଏବଂ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବା ବୀରଜାତି ହେଉଛି ଭୂୟାଁ ଧରଣୀଧର।

ମହାଭାରତରେ ଭୀଷ୍ମଭଳି ବୀର ଯେ ଅଧର୍ମ ପକ୍ଷରେ ରହି ଅନୀତି, ଅନ୍ୟାୟକୁ ପ୍ରଶ୍ରୟ ଦେଇଛନ୍ତି। କର୍ତ୍ତବ୍ୟ, ପ୍ରତିଜ୍ଞାରେ ନିଜକୁ ବାନ୍ଧି ରାଜବିଶ୍ୱସ୍ତ ପାଳଟିଛନ୍ତି। ସେହିପରି ଓଡ଼ିଆ ସାହିତ୍ୟର ମହାମନିଷୀ ଫକୀର ମୋହନ ମଧ୍ୟ ରାଜା ଧନୁର୍ଜୟଙ୍କ ନିକଟରେ ରାଜକର୍ତ୍ତବ୍ୟ ପାଳନ କରି ଭୂୟାଁ ଆଦିବାସୀଙ୍କ ବିରୋଧରେ କୂଟନୀତି ପ୍ରୟୋଗ କରିଛନ୍ତି। ଉପନ୍ୟାସରେ ଏହି ଚିତ୍ର ଫକୀରଙ୍କ ଚରିତ୍ରରେ ଦୃଶ୍ୟମାନ। ଫକୀରମୋହନ ସ୍ୱୟଂ ଆତ୍ମଚରିତ ରେ ଏହି ପ୍ରସଙ୍ଗ କେଉଁଝରର ପ୍ରଜା ବିଦ୍ରୋହ ରେ ବର୍ଣ୍ଣନା କରିଛନ୍ତି। କିନ୍ତୁ ଶ୍ରୀମତୀ ରାୟ ଫକୀରଙ୍କୁ କର୍ତ୍ତବ୍ୟ, ପରସ୍ଥିତିର ଦାସ ସଜାଇ ପାଠକ ନିକଟରେ ଉପସ୍ଥାପନ କରିଛନ୍ତି।

ଉପନ୍ୟାସରେ ବର୍ଣ୍ଣନା ଅଛି ସବୁବେଳେ ରାଜା ଓ ପ୍ରଜା ମଧ୍ୟରେ ମନ୍ତ୍ରୀ, ବେବର୍ତ୍ତା, ମ୍ୟାନେଜର ମାନେ ଠିଆ ହୋଇ ନିଜର ହୁକୁମାତି ନହେଲେ ଲାଭ ଦେଖାନ୍ତି। ସେହିପରି ଧନୁର୍ଜୟ ଭଂଜ ଓ କେନ୍ଦୁଝର ପ୍ରଜା ମଧ୍ୟରେ ପାଚେରୀ ଥିଲା ମ୍ୟାନେଜର ବିଚିତ୍ରାନନ୍ଦ। ତା'ର ଅତ୍ୟାଚାର ଥିଲା ରାଜାଙ୍କୁ ଅଗୋଚର। ତେଣୁ ଧରଣୀ କେନ୍ଦୁଝର ଛାଡ଼ି ମୟୂରଭଞ୍ଜ ଯାତ୍ରା କଲା। ତାଙ୍କର ବିଶ୍ୱାସ ରାଜା କାରଣ ବୁଝି ପ୍ରଜାଙ୍କୁ ନ୍ୟାୟ ଦେବେ। ୧୮୭୧ରେ ସେ ଭୂବନ୍ଦୋବସ୍ତ କରି କର ବଢ଼ାଇଲେ। ପୁଣି ୧୮୯୧ ରେ ଏଜେଣ୍ଟ ବିଚିତ୍ରାନନ୍ଦ କର ବଢ଼ାଇଲେ। ଆଦିବାସୀର ଶରୀରରୁ ଭୂମି, ହେଲା ରାଜାର। ଏହି ସମୟରେ ଆନନ୍ଦପୁର ମ୍ୟାନେଜର ଭାବରେ ଯୋଗ ଦେଇଥିଲେ ଫକୀର ମୋହନ।

ଅନାଦିକାଳରୁ ବୋହିଯାଇ ବୈତରଣୀ ନଦୀରେ ପଡୁଥିବା ମାଛକାନ୍ଦଣା ଯୋର ହେଲା ବିଦ୍ରୋହର ଅନ୍ୟ ଏକ କାରଣ। ଗ୍ରୀଷ୍ମ ଦିନ ଜଳାଭାବ ହେତୁ ରାଜ୍ୟବାସୀ ଅତ୍ୟନ୍ତ ଦୁଃଖ ଭୋଗୁଛନ୍ତି। ତେଣୁ ମାଛକାନ୍ଦଣା ଯୋରକୁ ମାହାର ବାନ୍ଧିଲେ ଜଳ ବୈତରଣୀରେ ନ ପଡ଼ି କେନ୍ଦୁଝର ବିଲରେ ମାଡ଼ନ୍ତା। ତେଣୁ ଫଟାଗଲା ପର୍ବତ ଶୃଙ୍ଗ। ବନ୍ଧ ପାଇଁ ହେଲା ଭୂବନ୍ଦୋବସ୍ତ। ଏହା କ'ଣ ଧରଣୀ ସହନ୍ତା? ଏଥିରେ ସମର୍ଥନ କରିଥିଲେ ଫକୀର ମୋହନ। ୧୮୯୧ ମସିହା ଜାନୁଆରୀ ମାସରେ ଧରଣୀଧର କମିଶନର ନିକଟକୁ ରାଜଛତ୍ରର ଅତ୍ୟାଚାର ବିବରଣୀ ଲେଖିଲେ। କିନ୍ତୁ ପତ୍ରଟିକୁ ଉପେକ୍ଷା କରାଗଲା। ତେଣୁ ତେଜି ଉଠିଲା ଭୟଙ୍କର ବିଦ୍ରୋହ। ଯାହାର ନାମ ଥିଲା ମାଛକାନ୍ଦଣା ଯୋର ବିଦ୍ରୋହ।

ଲେଖିକା କହିଛନ୍ତି "ତାଙ୍କର ଦୋଷ କ'ଣ? ଚାକିରିଆ ତ ପତର ସାଉଁଟିବା ଲୋକ, ତୋଟା ମୂଲ କରିବେ କିଆଁ"? ଫକୀରଙ୍କ ଦୋଷାବହକୁ ଲୁଚାଇବା କ'ଣ ଲେଖିକାଙ୍କ ଉଦ୍ଦେଶ୍ୟ ଥିଲା ?

ଫକୀରମୋହନ ରାଜାଙ୍କ ଆଦେଶ ମାନି ୧୫କିଲୋ ଶାବଳ କଟକରୁ ମଗାଇଥିଲେ। ଦିନ ସାରା ନ ଖାଇ ବେଠିଆ ଭୂୟାଁ ଯୋରକୁ ଜାବୁଡ଼ା ଅନୁଜ ପାହାଡ଼ର ପଥର ଫଟାଇଥିଲେ। ହୁଏତ ବିଚିତ୍ରାନନ୍ଦ ରାଜାଙ୍କୁ ଜଣାଇ ନଥାଇପାରେ କିନ୍ତୁ ଫକୀରମୋହନ ମଧ୍ୟ କାହିଁକି ଚୁପ୍ ଥିଲେ। କାରଣ ସେ ସଦା ରାଜା ହିତାକାଂକ୍ଷୀ। ସେ ରାଜ ପରିବାର ସୁରକ୍ଷା କଥା ଚିନ୍ତା କରି ରାଜଗଡ଼ ଯାତ୍ରା କରିଛନ୍ତି। ମେଳିର ଦମନ ପାଇଁ ସୁପରିଟେଣ୍ଡେଣ୍ଟ ଟୟନବୀ ସାହେବଙ୍କୁ ଦେଖାକରି ରାଜା ଯେ ନିର୍ଦ୍ଦୋଷ ତାହା ପ୍ରମାଣ କରିଛନ୍ତି। ଆତ୍ମଚରିତରେ ସେ କହିଛନ୍ତି - "ଏ ସମ୍ବନ୍ଧରେ ମୁଁ ଦୃଢ଼ ରୂପରେ କହିପାରେ ଯେ ମହାରାଜାଙ୍କ ଅତ୍ୟାଚାର ସମ୍ବନ୍ଧରେ ମଧ୍ୟ କେଉଁଝର ପ୍ରଜା କି ସମ୍ପର୍କୀୟ ବାହାରର ଲୋକ କେହି ହେଲେ ଗୋଟଏ ପ୍ରମାଣ ଦେବାକୁ ସମର୍ଥ ହେବେ ନାହିଁ। ବର୍ତ୍ତମାନ ପ୍ରଜାବିଦ୍ରୋହ ଉପସ୍ଥିତ, ଏଥିରେ ଜିଲ୍ଲାର ଅନ୍ୟାନ୍ୟ ପ୍ରଜାଙ୍କର ସମ୍ପର୍କ ନାହିଁ, କେବଳ ଭୂୟାଁ ଜାତୀୟ ପ୍ରଜାମାନେ ଗୋଳଯୋଗ ଆରମ୍ଭ କରିଛନ୍ତି। ସେମାନେ ଦୁଷ୍ଟ ପ୍ରକୃତିର ଲୋକ,ସମୟ

ଅସମୟରେ ମେଳି କରିବା ସେମାନଙ୍କର ସ୍ୱଭାବ, ମହାରାଜାଙ୍କ ଅତ୍ୟାଚାର ଯୋଗୁଁ ପ୍ରଜାମେଳି ହୋଇଥିଲେ,ସମସ୍ତ ପ୍ରଜା ଏକତ୍ରିତ ହୋଇଥାନ୍ତେ।" (ଫକୀରମୋହନଙ୍କ ଆତ୍ମଚରିତ, ପୃ - ୧୯୫)

ଫକୀରଙ୍କ ଭୂୟାଁ ଜାତି ପ୍ରତି ଯେଉଁ ସହାନୁଭୂତି ଥିଲା ଏହି ଉକ୍ତିରୁ ପ୍ରତୀତ। କିନ୍ତୁ ଲେଖିକା କହିଛନ୍ତି "ଫକୀରମୋହନ ପ୍ରଜାମେଳିର ସମସ୍ତ ବିବରଣୀ ସାମାନ୍ୟ ଅତିରଂଜନ କରି ବର୍ଣ୍ଣନା କଲେ। କାରଣ ସେ ଜାଣିଥିଲେ ରାଜାଙ୍କ ଅତ୍ୟାଚାର ସଂପର୍କରେ ଧରଣୀଧର ଦୁଇ ଦୁଇଥର ପତ୍ର ଲେଖି ସରକାରଙ୍କୁ ଜଣାଇ ଦେଇଥିଲେ। ରାଜାଙ୍କ ଦୋଷ ଘୋଡ଼ାଇ ମେଳିଆଙ୍କ ଦୋଷ ବଢ଼ାଇ ନ କହିଲେ ସାହାଯ୍ୟ ମିଳିନଥାନ୍ତା ବୋଲି ଫକୀରମୋହନ ଜାଣିଥିଲେ।"

## ଫକୀରଙ୍କ କୂଟନୀତି ଓ ଭୂୟାଁ ମେଳିର ପରିଣତି :

ଫକୀରମୋହନଙ୍କ କୂଟନୀତି ଫଳରେ ବିଦ୍ରୋହ ଦମନ ନିମନ୍ତେ ଇଂରେଜ ସରକାର ସ୍ୱୀକୃତି ଦେଲେ।ଏପଟେ ବିଦ୍ରୋହୀ ଅପେକ୍ଷା କଲେ ବସନ୍ତପୁର ଘାଟିରେ। ଫକୀରମୋହନ ଯେତେବେଳେ ସେଠାରେ ପହଞ୍ଚିଛନ୍ତି ତାଙ୍କୁ ସୁରକ୍ଷିତ ଭାବରେ ବିଦ୍ରୋହୀଗଣ ବନ୍ଦୀ କଲେ। ଭୂୟାଁ ବିଦ୍ରୋହୀ ଫକୀରଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ ମଧ୍ୟ ଧରଣୀଧର ତାଙ୍କୁ ଅଭୟ ଦେଲେ। ଫକୀରମୋହନ କହିଛନ୍ତି "ଧରଣୀଙ୍କ ଅନୁପସ୍ଥିତି ସମୟରେ ମୋତେ ଧରିନେଇ ବଣକୁ ପଳାଇବା ପାଇଁ ମହାପାତ୍ର ଆଉ କେତେଜଣ ଭୂୟାଁ ଗୋପନରେ ପରାମର୍ଶ ସ୍ଥିର କଲେ। ସତକୁ ସତ, ଦିନେ ମୋତେ ଘେନିଯିବା ପାଇଁ ବେଢ଼ିଗଲେ। ଧରଣୀ ସମ୍ବାଦ ପାଇ ଧାଇଁ ଆସି ସେମାନଙ୍କ ପାଖରୁ ମୋତେ ଛଡ଼ାଇ ନେଲେ।" (ଆତ୍ମଚରିତ, ପୃ - ୨୧୩)

ଧରଣୀ ଫକୀରଙ୍କୁ ସମ୍ମାନ ଜଣାଇ ମ୍ୟାନେଜର କଲେ। କିନ୍ତୁ ସେ ଧରଣୀଙ୍କ ବିଶ୍ୱାସ ଜିତି ବିଶ୍ୱାସଘାତକତା କରିବା ପାଇଁ ମନେମନେ କୂଟ ପାଞ୍ଚୁଥିଲେ ଓ ଷଡ଼ଯନ୍ତ୍ର କରି ଭୂୟାଁ ମେଳିକୁ ପଣ୍ଡ କଲେ। ଧରଣୀ ତଥା ଭୂୟାଁଙ୍କ ସରଳାମି ପ୍ରତି ଏହା ଥିଲା ନିଶ୍ଚୟ ଏକ ପ୍ରତିଘାତ। ଫକୀରମୋହନ ପାନ ଆଣିବା ଆଳରେ ଧରଣୀ ହାତରେ ମହାରାଜାଙ୍କୁ ଚିଠି ପ୍ରେରଣ କଲେ। ପାଇକମାନେ ଚିଠିଟିକୁ ନେଇ ରାଜାଙ୍କୁ ଦେଲେ। ଲେଖାଥିଲା-

ମଇ ମାସ ୧୬ ତାରିଖ ସ୍ନ ୧୮୯୧

ମୁକାମ ରାଇସୁଆଁ

ଭୋଳାନାଥ ଖମାରିଆ ଜାଣିବୁ-ମହରାଣୀ ପୁତ୍ରଙ୍କ ସକାଶେ ନିତାନ୍ତ ଦରକାର, ଅତିଶୀଘ୍ର ଶହେ ହେଲେ ମଧ ପାନ, ଦୁଇଶ ଗୁଆ ପଠାଇବୁ। ପଶ୍ଚିମ ପଟରୁ ମାହାରା କରି ଆଖୁ ବାଡ଼ିକୁ ଶୀଘ୍ର ପାଣି ବୁହାଇବୁ, ନୋହିଲେ ଆଖୁବାଡ଼ି ବିନାଶ ଯିବ ବୋଲି ଜାଣିବୁ ।

ଇତି

ଫକୀର ମୋହନ ସେନାପତି

(ଆତ୍ମଚରିତ, ପୃ-୧୨୬)

ଉପନ୍ୟାସରେ ଏହି ଚିତ୍ର ସ୍ପଷ୍ଟ ରୂପରେ ବର୍ଣ୍ଣନୀୟ। ସରଳମନା ଧରଣୀଧର ଫକୀରଙ୍କ ଷଡ଼ଯନ୍ତ୍ରରେ ଛନ୍ଦି ହେଲେ। ଇଂରେଜ କବଳରେ ବନ୍ଦୀ ହେଲେ। ହୋଇପାରେ ଫକୀରଙ୍କ ଚତୁରତା ଓ କୂଟନୀତି ଏଥିରୁ ବାରିହୁଏ କିନ୍ତୁ ଆଜି କେନ୍ଦୁଝର ଭୂୟାଁ ଜାତି ନିକଟରେ ସେ ଦୋଷୀ। ବାସ୍ତବରେ ସେ ସ୍ୱାର୍ଥବାଦୀ ମଣିଷ ରୂପେ ଦଣ୍ଡାୟମାନ। କେଉଁ କାରଣ ଅବା ବାଧ୍ୟବାଧକତାରୁ ସେ ଏପରି କରିଥିଲେ, ତା'ର ଉତ୍ତର ସେ ନିଜେ। କିନ୍ତୁ ଯେତେଦୂର ଅନୁମାନ ହୁଏ ରାଜାଙ୍କ ବିଶ୍ୱାସ ପାତ୍ରର ମୋହ, କର୍ମଚାରୀର କର୍ତ୍ତବ୍ୟ, ପରିବାର ପୋଷଣ ହିଁ ଏଥି ନିମନ୍ତେ ଦାୟୀ। ଏଠାରେ ହଜିଯାଇଥାନ୍ତି ସେଇ ଫକୀରମୋହନ, ଯିଏ ଓଡ଼ିଆ ଭାଷା ଜନକ, କାଳଜୟୀ କୃତିର ସ୍ରଷ୍ଟା,ଉତ୍କଳର ସେନାପତି।

ଫକୀରମୋହନଙ୍କ ପ୍ରତ୍ୟେକ ମିଥ୍ୟାକୁ ଲେଖିକା ନିଜ ଲେଖନୀ ମୁନରେ ଘୋଡ଼ାଇ ଉପନ୍ୟାସରେ ଲେଖିଛନ୍ତି - "ସେ ରାଜାର ମଙ୍ଗଳ ପାଇଁ ଏପରି ମିଥ୍ୟାର ଆଶ୍ରୟ ନେଇଛନ୍ତି। ମହାଭାରତର କୃଷ୍ଣ ବି ମିଥ୍ୟାର ଆଶ୍ରୟ ନେବାକୁ ଯୁଧିଷ୍ଠିରଙ୍କୁ କହିଥିଲେ। ତେଣୁ ନରେ ବା ଗଂଜରେ ଅଶ୍ୱତ୍‌ଥାମା ହତଃ ଭଳି ଏହି ମିଥ୍ୟା ଅପରାଧ ନୁହେଁ।" ସେ କଦାପି ଭୂୟାଁଙ୍କ ପ୍ରତି ଅନୁରାଗୀ ନଥିଲେ ତେଣୁ ବ୍ରିଟିଶ ସରକାରଙ୍କ ଆଗରେ ଭୂୟାଁଙ୍କ ବିରୋଧରେ ହିଁ କହିଛନ୍ତି। ଏହାର ଦୃଷ୍ଟାନ୍ତ ଫକୀରଙ୍କ ଆତ୍ମଚରିତର ଭୂୟାଁ ପ୍ରଜା ବିଦ୍ରୋହ ପ୍ରସଙ୍ଗ।

ଭୂୟାଁ ମେଳି ପଣ୍ଡ ହେଲା । ଧରଣୀର ବଡ଼ଭାଇ ଗୋପାଳିଆ, ଭଉଣୀ ପତି ନରେନ୍ଦ୍ର ସମେତ ଅନେକ ବୀରଙ୍କ ମୁଣ୍ଡ ଗଡ଼ିଲା । ଧରଣୀ ୭ ବର୍ଷ କାରାଦଣ୍ଡ ଭୋଗ କଲେ । ଭୂୟାଁମାନେ ଧରଣୀର ମୁକ୍ତିପାଇଁ ଅନ୍ଦୋଳନ କଲେ । ୧୮୯୭ ରେ ଜେଲରୁ ମୁକ୍ତ ହୋଇ ସେ ସନ୍ୟାସୀ ଜୀବନ ଗ୍ରହଣ କଲେ । ଏହି ଇତିହାସର ସତ୍ୟତା ପରେ ଲେଖିକା ଅନେକ କାଳ୍ପନିକ କଥାକୁ ଯୋଡ଼ି ଫକୀରଙ୍କୁ ମହାନ୍ ଦେଖାଇବାକୁ ପ୍ରୟାସ କରିଛନ୍ତି, ଯେପରିକି ଧରଣୀ ଫକୀରଙ୍କ ରୋଗାକ୍ରାନ୍ତ ସମୟରେ ଦୈବଶକ୍ତି ବଳରେ ଆସି ଭେଟି ପୁଣି ଉଭାନ ହେବା ପ୍ରସଙ୍ଗ । "କ୍ଷୀଣକାୟ ଉଜ୍ଜ୍ୱଳ କାନ୍ତି ଶ୍ମଶ୍ରୁ ବହଳ ମୁଖମଣ୍ଡଳ ଥିବା ବ୍ୟକ୍ତି ତାଙ୍କ କୋଳରେ ଫକୀରମୋହନଙ୍କ ମୁଣ୍ଡଟି ରଖି ସାଉଁଟୁଥିଲେ...... ସେ ଉଠି ବସି ଧରଣୀଧରଙ୍କୁ କୁଣ୍ଢାଇ ପକାଇଲେ,କହିଲେ-ତୁମେ ମୋର ପୁତ୍ର-ତୁମେ ମୋର ମନମୋହନ- ପିତାର ଯଦି ଅପ୍ରାଧ ଥାଏ କ୍ଷମା କରିଦିଅ ।" ଫକୀରଙ୍କୁ ଧରଣୀ ପ୍ରତି କୋମଳ ହୃଦୟବାନ ଚରିତ୍ରରେ ଦେଖେଇବାକୁ ସେ ଯତ୍ନଶୀଳା ।

ଯଦୁନାଥ ଜେନାଙ୍କ ମତରେ- "ଧରଣୀଧରଙ୍କ ବିଦ୍ରୋହ ଥିଲା କେବଳ ରାଜାଙ୍କ ବିପକ୍ଷରେ ନୁହେଁ । ତତ୍କାଳୀନ ଇଂରେଜ ସରକାରଙ୍କ ବିରୁଦ୍ଧରେ । କାରଣ ସେ ଜାଣିଥିଲେ ରାଜା ଧନୁର୍ଜୟ ଭଂଜ ଇଂରେଜମାନଙ୍କ ସ୍ୱୀକୃତି ପ୍ରାପ୍ତ ରାଜା । ତଥାପି ସେ ନିର୍ଭୀକ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଜନତାଙ୍କର ସ୍ୱାର୍ଥ ଦୃଷ୍ଟିରୁ ଆଂଶିକ ରାଜତନ୍ତ୍ରକୁ ହଟାଇ ସରକାର ଗଢ଼ିବାକୁ ଚେଷ୍ଟା କରିଥିଲେ । ମାନବିକତା, ଦୟା, କ୍ଷମା ହୃଦୟରେ ଭରପୁର ଥିଲା । ହିଂସା, କପଟ, ପରଶ୍ରୀକାତରତାର ଅନେକ ଊର୍ଦ୍ଧ୍ୱରେ ସେ ଥିଲେ । ଏହି ନିରିହ ଦୁର୍ବଳତାର ସୁଯୋଗ ନେଇ ଆମର ବ୍ୟାସକବି ବୋଲାଉଥିବା ଅନ୍ତର୍ଘାତୀ, ବିଶ୍ୱାସଘାତକ ଫକୀରମୋହନ ଇଂରେଜମାନଙ୍କ ହାତରେ ତାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଇଥିଲେ । ଏ ସମସ୍ତ କାର୍ଯ୍ୟ ପାଇଁ ଫକୀରମୋହନ ହେଉଛନ୍ତି ସଂପୂର୍ଣ୍ଣ ରୂପେ ଦାୟୀ ।" (କେନ୍ଦୁଝର ଭୂୟାଁ ବିଦ୍ରୋହ, ପୃ - ୩୫)

ସେହିପରି ଡ. ମାୟାଧର ମାନସିଂହଙ୍କ ବିଚାରରେ "ମୂଳରୁ ଶେଷଯାଏଁ ସରଳ ବିଶ୍ୱାସୀ ତାଙ୍କର ପୁତ୍ର ସମାନ ଭୂୟାଁ ଧରଣୀଧର ପ୍ରତି ଶଠତା ଓ ପ୍ରବଞ୍ଚନା କରିଆସିଲେ । ସେ ହାସ୍ୟକର ରାଜା ବେଶରେ ଧରଣୀକୁ ଜାଣିଜାଣି ଶତ୍ରୁ ମୁହଁକୁ ଠେଲି ନ ଦେଇଥିଲେ ବିଚରା ଧରଣୀଧର ଅନ୍ୟ କିଛି ବ୍ୟବସ୍ଥା କରିପାରିଥାନ୍ତା ।"

(ସରସ୍ୱତୀ ଫକୀର ମୋହନ, ପୃ - ୧୬୦)

ପ୍ରଫେସର ଧ୍ରୁବଚରଣ ଜୟସିଂହ ପାଇକରାୟ ଲେଖିଛନ୍ତି - "କନିକାର ବନ୍ଧୁମାନଙ୍କ ମତ ଅନୁସାରେ ନବଜୀବନ ପତ୍ରିକାରେ ପ୍ରାଣନାଥ ପଟ୍ଟନାୟକ ଲିଖିତ ସଂପୃକ୍ତ ପ୍ରବନ୍ଧ କହେ -ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ବେଳେ ଜାତୀୟବାଦୀ ଧରଣୀଧର ନିଜର ମୌନବ୍ରତ ଭାଙ୍ଗି ଏବଂ ନିଜର ପରିଚୟ ଦେଇ, ସେ ଦଳଦଳ ଯୁବକଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଝାମ୍ପ ଦେବାପାଇଁ ଉତ୍ସାହିତ କରି ଲାଗିଥିଲେ..... ସାଧାରଣତଃ ମୌନୀ ଥିଲେ ହେଁ, ସନ୍ୟାସୀ ଧରଣୀଧର ଫକୀରମୋହନଙ୍କ ନାମ ଶୁଣିଲେ ଅଗ୍ନିଶର୍ମା ହୋଇ ତାଙ୍କୁ ଗାଳି ଗୁଲଜ ଦେବା ଆରମ୍ଭ କରୁଥିଲେ ।" (କେନ୍ଦୁଝର ଆଦିବାସୀ ଆନ୍ଦୋଳନର ଇତିହାସ, ପୃ-୧୭୬)

ବାସ୍ତବରେ ଫକୀରଙ୍କ ପ୍ରତି ଏଭଳି ଦୃଷ୍ଟିକୋଣ ଦେଖିବା ବେଳେ 'ମହାରାଣୀ ପୁତ୍ର' ଉପନ୍ୟାସରେ ଲେଖିକାଙ୍କ ଉକ୍ତିଟି କୌତୂହଳ ସୃଷ୍ଟିକରେ । ତାଙ୍କ ଉକ୍ତିରେ "କିଏ ଜାଣେ ହୁଏତ ଭବିଷ୍ୟତରେ କେହି ସାହିତ୍ୟ ସମାଲୋଚକ ଲେଖିଦେବେ ଯେ ଫକୀରମୋହନଙ୍କ ସମସ୍ତ ଶାସନଗତ କୁଟିଳତା ଓ ଚାରିତ୍ରିକ ଦୁର୍ବଳତା କେବଳ ରାଜସ୍ୱାର୍ଥ ସଂରକ୍ଷଣ ପାଇଁ ଥିଲା । ବାସ୍ତବରେ ଦକ୍ଷ ପ୍ରଶାସନକୁ କୁଟିଳ ହେବାକୁ ପଡ଼େ ।" ଫକୀରମୋହନ ଓଡ଼ିଆ ଜାତି ପାଇଁ ନମସ୍ୟ । କିନ୍ତୁ ଲେଖିକାଙ୍କ ତାଙ୍କ ପ୍ରତି ଉଦାରତା ଯଥେଷ୍ଟ ଥିଲାଭଳି ପ୍ରତୀତ ହୁଏ । ବୈଚାରିକତା ଦୃଷ୍ଟିରୁ ଦେଖିଲେ ଓଡିଆ ଜାତିପାଇଁ ଯାହାର ଅନେକ ଅବଦାନ ତାଙ୍କୁ ନିନ୍ଦିତ କଲାବେଳେ ଯେକୌଣସି ଓଡ଼ିଆଙ୍କୁ, ସାହିତ୍ୟ ପ୍ରେମୀଙ୍କୁ ଅପରାଧୀ ମନେହେବ, ତେଣୁ ଲେଖିକା ଉପନ୍ୟାସର ମୁଖବନ୍ଧରେ ସୂଚିତ କରିଛନ୍ତି ଯେ "କେଉଁ ପରିସ୍ଥିତିରେ ପଡ଼ି ସେ ଭୂୟାଁ ବିଦ୍ରୋହର ଦମନ କରିବାରେ ଏକ ବିଚିତ୍ର ଭୂମିକା ଗ୍ରହଣ କରିଥିଲେ ତାହା ହୃଦୟଙ୍ଗମ ନକରି ତାଙ୍କୁ ନିନ୍ଦିତ କଲାବେଳେ ମୁଁ ଏକ ଅସହାୟ ବ୍ୟଥାରେ ଛଟପଟ ହୁଏ ।" ଧରଣୀକୁ ଲେଖିକା ନ୍ୟାୟ ପ୍ରଦାନ କରିଛନ୍ତି ଉପନ୍ୟାସରେ । 'ଧରଣୀ ଇତିହାସ' ନିଶ୍ଚୟ ପାଠକ ମାନସରେ ସମ୍ବେଦନତା ସୃଷ୍ଟି କରିବ ଏବଂ ଜୀବନ୍ତ ହୋଇ ଅମରତ୍ୱ ଲାଭ କରିବ ।

ସଂଯୋଗରେ ଫକୀର ଓ ଧରଣୀଙ୍କ ପିତାଙ୍କ ନାମ ଲକ୍ଷ୍ମଣ। ଜଣେ ସେନାପତି ତ ଆଉ ଜଣେ ସର୍ଦ୍ଦାର। ଉଭୟଙ୍କର ଇତିହାସର ଗାଥା 'ମହାରାଣୀ ପୁତ୍ର' ଉପନ୍ୟାସ। ଏହା କେବଳ ଐତିହାସିକ ପ୍ରେକ୍ଷାପଟରେ ରଚିତ ଉପନ୍ୟାସ ନୁହେଁ ବରଂ ଓଡ଼ିଆ ଜାତିର ଗୌରବ ଗାଥା। ଲେଖିକା ବର୍ଣ୍ଣନାଗତ ବିଶ୍ଳେଷଣ ପ୍ରତି ଖୁବ୍ ସଚେତନ। କଥା ସମ୍ବନ୍ଧିତ ନଦୀ, ପର୍ବତ, ପର୍ବ ପର୍ବାଣୀ, ପରମ୍ପରା, ବିଶ୍ୱାସବୋଧ, କିଂବଦନ୍ତୀ, ଅଲୌକିକତା, ଲୋକକ୍ତି, ପୁରାଣ ପ୍ରୟୋଗ, ମାତୃଶକ୍ତି, ଭୂବନ୍ଦୋବସ୍ତ, ଐତିହାସିକ ଚରିତ୍ର,ଆଦିବାସୀଙ୍କ ସରଳ ବ୍ୟକ୍ତିତ୍ୱ ପ୍ରଭୃତିର ଚିତ୍ରକୁ ସୁବର୍ଣ୍ଣପୃଷ୍ଠରେ ମାଣିକ ଖଞ୍ଜିଲା ପରି ଉପସ୍ଥାପନ କରିଛନ୍ତି। ତେଣୁ 'ମହାରାଣୀ ପୁତ୍ର' ଏକ ସ୍ଥୁଳ ଆଲୋଚନାର ବିଷୟ। ସମୀକ୍ଷାର ବସ୍ତୁ। ନିଷ୍କର୍ଷରେ, ଏହା ଗବେଷଣାଧର୍ମୀ ଉତ୍କୃଷ୍ଟ ନୃତାତ୍ତ୍ୱିକ ଐତିହାସକ ଉପନ୍ୟାସ।

## ସହାୟକ ଗ୍ରନ୍ଥସୂଚୀ:


୧. ଜେନା ଯଦୁନାଥ, କେନ୍ଦୁଝର ପ୍ରଜାବିଦ୍ରୋହ, ତାରାତାରିଣୀ ବୁକ୍‌ଷ୍ଟୋର, କଟକ, ୧୯୮୪

୨. ଦାଶ, ଦେବେନ୍ଦ୍ର କୁମାର, ଫକୀରମୋହନ ସେନାପତିଙ୍କ ଆତ୍ମଚରିତ,ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ,୨୦୧୦

୩. ପଟ୍ଟନାୟକ,ଜଗନ୍ନାଥ,ବିପ୍ଳବ ଧରଣୀଧର, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,ଭୁବନେଶ୍ୱର ୧୯୯୨

୪. ପାଇକରାୟ, ଧ୍ରୁବଚରଣ ଜୟସିଂହ, କେନ୍ଦୁଝରରେ ଆଦିବାସୀ ଆନ୍ଦୋଳନର ଇତିହାସ,ଚିତ୍ରୋତ୍ପଳା ପବ୍ଲିକେସ୍‌ନସ, ୨୦୦୯

୫. ପାତ୍ର, କିଶୋରୀ ମୋହନ, ବନ୍ଦିତାଦେବୀ, ଆନ୍ ଆଡଭାନ୍‌ସଡ ହିଷ୍ଟୋରୀ ଅଫ୍ ଓରିଶା (ଇଂ),କଲ୍ୟାଣୀ ପ୍ରିଣ୍ଟିଙ୍ଗ,ନୂଆଦିଲ୍ଲୀ, ୧୯୯୭

୬. ବାରିକ,ନିରଞ୍ଜନ,କେନ୍ଦୁଝର ଇତିହାସ,ସଂସାରପ୍ରେସ୍, କଟକ, ୨୦୧୫

୭. ମାନସିଂହ, ମାୟାଧର, ସରସ୍ୱତୀ ଫକୀରମୋହନ, ଗ୍ରନ୍ଥମନ୍ଦିର, ବ୍ରହ୍ମପୁର, ୧୯୭୨

୮. ରାୟ, ପ୍ରତିଭା, ପଦ୍ମପତ୍ରରେ ଜୀବନ, ଆଦ୍ୟାପ୍ରକାଶନୀ, କଟକ,୨୦୧୪

୯. ରାୟ,ପ୍ରତିଭା,ମହାରାଣୀପୁତ୍ର, ଆଦ୍ୟାପ୍ରକାଶନୀ, ସାରଳା ପ୍ରିଣ୍ଟର୍ସ,୨୦୧୨

୧୦.ସେନାପତି, ଫକୀରମୋହନ, ଆତ୍ମଚରିତ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୦୯।


❖ ❖ ❖

DOI : https://doi.org/10.5281/zenodo.18529250

ମୂଳ ପ୍ରବନ୍ଧ

# ପରଜଙ୍ଗ ଅଂଚଳର ଲୋକବାଣୀର ପ୍ରକରଣ ସୌନ୍ଦର୍ଯ୍ୟ - ଏକ ସମୀକ୍ଷାତ୍ମକ ଦୃଷ୍ଟି

**ସୁବେଦିତା ସାହୁ**


## ସଂକ୍ଷିପ୍ତସାର :

ପରଜଙ୍ଗ ଅଂଚଳ ଓଡିଶାର ମାଟି , ମଣିଷ ଓ ପରିବେଶ ସହିତ ଅଭିନ୍ନ ଭାବରେ ଜଡିତ ଏକ ସାଂସ୍କୃତିକ କେନ୍ଦ୍ର। ଏହି ଅଂଚଳ ଓଡିଶାର ଏକ ସଂସ୍କୃତିମୟ ମାଟି ଭାବରେ ସୁପରିଚିତ। ଏଠିକାର ଲୋକମାନଙ୍କ ଜୀବନ ପ୍ରବାହର ଏକ ଅଖଣ୍ଡ ଅଂଶ ହେଉଛି ଲୋକବାଣୀ ଯାହା ଗ୍ରାମ୍ୟ ଜୀବନର ଆତ୍ମା ତଥା ଲୋକସାହିତ୍ୟ ଓ ସଂସ୍କୃତିର ଜୀବନ୍ତ ପ୍ରତିନିଧି। ଏହି ଲୋକବାଣୀଗୁଡିକରେ ଜନଜୀବନର ଜୀବିକା , ସରଳତା , ଆସ୍ଥା , ଅନୁଭୂତି , ଉତ୍ସବ , ପର୍ବପର୍ବାଣି , ଧାର୍ମିକ ବିଶ୍ୱାସ ଓ ଦୈନନ୍ଦିନ , ଜୀବନର ପ୍ରତିଛବିକୁ ସହୃଦୟତାର ସହ ଆମେ ଉପଲବ୍ଧି କରିପାରିବା। ଏହା ସେମାନଙ୍କ ଜୀବନଚର୍ଯ୍ୟା , ପରମ୍ପରା ଓ ସାମାଜିକ ସଂସ୍କାର ସହ ନିବିଡ ଭାବେ ସଂଲଗ୍ନିତ। ବାସ୍ତବରେ ଲୋକବାଣୀମାନେ କେବଳ ମନୋରଞ୍ଜନର ଅଂଶ ନୁହେଁ ଏହା ଜୀବନଦର୍ଶନ , ନୈତିକ ମୂଲ୍ୟ ଓ ଜନଜୀବନର ସାହିତ୍ୟିକ ପ୍ରତିଧ୍ୱନି । ପରଜଙ୍ଗ ଅଂଚଳର ଲୋକବାଣୀର ପ୍ରକରଣ ସୌନ୍ଦର୍ଯ୍ୟରେ ତାହାର ସରଳ ଭାଷା , ଉପମାତ୍ମକ ଭାବ , ଧ୍ୱନିସଂଗତି ଓ ଲୟଗତ ଗଠନର ବୈଚିତ୍ର୍ୟତା ଅନୁଭୂତ ହୁଏ । ଏଥିରେ ବ୍ୟବହୃତ ହୋଇଥିବା ଆଂଚଳିକ ଭାଷା , ରସ , ଧ୍ୱନି ଓ ଶବ୍ଦର ସୂକ୍ଷ୍ମତା ଏହାକୁ ଆକର୍ଷଣୀୟ କରିଛି । ଏହି ଅଂଚଳର ଜନଜୀବନର ସଂସ୍ପର୍ଶ ପାଇବା ଯୋଗୁଁ ଲୋକବାଣୀକୁ ସ୍ୱାଭାବିକ ଓ ସଜୀବ ହୋଇଉଠିଛନ୍ତି । ସେହିପରି ଲୋକବାଣୀ ଲୋକମାନଙ୍କ ଚେତନାର ସ୍ୱର ହୋଇ ଆଂଚଳିକ ସାହିତ୍ୟର ସୌନ୍ଦର୍ଯ୍ୟକୁ ସୁଶୋଭିତ କରିଛି ଯାହାକୁ ଉକ୍ତ ପ୍ରବନ୍ଧ ମାଧ୍ୟମରେ ମୁଁ ପ୍ରକାଶିତ କରିବାକୁ ଯଥା ସମ୍ଭବ ଚେଷ୍ଟା କରାଯାଇଛି।



**ପ୍ରମୁଖ ଶବ୍ଦାବଳୀ:**

ପ୍ରକରଣ ସୌନ୍ଦର୍ଯ୍ୟ , ଲୋକବାଣୀ , ଧ୍ୱନି ସଙ୍ଗତି , ଜୀବନଚର୍ଯ୍ୟା , ବୈଚିତ୍ର୍ୟତା ।


## ଉପକ୍ରମ :

ସାହିତ୍ୟ ସୃଷ୍ଟିର ଆଦ୍ୟ ପର୍ଯ୍ୟାୟ ହେଉଛି ଲୋକ ସାହିତ୍ୟ। ଏହି ଲୋକସାହିତ୍ୟ ହିଁ ବିଦଗ୍ଧ ସାହିତ୍ୟର ପଥପ୍ରଦର୍ଶକ। ଲୋକ ସଭ୍ୟତାର ଆଦ୍ୟ ଜୀବନର କୃତି ହେଉଛି ଲୋକସାହିତ୍ୟ। ସାହିତ୍ୟ ସର୍ବଦା ସହ ତାଳ ଦେଇ ଗତି କରୁଥାଏ। ଏହି ଦୃଷ୍ଟିରୁ ସଭ୍ୟତାର ଆରମ୍ଭ କାଳରୁ ସାହିତ୍ୟର ସୃଷ୍ଟି ହୋଇଛି ଏବଂ କାଳର ସ୍ରୋତରେ ଭାସିଆସି ବର୍‌ତ୍ତମାନରେ ପହଂଚିଛି। ସମାଜ ଓ ସଂସ୍କୃତି ହେଉଛି ସାହିତ୍ୟର ଭିତ୍ତିଭୂମି। ପ୍ରତ୍ୟେକ କାଳଖଣ୍ଡର ସାହିତ୍ୟରେ ସେହି ସମୟର ସମାଜ ଓ ସଂସ୍କୃତି ଦୃଶ୍ୟମାନ


ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18529250

Article No - BPPP00381



**ଯୋଗାଯୋଗ :**

**ସୁବେଦିତା ସାହୁ**, ଭାଷା ଓ ସାହିତ୍ୟ ବିଭାଗ

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

E mail : subeditasahoo2003@gmail.com

Orcid Id : https://orcid.org/0009-0008-6823-4942



This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*



| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ସୁବେଦିତା; ୨୦୨୬। ପରଜଙ୍ଗ ଅଂଚଳର ଲୋକବାଣୀର ପ୍ରକରଣ ସୌନ୍ଦର୍ଯ୍ୟ - ଏକ ସମୀକ୍ଷାତ୍ମକ ଦୃଷ୍ଟି। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଞ, ପୃଷ୍ଠା: ୬୭-୭୦।

ହୋଇଥାଏ । ଲୋକ ସଂସ୍କୃତିକୁ ଉପଜିବ୍ୟ କରି ଲୋକସାହିତ୍ୟର ଅଙ୍କୁରୋଦ୍‌ଗମ୍ । ଲୋକ ସମାଜର ମନନଶୀଳତାକୁ ନେଇ ବିଭିନ୍ନ ବିଭାଗର ଲୋକସାହିତ୍ୟ ସୃଷ୍ଟି ହୋଇଛି । ଲୋକସାହିତ୍ୟର ନାନାବିଧ ବିଭାଗ ମଧ୍ୟରେ - ଲୋକଗୀତ , ଲୋକଗଳ୍ପ , ଲୋକନାଟକ , ଲୋକବାଣୀ ଆଦି ଅନ୍ତର୍ଭୁକ୍ତ । ଏହି ବିଭାଗଗୁଡିକ ସ୍ୱତନ୍ତ୍ର କଳା -କୌଶଳରେ ପରିପୂର୍ଣ୍ଣ । ଲୋକସାହିତ୍ୟ ମନୋରଞ୍ଜନର ମାଧ୍ୟମ ହେବା ସହ ଶିକ୍ଷା ପ୍ରଦାନ କରୁଥିବା ହେତୁ ସାର୍ବକାଳୀନ ଲୋକ ସମାଜରେ ଗ୍ରହଣୀୟ ହୋଇଛି ତଥା ଆଦୃତ ଲାଭ କରିପାରିଛି ।

ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଭିତରେ ଏକ ଅଭିନବ ବିଭାଗ ହେଉଛି ଲୋକବାଣୀ । ଏହି ଲୋକବାଣୀଗୁଡିକରେ ସମାଜର ସାଂସ୍କୃତିକ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । ଲୋକବାଣୀ ସୃଷ୍ଟିର ଆଦ୍ୟପ୍ରାଣସ୍ଥଳ ହେଉଛି ପଲ୍ଲୀ । ପଲ୍ଲୀ ଜନତାର କଣ୍ଠରୁ ହିଁ ଲୋକବାଣୀର ସ୍ରୋତସ୍ୱିନୀ ଧାରା ପ୍ରବାହିତ ହୋଇଛି , ତେଣୁ ଏହା ମଧ୍ୟରେ ସ୍ଥାନ ପାଇଛି ପଲ୍ଲୀପ୍ରାଣ ଲୋକମାନଙ୍କର ସାମାଜିକ ଭାବନା ଓ ସାଂସ୍କୃତିକ ଆଭିମୁଖ୍ୟ । ଯୁଗରୁଚି ଅନୁଯାୟୀ ସାମାଜିକ ପ୍ରାଣୀମାନଙ୍କର ରୁଚି ପରିବର୍ତ୍ତନ ହେଉଥିଲେ ହେଁ ପରମ୍ପରା ପ୍ରିୟ ଲୋକମାନଙ୍କର ଗତାନୁଗତିକ ପାରମ୍ପରିକ ଭାବଟି ଅପରିବର୍ତ୍ତିତ ହୋଇରହିଛି । ଏହି ଦୃଷ୍ଟିରୁ ଲୋକ ସମାଜରେ ଲୋକବାଣୀ ପ୍ରଚଳନର ପରମ୍ପରା ଏବେ ମଧ୍ୟ ସକ୍ରିୟ ହୋଇ ରହିପାରିଛି । କିନ୍ତୁ ଆଧୁନିକ ଯୁଗର ବ୍ୟସ୍ତବହୁଳ ସମୟ ସାପେକ୍ଷ ଲୋକମାନଙ୍କର କାର୍ଯ୍ୟବ୍ୟସ୍ତତା ହେତୁ ଏହି ଲୋକବାଣୀଗୁଡିକର ପ୍ରୟୋଗର ପରିମାଣ ଧୀରେ ଧୀରେ କମିଆସିଛି । ତଥାପି ଏବେ ମଧ୍ୟ ଗ୍ରାମମାନଙ୍କରେ ଏହାର ବ୍ୟବହାର ଅକ୍ଷୁର୍ଣ୍ଣ ରହିଛି ।

## ପ୍ରକରଣ ସୌନ୍ଦର୍ଯ୍ୟ :

ମଣିଷ ହେଉଛି ଏକ ସୌନ୍ଦର୍ଯ୍ୟ ପିପାସୁ ଜୀବ । ସେ ପ୍ରତ୍ୟେକ କ୍ଷେତ୍ରରେ ସୌନ୍ଦର୍ଯ୍ୟକୁ ଅଗ୍ରାଧିକାର ଦେଇଥାଏ । ସମସ୍ତ ବ୍ୟକ୍ତିମାନଙ୍କ ପାଇଁ ସୌନ୍ଦର୍ଯ୍ୟଭାବ ସମାନ ନୁହେଁ । ସ୍ୱକୀୟ ଦୃଷ୍ଟିଭଙ୍ଗୀ ଅନୁସାରେ ସୌନ୍ଦର୍ଯ୍ୟକୁ ବିଶ୍ଳେଷଣ କରି ନିଜର ମତାମତ ପୋଷଣ କରିଥାନ୍ତି , ସେଥିପାଇଁ ସୌନ୍ଦର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ସ୍ଥିର କରିବା ସହଜ ନୁହେଁ । ମନୁଷ୍ୟ ଯେଉଁ ଦୃଷ୍ଟିକୋଣ ନେଇ ସୌନ୍ଦର୍ଯ୍ୟକୁ ବିଚାର କରିଥାଏ , ସୌନ୍ଦର୍ଯ୍ୟ ତା ପାଇଁ ସେହିପରି ଦୃଶ୍ୟମାନ ହୋଇଥାଏ । ତେଣୁ ଏହା ସର୍ବଦା ମନୁଷ୍ୟର ମନ ସହ ସଂଶ୍ଳିଷ୍ଟ । ବାସ୍ତବ ଜଗତରେ ସୌନ୍ଦର୍ଯ୍ୟର ସଂଜ୍ଞା ଯାହା ହେଉନା କାହିଁକି ସାହିତ୍ୟ ଜଗତରେ ଏହାର ସଂଜ୍ଞା ଭିନ୍ନ । ସାହିତ୍ୟ କ୍ଷେତ୍ରରେ ସୌନ୍ଦର୍ଯ୍ୟ କହିଲେ ତାର ନିର୍ମାଣ ଜନିତ ସୌନ୍ଦର୍ଯ୍ୟକୁ ବୁଝାଇଥାଏ । ସୌନ୍ଦର୍ଯ୍ୟ ପ୍ରକରଣର ଅର୍ଥ ହେଉଛି ନିର୍ମାଣ ବା ଗଠନଗତ ରୂପ । ଯାହାକି ଏକ ସର୍ଜନାକୁ ସାହିତ୍ୟିକ ମୂଲ୍ୟ ପ୍ରଦାନ କରିଥାଏ ।

ଗ୍ରାମମାନଙ୍କରେ ଅଶିକ୍ଷିତ , ନିରକ୍ଷର ଲୋକଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଲୋକବାଣୀଗୁଡିକ ସୌନ୍ଦର୍ଯ୍ୟ ପ୍ରକରଣରେ ସୁସଜ୍ଜିତ । ଏହି ଲୋକବାଣୀଗୁଡିକୁ ଅନୁଶୀଳନ କଲେ ଜଣାଯାଏ ଯେ , ସାଧାରଣ ଲୋକମାନେ ମଧ୍ୟ ସୌନ୍ଦର୍ଯ୍ୟ ପ୍ରକରଣର ଛତ୍ରେ ଛତ୍ରେ ସୃଷ୍ଟି ସମ୍ଭାରର ସୌଧ ତିଆରି କରିବାରେ ସିଦ୍ଧହସ୍ତ ଥିଲେ । ଶ୍ରୁତିମଧୁର ନିମିତ୍ତ ଶବ୍ଦ ଓ ଅର୍ଥର ସମନ୍ୱୟ ଘଟାଇ ଲୋକବାଣୀଗୁଡିକର ସୌନ୍ଦର୍ଯ୍ୟ ପ୍ରକରଣ ମଧ୍ୟରେ - ଅକ୍ଷର ମେଳ , ଲୋକଛନ୍ଦ , ପଦମେଳ ଓ ଉଚ୍ଚାରଣ ଆଦି କମନୀୟ ଅଙ୍ଗଗୁଡିକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଉକ୍ତ ପ୍ରକରଣ ପାଇଁ ହିଁ ଲୋକବାଣୀଗୁଡିକ ଲୋକସାହିତ୍ୟ ମଧ୍ୟରେ ସ୍ଥାନ ପାଇବାର ପଦ ମର୍ଯ୍ୟାଦା ହାସଲ କରିପାରିଛି । ନିମ୍ନରେ ଏହି ପ୍ରକରଣଗୁଡିକ ଉପରେ ଆଲୋକପାତ କରାଯାଇଛି ।

ଲୋକବାଣୀଗୁଡିକରେ ମଧ୍ୟ ଏହି ସୌନ୍ଦର୍ଯ୍ୟ ପ୍ରକରଣ ଦୃଷ୍ଟିଗୋଚର ହେବା ଯୋଗୁଁ ତାକୁ ସାହିତ୍ୟର ଅଙ୍ଗୀଭୂତ କରାଯାଇଛି ।

### ୧) ଅକ୍ଷର ମେଳ :

ଅକ୍ଷର ମେଳ ପାଇଁ ଲୋକବାଣୀଗୁଡିକ ଶୁଣିବାକୁ ଶ୍ରୁତିମଧୁର ଲାଗିଥାଏ । ଗ୍ରାମମାନଙ୍କରେ ବ୍ୟବହୃତ ହେଉଥିବା ଲୋକବାଣୀଗୁଡିକୁ ଅକ୍ଷର ମେଳ ଦୃଷ୍ଟିରୁ ବିଚାର କଲେ ଅତି ଚମତ୍କାରପୂର୍ଣ୍ଣ ମନେ ହୋଇଥାଏ । ସାଧାରଣ ନିରକ୍ଷର ଗାଉଁଲି ଲୋକଟିଏ ମଧ୍ୟ ସାହିତ୍ୟିକ ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟି ନିବଦ୍ଧ କରି ସୃଜନଶୀଳତାର ପାରଦର୍ଶୀ ପ୍ରତିଭାକୁ ପ୍ରଦର୍ଶନ କରାଇଥାଏ । ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଅଂଚଳରେ ପ୍ରଚଳିତ ଲୋକବାଣୀଗୁଡିକ ଅକ୍ଷର ମେଳ ଅନୁସାରେ ସାଧାରଣତଃ ଛଅ

ଅକ୍ଷର , ନଅ ଅକ୍ଷର , ଦଶ ଅକ୍ଷର ଓ ଏଗାର ଅକ୍ଷର ବିଶିଷ୍ଟ ଅଟେ । ଉଦାହରଣ ସ୍ୱରୂପ -

ଛଅ ଅକ୍ଷର ବିଶିଷ୍ଟ ପଦ - ଅଜା ଜାଣି ନାତି
ମାଛ ଜାଣି କାତି ।

ଦଶ ଅକ୍ଷର ବିଶିଷ୍ଟ ପଦ- ମଙ୍ଗଳରାତି ବୁଧ ପାହାନ୍ତି
ଯେଣେ ଯାଆନ୍ତି ଲାଭ ପାଆନ୍ତି ।

## ୨) ଲୋକଛନ୍ଦ

ଲୋକବାଣୀଗୁଡିକୁ ସାହିତ୍ୟିକ ସୌନ୍ଦର୍ଯ୍ୟ ଓ ସାହିତ୍ୟିକ ମର୍ଯ୍ୟାଦା ପ୍ରଦାନ କରିବାରେ ପ୍ରଧାନ ଭୂମିକା ଗ୍ରହଣ କରିଥାଏ ଲୋକଛନ୍ଦ । ଲୋକଛନ୍ଦ ହିଁ ସାହିତ୍ୟିକ ମୂଲ୍ୟକୁ ବହୁଗୁଣିତ କରିଥାଏ । ଛନ୍ଦ ମୁଖ୍ୟତଃ ଦ୍ୱିବିଧ ,ଯଥା ଗଦ୍ୟ ଛନ୍ଦ ଓ ପଦ୍ୟଛନ୍ଦ । ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଲୋକବାଣୀ ପଦ୍ୟ ଛନ୍ଦ ଭିତ୍ତିକ ଏବଂ ଏହା ଲୋକମୁଖରେ ବ୍ୟବହୃତ ହେଲା ବେଳେ ତାର ଛନ୍ଦର ସ୍ୱତନ୍ତ୍ରତା ନେଇ ଉଚ୍ଚାରିତ ହୋଇଥାଏ । ଉଚ୍ଚାରଣ ଦୃଷ୍ଟିରୁ ଆଲୋଚନା କଲେ କେତେକ ଦୁଇଚରଣ , ତିନିଚରଣ , ଚାରି ଚରଣ , ପାଂଚ ଚରଣ , ଛଅ ଚରଣ , ଆଠ ଚରଣ ଓ ଅସମାନ ଅକ୍ଷର ବିଶିଷ୍ଟ ଛନ୍ଦ ରହିଛି । ଯେପରି -

ଦୁଇ ଚରଣ ବିଶିଷ୍ଟ ଛନ୍ଦ - କର୍ମୀର ଆଖୁ ବଢେ
ନିକର୍ମୀର ଧାନ ବଢେ ।

ତିନି ଚରଣ ବିଶିଷ୍ଟ ଛନ୍ଦ -

ମାଆ ପରି କିଏ ହେବରେ
ଉଡି ଯାଉଥିବା ସୁବର୍ଣ୍ଣ ଚଢେଇ ,
ଧରି ଆଣି କିଏ ଦେବରେ । (ଢଗ)

## ୩) ପଦମେଳ

ଯେତେବେଳେ ଆମେ କୌଣସି ବାକ୍ୟ ଶୁଣି ଥାଆନ୍ତି ଯଦି ତାହା ପୁଣି ପଦ୍ୟଭିତ୍ତିକ ହୋଇଥାଏ । ତେବେ ତାର ପରବର୍ତ୍ତୀ ପଦଟି କଣ ଶୁଣିବାକୁ ଅପେକ୍ଷା କରିଥାନ୍ତି । ସମସ୍ତ ପଦର ଶେଷରେ ଏକ ପ୍ରକାର ମିଳନ ଘଟୁଥିଲେ , ତାହା ଆମକୁ ଶୁଣିବାକୁ ଭଲ ଲାଗିଥାଏ । ପଦମେଳ ପାଇଁ ଲୋକବାଣୀରେ ଶ୍ରବଣଗତ ସୌନ୍ଦର୍ଯ୍ୟର ଅଭିବୃଦ୍ଧି ଘଟିଥାଏ । ଏଗୁଡିକରେ କେତେକ ସ୍ଥଳରେ ପ୍ରଥମ ସହ ଦ୍ୱିତୀୟ ପଦ ଓ ତୃତୀୟ ସହ ଚତୁର୍ଥ ପଦର ମେଳ ହେଉଥିବା ବେଳେ , ଅନ୍ୟ କେତେକରେ ପ୍ରଥମ ସହ ତୃତୀୟ ଓ ଦ୍ୱିତୀୟ ସହ ଚତୁର୍ଥ ପଦର ମେଳ ହେଉଥାଏ । ପୁଣି କେତେକ ସ୍ଥଳରେ ଉଚ୍ଚାରଣଗତ ପଦ ମେଳ ହେଉଥିବା ବେଳେ , କେତେକ ସ୍ଥାନରେ ଶେଷ ଅକ୍ଷରଗୁଡିକର ମିଳନ ଘଟି ପଦମେଳ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ଦିଆଗଲା - ପିଠା ଖାଇବ ଜାଉ ଖାଇବ

ଭାତ ତଳ ସବୁ ,
ମାଉସୀ କହିବ ପିଉସୀ କହିବ
ମାଆ ତଳ ସବୁ ।

ଉକ୍ତ ଢଗରେ ପ୍ରଥମ ସହ ତୃତୀୟ ଓ ଦ୍ୱିତୀୟ ସହ ଚତୁର୍ଥ ଧାଡିର ଶେଷ ଅକ୍ଷରର ମେଳ ହୋଇଛି-

ଝିପିଝିପି ବର୍ଷା ସଙ୍ଗେ ଚମକେ ବିଜୁଳି
ଶୃଗାଳ ସଙ୍ଗେ ଶ୍ମଶାନ ପଡୁଛି ଉଛୁଳି
ଆଗୋ ନାରୀ ହୀରା ,
କି କାରଣେ କାନ୍ଦୁଅଛ ପରା ।

ଏହି ଢଗରେ ପ୍ରଥମ ସହ ଦ୍ୱିତୀୟ ଓ ତୃତୀୟ ସହ ଚତୁର୍ଥ ଧାଡିର ଶେଷ ବର୍ଣ୍ଣର ମେଳ ଘଟିଛି ।

## ୪) ଉଚ୍ଚାରଣ ସୌନ୍ଦର୍ଯ୍ୟ

ଭାଷା କ୍ଷେତ୍ରରେ ଉଚ୍ଚାରଣ ହିଁ ଭିନ୍ନତା ସୃଷ୍ଟି କରିଥାଏ । ଗୋଟିଏ ସ୍ଥାନର ଭାଷାଠାରୁ ଅନ୍ୟ ସ୍ଥାନର ଭାଷା ସ୍ୱତନ୍ତ୍ର ଭଙ୍ଗୀରେ ପରିପ୍ରକାଶିତ ହୁଏ । ଗ୍ରାମମାନଙ୍କରେ ବାସ କରୁଥିବା ଲୋକମାନଙ୍କର ଜୀବନ ଯାପନ ଶୈଳୀ ଯେପରି ସରଳ ସେମାନଙ୍କ ଭାଷା ମଧ୍ୟ ସରଳ । ଶବ୍ଦର ଉଚ୍ଚାରଣଗତ କ୍ଲିଷ୍ଟତାକୁ ସହଜ ଭାବରେ କହିବା ପାଇଁ ଭାଷାକୁ ସରଳ କରାଯାଇଥାଏ । କାରଣ ଲୋକ ଭାଷାରେ ବ୍ୟବହୃତ ଶବ୍ଦ ସମ୍ଭାର ସହଜ ଓ ସରଳ । କେତେକ ସ୍ଥଳରେ ଗଦ୍ୟ ଶବ୍ଦଗୁଡିକୁ ପଦ୍ୟ ଭାବରେ ବ୍ୟବହାର କରାଯାଇଥାଏ । ଆଉ କେତେକ ସ୍ଥଳରେ ଅକ୍ଷରମାନଙ୍କରେ ପରିବର୍ତ୍ତନ ଘଟାଇ ଉଚ୍ଚାରଣରେ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଚେଷ୍ଟା କରାଯାଇଥାଏ । ଶିଷ୍ଟ ଭାଷାରେ ଏହା ଗୃହୀତ ହୁଏ ନାହିଁ । କିନ୍ତୁ ଲୋକ ଭାଷାରେ ଏହାର ବ୍ୟବହାର ବେଳେ ସାମାନ୍ୟତମ ପରିବର୍ତ୍ତନ କରି ଉଚ୍ଚାରଣକୁ ସହଜ ଓ ସରଳ କରିଥାଆନ୍ତି । ଏଥିପାଇଁ ସହର ଓ ଗ୍ରାମର ଭାଷା ଭିତରେ ତାରତମ୍ୟ ଦେଖାଯାଏ । କିନ୍ତୁ ଲୋକବାଣୀରେ ସ୍ଥାନ ପାଇଥିବା କିଛି କିଛି ଇଂରାଜୀ ଶବ୍ଦରୁ ଜଣାପଡେ କି ସହରର ପ୍ରଭାବ ଗ୍ରାମ ଉପରେ ପଡିଛି । ଏହି ଇଂରାଜୀ ଶବ୍ଦମାନଙ୍କୁ ମଧ୍ୟ ଓଡିଆ ଭାଷାରେ ପଦ୍ୟାକାରରେ ଉଚ୍ଚାରଣ କରାଯାଇଛି ।

ଉଚ୍ଚାରଣ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଗ୍ରାମାଂଚଳର ଶବ୍ଦମାନେ କିପରି ଲୋକବାଣୀଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ଘଟାଇଛନ୍ତି ନିମ୍ନରେ ଆଲୋଚନା କରାଗଲା -

କ) ଗ୍ରାମାଂଚଳରେ ବ୍ୟବହୃତ ଅଧିକାଂଶ ଶବ୍ଦ ପଦ୍ୟାକାରର , ଏହା ଭିତରେ ଓଡିଆ ବାରମାସର ନାମ ଉଲ୍ଲେଖଯୋଗ୍ୟ । ଯଥା - ବୈଶାଖ - ବଇଶାଖ / ଜ୍ୟେଷ୍ଠ- ଜେଷ୍ଠ , ଆଷାଢ - ଅଷାଢ , ଶ୍ରାବଣ - ଶିରାବଣ , ଭାଦ୍ରବ- ଭୁଦୁଅ , ଆଶ୍ୱିନ - ଅଶିଣ , ମାର୍ଗଶୀର - ମଗୁଶୀର , ପୌଷ- ପୁଷ , ଫାଲଗୁନ - ଫଗୁଣ , ଚୈତ୍ର - ଚଇତ ।

ଖ) ଲୋକବାଣୀରେ ବ୍ୟବହୃତ ଇଂରାଜୀ ଶବ୍ଦ - ( ଉଲୁ) ଉଲ୍ , ହାପେ ( ହାପ୍ ) , ଫୁଲ୍ ( ଫୁଲୁ) , ସୁଇଟର( ସ୍ୱେଟର) , ଟେବୁଲୁ ( ଟେବୁଲ) , ହାଡ୍ ଫେଲ ( ହାର୍ଟ ଫେଲ୍ ) ଆଦି ଅନେକ ଶବ୍ଦ ରହିଛି । ଉଦାହରଣ ସ୍ୱରୂପ -

ବାଇ ଚଢେଇରେ ବାଇ ଚଢେଇ
ତୋ ମାଆ ଯାଇଛି ଗାଈ ଚରାଇ
ସେଆଡୁ ଆଣିବ ଉଲୁ ,
ତୋ ଲାଗି ବୁଣିବ ହାପେ ସୁଇଟର
ମୋ ଲାଗି ବୁଣିବ ଫୁଲୁ ।

ଗ) ଅନୁନାସିକ୍ୟ ଶବ୍ଦ - ହୁଁ ହୁଁ / ଚୁଁ ଚୁଁ

ଘ) ନିରର୍ଥକ ଶବ୍ଦ - ଏହି ଶ୍ରେଣୀୟ ଶବ୍ଦଗୁଡିକ ନାଁ ଦିଆ / ବୁଦ୍ଧି ପରୀକ୍ଷାମୂଳକ କସରତରେ ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ଯଥା -

ଝାଇଁକି - ଝୁପାର , ନାଲୁ - ବାଲୁ , ସାଲୁ-ବାଲୁ , ରିଙ୍ଗି - ରିଙ୍ଗିଆ , ଭେଟା - ଭେଟି , ରାଇଁ - ଝାଇଁ ପରି ଅନେକ ନିରର୍ଥକ ଶବ୍ଦ ରହିଛି । ଦୃଷ୍ଟାନ୍ତ ସ୍ୱରୂପ -

ରିଙ୍ଗି ରିଙ୍ଗିଆ ତିନ ଶୀଙ୍ଗିଆ
ଚୁପା ବହଳ ମୁଞ୍ଜି କଅଁଳ
ରଜା ବିଜେ କଲେ ଦିପହରା ।

ଙ) ଦ୍ୱିରୁକ୍ତି ମୂଳକ ଶବ୍ଦ - ଖାଇ ଖାଇ, ଝୁରି ଝୁରି, ଫୁଙ୍କି ଫୁଙ୍କି, ଜୀବ ଯିବ, ଥାଉ ଥାଉ , କଳା କଳା ଇତ୍ୟାଦି। ଉକ୍ତ ବିଷୟରେ ସ୍ଥାନିତ ଲୋକବାଣୀଗୁଡିକ ପରଜଙ୍ଗ ଅଂଚଳର ଲୋକମୁଖରୁ ସଂଗୃହୀତ।

ଲୋକସଂସ୍କୃତି ଭିତରେ ଲୋକସାହିତ୍ୟ ହେଉଛି ଏକ ବିଭାଗ , ତା ମଧ୍ୟରେ ଏହି ଲୋକବାଣୀ ହେଉଛି ଗୋଟିଏ ଅଂଶ। ଏହି ଲୋକବାଣୀରେ ହିଁ ସମାଜର ସାଂସ୍କୃତିକ ମୂଲ୍ୟବୋଧ ନିହିତ ରହିଛି । ଏହି ଲୋକବାଣୀ ମଧ୍ୟରେ ଥିବା ଢଗ ଢମାଳି , ପ୍ରବାଦ ପ୍ରବଚନ , ନାଁ ଦିଆ ଓ ରୂଢି ଆଦି ଏହାର ଗୋଟିଏ ଗୋଟିଏ ମୁଖ୍ୟ ଅଙ୍ଗ। ଏଗୁଡିକୁ ସାହିତ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହେବାରେ ଏହାର ସୌନ୍ଦର୍ଯ୍ୟ ପ୍ରକରଣ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅଂଚଳ ଭେଦରେ ଦୃଷ୍ଟିଗୋଚର ହେଉଥିବା ସମସ୍ତ ଲୋକବାଣୀ ନିଜସ୍ୱ ସ୍ୱତନ୍ତ୍ରତାରେ ପରିପୁଷ୍ଟ । ଏହି ସ୍ୱତନ୍ତ୍ରତାକୁ ଆଖି ଆଗରେ ରଖି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଂଚଳର ଲୋକବାଣୀଗୁଡିକର ସୌନ୍ଦର୍ଯ୍ୟ ପ୍ରକରଣକୁ ଉକ୍ତ ବିଷୟରେ ଆଲୋଚନା କରାଯାଇଛି ।

**ସହାୟକ ଗ୍ରନ୍ଥସୂଚୀ :**

୧) ସାହୁ, ନାରାୟଣ - ଲୋକସଂସ୍କୃତି - ଲୋକସାହିତ୍ୟ

୨) ପ୍ରଧାନ, କୃଷ୍ଣଚନ୍ଦ୍ର - ଲୋକସାହିତ୍ୟ ଓ ଲୋକସଂସ୍କୃତି

୩) ଲେଙ୍କା, ଦାମୋଦର - ରୂଢି ଢଗଢମାଳି ଓ ପ୍ରୟୋଗ

❖ ❖ ❖

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।








# PRACHEE SAHITYA SAMAJ PUBLICATION
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

VOICE FOR VOICELESS SOCIETY, INDIA
Regd. No. : 23717/65



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011



## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



## ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ ❋ TEACH A POOR CHILD



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ ❋ FEED THE MENTALLY SICK**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ * PLANT TREE**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com
**Web Site: https://pracheenews.com/**
All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.......................................................................................................................

Address...............................................................................Pin code .........................

Mobile No.........................................E-Mail...........................................................................

I am sending, Rs.......................,(Bank Draft) Postal extra

Check Number.......................................................................Date.........................................

Bank............................................................Place.......................................................

Date................................................Signature...............................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ

ବାସ୍ତବତାର ପରିପ୍ରକାଶ ପ୍ରାଚୀ / ISSN: 2583-147X (Print) / ISSN: 3048-8958 (Online)